ବର୍ଷ-୫୬ : ସଂଖ୍ୟା-୮ ଅଗଷ୍ଟ, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଶ୍ରୀଅରବିନ୍ଦଙ୍କ ଯୋଗ | ... | ଶ୍ରୀମା | ... | ୮ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଚତୁର୍ବିଂଶ ପରିଚ୍ଛେଦ) ଅଧ୍ୟାତ୍ମ ଯୁଗର ଆବିର୍ଭାବ ଓ ଅଗ୍ରଗତି | ... | ଶେଖ ଅବଦୁଲ କାଶମ | ... | ୯ |
| ଅଦ୍ୱୈତ (କବିତା) | ... | ଶ୍ରୀଅରବିନ୍ଦ | ... | ୧୪ |
| କୃଷ୍ଣ : ଇତିହାସ ନା କିଂବଦନ୍ତି ? | ... | ମନୋଜ ଦାସ | ... | ୧୫ |
| ଅନନ୍ତ ପ୍ରେମର ଧରା (କବିତା) | ... | ଶାନ୍ତି ମହାନ୍ତି | ... | ୧୬ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୪୫) | ... | ... | ... | ୧୭ |
| ଆତ୍ମାର ଆହ୍ୱାନ ଏବଂ ଆତ୍ମାର ଜାଗୃତି | ... | ରାମକୃଷ୍ଣ ଦାସ | ... | ୨୧ |
| ମା' ଆପଣ ଏମିତି କହିଛନ୍ତି ... (୨) | ... | ହୁତା ହିନ୍ଦୋଚା | ... | ୨୫ |
| ନୂତନ ଯୁଗର ଅଭ୍ୟୁଦୟ | ... | ପ୍ରପତ୍ତି | ... | ୨୯ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୦୦) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୩୧ |
| କାରା-ଜୀବନୀ (୫) | ... | ଉଲ୍ଲାସକର ଦତ୍ତ | ... | ୩୬ |
| ନୂତନ ଶିକ୍ଷାର ଆହ୍ୱାନ (୨୩) | ... | ଗୟାଧର ଦାଶ | ... | ୩୯ |
| ଚରୈବେତି (କବିତା) | ... | ଦୀପ୍ତି ମିଶ୍ର | ... | ୪୧ |
| ଦଶକର୍ମଧାରା (୮) | ... | ପ୍ରସାଦ ତ୍ରିପାଠୀ | ... | ୪୨ |
| ରହସ୍ୟମୟ ଔଦ୍ଧତ୍ୟ | ... | ମନୋଜ ଦାସ | ... | ୪୫ |
| ସ୍ୱପ୍ନଚୋରି | ... | ... | ... | ୪୭ |
| ଦୁଇଟି କ୍ଷୁଦ୍ର କାହାଣୀ | ... | ଶ୍ରୀମା | ... | ୪୮ |
| ପୁରାତନ ଜଗତ୍, ନୂତନ ଜଗତ୍ : ଶ୍ରୀମା'ଙ୍କର ଅନୁଭୂତି | ... | ଆର୍ତ୍ତତ୍ରାଣ ମିଶ୍ର | ... | ୫୦ |
| ପ୍ରଭୁ-ପାଦ (କବିତା) | ... | ହୃଷୀକେଶ ପଣ୍ଡା | ... | ୫୧ |
| ବିରଳ ମୁହୂର୍ତ୍ତ | ... | ବନମାଳୀ ଆଚାର୍ଯ୍ୟ | ... | ୫୨ |
| ଜୋନ୍ ଅଫ୍ ଆର୍କ (୨) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୫୫ |
| ଆଧ୍ୟାତ୍ମିକତା ଏବଂ ଅତିଭୌତିକ ଶକ୍ତି | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ହେ ପ୍ରଭୁ, ଆମେ ତୁମ ସମ୍ମୁଖରେ ଉପସ୍ଥିତ, ଯେମିତିକି ତୁମରି ସଂକଳ୍ପହିଁ ସାଧିତ ହୋଇପାରିବ । ଆମ ଭାବନାରୁ ଦୂରୀଭୂତ କର ସମସ୍ତ ବାଧା, ସନ୍ଦେହ, ସମସ୍ତ ଦୁର୍ବଳତା, ସୀମାବଦ୍ଧତା, ଯେତେ ଯାହା ଆମ ଜ୍ଞାନକୁ ଆବରିତ କରେ ଏବଂ ଆମ ବୋଧଶକ୍ତିକୁ କରେ ମ୍ଳାନ ।

ତୁମ ଚେତନା ପାଇଁ ମୁଁ ତୃଷାତୁର, ତୁମ ସହ ପୂର୍ଣ୍ଣାଙ୍ଗ ଏକତା ପାଇଁ ମୁଁ ତୃଷାତୁର – କର୍ମବିମୁଖତା ବା ସ୍ଥୂଳ କର୍ମରୁ ପଳାୟନ ଯୋଗେ ନୁହେଁ, କିନ୍ତୁ ତୁମ ସଂକଳ୍ପର ଏକ ସର୍ବାଙ୍ଗୀଣ, ଚୂଡ଼ାନ୍ତ, ନିଖୁଣ ସିଦ୍ଧି ମାଧ୍ୟମରେ ।

ଧରିତ୍ରୀକୁ ଆଚ୍ଛନ୍ନ କରି ରଖିଥିବା ଅନ୍ଧକାର ଭିତରୁ ଉତ୍ସାରିତ ହେଉ ତୁମ ପରମ ଆଲୋକର ଔଜ୍ଜ୍ୱଲ୍ୟ ।

ଅଗଷ୍ଟ ୯, ୧୯୧୪ — ଶ୍ରୀମା



# ମାତୃବାଣୀ

When you come to the Yoga, you must be ready to have all your mental buildings and all your vital scaffoldings shattered to pieces. You must be prepared to be suspended in the air with nothing to support you except your faith. You will have to forget your past self and its clingings altogether, to pluck it out of your consciousness and be born anew, free from every kind of bondage. Think not of what you were, but of what you aspire to be; be altogether in what you want to realise. Turn from your dead past and look straight towards the future. Your religion, country, family lie there; it is the DIVINE.

(MCW. Vol. 3, p. 83 - 84) – The Mother

ଯେତେବେଳେ ତୁମେ ଯୋଗ-ସାଧନାର କ୍ଷେତ୍ରକୁ ଆସ ସେତେବେଳେ ତୁମକୁ ତୁମର ସମସ୍ତ ମାନସିକ ସୌଧ ଓ ପ୍ରାଣିକ ଭାରାକୁ ଭାଙ୍ଗି ଚୂରମାର କରିଦେବା ଲାଗି ପ୍ରସ୍ତୁତ ହେବାକୁ ହେବ । ତୁମକୁ ଶୂନ୍ୟରେ ଝୁଲି ରହିବା ଲାଗି ପ୍ରସ୍ତୁତ ହେବାକୁ ହେବ ଯେଉଁଠି ତୁମର ବିଶ୍ୱାସ ଛଡ଼ା ଅନ୍ୟ କୌଣସି ଅବଲମ୍ବନ ନଥିବ । ତୁମକୁ ତୁମର ଅତୀତ ଜୀବନ ଓ ତା' ପ୍ରତି ଥିବା ତୁମର ସମସ୍ତ ଆସକ୍ତିକୁ ସଂପୂର୍ଣ୍ଣ ଭୁଲିଯିବାକୁ ହେବ, ତାହାକୁ ତୁମ ଚେତନାରୁ ମୂଳୋତ୍ପାଟିତ କରି ସମସ୍ତ ବନ୍ଧନରୁ ମୁକ୍ତ ହୋଇ ନୂଆ କରି ଜନ୍ମଲାଭ କରିବାକୁ ହେବ । ତୁମେ ଯାହା ଥିଲ ସେକଥା ଚିନ୍ତା କର ନାହିଁ, ପରନ୍ତୁ ତୁମେ ଯାହା ହେବାକୁ ଅଭୀପ୍ସା କର ସେକଥା ଚିନ୍ତା କର; ଯାହା ତୁମେ ଉପଲବ୍ଧି କରିବାକୁ ଚାହୁଁଛ ତା'ରି ମଧ୍ୟରେ ସଂପୂର୍ଣ୍ଣରୂପେ ମଗ୍ନ ରୁହ । ମୃତ ଅତୀତରୁ ମୁଖ ଫେରାଇ ଆଣ ଏବଂ ସିଧା ଭବିଷ୍ୟତ୍ ଦିଗରେ ଦୃଷ୍ଟିପାତ କର । ତୁମର ଧର୍ମ, ରାଷ୍ଟ୍ର, ପରିବାର ସେହିଠାରେହିଁ ରହିଛି; ସେ ହେଉଛନ୍ତି **ଭଗବାନ୍** ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

(୨୦)

**ଶ୍ରୀଅରବିନ୍ଦ**

Even Nature's ignorance is Truth's instrument;
Our struggling ego cannot change her course:
Yet is it a conscious power that moves in us,
A seed-idea is parent of our acts
And destiny the unrecognised child of Will.

ଏପରିକି ପ୍ରକୃତିର ଅଜ୍ଞାନତା ମଧ୍ୟ ସତ୍ୟର ଆୟୁଧ; ଆମର ସଂଗ୍ରାମରତ ଅହଂ ତାହାର ଗତିପଥକୁ ବଦଳାଇ ପାରେ ନାହିଁ : ତଥାପି ଏହା ଆମ ଭିତରେ ସଞ୍ଚାଳିତ ହେଉଥିବା ଏକ ସଚେତନ ଶକ୍ତି, ଏକ ବୀଜ-ଭାବନାହିଁ ଆମ କ୍ରିୟାକଳାପର ଉତ୍ସମୂଳ ଏବଂ ନିୟତି ହେଉଛି ଇଚ୍ଛାଶକ୍ତିର ଅସ୍ୱୀକୃତ ସନ୍ତାନ ।

Infallibly by Truth's directing gaze
All creatures here their secret self disclose,
Forced to become what in themselves they hide.

ଅଭ୍ରାନ୍ତ ଭାବେ ସତ୍ୟର ନିୟନ୍ତ୍ରଣକାରୀ ନିରୀକ୍ଷଣ ଦ୍ୱାରା ଏଠାରେ ସକଳ ଜୀବ ଆପଣାର ଗୋପନ ଆତ୍ମାକୁ ଉନ୍ମୋଚନ କରନ୍ତି, ନିଜ ଭିତରେ ଯାହାକୁ ସେମାନେ ଲୁଚାଇ ରଖୁଥା'ନ୍ତି, ତାହାହିଁ ହୋଇ ଉଠିବାକୁ ବାଧ୍ୟ ହୁଅନ୍ତି ।

For He who Is grows manifest in the years
And the slow Godhead shut within the cell
Climbs from the plasm to immortality.

କାରଣ ଯିଏ ବିଦ୍ୟମାନ ରହିଛନ୍ତି ସେହିଁ ବର୍ଷାନୁକ୍ରମରେ ବିକଶିତ ହୋଇ ଅଭିବ୍ୟକ୍ତ ହୁଅନ୍ତି ଏବଂ ଜୀବକୋଷ ମଧ୍ୟରେ ଅବରୁଦ୍ଧ ମନ୍ଥର ଦେବତ୍ୱ ରକ୍ତରସରୁ ଆରୋହଣ କରିଚାଲେ ଅମରତ୍ୱ ଅଭିମୁଖେ ।

But hidden, but denied to mortal grasp,
Mystic, ineffable is the spirit's truth,
Unspoken, caught only by the spirit's eye.

ପରନ୍ତୁ ସଂଗୁପ୍ତ, ମାତ୍ର ମର୍ତ୍ତ୍ୟ ବୋଧଶକ୍ତି ପାଇଁ ଅପ୍ରାପ୍ୟ, ଅତୀନ୍ଦ୍ରିୟ, ଅନିର୍ବଚନୀୟ ଅଟେ ଚୈତନ୍ୟର ସତ୍ୟ, ଅନୁକ୍ତ, କେବଳ ଅନ୍ତଃଶ୍ଚେତନାର ଆଖିରେ ତାହା ଧରା ଦିଏ ।

When naked of ego and mind it hears the Voice;
It looks through light to ever greater light
And sees Eternity ensphering Life.

ଯେତେବେଳେ ଅହଂ ତଥା ମନର ଆବରଣରୁ ମୁକ୍ତ, ସେତେବେଳେ ସେ ଶୁଣିପାରେ ପରମ କଣ୍ଠସ୍ୱର; ଆଲୋକ ମଧ୍ୟଦେଇ ସେ ନିତ୍ୟ ମହତ୍ତର ଆଲୋକର ଅବଲୋକନ କରେ ଏବଂ ଜୀବନକୁ ଶାଶ୍ୱତ ବଳୟାବୃତ କରିବାର ଦେଖିବାକୁ ପାଏ ।

This greater Truth is foreign to our thoughts;
Where a free Wisdom works, they seek for a rule;
Or we only see a tripping game of Chance
Or a labour in chains forced by bound Nature's law,
An absolutism of dumb unthinking Power.

ଏହି ବୃହତ୍ତର ସତ୍ୟ ଆମ୍ଭମାନଙ୍କ ଚିନ୍ତାରାଜିର ଅପରିଚିତ; ଯେଉଁଠି କ୍ରିୟା କରୁଥାଏ ଏକ ବିମୁକ୍ତ ପ୍ରଜ୍ଞା, ସେମାନେ ସେଠାରେ ଖୋଜନ୍ତି ଏକ ନିୟମ; ଅଥବା ଆମେ କେବଳ ଦେଖୁ ଯଦୃଚ୍ଛା (ଆକସ୍ମିକତା)ର ଏକ କ୍ଷିପ୍ର ମୃଦୁ-କ୍ରୀଡ଼ା ଅଥବା ଆବଦ୍ଧ ପ୍ରକୃତିର ବିଧାନ ଦ୍ୱାରା ବାଧ୍ୟ ଏକ ଶୃଙ୍ଖଳ-ଯୁକ୍ତ ଶ୍ରମ, ଏକ ମୂକ ଚିନ୍ତାରହିତ ଶକ୍ତିର ଯଥେଚ୍ଛା ଶାସନ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଶ୍ରୀଅରବିନ୍ଦଙ୍କ ଯୋଗ

## ଶ୍ରୀମା

### (୧)

ଶ୍ରୀଅରବିନ୍ଦଙ୍କ ଯୋଗ କରିବା ଅର୍ଥ ହେଲା – ଜଣେ ନିଜକୁ ପୂର୍ଣ୍ଣାଙ୍ଗ ଭାବେ ରୂପାନ୍ତରିତ କରିବା । ତା'ର ଜୀବନରେ ଗୋଟିଏ ମାତ୍ର ଲକ୍ଷ୍ୟ ରହିବ, ଆଉ କୌଣସି ଉପଲକ୍ଷ୍ୟ ବି ରହିବ ନାହିଁ, ''ତାହାହିଁ'' କେବଳ ରହିବ । ଜଣେ ଏହା ଚାହୁଁଛି କି ନାହିଁ ସେ ଏହା ତା' ନିଜ ମଧ୍ୟରେ ପରିଷ୍କାରଭାବେ ଅନୁଭବ କରିପାରେ । ଜଣେ ଯଦି ଏହା ନ ଚାହେଁ, ତାହାହେଲେ ମଧ୍ୟ ସେ ଏପରି ଏକ ଜୀବନ ବଞ୍ଚିପାରେ, ଯେଉଁ ଜୀବନରେ ଥିବ ଯଥେଷ୍ଟ ଶୁଭେଚ୍ଛା, ଜୀବନବ୍ୟାପୀ ସେବା ଏବଂ ବୁଝାମଣାର ଭାବ । ଜଣେ ତା'ର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇ ପାରେ ଏବଂ ଏହିପରି ଅନେକ ଭଲ କାମ ବି କରିପାରେ । କିନ୍ତୁ ଏ କଥା ସତ ଯେ ଏବଂବିଧ ଉତ୍ତମ ଜୀବନ ଓ ଯୋଗ ଜୀବନ ଭିତରେ ବହୁତ ପାର୍ଥକ୍ୟ ରହିଛି ।

ଯୋଗ କରିବାକୁ ହେଲେ ତୁମକୁ ଏହାହିଁ ସଚେତନ ଭାବେ ଚାହିଁବାକୁ ପଡ଼ିବ । ଏହା ଆରମ୍ଭ କରିବାକୁ ହେଲେ ଏହା ପ୍ରକୃତରେ କ'ଣ ତୁମକୁ ନିଷ୍ଠେ ଜାଣିବାକୁ ହେବ । ଏହା କ'ଣ ତାହା ତ ନିଶ୍ଚୟ ଜାଣିବ, ପୁଣି ଏହା କରିବ ବୋଲି ନିଶ୍ଚିତଭାବେ ସିଦ୍ଧାନ୍ତ ନେବାକୁ ହେବ । କିନ୍ତୁ ଥରେ ସିଦ୍ଧାନ୍ତ ନେଇ ସାରିବା ପରେ, ତୁମେ ଆଉ ଏପଟ ସେପଟ ଯେପରି ନହୁଅ । ସେଇଥିପାଇଁ ଏ ବିଷୟରେ ସବୁ ଜାଣି ଶୁଣି ତୁମେ ଏଥିରେ ପଶିବା ଉଚିତ । ତୁମେ ଯେତେବେଳେ କହୁଛ, ''ମୁଁ ଯୋଗ କରିବାକୁ ଚାହେଁ''; ତେଣୁ ସେତେବେଳେ ତୁମେ କ'ଣ ସ୍ଥିର କରୁଛ ସେ ବିଷୟରେ ସଂପୂର୍ଣ୍ଣ ଜାଣିବା ଉଚିତ ଏବଂ ସେଇଥି ପାଇଁ ମୁଁ କେବେ ତୁମକୁ ଏ ବିଷୟରେ ବାଧ୍ୟ କରିଛି ବୋଲି ଭାବୁ ନାହିଁ ।

### (୨)

ଏହି ଯୋଗ କରିବାକୁ ହେଲେ, ବିଶେଷତଃ ମୁଁ ରୂପାନ୍ତର ଯୋଗ କଥା କହୁଛି, ଏହା ସବୁଠାରୁ କଷ୍ଟକର ବ୍ୟାପାର – ଯଦି ଜଣେ ଅନୁଭବ କରୁଥାଏ ଯେ କେବଳ ଏଇଥିପାଇଁ ସେ ଏଠାକୁ ଆସିଛି (ମାନେ, ପୃଥିବୀକୁ ଆସିଛି), ଏହା ଛଡ଼ା ତା'ର ଆଉ କିଛି କରିବାର ନାହିଁ, ଏବଂ ଏହାହିଁ ତା'ର ବଞ୍ଚିବାର ଏକମାତ୍ର କାରଣ – ଏହା ବ୍ୟତୀତ ଜଣଙ୍କର କଠିନ ଶ୍ରମ, ସଂଗ୍ରାମ ଓ ଏଥିପାଇଁ ନାନାଦି ଦୁଃଖଭୋଗ ଏସବୁର ଅବଶ୍ୟ କିଛି ଗୁରୁତ୍ୱ ନଥାଏ । ଜଣେ ଯଦି ସ୍ଥିରଭାବେ ଜାଣେ ଯେ, ''ମୁଁ ଏହାହିଁ ଚାହେଁ ଆଉ କିଛି ବୋଲି କିଛି ଚାହେଁ ନାହିଁ''– ତାହାହେଲେ ସେକଥା ଅଲଗା । ତା' ନହେଲେ ମୁଁ ତୁମକୁ କହିବି – ''ଖୁସିରେ ରୁହ ଏବଂ ଭଲ ହୁଅ – ଏତିକି ମାତ୍ର ତୁମଠାରୁ ଆଶା କରାଯାଉଛି । 'ଭଲ ହୁଅ'ର ଅର୍ଥ ସବୁ ବିଷୟରେ ତୁମର ଉତ୍ତମ ବୁଝାମଣା ହେଉ, ଏକଥା ନିଜ ଭିତରେ ଜାଣିରଖ ଯେ ଅନ୍ୟ ବହୁଲୋକଙ୍କଠାରୁ ଅନ୍ତତଃ ତୁମେ ଅସାଧାରଣ ଭାବେ ଭଲ ଅବସ୍ଥାରେ ଅଛ । ଏବଂ ସାଧାରଣ ଜୀବନ ଅପେକ୍ଷା ତୁମେ ଆଉ ଏକ ଉର୍ଦ୍ଧ୍ୱତର, ମହତ୍ତର ଏବଂ ସତ୍ୟତର ଜୀବନଟିଏ ବଞ୍ଚ; ଯାହାଫଳରେ କି ତୁମେ ତୁମ ଜୀବନ ଭିତରକୁ ଏହି ଆଧ୍ୟାତ୍ମିକ ଚେତନାର ଏବଂ ଏହି ଆଲୋକର କିଛି ସାମାନ୍ୟ ଅଂଶ ତୁମ ଭିତରକୁ ପ୍ରବେଶ କରିବା ପାଇଁ ସୁଯୋଗ ଦେଇପାରିବ, ଏବଂ ବିଶ୍ୱ ଭିତରେ ଯେତେ ସାମାନ୍ୟ ଅଂଶରେ ହେଲେ ବି ଏହା ପ୍ରକାଶିତ ହୋଇପାରିବ । ଏହାହିଁ ହେବ ସବୁଠାରୁ ଉତ୍ତମ କଥା'' । ଏତିକି ହେଲା କଥା ।

କିନ୍ତୁ ତୁମେ ଯଦି ଏହି ଯୋଗ ପଥରେ ଥରେ ମାତ୍ର ପାଦ ଦେଇଛ, ତା'ହେଲେ ତୁମର ସିଦ୍ଧାନ୍ତ ଇସ୍ପାତ ଭଳି ଦୃଢ଼ ହେବା ଉଚିତ ଏବଂ ତୁମକୁ ଯାହା କିଛି ମୂଲ୍ୟ ଦେବାକୁ ପଡ଼ିଲେ ବି ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ହେବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଚତୁର୍ବିଂଶ ପରିଚ୍ଛେଦ)

## ଅଧ୍ୟାତ୍ମ ଯୁଗର ଆବିର୍ଭାବ ଓ ଅଗ୍ରଗତି

## ଶେଖ ଅବଦୁଲ କାଶମ

ସମାଜ ବିବର୍ତ୍ତନର ଶେଷ ପର୍ଯ୍ୟାୟରେ ଏକ ଅଧ୍ୟାତ୍ମ ଯୁଗର ଆବିର୍ଭାବ ଘଟିବ । ସେତେବେଳେ ମନୁଷ୍ୟ ସମାଜ ଏକ ଉଚ୍ଚତର ବିବର୍ତ୍ତନର ସ୍ତରକୁ ଉଠିଯାଇ ଆଧ୍ୟାତ୍ମିକ ଜୀବନ ବଞ୍ଚିବ । ମାତ୍ର ଏହାକୁ ସମ୍ଭବ କରିବାକୁ ହେଲେ କେବଳ କେତୋଟି ସୀମିତ ପ୍ରୟାସ ଯଥେଷ୍ଟ ନୁହେଁ । ଉଦାହରଣ ସ୍ୱରୂପ, ମନୁଷ୍ୟଜାତିର ସାଧାରଣ ମାନସରେ ଏହି ନୂତନ ପରିବର୍ତ୍ତନର ଅନୁକୂଳ କେତୋଟି ବିଚାର ପ୍ରବେଶ କରାଇଦେଲେ ତାହା ଯଥେଷ୍ଟ ହେବ ନାହିଁ । ସେହି ବିଚାରଗୁଡ଼ିକ ସମାଜର ବାହ୍ୟ ଜୀବନକୁ ଭେଦ କରିବା ସଙ୍ଗେ ସଙ୍ଗେ ମନୁଷ୍ୟମାନଙ୍କ ଭାବନା ତଥା ଅନୁଭୂତିର ଆନ୍ତର ପ୍ରଦେଶକୁ ପ୍ରବେଶ କରିଗଲେ ମଧ୍ୟ ତାହାକୁ ଯଥେଷ୍ଟ ବୋଲି କୁହାଯିବ ନାହିଁ । ଯେତେସବୁ ମହାନ୍ ଉଦ୍ଦେଶ୍ୟ ରହିଛି, ଯଥା : ପୃଥିବୀରେ ଭାଗବତ ସାମ୍ରାଜ୍ୟର ପ୍ରତିଷ୍ଠା, ଆଧ୍ୟାତ୍ମିକତା, ସ୍ୱାଧୀନତା ଓ ଏକତ୍ୱର ପ୍ରତିଷ୍ଠା କେବଳ ବାହ୍ୟିକ ଓ ଯାନ୍ତ୍ରିକ ଭାବରେ ନୁହେଁ, ପୂର୍ଣ୍ଣ ରୂପେ ଯଥାର୍ଥ ଆନ୍ତର ସମାନତା ଓ ସଙ୍ଗତିର ଉପଲବ୍ଧି, ଏଗୁଡ଼ିକ ଜୀବନର ଏକ ନିର୍ଦ୍ଦିଷ୍ଟ ଆଦର୍ଶ ରୂପେ ସ୍ୱୀକୃତ ହୋଇଗଲେ ମଧ୍ୟ ତାହା ଯଥେଷ୍ଟ ହେବ ନାହିଁ । ଏପରିକି ଏହି ଆଦର୍ଶର ଉପଲବ୍ଧି ଲାଗି ସମସ୍ତେ ପ୍ରୟାସ କରୁଥିବେ ଏବଂ ଏହି ଆଦର୍ଶଟି ମୁଖ୍ୟ ଚିନ୍ତା ରୂପେ ସମସ୍ତଙ୍କ ମନକୁ ଅଧିକାର କରି ରହିଥିବ – ଏତିକି ବି ଯଥେଷ୍ଟ ନୁହେଁ । ଯଦିଓ ଏହା ଏକ ବିରାଟ ପଦକ୍ଷେପ ଓ ଏକ ଅତ୍ୟାବଶ୍ୟକ ପ୍ରାଥମିକ ପ୍ରୟାସ ଅଟେ ତଥାପି ଏହାକୁ ଏକ ଆଂଶିକ ସଫଳତା ବୋଲିହିଁ କୁହାଯିବ ।

ଆଧ୍ୟାତ୍ମିକ ଆଦର୍ଶର ଧାରଣାଟିକୁ ମନରେ ପୋଷଣ କରିବା ବ୍ୟତୀତ ଆମେ ଯଦି ଆଉ କିଛି ନକରୁ ତେବେ ମନୁଷ୍ୟଜାତି ଏହି ଆଂଶିକ ସଫଳତାରେ ସୀମାବଦ୍ଧ ହୋଇ ରହିଯିବ । ତେଣୁ ଏହାଠାରୁ ଅନେକ ବେଶୀ ଆବଶ୍ୟକତା ରହିଛି । ମନୁଷ୍ୟଜାତି ମଧ୍ୟରେ ଏକ ଆଧ୍ୟାତ୍ମିକ ଜାଗରଣ ଓ ଆଧ୍ୟାତ୍ମିକ ଆକାଙ୍କ୍ଷା ସୃଷ୍ଟି ହେବା ନିହାତି ଆବଶ୍ୟକ । ମାତ୍ର ଆମକୁ ସେଠାରୁ ଅଧିକ ଆଗକୁ ଅଗ୍ରସର ହେବାକୁ ପଡ଼ିବ । ପ୍ରତ୍ୟେକ ମନୁଷ୍ୟକୁ ପୂର୍ଣ୍ଣ ଗତିଶୀଳତା ପ୍ରଦାନ କରି ଆଧ୍ୟାତ୍ମିକତାର ଛାଞ୍ଚରେ ତାହାକୁ ସମ୍ପୂର୍ଣ୍ଣ ନୂତନ କରି ସୃଷ୍ଟି କରିବାକୁ ହେବ । ପ୍ରକୃତରେ ମନୁଷ୍ୟଜାତିର ଏକ ନବନିର୍ମାଣ ଆବଶ୍ୟକ ।

ସମାଜ ଉପରେ କୌଣସି ଆଧ୍ୟାତ୍ମିକ ଆଦର୍ଶର ଆଂଶିକ ପ୍ରଭାବ ପଡ଼ି ପାରିଲେ ମନୁଷ୍ୟମାନେ ସେଥିରେ ସନ୍ତୁଷ୍ଟ ହୋଇ ରହି ଯାଉଛନ୍ତି । ସେମାନେ ଆଦର୍ଶଟି ପ୍ରତି ଆକାଙ୍କ୍ଷା ପୋଷଣ କରୁଛନ୍ତି ଅଥଚ ସେହି ଆଦର୍ଶ ଅନୁସାରେ ସେମାନଙ୍କ ସମଗ୍ର ଜୀବନ ଗଠିତ ହେଉ ନାହିଁ । ବେଳେ ବେଳେ ମୂଳ ଆଦର୍ଶକୁ ଆଳ କରି ସେହି ଆଦର୍ଶର ବିରୋଧୀ କାର୍ଯ୍ୟଗୁଡ଼ିକୁ କରାଯାଉଛି । ଆଦର୍ଶଟିକୁ ବାସ୍ତବ ରୂପ ଦେବା ପାଇଁ ନାନା ଅନୁଷ୍ଠାନ ଗଢ଼ା ହେଉଛି, ମାତ୍ର ସେହି ଅନୁଷ୍ଠାନଗୁଡ଼ିକ ଆଦର୍ଶକୁ ଯଥାର୍ଥଭାବେ ଅନୁସରଣ କରୁ ନାହାନ୍ତି । ଆଦର୍ଶଟିକୁ ନାମକୁ ମାତ୍ର ଧାରଣ କରିଥିଲେ କିଂବା କୌଣସି ଆଧ୍ୟାତ୍ମିକ ଅନୁଷ୍ଠାନର ସଦସ୍ୟ ହୋଇଗଲେ ତାହା ଯଥେଷ୍ଟ ହୁଏ ନାହିଁ । ଯେଉଁ ମୂଳଭାବ ବା ଆଦର୍ଶ ଉପରେ ଅନୁଷ୍ଠାନଟି ପ୍ରତିଷ୍ଠିତ, ତାହାକୁ ଯଦି ନିତିଦିନିଆ ଜୀବନରେ ନିଷ୍ଠାପର ଭାବରେ ପ୍ରୟୋଗ କରା ନଯାଏ ବା ଅଭ୍ୟାସ କରା ନଯାଏ, ତାହାହେଲେ ସେହି ଅନୁଷ୍ଠାନ ଓ ସେହି ଆଦର୍ଶ ନିରର୍ଥକ ହୋଇଯାଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖା ଯାଉଛି ଯେ ଲୋକେ ଅନୁଷ୍ଠାନର ବାହ୍ୟିକତା ଉପରେ ଗୁରୁତ୍ୱ ଦେଉଛନ୍ତି, ଅନୁଷ୍ଠାନକୁ ନେଇ କେତେ ଆଡ଼ମ୍ବର ଓ ଅହଙ୍କାର ପ୍ରଦର୍ଶନ କରୁଛନ୍ତି, ମାତ୍ର ଅନୁଷ୍ଠାନର ମୂଳଭାବ ପ୍ରତି ଆଦୌ ବିଶ୍ୱସ୍ତ ରହି ନଥା'ନ୍ତି ।

ଆଧ୍ୟାତ୍ମିକତା ହେଉଛି ଏକ ଆଶୟଗତ (subjective) ସମ୍ପଦ । ମନୁଷ୍ୟର ଆନ୍ତର ଅନୁଭବ ଓ ଆନ୍ତର ଜୀବନ ଉପରେ ତାହା ନିର୍ଭର କରେ । ତେଣୁ ତାହାକୁ ଏକ ଯାନ୍ତ୍ରିକ ବ୍ୟବସ୍ଥା ଭିତରେ ପୂରାଇ ହେବ ନାହିଁ । ବ୍ୟକ୍ତି ପ୍ରଥମେ ତା'ର ଆନ୍ତର ଜୀବନରେ ଆଧ୍ୟାତ୍ମିକତାକୁ ବଞ୍ଚିବ । ତା'ପରେ ତା'ର ବାହ୍ୟ ଜୀବନ ସେଇ ଆନ୍ତର ଜୀବନର ଆଧ୍ୟାତ୍ମିକ ଅନୁଭବ ଦ୍ୱାରାହିଁ ପରିଚାଳିତ ହେବା ଆବଶ୍ୟକ ।

ପ୍ରତୀକ, ରୀତି, ପରମ୍ପରା ଓ ତାତ୍ତ୍ୱିକ ଧାରଣା — ଏଗୁଡ଼ିକ ଅସଲ କଥା ନୁହେଁ । ଆଧ୍ୟାତ୍ମିକତା ଦୃଷ୍ଟିରୁ ଦେଖିଲେ ଏଗୁଡ଼ିକର ବିଶେଷ ଗୁରୁତ୍ୱ ନାହିଁ । ଯଦି ଆଧ୍ୟାତ୍ମିକ ପ୍ରତୀକ ପଛରେ ରହିଥିବା ଆଧ୍ୟାତ୍ମିକ ତତ୍ତ୍ୱକୁ ଉପଲବ୍ଧି କରା ନଯାଏ ତାହାହେଲେ ପ୍ରତୀକର କିଛି ଅର୍ଥ ରହିବ ନାହିଁ । ସେହିଭଳି ଯେଉଁ ମୂଳ ସତ୍ୟକୁ ଆଧାର କରି ପରମ୍ପରାଟିଏ ଗଢ଼ି ଉଠିଥାଏ, ଯଦି ସେହି ସତ୍ୟକୁ ଜୀବନରେ ଅନୁସରଣ କରା ନଯାଏ ତାହାହେଲେ ପରମ୍ପରା ମଧ୍ୟ ମହତ୍ତ୍ୱହୀନ ହୋଇଯାଏ ବା ମିଥ୍ୟାରେ ପରିଣତ ହୁଏ । ଆଧ୍ୟାତ୍ମିକ ରୀତି ବା ଆଦର୍ଶ ହୁଏତ କିଛି ସମୟ ଲାଗି ଆଧ୍ୟାତ୍ମିକ ଜୀବନ ବଞ୍ଚିବାର ପ୍ରେରଣା ଦେଇପାରେ । ମାତ୍ର ତାହା ପରିଶେଷରେ ଏକ କାରାଗାରରେ ପରିଣତ ହୋଇପାରେ, ଅର୍ଥାତ୍ ମନୁଷ୍ୟକୁ ଏକ କ୍ଷୁଦ୍ର ସୀମା ଭିତରେ ବାନ୍ଧି ରଖିପାରେ । ଫଳରେ ସେହି ରୀତି ବା ଆଦର୍ଶ ପଥର ଭଳି ପ୍ରାଣହୀନ ହୋଇଯାଏ, ଅର୍ଥାତ୍ ତା'ର ବିଲୟ ଘଟେ ।

ଆଧ୍ୟାତ୍ମିକ ଧାରଣାକୁ ଏକ ଶକ୍ତି ବୋଲି କୁହାଯାଇ ପାରିବ ଯଦି ତାହା ଆମ ଭିତରେ ତଥା ବାହାରେ କିଛି ସୃଷ୍ଟି କରିବାକୁ ସମର୍ଥ ହେଉଥିବ । ଆମେ ନିଜ ଭିତରେ ଯେତିକି ସୃଷ୍ଟି କରିପାରୁ ସେତିକିହିଁ ଆମ ପାଇଁ ସତ୍ୟ । ଆଧ୍ୟାତ୍ମିକ ସତ୍ୟ ବା ଦିବ୍ୟ ପରିପୂର୍ଣ୍ଣତା ଆମ ଊର୍ଦ୍ଧ୍ୱରେ ସର୍ବଦା ବିଦ୍ୟମାନ ରହିଛି । ମାତ୍ର ତାହା ଯଦି ଆମର ବାହ୍ୟ ଓ ଆନ୍ତର ଜୀବନରେ ଅବତରଣ ନକଲା, ଅର୍ଥାତ୍ ଆମେ ଯଦି ସେହି ସତ୍ୟକୁ ନିଜ ଜୀବନର ସକଳ ପରିସ୍ଥିତିରେ ବଞ୍ଚି ନପାରିଲୁ, ତାହାହେଲେ ଆମ ଲାଗି ସେହି ସତ୍ୟର କୌଣସି ଅର୍ଥ ରହିବ ନାହିଁ । ଊର୍ଦ୍ଧ୍ୱସ୍ଥ ଆଧ୍ୟାତ୍ମିକ ସତ୍ୟ ଆମ ଜୀବନର ସତ୍ୟରେ ପରିଣତ ହେବା ଆବଶ୍ୟକ । ତାହା ହେଲେ ଯାଇ ଆମେ ଯଥାର୍ଥ ଆଧ୍ୟାତ୍ମିକତାକୁ ଉପଲବ୍ଧି କରିଛୁ ବୋଲି କୁହାଯିବ ।

ଏହି ଆଧ୍ୟାତ୍ମିକତାକୁ ସମ୍ଭବ କରିବାକୁ ହେଲେ ପ୍ରତ୍ୟେକ ମନୁଷ୍ୟ ନିଜ ଜୀବନରେ ଏକ ବ୍ୟକ୍ତିଗତ ପରିବର୍ତ୍ତନ ଘଟାଇବା ଆବଶ୍ୟକ । ବ୍ୟକ୍ତିମାନଙ୍କ ଭିତରେ ଯଥାର୍ଥ ବିକାଶ ସମ୍ଭବ ହେଲେ ସମୂହ ଆତ୍ମା ଏକ ନୂଆ ପ୍ରକାରର ସାମୂହିକ ଜୀବନକୁ ଜନ୍ମ ଦେବ । ବ୍ୟକ୍ତିମାନଙ୍କ ଜୀବନ ଓ ଆତ୍ମସ୍ୱରୂପ ଯେପରି ହେବ, ସମୂହ ବା ଗୋଷ୍ଠୀର ଜୀବନ ବି ସେହିଭଳି ହେବ । ଯେଉଁ ସମାଜ ବ୍ୟକ୍ତିମାନଙ୍କ ମଧ୍ୟରେ ନ ବଞ୍ଚି ଆପଣାର ଅନୁଷ୍ଠାନମାନଙ୍କରେହିଁ ତିଷ୍ଠି ରହିଥାଏ ତାହାକୁ ଏକ ସମୂହ-ଆତ୍ମା ବୋଲି କୁହାଯାଇ ପାରିବ ନାହିଁ । ତାହାକୁ ଏକ ମେସିନ୍ ବୋଲିହିଁ କୁହାଯିବ । ସେଭଳି ସମାଜର ଅଭିବୃଦ୍ଧି କଦାପି ସମ୍ଭବ ହୁଏ ନାହିଁ ।

ସୁତରାଂ ଏକ ଆଧ୍ୟାତ୍ମିକ ଯୁଗର ଆବିର୍ଭାବ ପୂର୍ବରୁ ଏପରି ବ୍ୟକ୍ତିମାନେ ଅଧିକ ସଂଖ୍ୟାରେ ଆବିର୍ଭୂତ ହେବେ ଯେଉଁମାନେ ଆଉ ଏହି ଚିରାଚରିତ ମନୁଷ୍ୟ ଜୀବନର ବୌଦ୍ଧିକ, ପ୍ରାଣିକ ଓ ଭୌତିକ ବସ୍ତୁଗୁଡ଼ିକରେ ସନ୍ତୁଷ୍ଟ ହୋଇ ରହି ପାରିବେ ନାହିଁ । ସେମାନେ ଜାଣିଥିବେ ଯେ ଏକ ବୃହତ୍ତର ବିବର୍ତ୍ତନହିଁ ମନୁଷ୍ୟ ଜାତିର ଯଥାର୍ଥ ଲକ୍ଷ୍ୟ । ତାହାକୁ ନିଜ ଜୀବନରେ ସିଦ୍ଧ କରିବା ପାଇଁ ସେମାନେ ପ୍ରୟାସ କରିବେ ଏବଂ ଅନ୍ୟମାନଙ୍କୁ ମଧ୍ୟ ସେହି ଲକ୍ଷ୍ୟ ଆଡ଼କୁ କଢ଼ାଇ ନେବେ ।

ଆଧ୍ୟାତ୍ମିକ ପ୍ରୟାସର ଫଳସ୍ୱରୂପ ବିଭିନ୍ନ ଯୁଗରେ ନୂଆ ନୂଆ ଧର୍ମର ଆବିର୍ଭାବ ଘଟିଛି । ମାତ୍ର ସେହି ଧର୍ମଗୁଡ଼ିକ ରୀତି ଓ ପଦ୍ଧତିଗୁଡ଼ିକୁ ଜାବୁଡ଼ି ଧରିଛନ୍ତି ଏବଂ ନୂତନତା ଓ ଅଗ୍ରଗତି ଲାଗି ସୁଯୋଗ ସୃଷ୍ଟି କରି ନାହାନ୍ତି । ତେଣୁ ସେଗୁଡ଼ିକ କୌଣସି ଯଥାର୍ଥ ସିଦ୍ଧିରେ ସହାୟକ ହୋଇପାରି ନାହାନ୍ତି । ପ୍ରକୃତରେ ଆଧ୍ୟାତ୍ମିକ ଯୁଗର ଲକ୍ଷ୍ୟ ଆଶୟପ୍ରଧାନ ଧର୍ମଗୁଡ଼ିକର ଯଥାର୍ଥ ଲକ୍ଷ୍ୟଠାରୁ ଭିନ୍ନ ନୁହେଁ । ଉଭୟର ସାଧାରଣ ଲକ୍ଷ୍ୟ ହେଲା ଏକ ନୂତନ ଜନ୍ମ, ଏକ ନୂତନ ଚେତନା, ମନୁଷ୍ୟର ଏକ ଊର୍ଦ୍ଧ୍ୱମୁଖୀ ବିବର୍ତ୍ତନ ଏବଂ ପରମଚେତନାର ଅବତରଣ ଦ୍ୱାରା ଜୀବନର ଆଧ୍ୟାତ୍ମିକ ପୁନଃ ସଙ୍ଗଠନ । ମାତ୍ର ପ୍ରତ୍ୟେକ ଧର୍ମ-ଆନ୍ଦୋଳନ ବେଳେ ଯେଉଁ ଅପୂର୍ଣ୍ଣ ଉପାୟ ଓ ବ୍ୟବସ୍ଥାକୁ ବ୍ୟବହାର କରାଯାଇଥିଲା ଯଦି ଆଧ୍ୟାତ୍ମିକ ଯୁଗରେ ମଧ୍ୟ ତାହାକୁହିଁ ବ୍ୟବହାର କରାଯାଏ, ତାହାହେଲେ ମନୁଷ୍ୟ ସମାଜକୁ ଆଉ ଏକ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିବ ।

ଅତୀତରେ ଯେତେବେଳେ ବି ଏକ ଧର୍ମ-ଆନ୍ଦୋଳନର ସୂତ୍ରପାତ ହୋଇଛି, ସେତେବେଳେ ଏକ ଆଧ୍ୟାତ୍ମିକ ଉତ୍ତେଜନା ଓ ଆଧ୍ୟାତ୍ମିକ ଆସ୍ପୃହାର ତରଙ୍ଗ ସୃଷ୍ଟି ହୋଇଛି ଏବଂ ବହୁ ସଂଖ୍ୟକ ଲୋକ ତାହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଫଳରେ ମାନବ ସମାଜ କିଛି ସମୟ ଲାଗି ଏକ ଉଚ୍ଚତର ଅବସ୍ଥାକୁ ଉଠି ଯାଇଛି । ମାତ୍ର ଏଇ ପରିବର୍ତ୍ତନ ଆଂଶିକ ଭାବରେ ନୈତିକତା ଦ୍ୱାରା ଓ ଆଂଶିକ ଭାବରେ ଆଧ୍ୟାତ୍ମିକତା ଦ୍ୱାରା ପ୍ରେରିତ ହୋଇଛି । ତେଣୁ ଗୋଟିଏ ଦୁଇଟି ପୁରୁଷ ଅନ୍ତେ ସେହି ଆଧ୍ୟାତ୍ମିକ ଆସ୍ପୃହାରେ ହ୍ରାସ ଘଟିଛି ।

ଯଦି କୌଣସି ମହାନ୍ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ପ୍ରେରଣାର

ମୂଳ ଉତ୍ସ କରି ଧର୍ମ-ଆନ୍ଦୋଳନଟି ସଂଘଟିତ ହୋଇଥାଏ ତେବେ ତାହା ଅତ୍ୟନ୍ତ ଶକ୍ତିଶାଳୀ ହୋଇପାରେ ଏବଂ ପ୍ରଥମକାଳୀନ ଉତ୍ସାହ ଓ ଉଦ୍ଦୀପନା ହ୍ରାସ ପାଇଗଲେ ମଧ୍ୟ ଏକ ବିଶେଷ ପ୍ରଭାବ ତଥାପି ତିଷ୍ଠି ରହିପାରେ ଏବଂ ସେଥିରୁ କେତେକ ନୂତନ ଆଧ୍ୟାତ୍ମିକ ତରଙ୍ଗ ଜନ୍ମଲାଭ କରିପାରେ। ମାତ୍ର ଏହି ନୂତନ ତରଙ୍ଗର ଶକ୍ତି ମଧ୍ୟ କିଛି କାଳ ପରେ ପ୍ରଭାବହୀନ ହୋଇଯାଏ। ଧର୍ମ-ଆନ୍ଦୋଳନଟି ତା'ର ମୂଳ ଭାବାଦର୍ଶଠାରୁ ଯେତିକି ଦୂରକୁ ଚାଲିଯାଏ ସେଇ ନୂତନ ଆଧ୍ୟାତ୍ମିକ ତରଙ୍ଗଗୁଡ଼ିକର ଶକ୍ତି ସେତିକି କ୍ଷୀଣ ହୋଇଯାଏ।

ଏହା ଏପରି ଏକ ପର୍ଯ୍ୟାୟ ଯେତେବେଳେ କି ଧର୍ମବିଶ୍ୱାସୀମାନଙ୍କୁ ଏକ ସ୍ୱତନ୍ତ୍ର ଭେକ ଦ୍ୱାରା ଅଲଗା ଓ ଏକାଠି କରି ରଖିବା ପାଇଁ ଧର୍ମ ବ୍ୟବସ୍ଥା ଗଢ଼ାଯାଏ, ଚର୍ଚ୍ଚ ଓ ମନ୍ଦିରର ସ୍ଥାପନା କରାଯାଏ, ବ୍ୟକ୍ତିମାନଙ୍କ ଭିତରେ ଏକ ସୋପାନକ୍ରମ ତିଆରି ହୁଏ ଏବଂ ଏକ ପ୍ରଗତି ବିରୋଧୀ କଠୋର ନୈତିକ ଜୀବନ ଭିତରେ ମନୁଷ୍ୟମାନଙ୍କୁ ବାନ୍ଧି ରଖିବାକୁ ଚେଷ୍ଟା କରାଯାଏ। ସେତେବେଳେ ଧର୍ମ କହିଲେ କେତୋଟି ବଦ୍ଧମୂଳ ବିଶ୍ୱାସ, ରୀତିନୀତି, ଆଡ଼ମ୍ବର ଉତ୍ସବାନୁଷ୍ଠାନ ଓ କେତୋଟି ଅନ୍ଧବିଶ୍ୱାସକୁହିଁ ବୁଝାଏ। ବିଧିବିଧାନ, ବାହ୍ୟ ଆଚରଣ, ବୌଦ୍ଧିକ ବିଶ୍ୱାସକୁ ଅଧିକ ପ୍ରାଧାନ୍ୟ ଦିଆଯାଏ ଏବଂ ପ୍ରକୃତ ଆଧ୍ୟାତ୍ମିକତା ଗୌଣ ସ୍ଥାନରେ ରହିଯାଏ। ଉଚ୍ଚତର ପ୍ରେରଣା ଓ ଉଦ୍ଦେଶ୍ୟ ଅପେକ୍ଷା ନିମ୍ନତର ପ୍ରେରଣା ଓ ଉଦ୍ଦେଶ୍ୟଗୁଡ଼ିକୁ ଅଧିକ ମହତ୍ତ୍ୱ ଦିଆଯାଏ। ଆଧ୍ୟାତ୍ମିକତା କ୍ଷେତ୍ରରେ ଯାହା ଅସଲ ଓ ସାରବସ୍ତୁ ତାହାକୁ ଉପେକ୍ଷା କରି ସହାୟକ, ସାଧନ ଓ ଆକସ୍ମିକତାକୁ ଅଧିକ ପ୍ରାଧାନ୍ୟ ଦିଆଯାଏ।

ସମଗ୍ର ଜୀବନକୁ ଆଧ୍ୟାତ୍ମିକତାର ଉପାଦାନରେ ଗଢ଼ିବା ପାଇଁ ପ୍ରଥମେ ଯେଉଁ ସ୍ୱତଃସ୍ଫୂର୍ତ୍ତ ଓ ଶକ୍ତିଶାଳୀ ଉଦ୍ୟମ କରାଯାଇଥିଲା ସେଇଟି ଆଉ ଦୃଷ୍ଟି ଗୋଚର ହୁଏ ନାହିଁ ଏବଂ ତା' ବଦଳରେ ଏକ ନିର୍ଦ୍ଦିଷ୍ଟ ଧର୍ମ ବିଶ୍ୱାସ ଏବଂ ନୀତିଶୀଳତାର ଯାନ୍ତ୍ରିକ ବ୍ୟବସ୍ଥା ଜୀବନକୁ ପରିଚାଳିତ କରେ। ଆଧ୍ୟାତ୍ମିକତାର ମୂଳଭାବ ପରିବର୍ତ୍ତେ ଚର୍ଚ୍ଚ, ମସଜିଦ ବା ମନ୍ଦିରର ଆନୁଷ୍ଠାନିକତାକୁ ଉଚ୍ଚ ସ୍ଥାନ ଦିଆଯାଏ। କେତୋଟି ନିର୍ଦ୍ଦିଷ୍ଟ ବିଶ୍ୱାସ, ବିଧି ଓ ବ୍ୟବସ୍ଥାଗୁଡ଼ିକୁ ମାନିବା ପାଇଁ ସମସ୍ତଙ୍କୁ ବାଧ୍ୟ କରାଯାଏ। ଯେଉଁ ଅଳ୍ପ କେତେଜଣ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ଲାଗି ଚେଷ୍ଟା କରୁଥା'ନ୍ତି ସେମାନେ ମଧ୍ୟ ସୂତ୍ରବଦ୍ଧ ବିଶ୍ୱାସ ଓ ବ୍ୟବସ୍ଥାଗୁଡ଼ିକୁ ଅନୁସରଣ କରିବାକୁ ବାଧ୍ୟ ହୁଅନ୍ତି। ଅଧିକାଂଶ ଲୋକ ଏଇ ସାମାନ୍ୟ ଉଦ୍ୟମ ପ୍ରତି ମଧ୍ୟ ଦୃଷ୍ଟି ନଦେଇ ନାନା ଅବହେଳାରେ ଭରା ତଥାକଥିତ ଧର୍ମପରାୟଣତାରେ ସନ୍ତୁଷ୍ଟ ହୋଇ ରହିଥା'ନ୍ତି। ଏଇଭଳି ଭାବେ ଧର୍ମରେ ରହିଥିବା ମୂଳଭାବ ଓ ସତ୍ୟନିଷ୍ଠା କ୍ରମଶଃ କ୍ଷୀଣ ହୋଇଯାଏ।

କେତେକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଧର୍ମ ବିଶ୍ୱାସ ଓ ଧର୍ମମତକୁ ପୃଥିବୀର ସମସ୍ତ ଲୋକଙ୍କ ଉପରେ ଲଦି ଦେବାକୁ ଚେଷ୍ଟା କରିଥା'ନ୍ତି। ତଦ୍ଦ୍ୱାରା ସେମାନେ ମନୁଷ୍ୟମାନଙ୍କ ସ୍ୱଭାବରେ ରହିଥିବା ବୈଚିତ୍ର୍ୟ ଓ ବିବିଧତାରହିଁ ବିରୋଧାଚରଣ କରିଥା'ନ୍ତି। ଏହା ଦ୍ୱାରା ପରମ ଚେତନାର ମୂଳ ସ୍ୱଭାବ ପ୍ରତି ମଧ୍ୟ ବିରୋଧାଚରଣ କରାଯାଏ। କାରଣ ଏକ ବ୍ୟାପକ ଆନ୍ତର ସ୍ୱାଧୀନତା ଏବଂ ଏକ ବୃହତ୍ ଏକତ୍ୱ ହେଉଛି ପରମ ଚେତନାର ସ୍ୱଭାବ। ପ୍ରତ୍ୟେକ ବ୍ୟକ୍ତି ଆପଣାର ସ୍ୱଭାବ ଅନୁସାରେ ବିକାଶ ଲାଭ କରିବାକୁ ସ୍ୱାଧୀନତା ନପାଇଲେ ଏକ ଯଥାର୍ଥ ଆଧ୍ୟାତ୍ମିକ ସମାଜ ପ୍ରତିଷ୍ଠିତ ହୋଇ ପାରିବ ନାହିଁ।

ଏକ ଏକ ନିର୍ଦ୍ଦିଷ୍ଟ ମତ ଉପରେ ପ୍ରତିଷ୍ଠିତ ଥିବା ଧର୍ମଗୁଡ଼ିକ ପାର୍ଥିବ ଜୀବନ ଅପେକ୍ଷା ପାରଲୌକିକ ଜୀବନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। କାରଣ ପାର୍ଥିବ ଜୀବନକୁ ମହତ୍ତର କରି ଗଢ଼ିହେବ ବୋଲି ସେମାନଙ୍କର ବିଶ୍ୱାସ ନଥାଏ। ମନୁଷ୍ୟ ସମାଜକୁ ଏକ ଉଚ୍ଚତର ଅବସ୍ଥାକୁ ଉଠାଇ ନେଇ ପାରିବାର ଆଶା ଯେତେବେଳେ କ୍ଷୀଣ ହୋଇ ଆସିଥାଏ, ପାରଲୌକିକ ଜୀବନ ପ୍ରତି ଆକର୍ଷଣ ସେତେ ସେତେ ବୃଦ୍ଧି ପାଏ। ଏହା ଫଳରେ ପାର୍ଥିବ ଜୀବନ ଗୌଣ ସ୍ଥାନ ଅଧିକାର କରି ଅବହେଳିତ ଅବସ୍ଥାରେ ରହିଯାଏ।

ଆଧ୍ୟାତ୍ମିକ ଯୁଗର ଆବିର୍ଭାବ ପୂର୍ବରୁ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ବିଶିଷ୍ଟ ନାନା ପ୍ରକାରର ଆଧ୍ୟାତ୍ମିକ ଉଦ୍ୟମମାନ ଦେଖା ଦେଉଛି। ସେଗୁଡ଼ିକର ପ୍ରେରଣା ତଥା ମାର୍ଗଗୁଡ଼ିକର କିଛି ଯଥାର୍ଥତା ହୁଏତ ଥାଇପାରେ। ମାତ୍ର ସେଗୁଡ଼ିକ କଦାପି ସମ୍ପୂର୍ଣ୍ଣ ଭାବେ ଯଥାର୍ଥ ନୁହନ୍ତି। ସେଗୁଡ଼ିକର ଗୌଣ ସ୍ଥାନ ରହିଛି। ସବୁଠୁ ଯାହା ଅଧିକ ଗୁରୁତ୍ୱପୂର୍ଣ୍ଣ ତାହାହେଲା ମନୁଷ୍ୟର ସମଗ୍ର ଜୀବନ ଯେପରି ପରମ ଭାଗବତ ଚେତନା ଦ୍ୱାରା ପରିଚାଳିତ ହେବ ସେଥିଲାଗି ସମାଜକୁ ପ୍ରସ୍ତୁତ କରିବା। ସ୍ୱର୍ଗ ମଧ୍ୟକୁ ପଳାୟନ କରିବାର ପ୍ରବୃତ୍ତିକୁ ରୋକିବାକୁ ହେବ। ମନୁଷ୍ୟ ଏହି ପୃଥିବୀରେହିଁ ପରମ ଚେତନାକୁ ଉପଲବ୍ଧି କରିପାରିବ, – ମନୁଷ୍ୟ ଜୀବନ ମଧ୍ୟକୁ ପରମ ଚିନ୍ମୟତାର ଅବତରଣ ଘଟିବ ଏବଂ ତଦ୍ଦ୍ୱାରା ପାର୍ଥିବ ପ୍ରକୃତିର ଏକ ରୂପାନ୍ତର ସାଧିତ ହେବ, ଏହାହିଁ ମନୁଷ୍ୟ ସମାଜର

ଉତ୍ତୋଳନର ଅସଲ ଚାବିକାଠି । ମୃତ୍ୟୁ ପରେହିଁ ମୋକ୍ଷ ପ୍ରାପ୍ତ ହେବ ବୋଲି ଯେଉଁ କଳ୍ପନା ଯୁଗ ଯୁଗ ଧରି କରାଯାଇ ଆସିଛି ତାହା ପରିବର୍ତ୍ତେ ଏହି ପାର୍ଥିବ ଜୀବନର ଦିବ୍ୟ ରୂପାନ୍ତରହିଁ ମନୁଷ୍ୟ ସମାଜର ଧ୍ୟେୟ ହେବ । ତାହାକୁହିଁ ପୃଥିବୀ ବା ମନୁଷ୍ୟଜାତିର ନୂତନ ଜନ୍ମ ବୋଲି କୁହାଯିବ ଏବଂ ତାହା ଆଗକୁ ଅବଶ୍ୟ ଘଟିବାକୁ ଯାଉଛି ।

ସୁତରାଂ ମନୁଷ୍ୟ ସମାଜ ମଧ୍ୟରେ ଆଧ୍ୟାତ୍ମିକ ଯୁଗର ଆବିର୍ଭାବ ଲାଗି ସହାୟତା କରିବାକୁ ହେଲେ ଆମକୁ ପ୍ରଥମେ ଏକ ଆଧ୍ୟାତ୍ମିକ-ବିବର୍ତ୍ତନର ନିଶ୍ଚିତ ସମ୍ଭାବନା ଓ ଆବଶ୍ୟକତାକୁ ସ୍ୱୀକାର କରିବାକୁ ହେବ । ଆଜି ପର୍ଯ୍ୟନ୍ତ ସାଧାରଣ ସ୍ତରର ମନ ଦ୍ୱାରା ବା ଏକ ଉଚ୍ଚତର ମନ ଦ୍ୱାରା ପରିଚାଳିତ ହୋଇ ଆସିଥିବା ମନୁଷ୍ୟଜାତି ବର୍ତ୍ତମାନ ଯୁଗରେ କିଂବା ଭବିଷ୍ୟତରେ ସମ୍ପୂର୍ଣ୍ଣ ରୂପେ ଅଧ୍ୟାତ୍ମ ପ୍ରେରିତ ମନୁଷ୍ୟ ସମାଜରେ ପରିଣତ ହୋଇଯିବ । ବିଶ୍ୱପ୍ରକୃତି ସେହି ଅଭିପ୍ରାୟ ନେଇହିଁ କାର୍ଯ୍ୟ କରି ଚାଲିଛି ।

ଆଧ୍ୟାତ୍ମିକ ଯୁଗରେ ମନୁଷ୍ୟମାନେ କୌଣସି ଏକ ନିର୍ଦ୍ଦିଷ୍ଟ ବିଶ୍ୱାସ ବା ରୀତି ପ୍ରତି ଆସକ୍ତ ନହୋଇ ସ୍ୱାଧୀନ ଭାବରେ ନିଜର ସ୍ୱଭାବ ଅନୁସାରେହିଁ କୌଣସି ବିଶ୍ୱାସ ବା ରୀତିକୁ ଗ୍ରହଣ କରିବେ । ଯେଉଁ ମୂଳ ବିଷୟ ଉପରେ ତାଙ୍କର ଏକାନ୍ତ ବିଶ୍ୱାସ ରହିବା ଆବଶ୍ୟକ ତାହା ହେଲା ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ବା ରୂପାନ୍ତର । ସେହି ଆଧ୍ୟାତ୍ମିକ ରୂପାନ୍ତରକୁ ସିଦ୍ଧ କରିବା ପାଇଁ ସେମାନେ ନିଷ୍ଠାପର ଉଦ୍ୟମ କରିବେ ଏବଂ ସେ ଦିଗରେ ସମଗ୍ର ଜୀବନକୁ ପରିଚାଳିତ କରିବେ ।

ଏହି ପରିବର୍ତ୍ତନ କୌଣସି ଏକ ଯାନ୍ତ୍ରିକ ବିଧି ବା ବାହ୍ୟ ଅନୁଷ୍ଠାନ ଦ୍ୱାରା ସାଧିତ ହେବ ବୋଲି ଭାବିବା ଭୁଲ୍ । ସେମାନେ ନିଶ୍ଚିତ ରୂପେ ଜାଣି ରଖିବେ ଯେ ପ୍ରତ୍ୟେକ ମନୁଷ୍ୟ ନିଜ ଆନ୍ତର ଜୀବନରେ ସେହି ଆଧ୍ୟାତ୍ମିକ ପରିବର୍ତ୍ତନକୁ ବଞ୍ଚିବା ଆବଶ୍ୟକ । ତା' ନହେଲେ ମନୁଷ୍ୟଜାତି ପାଇଁ ତାହା ଏକ ବାସ୍ତବ ସତ୍ୟରେ ପରିଣତ ହୋଇ ପାରିବ ନାହିଁ ।

ଭବିଷ୍ୟତର ଆଧ୍ୟାତ୍ମିକ ବିବର୍ତ୍ତନ ପାଇଁ ଯେଉଁମାନେ ପ୍ରସ୍ତୁତ ହେବେ ସେମାନେ ପ୍ରାଚ୍ୟର ଅନ୍ତର୍ମୁଖୀ ଦୃଷ୍ଟିକୁ ଗ୍ରହଣ କରିବେ । ସେମାନେ ନିଜ ଭିତରେହିଁ ଆପଣାର ନିୟତି ଓ ମୁକ୍ତିର ରହସ୍ୟ ଖୋଜିବେ । ସେଇଭଳି ପାଶ୍ଚାତ୍ୟର ଜୀବନାଭିମୁଖୀ ଦୃଷ୍ଟିକୁ ବି ସେମାନେ ଗ୍ରହଣ କରିବେ । ଅର୍ଥାତ୍, ସେମାନେ ଯେଉଁ ଜ୍ଞାନ ଓ ଉପଲବ୍ଧି ପ୍ରାପ୍ତ କରିବେ ତାକୁ ଜୀବନରେ ପ୍ରୟୋଗ କରିବା ଲାଗି ମଧ୍ୟ ଚେଷ୍ଟା କରିବେ । ସେମାନେ ଜୀବନ ପ୍ରତି ଉଦାସୀନ ଓ ବିରକ୍ତ ହୋଇ କୌଣସି ପଳାୟନର ପନ୍ଥାକୁ କଦାପି ବରଣ କରିନେବେ ନାହିଁ ।

ସମାଜରେ ଅଳ୍ପ କେତେଜଣ ବ୍ୟକ୍ତିହିଁ ଅଧ୍ୟାତ୍ମ ସ୍ତରକୁ ଉନ୍ନୀତ ହୋଇ ପାରିବେ ଏବଂ ଅବଶିଷ୍ଟ ଅଧିକାଂଶ ବ୍ୟକ୍ତି ସାଧାରଣ ସ୍ତରରେହିଁ ସର୍ବଦା ପଡ଼ି ରହିଥିବେ, ଏପରି ଏକ ଭୁଲ୍ ଧାରଣା ଆଧ୍ୟାତ୍ମିକ ଯୁଗରେ ଗ୍ରହଣୀୟ ହେବ ନାହିଁ । ଯେଉଁ ମହାନ୍ ଆତ୍ମାମାନେ ପାର୍ଥିବ ଜୀବନକୁ ପୁନରୁଜ୍ଜୀବିତ କରିବା ଲାଗି ସାଧନା କରିଯାଇଛନ୍ତି ଏବଂ ନାନା ବିଫଳତା ସତ୍ତ୍ୱେ ନିଜର ବିଶ୍ୱାସକୁ ଅକ୍ଷୁଣ୍ଣ ରଖି ପାରିଛନ୍ତି ସେମାନଙ୍କଠାରୁ ପ୍ରେରଣା ଗ୍ରହଣ କରି ଯାତ୍ରାରମ୍ଭ କରିବାକୁ ହେବ । ଏହା ଅଧ୍ୟାତ୍ମ ଯୁଗର ପ୍ରସ୍ତୁତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ।

ଯେକୌଣସି ମହାନ୍ ଓ କଷ୍ଟସାଧ୍ୟ ଲକ୍ଷ୍ୟ ସାଧନ କରିବାକୁ ଗଲାବେଳେ ପ୍ରଥମାବସ୍ଥାରେ ନାନା ପ୍ରକାର ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ ଏପରି ଏକ ସମୟ ଆସେ ଯେତେବେଳେ କି ଅତୀତର ବିଫଳତାଭରା ଅନୁଭୂତିଗୁଡ଼ିକ ବି କାମରେ ଲାଗେ ଏବଂ ପଥରୋଧକାରୀ ଦ୍ୱାରଟି ହଠାତ୍ ଉନ୍ମୁକ୍ତ ହୋଇଯାଏ । ସୁତରାଂ ଉଦ୍ୟମ ଆରମ୍ଭ କରିବା ପୂର୍ବରୁହିଁ କାର୍ଯ୍ୟଟି ଅସମ୍ଭବ ବୋଲି ନଭାବି କରୁ କରୁ କାର୍ଯ୍ୟ ସିଦ୍ଧ ହେବ ବା ଯାଉ ଯାଉ ଲକ୍ଷ୍ୟ ଓ ସମାଧାନରେ ପହଞ୍ଚି ହେବ ବୋଲି ବିଶ୍ୱାସ ରଖିବାକୁ ପଡ଼ିବ । ଯଥାର୍ଥ ଭାବେ ପ୍ରୟାସଟି ଆରମ୍ଭ କଲେ ଧୀରେ ହେଉ ବା ବିଳମ୍ବରେ ହେଉ ଲକ୍ଷ୍ୟଟି ଅବଶ୍ୟ ସିଦ୍ଧ ହେବ ।

ଯେଉଁମାନେ ଏହି ଆଧ୍ୟାତ୍ମିକ ପରିବର୍ତ୍ତନର ମହାନ୍ କାର୍ଯ୍ୟରେ ଅଗ୍ରଗାମୀ ହୋଇ ବାହାରିବେ ସେମାନେ ମନୁଷ୍ୟ ଜୀବନର ସକଳ କ୍ଷେତ୍ରକୁ ସାଧନାର କ୍ଷେତ୍ର ରୂପେ ଗ୍ରହଣ କରିବେ । କେବଳ ବୁଦ୍ଧିଗତ, ସୌନ୍ଦର୍ଯ୍ୟବୋଧଗତ ବା ନୈତିକ ଭାବ ନୁହେଁ, ମାତ୍ର ଜୀବନର ଗତିଶୀଳ, ଭୌତିକ ତଥା ପ୍ରାଣଗତ ଭାବଗୁଡ଼ିକୁ ମଧ୍ୟ ସେମାନେ ଗ୍ରହଣ କରିନେବେ । ଜୀବନର କୌଣସି ବିଷୟ ବା ତତ୍ ସମ୍ପର୍କିତ କ୍ରିୟା ପ୍ରତି ସେମାନେ ଅବଜ୍ଞା ବା ଅବହେଳାର ମନୋଭାବ ରଖିବେ ନାହିଁ । କାରଣ ଜୀବନର ସକଳ ଅଙ୍ଗକୁ ଆଧ୍ୟାତ୍ମିକ କରାଯାଇ ପାରିବ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ ରହିଥିବ । ଜୀବନର ସବୁକିଛି ମଧ୍ୟରେ ଭଗବତ୍ ସତ୍ତା ପ୍ରଚ୍ଛନ୍ନ ଭାବେ ରହିଛନ୍ତି । ସୁତରାଂ ଆତ୍ମାର ଆବିଷ୍କାର ପାଇଁ ସବୁକିଛିକୁ ଏକ ସାଧନ ରୂପେ ବ୍ୟବହାର

କରାଯାଇ ପାରିବ । ଆମର ଦିବ୍ୟ ଜୀବନ ବଞ୍ଚିବାର ପ୍ରୟାସଟିରେ ସକଳ ବସ୍ତୁ ଓ ସକଳ ବ୍ୟକ୍ତି ଏକ ଏକ ସହାୟକ ବା ନିମିତ୍ତ ହୋଇ ପାରିବେ ।

ଏକ ଚୂଡ଼ାନ୍ତ ପରିବର୍ତ୍ତନ ଆସିବା ପୂର୍ବରୁ ଆମର ବୌଦ୍ଧିକ ମନକୁ ଆଧ୍ୟାତ୍ମିକ ମନରେ ରୂପାନ୍ତରିତ କରିବା ଆବଶ୍ୟକ । ଏହା ପରେ ଆଧ୍ୟାତ୍ମିକ ମନର ଉଚ୍ଚତର ସ୍ତରଗୁଡ଼ିକୁ ମଧ୍ୟ ଉପଲବ୍ଧି କରିବାକୁ ପଡ଼ିବ । ଅର୍ଥାତ୍, ବୋଧିମାନସ, ଅଧିମାନସ ଓ ଅତିମାନସ ସ୍ତରରେ ଯାଇ ପହଞ୍ଚିବାକୁ ପଡ଼ିବ । ମନର ଭୂମିରେ ଅନିଶ୍ଚିତ, ଦୁର୍ବଳ ଓ ଟଳମଳ ଅବସ୍ଥାରେ କାର୍ଯ୍ୟ କରୁଥିବା ଇଚ୍ଛା ଊର୍ଦ୍ଧ୍ୱମୁଖୀ ହୋଇ ସମ୍ବୋଧିମୟ ଇଚ୍ଛାର ସ୍ତରରେ ଉପନୀତ ହେବ । ତାହା ଆହୁରି ଉନ୍ନୀତ ହୋଇ ବିଜ୍ଞାନମୟ ଇଚ୍ଛା ମଧ୍ୟରେ ପ୍ରବେଶ କରିବ । ହୃଦୟଗୁହାରେ ଅବସ୍ଥିତ ଆତ୍ମାର ଆଲୋକ ମଧ୍ୟରେ ବି ପ୍ରବେଶ କରିବାକୁ ପଡ଼ିବ । ଏହା ଫଳରେ ପ୍ରାଣପ୍ରକୃତି ଭିତରେ ରହିଥିବା ଅଶୁଦ୍ଧ ଆବେଗ, କଠିନ ଅହଂମନ୍ୟତା ତଥା ଦୁର୍ବାର ବାସନାଗୁଡ଼ିକ ନୂତନ ଆଲୋକ ଦ୍ୱାରା ଦୀକ୍ଷିତ ଓ ରୂପାନ୍ତରିତ ହୋଇଯିବେ । ଊର୍ଦ୍ଧ୍ୱସ୍ଥ ଆଲୋକର ଶକ୍ତିଶାଳୀ କ୍ରିୟା ଦ୍ୱାରା ଆମ ସତ୍ତାର ତଥା ଜୀବନର ସକଳ ଅଙ୍ଗରେ ଏକ ମୌଳିକ ପରିବର୍ତ୍ତନ ସଂଘଟିତ ହେବ ।

ଅଧ୍ୟାତ୍ମ ଯାତ୍ରାର ନେତୃବର୍ଗ ଅତୀତର ଜ୍ଞାନ ଓ ସାଧନସବୁକୁ ଉପଯୋଗ କରିବେ ସତ, ମାତ୍ର ସେଗୁଡ଼ିକୁ ଠିକ୍ ସେଇଭଳି ଭାବରେ ଗ୍ରହଣ ନକରି ତା'ର ଏକ ଗଭୀରତର ପରିବର୍ତ୍ତନ ଘଟାଇବେ । ସେମାନେ ଅତୀତର କୌଣସି ସୂତ୍ର, ଚଳଣି ବା ବ୍ୟବସ୍ଥା ଭିତରେ ବାନ୍ଧି ହୋଇ ରହିଯିବେ ନାହିଁ । ପ୍ରକୃତିର କ୍ଷେତ୍ରରେ କାର୍ଯ୍ୟ କରୁଥିବା ପରମ ଚେତନାର ନିୟମକୁହିଁ ସେମାନେ ଅନୁସରଣ କରିବେ । ଅର୍ଥାତ୍, ସେମାନେ ସର୍ବଦା ନୂଆ ନୂଆ ଉଦ୍ଭାବନ, ନୂତନ ସୂତ୍ରର ପ୍ରବର୍ତ୍ତନ ଏବଂ ମନଃକ୍ଷେତ୍ରରେ ଏକ ବୃହତ୍ତର ସମନ୍ୱୟକୁ ସମ୍ଭବ କରୁଥିବେ । ଏପର୍ଯ୍ୟନ୍ତ ଅନାବିଷ୍କୃତ ଓ ଅପ୍ରତିଷ୍ଠିତ ଏକ ବୃହତ୍ତର ସତ୍ୟ ଦ୍ୱାରା ସେମାନେ ମନର ଗଭୀରତର ଅଂଶଗୁଡ଼ିକର ନବ ରୂପାୟନ ଘଟାଇବେ ।

ବ୍ୟକ୍ତି ପାଇଁ ତ ଏହା ଏକ କଷ୍ଟକର ସାଧନା, ମାତ୍ର ମନୁଷ୍ୟ ସମାଜ ଲାଗି ଏହା ଅନେକ ଗୁଣରେ ଅଧିକ କଷ୍ଟସାଧ୍ୟ ହେବ । ଏକ ପ୍ରକାର ସ୍ଥାୟୀ ପରିବର୍ତ୍ତନର ଅବସ୍ଥାକୁ ଆସିବା ପାଇଁ ଅନେକ ଶତାବ୍ଦୀର ପ୍ରୟାସ ଆବଶ୍ୟକ ହୋଇପାରେ । ମାତ୍ର ଏପରି ଦୀର୍ଘ ସମୟ ଲାଗିବା ଅନିବାର୍ଯ୍ୟ ନୁହେଁ । କାରଣ ପ୍ରକୃତିର କ୍ଷେତ୍ରରେ ଘଟୁଥିବା ପରିବର୍ତ୍ତନକୁ ଲକ୍ଷ୍ୟ କଲେ ଜଣାପଡ଼େ ଯେ ପ୍ରଥମେ ଖୁବ୍ ଅସ୍ପଷ୍ଟ ଭାବେ ଦୀର୍ଘକାଳବ୍ୟାପୀ ପ୍ରସ୍ତୁତି ଚାଲିଥାଏ ଏବଂ ତା'ପରେ ସେଥିରେ ତୀବ୍ର ବେଗ ଦେଖାଯାଏ ଏବଂ ସଂପୃକ୍ତ ଉପାଦାନଗୁଡ଼ିକ ଏକତ୍ରିତ ହୋଇ ଆସି ଏକ ତ୍ୱରିତ ରୂପାନ୍ତର ସଂଘଟିତ କରେ । ଏହି ରୂପାନ୍ତର ଠିକ୍ ଅଲୌକିକ ଘଟଣା ପରି ମନେ ହୁଏ ।

ଏହି ପ୍ରଥମ ନିର୍ଣ୍ଣାୟକ ପରିବର୍ତ୍ତନଟି ସାଧିତ ହୋଇଯିବା ପରେ ମଧ୍ୟ ସମୁଦାୟ ମନୁଷ୍ୟ ସମାଜ ସେହି ଉଚ୍ଚତର ସୋପାନକୁ ଉନ୍ନୀତ ହୋଇଯିବା ପାଇଁ ସମର୍ଥ ହେବ ନାହିଁ । ଏ କ୍ଷେତ୍ରରେ ଏକ ସୋପାନଶ୍ରେଣୀ ଦେଖାଦେଇ ପାରେ । ଅର୍ଥାତ୍, ଗୋଟିଏ ଶ୍ରେଣୀର ମନୁଷ୍ୟମାନେ ଆଧ୍ୟାତ୍ମିକ ସୋପାନରେ ଜୀବନ ବଞ୍ଚିବାକୁ ସମର୍ଥ ହେଲା ବେଳେ ଆଉ ଏକ ଶ୍ରେଣୀର ମନୁଷ୍ୟମାନେ ମନୋଭୂମିକୁ ଓହ୍ଲାଇ ଆସିଥିବା ସେହି ଉଚ୍ଚତର ଆଲୋକରେ ଜୀବନ ବଞ୍ଚିବେ । ଏହାର ନିମ୍ନ ସୋପାନରେ ମନୁଷ୍ୟ ସମାଜର ଏକ ବୃହତ୍ ଗୋଷ୍ଠୀ ରହିଥିବେ ଯେଉଁମାନେ କି ଊର୍ଦ୍ଧ୍ୱସ୍ଥ ଆଲୋକ ଦ୍ୱାରା ପ୍ରଭାବିତ ହୋଇ ଥିବେ ସତ, ମାତ୍ର ତଥାପି ସେହି ଆଲୋକ ଲାଗି ପ୍ରସ୍ତୁତ ହୋଇ ନଥିବେ । ଏହାକୁ ମଧ୍ୟ ଏକ ରୂପାନ୍ତର ବୋଲି ଅବଶ୍ୟ କୁହାଯାଇ ପାରିବ । ଅଦ୍ୟାବଧି ପ୍ରାପ୍ତ ହୋଇଥିବା ସିଦ୍ଧି ଅପେକ୍ଷା ଏହା ନିଶ୍ଚୟ ବୃହତ୍ତର ହେବ । ଆମର ବର୍ତ୍ତମାନର ପ୍ରାଣଗତ ଜୀବନର ଭୂମିରେ ଯେମିତି ଅଧିକ ବିକଶିତ ମନୁଷ୍ୟମାନେ ଅପେକ୍ଷାକୃତ କମ୍ ବିକଶିତ ମନୁଷ୍ୟମାନଙ୍କ ଉପରେ ଅହଂପୂର୍ଣ୍ଣଭାବେ ଆଧିପତ୍ୟ ବିସ୍ତାର କରିଥା'ନ୍ତି, ଏହି ଶ୍ରେଣୀ ବିଭାଗ କ୍ଷେତ୍ରରେ ସେପରି ହେବ ନାହିଁ । ବରଂ ଏ କ୍ଷେତ୍ରରେ ଆମେ ଦେଖିବାକୁ ପାଇବା ଯେ ଆଧ୍ୟାତ୍ମିକ ଦୃଷ୍ଟିରୁ ଅଧିକ ବିକଶିତ ମନୁଷ୍ୟ ଗୋଷ୍ଠୀ ସେମାନଙ୍କ ଅପେକ୍ଷା କମ୍ ବିକଶିତ ମନୁଷ୍ୟମାନଙ୍କୁ ଭ୍ରାତୃତୁଲ୍ୟ ଜ୍ଞାନ କରି ଉପଯୁକ୍ତ ମାର୍ଗଦର୍ଶନ ଦ୍ୱାରା ଉଚ୍ଚତର ଆଧ୍ୟାତ୍ମିକ ସ୍ତରକୁ ନେଇଯିବା ଲାଗି ନିରନ୍ତର ପ୍ରୟାସ କରିବେ ।

ପ୍ରଥମ ପର୍ଯ୍ୟାୟର ଉଚ୍ଚତର ଆଧ୍ୟାତ୍ମିକ ସ୍ତରକୁ ଉନ୍ନୀତ ହୋଇଯିବା ପରେ ମଧ୍ୟ ଏହି ଦିବ୍ୟ ଯାତ୍ରାର ପରିସମାପ୍ତି ଘଟିବ ନାହିଁ । ପୃଥିବୀପୃଷ୍ଠରେ ଆହୁରି ଅଧିକ ଉପଲବ୍ଧି ପାଇଁ ତଥାପି ସୁଯୋଗ ରହିବ । କାରଣ ଅତିମାନସର ଚେତନା-ରାଜ୍ୟ ମଧ୍ୟରେ ଆହୁରି ଉଚ୍ଚତର ସୋପାନସବୁ ରହିଥିବ । ସେଥିପାଇଁ ବୈଦିକ ଋଷିମାନେ ଆଧ୍ୟାତ୍ମିକ ଜୀବନକୁ ଏକ ନିରନ୍ତର

ଆରୋହଣ ରୂପେ ବର୍ଣ୍ଣନା କରିଥିଲେ । ସେମାନଙ୍କ ମତରେ ଏକ ନିରନ୍ତର ସାଧନା ଦ୍ୱାରା ଚେତନାର ଗୋଟିଏ ଶୃଙ୍ଗରୁ ଆଉ ଏକ ଶୃଙ୍ଗକୁ ଆରୋହଣ କରିବାକୁ ହୁଏ ଏବଂ ଶିଡ଼ିରେ ଉଠିଲା ଭଳି ଉଚ୍ଚରୁ ଉଚ୍ଚତର ସିଦ୍ଧି ଆଡ଼କୁ ଉଠିଯିବାକୁ ହୁଏ । ଆତ୍ମ-ଉନ୍ମୋଚନ ଓ ଆତ୍ମ-ବିକାଶର ପଥରେ ପ୍ରକୃତରେ କୌଣସି ଅନ୍ତିମ ସୀମା ନାହିଁ ।

ମନୁଷ୍ୟ ସମାଜ ଆଗରେ ଏହାହିଁ ଏକ ସର୍ବୋଚ୍ଚ ଆକାଙ୍କ୍ଷା ଓ ସର୍ବୋଚ୍ଚ ସମ୍ଭାବନା ହୋଇ ରହିଛି । ନିଜ ଭିତରେ ତଥା ବିଶ୍ୱ ଭିତରେ ଦିବ୍ୟ ସମ୍ଭାବନାକୁ ସିଦ୍ଧ କରିବା ପାଇଁ ପ୍ରୟାସୀ ସାଧକମାନଙ୍କ ସଂଖ୍ୟା ଯଦି ବୃଦ୍ଧିପ୍ରାପ୍ତ ହୁଏ ତେବେ ପାର୍ଥିବ ଚେତନାର ବିବର୍ତ୍ତନ ଘଟିବ ଏବଂ ପରମ ଭଗବତ୍ ସତ୍ତା ଯିଏ କି ଏବେ ପୃଥିବୀପୃଷ୍ଠରେ ସଂଗୁପ୍ତ ହୋଇ ବିଦ୍ୟମାନ ରହିଛନ୍ତି ସିଏ ଏଠାରେ ପୂର୍ଣ୍ଣ ରୂପେ ଅଭିବ୍ୟକ୍ତ ହୋଇଯିବେ । ମନୁଷ୍ୟଜାତି ବର୍ତ୍ତମାନର ସକଳ ସୀମାକୁ ଅତିକ୍ରମ କରି ଚେତନା ଜଗତରେ ବୃହତ୍‌ରୁ ବୃହତ୍ତର ଦିଗନ୍ତ ଆଡ଼କୁ ଅଗ୍ରସର ହୋଇଯିବ ।

(‘ମାନବ ଯୁଗ-ଚକ୍ର’ ଗ୍ରନ୍ଥଟିର ଆଲୋଚନା ସମାପ୍ତ)

❑❑❑

# ଅଦ୍ୱୈତ

## ଶ୍ରୀଅରବିନ୍ଦ



ତଖତ୍-ଇ-ସୁଲେମାନ ଗିରିପଥେ ଚାଲୁଥିଲି
ଆଚାର୍ଯ୍ୟ ଶଙ୍କରକୃତ କ୍ଷୁଦ୍ର ଦେବାଳୟ ତହିଁ
କାଳର କୂଳରେ ରହି ଏକାକୀ ଚାହେଁ ଅନନ୍ତେ,
ଧରାମୋହ ଶେଷ ଅନାବୃତ ଶିଖର ଉପାନ୍ତେ ।

ଚତୁର୍ଦ୍ଦିଗେ ଘେରିଥିଲା ବିଜନତା ନିରାକାର :
ଅଖିଳ ସଂଭୂତି ତହିଁ **ନାମହୀନ** ଏକାକାର,
ଅନାବୃତ-ବିଶ୍ୱ ଏକ **ବାସ୍ତବସତ୍ତା** ଅମୂର୍ତ୍ତ,
ଊର୍ଦ୍ଧ୍ୱହୀନ ତଳହୀନ, ଚିରନ୍ତନ ସୁପ୍ରଶାନ୍ତ ।

ପରମସତ୍ତାର ବାଣୀ କେବଳ ସେ ନିରବତା,
ଅଜଣା ପ୍ରାରମ୍ଭ ତା’ର ବାଣୀହୀନ ଶେଷକଥା
କ୍ଷଣିକ-ଦୃଷ୍ଟି ବା ଶ୍ରବଣ କରି ସକଳ ବିଲୁପ୍ତ,
ଅନଧିଗମ୍ୟ ଶିଖରେ ସାମ୍ରାଜ୍ୟ ତା’ ସୁଶୋଭିତ,

ବିଜନ **ସ୍ତବ୍ଧତା** ଆଉ ଶୂନ୍ୟ ଅକ୍ଷର **ପ୍ରଶାନ୍ତି**
ବିରାଜିତ **ପ୍ରକୃତିର** ଗୂଢ଼ ମୌନ ଶିରୋପରି ।

[ଶ୍ରୀଅରବିନ୍ଦଙ୍କ ରଚିତ “**Adwaita**”
କବିତାର ଭାଷାନ୍ତର]
ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

# କୃଷ୍ଣ : ଇତିହାସ ନା କିଂବଦନ୍ତି ?

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ
### କାରିକା - ୩୭

"Some say Krishna never lived, he is a myth. They mean on earth; for if Brindavan existed nowhere, the Bhagavat could not have been written."

(Thoughts and Aphorisms) – Sri Aurobindo

''କେହି କେହି କହନ୍ତି କୃଷ୍ଣ କେବେ ବି ନଥିଲେ, ସେ ପୌରାଣିକ କିଂବଦନ୍ତି ମାତ୍ର । ସେମାନେ ଏହି (ସ୍ଥୂଳ) ପୃଥିବୀରେ ଥିବା ନ ଥିବାକୁ ବୁଝାଉଛନ୍ତି । କିନ୍ତୁ ବୃନ୍ଦାବନ ଯଦି କେଉଁଠି ହେଲେ ନଥା'ନ୍ତା, ତେବେ ଭାଗବତ ଲେଖା ହୋଇ ନ ଥା'ନ୍ତା ।''

*

ଅନେକ ପୌରାଣିକ ଚରିତ୍ର ସମ୍ପର୍କରେ ଏହିଭଳି ସନ୍ଦେହ କେବେ କେବେ ପ୍ରକଟିତ ହୋଇଥାଏ । ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କୌଣସି କୌଣସି ପୋଥି ପୁରାଣରେ ହୁଏତ ବାସ୍ତବରେ ଏକଦା ବିଦ୍ୟମାନ ଥିବା କୌଣସି ମହାନ୍ ବ୍ୟକ୍ତିତ୍ୱଙ୍କ ଜୀବନ ବା ତାଙ୍କ ଜୀବନରେ ଘଟିଥିବା ଏକ ବିଶେଷ ଘଟଣାର ବର୍ଣ୍ଣନା ଦିଆଯାଉଛି । ସେ ବର୍ଣ୍ଣନା ଭିତରକୁ ପୁଣି ଦୃଷ୍ଟାନ୍ତ ରୂପେ ଚାଲି ଆସିପାରେ ଆହୁରି ପ୍ରାଚୀନ ଅତୀତର କୌଣସି କାହାଣୀ ବା କିଂବଦନ୍ତି । ସେସବୁ ଯେ ଐତିହାସିକ ଭାବରେ ନିଶ୍ଚିତ ସତ୍ୟ ହୋଇଥିବେ, ସେ କଥା କହି ହେବ ନାହିଁ । ଅଜଣା ଅତୀତର ସୁଦୂର ଅସ୍ପଷ୍ଟ ଦିଗ୍‌ବଳୟ ଭିତରେ କେଉଁ ଗୋଟିଏ ଅସଲ ପର୍ବତ, କେଉଁ ଛବିଟି ପର୍ବତର ଧାରଣା ସୃଷ୍ଟିକାରୀ ସାମୟିକ ମେଘ ଖଣ୍ଡିଏ ମାତ୍ର – ତାହା ବାରିବା ସବୁବେଳେ ସହଜ ନୁହେଁ ।

ଉପରୋକ୍ତ କାରିକାଟିର ଏକ ବିଶେଷ ତାତ୍ପର୍ଯ୍ୟ ରହିଛି । ଶ୍ରୀଅରବିନ୍ଦ ଇଙ୍ଗିତରେ କହୁଛନ୍ତି ଯେ ସତ୍ୟ ବା ବାସ୍ତବତା ଖାଲି ଆମ ସ୍ଥୂଳ ପୃଥିବୀରେ ସୀମାବଦ୍ଧ ନୁହେଁ । ଆମର ଅଜ୍ଞାତ, ଆମ ପାଇଁ ଅଦୃଶ୍ୟ ବହୁ ସୂକ୍ଷ୍ମ ଜଗତ୍ ରହିଛନ୍ତି; ଚେତନାର ବହୁ ବିଚିତ୍ର ସ୍ତର ରହିଛନ୍ତି । ସେସବୁ ରହସ୍ୟମୟ ଜଗତ୍ ବା ଚେତନା-ସ୍ତର ଅନବରତ ଆମର ସ୍ଥୂଳ ପୃଥିବୀ ଏବଂ ଆମ ଚେତନା ଉପରେ ପ୍ରଭାବ ବିସ୍ତାର କରିଥା'ନ୍ତି । ଅବଶ୍ୟ ସଚରାଚର ଆମେ ସେ ସମ୍ପର୍କରେ ସଚେତନ ହେବାକୁ ଅକ୍ଷମ ।

ସେ ଦୃଷ୍ଟିରୁ କୃଷ୍ଣ ସ୍ଥୂଳ ଜଗତର ଏକ ଐତିହାସିକ ବ୍ୟକ୍ତିତ୍ୱ ନା ସୂକ୍ଷ୍ମ ଜଗତର ଏକ ଶକ୍ତି, ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ । ସ୍ଥୂଳ ଜଗତରେ ଜନ୍ମ ଗ୍ରହଣ କରିଥିବା ଯେକୌଣସି ବ୍ୟକ୍ତିତ୍ୱ କ୍ଷଣସ୍ଥାୟୀ ହେବେ । ଦିନେ ସେ ବିଦାୟ ନେବା ଅନିବାର୍ଯ୍ୟ । ଅସଂଖ୍ୟ ବ୍ୟକ୍ତି ପୃଥିବୀରେ ସମ୍ଭବ ହୋଇଛନ୍ତି; ପୁଣି କାଳଗର୍ଭରେ ଲୀନ ହୋଇଯାଇଛନ୍ତି । ଆମ ଜୀବନ ଉପରେ ସେମାନଙ୍କର ପ୍ରଭାବ ତିଳେ ମଧ୍ୟ ନାହିଁ । ଅଥଚ କୃଷ୍ଣ-ଚେତନା ଦ୍ୱାରା ତାଙ୍କ ଜୀବନଗାଥା ଲିପିବଦ୍ଧ କରିଥିବା ''ଶ୍ରୀମଦ୍‌ଭାଗବତ'' ଏବଂ ''ଶ୍ରୀମଦ୍‌ଭଗବଦ୍‌ଗୀତା'' ଦ୍ୱାରା ଯୁଗେ ଯୁଗେ କେତେ ମଣିଷ ଅନୁପ୍ରାଣିତ ହୋଇଛନ୍ତି, କେତେ ମଣିଷଙ୍କ ଜୀବନ-ଦର୍ଶନ ବଦଳି ଯାଇଛି, ସଂକଟ ବେଳେ କେତେ ନରନାରୀ ସାନ୍ତ୍ୱନା ପାଇଛନ୍ତି, କେତେ ବ୍ୟକ୍ତିଙ୍କ ଚେତନାରେ ଜ୍ଞାନର ସୂର୍ଯ୍ୟୋଦୟ ସମ୍ଭବପର ହୋଇଛି, ତା'ର ହିସାବ କିଏ ବା ଦେଇପାରିବ ?

ପ୍ରଶ୍ନ ହେଲା : କିଏ ଅଧିକ ବାସ୍ତବ ? ଖାଲି ସ୍ଥୂଳ ଶରୀରରେ କିଛି କାଳ ରହି ପରଲୋକପ୍ରାପ୍ତ ମଣିଷଟିଏ – ଆମର ସାମାଜିକ ତଥା ବ୍ୟକ୍ତିଗତ ଚେତନାର ପ୍ରଗତି ପ୍ରତି କୌଣସି ଅବଦାନ ଯାହାର ନାହିଁ, ସିଏ ଅଧିକ ବାସ୍ତବ ନା ଯିଏ ଅର୍ବୁଦ ଜିଜ୍ଞାସୁଙ୍କ ଚେତନାକୁ ଆଲୋକିତ କରିଛି ସିଏ ଅଧିକ ବାସ୍ତବ ?

ଏ ପୃଥିବୀରେ ଯେତେ ଯାହା ରହିଛି ସେସବୁ ଅନ୍ୟ ସ୍ତରର ସତ୍ୟ ଏବଂ ଉପାଦାନ ସମୂହର ସଂକ୍ଷିପ୍ତ, ସ୍ଥୂଳ ସଂସ୍କରଣ ମାତ୍ର । ବୃନ୍ଦାବନ ମଧ୍ୟ ସୂକ୍ଷ୍ମ ଜଗତର ଏକ ସତ୍ୟ । ଭୌଗୋଳିକ ସୀମା-ନିରୂପିତ ସ୍ତରରେ ଆମେ ଯେଉଁ ବୃନ୍ଦାବନକୁ ଚିହ୍ନି ଥାଉଁ, ତାହା ସେହି ସୂକ୍ଷ୍ମ ଅତୁଳନୀୟ ଆନନ୍ଦମୟ ବୃନ୍ଦାବନର ଏକ ଦୁର୍ବଳ, ଅପୂର୍ଣ୍ଣ ରୂପ ମାତ୍ର । କୌଣସି ନା କୌଣସି ସ୍ତରରେ

ପ୍ରକୃତ ଦିବ୍ୟ ବୃନ୍ଦାବନ ରହିଛି ଏବଂ ଶ୍ରୀକୃଷ୍ଣ ରହିଛନ୍ତି ବୋଲି 'ଶ୍ରୀମଦ୍‌ଭାଗବତ' ସମ୍ଭବପର ହୋଇଛି ।

ଏତକ ଜାଣିବା ପରେ ଆମେ ତଥାପି ପ୍ରଶ୍ନ କରିପାରୁଁ— ଆମର ଏହି ସ୍ଥୂଳ ପାର୍ଥିବ ନଶ୍ୱର ଜୀବନ-ପ୍ରବାହରେ ଦିନେ ଭଗବାନ୍ କୃଷ୍ଣ ରୂପେ କେହି ଦେଖା ଦେଇଥିଲେ କି ? ଅର୍ଥାତ୍, ଯେମିତି ଇତିହାସରେ ବହୁ ସମ୍ରାଟ୍, ମନୀଷୀ ବା ବୀରବର୍ଗଙ୍କ ଜୀବନକୁ ଜନ୍ମ-ମୃତ୍ୟୁର ବନ୍ଧନୀ ଭିତରେ ରଖାଯାଇପାରେ, ଶ୍ରୀକୃଷ୍ଣଙ୍କ କ୍ଷେତ୍ରରେ ଅନୁରୂପ ମାପକାଠି ପ୍ରୟୋଗ କରାଯାଇ ପାରେ କି ?

ହୁଏତ ସନ, ତାରିଖର ନିୟମ ଅନୁସାରେ ତାଙ୍କ ଜୀବନକାଳ ନିରୂପଣ କରିବା ସହଜ ହୋଇ ନପାରେ (ଯଦିଓ ସେ ସମ୍ପର୍କରେ ମଧ୍ୟ ଜ୍ୟୋତିର୍ବିଦ୍‌ମାନଙ୍କ ଦ୍ୱାରା ଯଥେଷ୍ଟ ଦୃଢ଼ ଯୁକ୍ତି ଉପସ୍ଥାପିତ ହୋଇଛି); କିନ୍ତୁ ଶ୍ରୀକୃଷ୍ଣ ଯେ ଐତିହାସିକ ବା ସ୍ଥୂଳ ଶରୀର-ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ, ଏଥିରେ ସନ୍ଦେହର ଅବକାଶ ନାହିଁ । ଶ୍ରୀଅରବିନ୍ଦ ଏ ସମ୍ପର୍କରେ ସ୍ୱୟଂ ନିଃସନ୍ଦିଗ୍ଧ । ଧୃତରାଷ୍ଟ୍ର ବା ପରୀକ୍ଷିତଙ୍କ ଭଳି ଶ୍ରୀକୃଷ୍ଣ ମଧ୍ୟ ଦିନେ ଜୀବନ ଧାରଣ କରିଥିଲେ ଏବଂ ମହାଭାରତ-ବର୍ଣ୍ଣିତ ଐତିହାସିକ ଘଟଣାରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ, ପୃଷ୍ଠା : ୮୩ - ୮୪] ❑

# ଅନନ୍ତ ପ୍ରେମର ଧରା

## ଶାନ୍ତି ମହାନ୍ତି

ଶାନ୍ତ ଉଦାର ମହିମା ଉଜ୍ଜ୍ୱଳ
ଜ୍ୟୋତିଃରେ ପ୍ରକାଶ ଧରା,
ଜୟ ଜୟ ପ୍ରଭୁ ଶ୍ରୀଅରବିନ୍ଦ
ନାମେ ଯେ ଆନନ୍ଦଭରା ।

ହଜି ଯାଇଥିବା ମନର ଆକାଶେ
ନୂତନ ରଙ୍ଗର ପରଶ ଦେଲ,
ମଧୁ କାକଳିର ମଧୁର ନିଃସ୍ୱନେ
ପ୍ରେମର ପୁଲକ ଭରିଦେଲ ।

ମନର ଅନ୍ଧାରି ଗୁହାରେ ଜାଳିଲ
ସତ୍ୟର ଦୀପ୍ତ ଅଗ୍ନିଶିଖା,
ହେ ଜ୍ୟୋତିର୍ମୟ ପରମ ସନ୍ଧାନୀ
ନବ ଜୀବନର ଆଦିଲେଖା ।

ସ୍ୱର୍ଗ ବିଜୟୀ ସୁରଧୁନୀ ତୁମେ
ମର୍ତ୍ତ୍ୟର ସେହି ଶତଦଳ,
ଅବିନାଶୀ ଏକ ଆଶାର ମହକ
ଜୀବନ-ଗୀତିର ଉଷାକାଳ ।

ଅନନ୍ତ ପ୍ରେମର ଦ୍ୱାର ଖୋଲି ଦେଲ
ମାନବ ଚେତନା ସାଥେ ରହି,
ଅଭିନବ ଏକ ଆଲୋକ ବରଣେ
ଅମର ଜୀବନ କଥା କହି ।

ଅତିମାନସର ସୁବର୍ଣ୍ଣ ଆଲୋକେ
ଭରି ଦେଲ ଏହି ବସୁନ୍ଧରା,
ଅମୃତମୟ ତୁମରି ଇସାରା
ଦିବ୍ୟ ଜୀବନ ଗାଥାଭରା । ❑



ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୫)

### ଅନ୍ତରାଳରୁ 'ବିଶ୍ୱଯୁଦ୍ଧ'ର ପରିଚାଳନା (ଙ) :

ନୀରଦବରଣଙ୍କ ଉକ୍ତିରେ : ''ଫ୍ରାନ୍ସ ସହିତ ଯୁଦ୍ଧରେ ଜର୍ମାନୀର ଚୂଡ଼ାନ୍ତ ବିଜୟ ହେବା ପରେ ହିଟ୍‌ଲର ସିଦ୍ଧାନ୍ତ ନେଲା ବ୍ରିଟେନ୍ ସହିତ ଯୁଦ୍ଧ କରି ତାକୁ ଅଧିକାର କରିବ । ସେ ପଶ୍ଚିମ ଇଉରୋପ ଉପରେ ବିଜୟ ହାସଲ କରି ବକିଂହାମ୍ ପ୍ରାସାଦରୁ ୧୯୪୦ ମସିହା ୧୫ ଅଗଷ୍ଟରେହିଁ ସମଗ୍ର ପୃଥିବୀକୁ ବେତାର ବାର୍ତ୍ତାରେ ଘୋଷଣା କରିବ । ଶ୍ରୀଅରବିନ୍ଦ ତା'ର ଏହି ଘୋଷଣା ଶୁଣି ମନ୍ତବ୍ୟ ଦେଲେ : 'ଏହିସବୁ ଲକ୍ଷଣରୁ ଜଣା ପଡୁଛି ସିଏ ଆମର ଉଦ୍ଦିଷ୍ଟ କର୍ମର ବିପକ୍ଷୀୟ ଶତ୍ରୁ ।' ଏବଂ ଶ୍ରୀଅରବିନ୍ଦ ମଧ୍ୟ ଏକଥା ସୂଚାଇ ଥିଲେ ଯେ ୧୫ ଅଗଷ୍ଟ ବ୍ୟତୀତ ସେପ୍‌ଟେମ୍ବର ୧୫ ତାରିଖଟି ବି ହିଟ୍‌ଲର ସକାଶେ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ହେବ । ଇଂଲଣ୍ଡ ଉପରେ ଆକ୍ରମଣର ପୂର୍ବପ୍ରସ୍ତୁତି ସ୍ୱରୂପ ହିଟ୍‌ଲର ପ୍ରଥମେ ଆକାଶମାର୍ଗରୁ ଅଭୂତପୂର୍ବ ଏକ ବିରାଟ ଆକ୍ରମଣ କରିବାକୁ ଆଦେଶ ଦେଲା । ଯଦି ସିଏ ଆକାଶମାର୍ଗର ଏଇ ଭୟଙ୍କର ଯୁଦ୍ଧରେ ଜିତିଥା'ନ୍ତା ତେବେ ଇଂଲଣ୍ଡର ନିୟତି ସହ ହୁଏତ ପୃଥିବୀର ନିୟତି ସବୁକାଳ ପାଇଁ ନିଶ୍ଚିତ ରୂପେ ସ୍ଥଗିତ ହୋଇ ଯାଇଥା'ନ୍ତା । କିନ୍ତୁ ଉକ୍ତ ଅଗଷ୍ଟ ୧୫ ତାରିଖଟି ବ୍ରିଟେନ୍ ପକ୍ଷରେ ଅନୁକୂଳ ଭାବେ ଏକ ସନ୍ଧିକ୍ଷଣ ହୋଇ ଉଠିଲା । ଏହି ନିର୍ଦ୍ଦିଷ୍ଟ ଦିନହିଁ ବ୍ରିଟେନ୍ ଆକାଶମାର୍ଗରୁ ଗୋଳାବର୍ଷଣ କରି ୧୮୦ଟି ଜର୍ମାନ୍ ଯୁଦ୍ଧ ବିମାନକୁ ଧ୍ୱଂସ କରି ଦେଇଥିଲା । ଏପର୍ଯ୍ୟନ୍ତ ଦୁର୍ଦ୍ଦାନ୍ତ ଜର୍ମାନ୍ ବିମାନ-ବାହିନୀ (Luftwaffe)ରେ ଏତେ ବଡ଼ କ୍ଷତି ଘଟି ନଥିଲା । ଚର୍ଚ୍ଚିଲ୍ ନିଜେ ତାଙ୍କ ସମର-ସ୍ମୃତିଲିପିରେ ଉଲ୍ଲେଖ କରିଛନ୍ତି : 'ସେଇ ଅଗଷ୍ଟ ୧୫ ତାରିଖଟି ବ୍ରିଟେନ୍ ନିମନ୍ତେ ଅତିମାତ୍ରାରେ ସଂକଟପୂର୍ଣ୍ଣ ଥିଲା, ଯେଉଁ ଦିନ ଆକାଶମାର୍ଗରୁ ଏକଶତ ବୋମାବର୍ଷଣକାରୀ ଏବଂ ଆଠଶହ ବିମାନର ଆକ୍ରମଣ ଦ୍ୱାରା ବ୍ରିଟେନ୍‌ର ଦକ୍ଷିଣ ପ୍ରଦେଶକୁ ଜର୍ମାନୀ ଭୂଲୁଣ୍ଠିତ କରିଦେବ ବୋଲି ଯୋଜନା ପ୍ରସ୍ତୁତ କରିଥିଲା ।' ପୁନଶ୍ଚ ଠିକ୍ ମାସକ ପରେ ସେପ୍‌ଟେମ୍ବର ୧୫ ତାରିଖରେ ଶ୍ରୀଅରବିନ୍ଦ ସହାସ୍ୟ ମନ୍ତବ୍ୟ ଦେଇଥିଲେ : 'ଜର୍ମାନୀର ୧୮୦ଟି ବିମାନ ଇଂଲଣ୍ଡ ଧ୍ୱଂସ କରି ଦେଇଛି, ଯାହା ସଂଖ୍ୟାରେ ଯଥେଷ୍ଟ ଅଧିକ । ଏବେ ତା' ପକ୍ଷରୁ ଆକ୍ରମଣ କରିବା ବେଶ୍ କଷ୍ଟସାଧ୍ୟ ହେବ । ଫ୍ରାନ୍ସର ପତନ ପରେ ହିଟ୍‌ଲର ତା'ର ସିଦ୍ଧାନ୍ତର ସୁଯୋଗ ହରାଇଛି । ପ୍ରକୃତରେ ତା'ର ହାତକୁ ଆସିଥିବା ସୁଯୋଗଟିକୁ ସେ ଉପଯୋଗ କରିପାରି ନାହିଁ ! ଯଦି ଫ୍ରାନ୍ସର ପତନ ପରେ ପରେ ସେ ଇଂଲଣ୍ଡ ଆକ୍ରମଣ କରିଥା'ନ୍ତା, ତେବେ ଏତେବେଳକୁ ସିଏ ଏସିଆ ମହାଦେଶରେ ପହଞ୍ଚି ସାରନ୍ତାଣି । ଏବେ ଅନ୍ୟ ଏକ ଶକ୍ତି ଜର୍ମାନୀ ବିରୋଧରେ ପ୍ରତିଷ୍ଠିତ କରାଗଲାଣି, ତଥାପି ବିପଦ କଟିଯାଇ ନାହିଁ ।' '' ...

(Nirodbaran : 'Sri Aurobindo for All Ages'; p. 221-22)

''ଏହି ପରିପ୍ରେକ୍ଷୀରେ ଏଠାରେ ୧୩ ଅକ୍‌ଟୋବର ୧୯୪୨ରେ ସ୍ୱୟଂ ଚର୍ଚ୍ଚିଲଙ୍କର 'ବ୍ରିଟିଶ୍ ଲୋୟର୍ ହାଉସ'ରେ ନିଷ୍କପଟ ଭାବରେ ଘୋଷଣା କରିଥିବା କଥାପଦକ ବେଶ୍ ପ୍ରଣିଧାନଯୋଗ୍ୟ : 'ମୁଁ ବେଳେ ବେଳେ ଏପରି ଅନୁଭବ କରେ – ପ୍ରକୃତରେ ମୁଁ ତୀବ୍ର ଭାବରେ ଏହା ଅନୁଭବ କରେ – ଏକ ହସ୍ତକ୍ଷେପର ଅନୁଭବ । ମୁଁ ଏହି କଥାଟି ଉପରେ ଜୋର୍ ଦେଇ କହିବାକୁ ଚାହେଁ ଯେ ମୋର ବେଳେ ବେଳେ ଏହି ଧରଣର ଅନୁଭୂତି ହୋଇଛି ଯେ କୌଣସି ଏକ ଅଦୃଶ୍ୟ ହସ୍ତ ଆମର କର୍ମରେ ହସ୍ତକ୍ଷେପ କରି ଚାଲିଛି, କାରଣ ଆମେ ଏକ ମହାନ୍ ଉଦ୍ଦେଶ୍ୟରେ କର୍ମରତ ଅଛୁ । ମୋର ଏପରି ଅନୁଭୂତି ହୋଇଛି ଯେ ନିଶ୍ଚିତ ରୂପେ ଆମର ଏକ ରକ୍ଷକ (guardian) ରହିଛନ୍ତି, – ଯେତେଦିନ ପର୍ଯ୍ୟନ୍ତ ଆମେ ସେହି ମହାନ୍ ଉଦ୍ଦେଶ୍ୟ ସକାଶେ ବିଶ୍ୱସ୍ତ ଭାବରେ କର୍ତ୍ତବ୍ୟ କରି ଚାଲିଥିବୁ ।' ପୁନଶ୍ଚ ଇତିପୂର୍ବରୁ ଚର୍ଚ୍ଚିଲ୍ ଜାନୁଆରୀ ୧୯୪୦ରେ ସୁସ୍ପଷ୍ଟ ଭାବରେ ବ୍ୟକ୍ତ କରିଥିଲେ : 'ମୋର ତିଳେମାତ୍ର ଏଥିରେ ସନ୍ଦେହ ନାହିଁ ଯେ ଆସୁରିକ ଶକ୍ତିରାଜି ଉପରେ ଏକ ସମ୍ପୂର୍ଣ୍ଣ ଏବଂ ନିଷ୍ପତ୍ତିମୂଳକ ବିଜୟ ହାସଲ ସମ୍ଭବ । ଏବଂ ଏହି ନିର୍ଦ୍ଦିଷ୍ଟ ବିଜୟଲାଭହିଁ ନିଶ୍ଚିତ ରୂପେ ହୋଇଉଠିବ ଆମ ନିଜ ଉପରେ

ପ୍ରଭୁତ୍ୱ ହାସଲ କରିବା ନିମିତ୍ତ ଏକ ସଫଳ ଉଦ୍ଦୀପକ।' — ଜଣେ ଦେଶପ୍ରେମୀଙ୍କ ମୁଖରେ ପ୍ରକୃତରେ ଏହା ଏକ ଉଲ୍ଲେଖଯୋଗ୍ୟ ଘୋଷଣା ! ଏହାଠୁ ଅଧିକ ଭଲ ଭାବରେ ସେ କ'ଣ ବା ବ୍ୟକ୍ତ କରି ପାରିଥା'ନ୍ତେ !''

(Georges Vrekhem : 'Beyond Man'; p. 241)

ଏହି ଯୁଦ୍ଧକାଳୀନ ପରିସ୍ଥିତିରେ ନୀରଦବରଣଙ୍କ ଉକ୍ତିରେ : ''ଆମେ ସେବାଶୁଶ୍ରୂଷାକାରୀବୃନ୍ଦ ବାରଂବାର ଲକ୍ଷ୍ୟ କରୁଥିଲୁ ଯେ ଶ୍ରୀମା କିପରି ସମାଧିସ୍ଥ ସ୍ଥିତିକୁ ଅପସରି ଯାଉଥିଲେ। ଏହା ପ୍ରକୃତରେ ଥିଲା ଅତ୍ୟନ୍ତ କଠିନ ଅବସ୍ଥା; ସେ ଶ୍ରୀଅରବିନ୍ଦଙ୍କ କକ୍ଷକୁ ତନ୍ଦ୍ରାଚ୍ଛନ୍ନ ସ୍ଥିତିରେ ଢଳି ଢଳି ଆସୁଥିଲେ ଏବଂ ଗୁରୁଦେବଙ୍କର ସେବା-କର୍ମସବୁକୁ ସେହି ସ୍ଥିତିରେ ସମାପନ କରି ଆମମାନଙ୍କୁ ଭୟାତୁର ତଥା ଆଶ୍ଚର୍ଯ୍ୟାନ୍ୱିତ କରି ସେମିତି ଢଳି ଢଳି ତାଙ୍କର କମନୀୟ ସ୍ଥିତିକୁ ବଜାୟ ରଖି କକ୍ଷରୁ ବାହାରି ଯାଉଥିଲେ। ସେ ଦୃଷ୍ଟିରୁ ଅପସରି ଯିବା ବେଳେ ଶ୍ରୀଅରବିନ୍ଦ ଅଭିନିବିଷ୍ଟ ଭାବରେ ଶ୍ରୀମା'ଙ୍କ ଉପରେ ସଜାଗ ଦୃଷ୍ଟି ନିବଦ୍ଧ କରି ରହୁଥିଲେ। ...

''ଏହି ପରିପ୍ରେକ୍ଷୀରେ ମୁଁ ଏକ ଚିତ୍ତାକର୍ଷକ ଘଟଣା ଉଲ୍ଲେଖ କରିବି ଯଦ୍ୱାରା ଆମେ ବେଶ୍ ହୃଦୟଙ୍ଗମ କରି ପାରିବୁ ଯେ ଯୁଦ୍ଧ ସମୟରେ ଶ୍ରୀମା କିପରି ଲୋକମାନଙ୍କୁ, ଏପରିକି ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ବିପଦ ବେଳେ ତାଙ୍କ ଦିବ୍ୟ ଶକ୍ତିର ସୂକ୍ଷ୍ମସ୍ତରୀୟ ପ୍ରକ୍ରିୟା ପ୍ରୟୋଗପୂର୍ବକ ସେମାନଙ୍କୁ ସାହାଯ୍ୟ କରୁଥିଲେ। ଜଣେ ସାଧିକାଙ୍କ ସ୍ମୃତିକଥାରୁ : 'ଥରେ ଆମେ ପରିଚର୍ଯ୍ୟାକାରୀ କେତେକ ସାଧିକା ଶ୍ରୀମା'ଙ୍କ ଉପସ୍ଥିତିରେ ତାଙ୍କର 'ସମାଧିସ୍ଥ' ଅବସ୍ଥା ସମ୍ବନ୍ଧରେ କଥାବାର୍ତ୍ତା ହେଉଥିଲୁ। ଶ୍ରୀମା ଆମମାନଙ୍କର କଥାବାର୍ତ୍ତାକୁ ସ୍ମିତହାସ୍ୟ ସହ ଶୁଣୁଥିଲେ। ଆମମାନଙ୍କ ଗହଣରେ ଶ୍ରୀମା'ଙ୍କର ଜଣେ ବ୍ୟକ୍ତିଗତ ସେବିକା ଥିଲେ। ସେ ଆମମାନଙ୍କୁ ଏହି ମର୍ମରେ କହିଲେ ଯେ ତୁମେମାନେ ଜାଣ ନାହିଁ, ବେଳେ ବେଳେ ମୁଁ କେମିତି ଅପ୍ରତିଭ ପରିସ୍ଥିତିରେ ପଡୁଥିଲି। ଥରେ ମୁଁ ମା'ଙ୍କ ହାତକୁ ପିଇବା ପାଣିଗ୍ଲାସଟି ବଢ଼ାଇ ଦେଉଥିବା ବେଳେ ସେ ମୋ ହାତରୁ ଗ୍ଲାସଟିକୁ ଧରୁଛନ୍ତି ଆଉ ସେହି ମୁହୂର୍ତ୍ତରେ ସମାଧିସ୍ଥ ହୋଇଗଲେ। ତାଙ୍କ ଶରୀର ବାମରୁ ଦକ୍ଷିଣକୁ ଧୀରେ ଧୀରେ ଦୋହଲିବାକୁ ଲାଗିଲା — ମୁଁ ସେଇ ଅବସ୍ଥାରେ ଅପେକ୍ଷା କରିଛି ତ କରିଛି ! ତାଙ୍କର ଏଇ ଧରଣର ସମାଧିସ୍ଥ ଅବସ୍ଥା ମୁହୁର୍ମୁହୁଃ ଘଟୁଥିଲା। ଆଉ ସେ କେଉଁଠି ନା କେଉଁଠିକୁ ଚାଲିଯାଉ ଥିଲେ।

''ତା'ପରେ ଶ୍ରୀମା ଆମମାନଙ୍କୁ ବୁଝାଇ ଦେଲେ ଯେ 'ବର୍ଷ ବର୍ଷ ଧରି ଏହି ଭୟାନକ ଯୁଦ୍ଧକାଳୀନ ପରିସ୍ଥିତିରେ ପଡ଼ି ଲୋକମାନେ ଅସହାୟ ଅବସ୍ଥାରେ ମୋତେ ଆକୁଳ ଭାବରେ ପ୍ରାର୍ଥନା ଜଣାଉଥିଲେ ଏବଂ ଠିକ୍ ପରମୁହୂର୍ତ୍ତରେହିଁ ସବୁକିଛିକୁ ପଛରେ ପକାଇ ମୁଁ ସେମାନଙ୍କ ପାଖରେ ଉଭା ହୋଇ ଯାଉଥିଲି।'

''ଶିଷ୍ୟା : କିନ୍ତୁ ମା, ତୁମକୁ ତ ସବୁ ଲୋକମାନେ ଜାଣନ୍ତି ନାହିଁ କି ଚିହ୍ନନ୍ତି ନାହିଁ ! — ଶ୍ରୀମା : (ଶିଷ୍ୟାକୁ ଅନାଇ) ସେଥିରେ କିଛି ଯାଏ ଆସେ ନାହିଁ। ପୃଥିବୀର ଯେକୌଣସି ପ୍ରାନ୍ତରୁ ଯେ କେହି ବିପଦଗ୍ରସ୍ତ ବ୍ୟକ୍ତି ଭଗବାନଙ୍କର ଯେକୌଣସି ଦୃଶ୍ୟମାନ ରୂପରେଖକୁ ଆକୁଳ ଭାବରେ ଆବାହନ କରିବା ମାତ୍ରେ ମୁଁ ସେମାନଙ୍କର ପ୍ରାର୍ଥନା ଶୁଣି ପାରିଥାଏ ଏବଂ ତା' ପୂରଣ କରିଥାଏ। ଦିନକର ଘଟଣା ତୁମମାନଙ୍କୁ କହୁଛି, ଶୁଣ : 'ଜର୍ମାନ୍‌ମାନେ ଫ୍ରାନ୍ସ ଉପରେ ଭୀଷଣ ଭାବରେ ବୋମା ବର୍ଷଣ କରି ଚାଲିଥା'ନ୍ତି। ଭାଇ-ଭଉଣୀ ଦୁଇ ଜଣ ଏକାସାଥିରେ ସ୍କୁଲକୁ ଯାଇଥିଲେ। ସ୍କୁଲ ଛୁଟି ହେବା ପରେ ଘରମୁହାଁ ଦୌଡ଼ି ଦୌଡ଼ି ଆସି ସେମାନଙ୍କର ଘର ଖୋଜି ପାଇଲେ ନାହିଁ କି ମାଆବାପାଙ୍କର ବି ଦେଖା-ଦର୍ଶନ ମିଳିଲା ନାହିଁ। ଘରବାଡ଼ି, ଲୋକବାକ ସବୁ ଧ୍ୱଂସ ହୋଇ ଯାଇଥିଲା। ବଡ଼ ଭଉଣୀଟି ତା' ଭାଇକୁ ଜାବୁଡ଼ି ଧରି ବଡ଼ ପାଟିରେ ମାଆବାପାଙ୍କୁ ଡାକିବାକୁ ଲାଗିଲା। ଭାଇଟି ଭୟ ପାଇ ବରଡ଼ାପତ୍ର ପରି ଥରୁଥାଏ। ହଠାତ୍ ଝିଅଟିର ହୃଦୟଗୁହାରୁ ଭଗବାନଙ୍କ ପ୍ରତି ତୀବ୍ର ଭାବରେ ଆକୁଳ ପ୍ରାର୍ଥନା ଜାଗି ଉଠିଲା। ମୋତେ ତତ୍‌କ୍ଷଣାତ୍ ସେ ଦୁହିଁଙ୍କ ପାଖକୁ ଯିବାକୁ ହେଲା। ଭାଇ-ଭଉଣୀଙ୍କ ସକାଶେ କିଛି ଗୋଟିଏ ବନ୍ଦୋବସ୍ତ କରିଦେଇ ମୁଁ ସେଠାରୁ ଫେରି ଆସିଲି।' ''

(Nirodbaran : 'Twelve Years with Sri Aurobindo', 1972, pp. 135-36)

''ସେମିତି ଶ୍ରୀଅରବିନ୍ଦଙ୍କ କ୍ଷେତ୍ରରେ ମଧ୍ୟ ଘଟୁଥିଲା। ତା'ର ଆଭାସ ମିଳେ ନୀରଦଙ୍କ ଦ୍ୱାରା ଲିପିବଦ୍ଧ 'Talks with Sri Aurobindo' ଗ୍ରନ୍ଥଟିରେ ଯାହା ୧୯୪୧ରେ ବିରଳ ବ୍ୟତିକ୍ରମ ସହିତ ହଠାତ୍ ବନ୍ଦ ହୋଇ ଯାଇଛି। ଏପରି ବନ୍ଦ ହେବା ସମ୍ବନ୍ଧରେ ନୀରଦ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ ଏହାର ପ୍ରଧାନ କାରଣ ହେଉଛି ଶ୍ରୀଅରବିନ୍ଦ ଅଧିକରୁ ଅଧିକ ନିରବ ଏବଂ ତୀବ୍ର ଏକାଗ୍ର-ସ୍ଥିତିରେ ରହୁଥିଲେ।

କହିବାକୁ ଗଲେ ତାଙ୍କ ପାର୍ଥିବ ଲୀଳାର ଏହି ଯୁଦ୍ଧକାଳୀନ ପରିସ୍ଥିତିରେ ବାସ୍ତବିକ ରୂପେ ଆମେ ତାଙ୍କର ନିରବ ଦିବ୍ୟ ସାନ୍ନିଧ ସମ୍ମୁଖରେ ନୀରବ ସେବକବୃନ୍ଦ ହୋଇ ଉଠିଥିଲୁ ।''

(Georges : 'Beyond Man', p. 331 ଦ୍ରଷ୍ଟବ୍ୟ)

ଏକ ସର୍ବାଧିକ ସମ୍ଭାବ୍ୟତା ଦୃଷ୍ଟିରୁ କହିଲେ ଯୁଦ୍ଧକାଳୀନ ମୁହୂର୍ତ୍ତସବୁରେ ଶ୍ରୀମାଶ୍ରୀଅରବିନ୍ଦ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଅନ୍ତରାଳରୁ ପ୍ରଭୂତ ଭାବରେ ସେମାନଙ୍କର ଆଧାତ୍ମିକ ଶକ୍ତି ପ୍ରୟୋଗର ପ୍ରଚେଷ୍ଟାରେ ସମ୍ପୃକ୍ତ ରହୁଥିଲେ । ନିମ୍ନରେ ତନ୍ମଧ୍ୟରୁ ଏକ ପ୍ରସଙ୍ଗ ସମ୍ବନ୍ଧେ ବର୍ଣ୍ଣନା କରିବୁ –

୧୯୪୦ ମସିହା ମାର୍ଚ୍ଚ ମାସରେ ଶ୍ରୀଅରବିନ୍ଦ 'କଥୋପକଥନ' ସମୟରେ ଏହି ମର୍ମରେ ଘୋଷଣା କରିଥିଲେ : 'ଯଦି ଜର୍ମାନୀରେ କିଛି ଗୋଟିଏ ଅଘଟଣ ନଘଟେ ଅଥବା ହିଟ୍‌ଲର ଓ ରୁଷିଆର ଷ୍ଟାଲିନ୍‌ଙ୍କ ମଧ୍ୟରେ କିଛି ଝଗଡ଼ା ସୃଷ୍ଟି ନହୁଏ, ତେବେ ପୃଥିବୀ ସକାଶେ ତ୍ରାହି ପାଇବାର ଅନ୍ୟ କୌଣସି ସମ୍ଭାବନା ନାହିଁ ।' ପୁନଶ୍ଚ ସେ ୧୯୪୦ ମସିହା ଜୁନ୍ ମାସର ପ୍ରାରମ୍ଭରେ ଭବିଷ୍ୟବାଣୀ କରିଥିଲେ : 'ମୋର ମନେହୁଏ ପରବର୍ତ୍ତୀ ଯୁଦ୍ଧଟି ରୁଷିଆ ଓ ଜର୍ମାନୀ ମଧ୍ୟରେ ଘଟିବ ।'

(ତତ୍ରୈବ : ପୃ. ୨୪୩, ୩୩୧ ଦ୍ରଷ୍ଟବ୍ୟ)

୧୯୩୯ରେ ହିଟ୍‌ଲର ଓ ଷ୍ଟାଲିନ୍‌ଙ୍କ ମଧ୍ୟରେ ପୂର୍ବରୁ ଥିବା ଅନ୍ତର୍ନିହିତ ଘୃଣାପୂର୍ଣ୍ଣ ମନୋଭାବ ସତ୍ତ୍ୱେ ଦୁହେଁ 'ମିତ୍ରଭାବାପନ୍ନ ଏକ ଚୁକ୍ତି' ('Non-aggression pact')ରେ ସ୍ୱାକ୍ଷର କରିଥିବାର ଅନ୍ୟ କୌଣସି କାରଣ ନଥିଲା, ଏହାର କେବଳ ଗୋଟିଏ ଉଦ୍ଦେଶ୍ୟ ଥିଲା – ଯଥାସମ୍ଭବ ଅଧିକ ସମୟର ଉପଯୋଗପୂର୍ବକ ନିଜ ନିଜର (କଦର୍ଯ୍ୟ) ସ୍ଥିତିକୁ ଉନ୍ନତ କରି ଗଢ଼ି ତୋଳିବା । ଏଇ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କ ଉକ୍ତି ବେଶ୍ ସ୍ମରଣୀୟ : 'ହିଟ୍‌ଲର ଠାରୁ ଷ୍ଟାଲିନ୍ ଥିଲା ଅଧିକ ବିଦ୍ୱେଷପରାୟଣ ।'

ହିଟ୍‌ଲର ତା'ର ଫିଲ୍ଡ୍ ମାର୍ସାଲ୍‌ଙ୍କୁ ୧୯୪୦ ମସିହା ଜୁଲାଇ ମାସର ପ୍ରାରମ୍ଭରେ କହିଥିଲା, 'ସେମାନେ ରୁଷିଆ ଆକ୍ରମଣ ସମ୍ବନ୍ଧେ ଭାବିବାକୁ ଆରମ୍ଭ କରିଦେବା ଉଚିତ ।' ସେହି ଗ୍ରୀଷ୍ମକାଳରେ ପୁନଶ୍ଚ ହିଟ୍‌ଲର ଏହି ସିଦ୍ଧାନ୍ତରେ ଉପନୀତ ହେଲା ଯେ ରୁଷିଆର 'ବଲ୍‌ସେଭିଜିମ୍'କୁ ଧ୍ୱଂସ କରିବାର ଉପଯୁକ୍ତ ସମୟ ଉପସ୍ଥିତ । ତେଣୁ ସେ ତା'ର ସମସ୍ତ ସେନାବାହିନୀଙ୍କୁ ନିର୍ଦ୍ଦେଶ ଦେଇଥିଲା ଏହି ଦିଗରେ ପ୍ରସ୍ତୁତ ରହିବାକୁ । ...

ଏହା ଥିଲା ୧୯୪୧ର ମେ ମାସ; ହିଟ୍‌ଲର ଆଦେଶ ଦେଲା ଯେତେ ଶୀଘ୍ର ସମ୍ଭବ ରୁଷିଆ ବିରୋଧରେ ଏକ ଆକସ୍ମିକ ଆକ୍ରମଣ କରିବାକୁ ହେବ । ଏହି ଆକ୍ରମଣ ଘଟିଥିଲା ଜୁନ୍ ମାସ ୧୯୪୧ରେ – 'ଅପରେସନ୍ ବାର୍‌ବାରୋସା' ('Operation Barbarossa') । 'Wehrmacht'ରେ ମହଜୁଦ ଥିବା ହିଟ୍‌ଲରର ସମସ୍ତ ଅଭିଜ୍ଞ ଅଫିସର୍‌ଙ୍କ ମଧ୍ୟରେ ବିସ୍ମୟାଭୂତ ତୀବ୍ର ଉଦ୍‌ବେଗ ଓ କ୍ରୋଧାତ୍ମକ ନୈରାଶ୍ୟ ସୃଷ୍ଟି କରି ସେ ଏହି ସିଦ୍ଧାନ୍ତ ଘୋଷଣା କରିଥିଲା । ଯେଉଁ ଅଫିସର୍‌ମାନେ ବେଶ୍ ଭଲ ଭାବରେ ହୃଦୟଙ୍ଗମ କରିଥିଲେ ଯେ ଏହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଜର୍ମାନ୍ ସୈନ୍ୟବାହିନୀ ଯୁଗପତ୍ ଦୁଇଟି ଯୁଦ୍ଧକ୍ଷେତ୍ରରୁ ଆକ୍ରମଣ କରିବା କେବେ ବି ସମ୍ଭବ ନୁହେଁ ଏବଂ ପରିଶେଷରେ ଏହା ପ୍ରମାଣିତ ହୋଇଥିଲା ।

ଇତିପୂର୍ବରୁ ଆମେ ଉଲ୍ଲେଖ କରିଛୁ ଯେ ଶ୍ରୀମା-ଶ୍ରୀଅରବିନ୍ଦ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ ହିଟ୍‌ଲର ସଦୃଶ ଦ୍ୱିତୀୟ ବ୍ୟକ୍ତି କେହି ନଥିଲା ଯିଏକି ଅସୁରର ନିର୍ଦ୍ଦେଶକୁ ଏତେ ବିଶ୍ୱସ୍ତ ଭାବରେ ଅକ୍ଷରେ ଅକ୍ଷରେ ଅନୁସରଣ କରୁଥିଲା । କିନ୍ତୁ ବିଡ଼ମ୍ବନା ହେଉଛି ହିଟ୍‌ଲରର ଉପରୋକ୍ତ ନିର୍ଦ୍ଦିଷ୍ଟ ଯୁଦ୍ଧ-ପରିକଳ୍ପନାରେ ଅସୁରଟି ଭୁଲ୍ ନିର୍ଦ୍ଦେଶ ଦେଇଥିଲା କି ?

ହିଟ୍‌ଲରର ଅକସ୍ମାତ୍ ଉପରୋକ୍ତ ଯୁଦ୍ଧ-ପରିକଳ୍ପନାର ଚୂଡ଼ାନ୍ତ ସିଦ୍ଧାନ୍ତ ନେବାର ନିଗୂଢ଼ ସତ୍ୟଟି ଥିଲା – ଶ୍ରୀମା 'ଅସୁରର ପ୍ରଭୁ' ରୂପର ପ୍ରତିନିଧିତ୍ୱ କରି ଦ୍ୱିଧାଗ୍ରସ୍ତ ହିଟ୍‌ଲରକୁ ରୁଷିଆ ଆକମ୍ରଣ କରିବାକୁ ତୁରନ୍ତ ଅଗ୍ରସର ହୁଅ ବୋଲି ନିର୍ଦ୍ଦେଶ ଦେଇଥିଲେ ଯାହାକି ହିଟ୍‌ଲର ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସମ୍ପୂର୍ଣ୍ଣ ରୂପେ ଶିରୋଧାର୍ଯ୍ୟ କରି ନେବାକୁ ବାଧ୍ୟ ହୋଇଥିଲା ।

ଇତିପୂର୍ବରୁ 'ଅପରେସନ୍ ବାର୍‌ବାରୋସା' ସକାଶେ ହିଟ୍‌ଲରର ଗୁପ୍ତ ମନ୍ତ୍ରଣାଳୟରେ ମାସ ମାସ ଧରି ପରିକଳ୍ପନା ଚାଲୁ ରହିଥିଲା ଏବଂ ଅନେକ ଥର ଏହା ସ୍ଥଗିତ ରଖିବାକୁ ସିଦ୍ଧାନ୍ତ ନିଆଯାଇଥିଲା । ଏହାର ପ୍ରଧାନ କାରଣ ଥିଲା ଏହି ଯେ ସ୍ୱୟଂ ହିଟ୍‌ଲର ଏଥିସକାଶେ କିଞ୍ଚିତ୍ ମାତ୍ରାରେ ଦ୍ୱିଧାଗ୍ରସ୍ତ ଥିଲା । କିନ୍ତୁ ଉପରୋକ୍ତ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ହିଟ୍‌ଲରର ଆକସ୍ମିକ ଚୂଡ଼ାନ୍ତ ନିର୍ଦ୍ଦେଶ ସମ୍ବନ୍ଧେ ଆର୍ମି ଜେନେରାଲ ତା'ର ଷ୍ଟାଫ୍-ଅଫିସର୍‌ମାନଙ୍କୁ ଜଣାଇବାରୁ ସେମାନେ ଏହି ସିଦ୍ଧାନ୍ତକୁ ଆଦୌ ବିଶ୍ୱାସ କରି ପାରିଲେ ନାହିଁ; ବିଶେଷ କରି ଜର୍ମାନୀ ଯେତେବେଳେ ଇଂଲଣ୍ଡ ବିରୋଧରେ ଯୁଦ୍ଧ-ପରିକଳ୍ପନାରେ ତଥାପି ସମ୍ପୂର୍ଣ୍ଣ ରୂପେ ଲିପ୍ତ ରହିଛି । ପୁନଶ୍ଚ ଏହି ଧରଣର

ଦୁଇ ପଟରୁ ଯୁଗପତ୍ ଆକ୍ରମଣ କରି ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀର ପରାଜୟ ଘଟିଥିଲା ! ଷ୍ଟାଫ୍ ଅଫିସର୍‌ମାନଙ୍କ ମଧ୍ୟରେ ଚାଲୁ ରହିଥିବା ଉପରୋକ୍ତ ତର୍କ-ବିତର୍କକୁ ବନ୍ଦ କରି ଆର୍ମି ଜେନେରାଲ ସଂକ୍ଷିପ୍ତରେ କେବଳ ଏତିକି କହିଥିଲେ, 'ଭଦ୍ରବ୍ୟକ୍ତିଗଣ, ଏଥିରେ ଆଲୋଚନା କରିବାର କୌଣସି ପ୍ରଶ୍ନ ଉଠୁ ନାହିଁ; ତଥାପି ଏହା ହେଉଛି ନାତ୍‌ସି-ଅଧିନାୟକ ଉପାଧିରେ ଭୂଷିତ ରାଜରାଜେଶ୍ୱର(Fuhrer)ଙ୍କର ସିଦ୍ଧାନ୍ତ !'

ହିଟ୍‌ଲରର ନିର୍ବୋଧ ସିଦ୍ଧାନ୍ତ ବିରୋଧରେ ତା'ର ଅଭିଜ୍ଞ ଦୂରଦର୍ଶୀ ଅଫିସର୍‌ମାନଙ୍କର ପ୍ରାଥମିକ ପ୍ରତିରୋଧ ନିଶ୍ଚିତ ରୂପେ ସ୍ୱତଃସ୍ଫୂର୍ତ୍ତ ଏବଂ ଶକ୍ତିଶାଳୀ ମଧ୍ୟ ଥିଲା । ଏବଂ ତା'ର 'ପ୍ଲାନିଙ୍ଗ୍ ଷ୍ଟାଫ୍'ଙ୍କର ସଦୁପଦେଶଭିତ୍ତିକ ଯୁକ୍ତିଯୁକ୍ତ ତର୍କ-ବିତର୍କ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଥିଲା । କିନ୍ତୁ ହିଟ୍‌ଲର ତା'ର 'ପ୍ଲାନିଙ୍ଗ୍ ଷ୍ଟାଫ୍'ଙ୍କ ସହିତ ନିଭୃତ କକ୍ଷରେ ଏକତ୍ର ଭୋଜନ କରିବା ସମୟରେ ନିଜର ଏହି ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ସିଦ୍ଧାନ୍ତର ସ୍ୱତନ୍ତ୍ର ଘୋଷଣା କରିବାର ଆନ୍ତର ମନୋଭାବ ସମ୍ବନ୍ଧେ ବୁଝାଇ କହିଥିଲା ଯେ ଯେତେବେଳେ ଏକ ବିଶ୍ୱାସଯୋଗ୍ୟ ଆନ୍ତର ଉତ୍ସରୁ କୌଣସି ଆଦେଶ ଆସେ, ସେତେବେଳେ ସେହି ଆଦେଶକୁ ପାଳନ କରିବାକୁ ମୁଁ ଆଦୌ ଦ୍ୱିଧାବୋଧ କରେ ନାହିଁ । ମୁଁ ଏକ ଉଦାହରଣ ଦେଇ କହିପାରେ ଯେ ଏବେ ଆମର ଯେଉଁ ଦୁର୍ଦ୍ଧର୍ଷ ସୈନ୍ୟବାହିନୀର କାର୍ଯ୍ୟ-ପ୍ରଣାଳୀ ତା'ର ପ୍ରସ୍ତୁତି-ପର୍ବରେ ଉପନୀତ ହୋଇଛି – ଏହିଟି ଏକ ନିର୍ବୋଧତା ବୋଲି ବହୁଳ ଭାବରେ ସମାଲୋଚିତ । ମୁଁ କିନ୍ତୁ ମୋର ସମସ୍ତ କ୍ଷମତା ଖଟାଇ ଯୋଜନାବଦ୍ଧ ପ୍ରତିଟି କର୍ମ ପଦ୍ଧତିକୁ ଦୂରକୁ ଫିଙ୍ଗି ଦେଇ ଏହି ସିଦ୍ଧାନ୍ତକୁ ଦୃଢ଼ ଭାବରେ କାର୍ଯ୍ୟକାରୀ କରିବି ହିଁ କରିବି । ମୁଁ ଏବେ କିନ୍ତୁ ସାମୟିକ ଭାବରେ ଅଲିଖିତ ଟିପ୍ପଣୀଟିଏ ଦେଇପାରେ ଯେ 'ତ୍ରୁଟିପୂର୍ଣ୍ଣ ମନୋନୟନ'ସବୁରୁ ସୃଷ୍ଟ ସିଦ୍ଧାନ୍ତସବୁକୁ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟରେ ପରିଣତ କରିବାର ଔଦ୍ଧତ୍ୟରୁହିଁ ଆମର ସଫଳତାମାନ ଘଟିଛି ।

'ଅପରେସନ୍ ବାର୍‌ବାରୋସା' ସିଦ୍ଧାନ୍ତ ନେବାର ନିର୍ଭୀକ 'ତ୍ରୁଟିପୂର୍ଣ୍ଣ ମନୋନୟନ'ର ଉତ୍ସ ଥିଲା (ଅକଳ୍ପନୀୟ ଭାବରେ ହିଟ୍‌ଲରର ଅଜ୍ଞାତସାରରେ) କିନ୍ତୁ ଭିନ୍ନ ଏକ ଉତ୍ସ । ଏହି ଭିନ୍ନ ଉତ୍ସଟି ଥିଲା ଅନ୍ତରାଳରେ ରହି ଶ୍ରୀମା'ଙ୍କର ଦିବ୍ୟ ହସ୍ତକ୍ଷେପ । ଏହା ଘଟିଥିଲା ଖୁବ୍ ସମ୍ଭବତଃ ୨୦ ଜୁନ୍, ୧୯୪୧ରେ । କାରଣ ଶ୍ରୀମା'ଙ୍କ ଉକ୍ତିରେ ଏହି ହସ୍ତକ୍ଷେପ ଘଟିବାର ଦୁଇ ଦିନ ପରେ (୨୨ ଜୁନ୍‌ରେ)ହିଁ ରୁଷିଆ ବିରୋଧରେ ଜର୍ମାନୀର ଅଚାନକ ଆକ୍ରମଣ ଘଟିଥିଲା ।

(ତତ୍ରୈବ : ପୃ. ୨୪୨-୪୪ ଦ୍ରଷ୍ଟବ୍ୟ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ଆତ୍ମାର ଆହ୍ୱାନ ଏବଂ ଆତ୍ମାର ଜାଗୃତି

## ରାମକୃଷ୍ଣ ଦାସ

ଆତ୍ମା ଜାଗ୍ରତ ହେଲେ ବ୍ୟକ୍ତି ଭଗବଦାଭିମୁଖୀ ହୁଏ । କିନ୍ତୁ ଭଗବତ୍ ପ୍ରାପ୍ତି ସକାଶେ ଗୃହ-ସଂସାର ତ୍ୟାଗ କରି ତୀବ୍ର ଭାବେ ଅଧ୍ୟାତ୍ମ ସାଧନାରେ ପ୍ରବୃତ୍ତ ହୋଇପାରେ ନାହିଁ କିଂବା ଗୃହରେ ସଂପୂର୍ଣ୍ଣ ଭାବେ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିପାରେ ନାହିଁ ।

ବ୍ୟକ୍ତିର ଆତ୍ମା ଜାଗ୍ରତ ହେଲେ ସେହି ଜନ୍ମରେ କିଂବା କେତେ ସୁକୃତ ସଞ୍ଚୟ ଅଥବା ଆଧାର ଶୁଦ୍ଧି ହେବା ପରେ ତା' ଆତ୍ମାର ଆହ୍ୱାନ ଆସିପାରେ । କୌଣସି ବ୍ୟକ୍ତିର ଆତ୍ମା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଆତ୍ମାର ଆହ୍ୱାନ ଆସେ । ଯେପରି ବିଲ୍ୱମଙ୍ଗଳ, ସମର୍ଥ ରାମଦାସ, ରୂପ ସନାତନ । ବ୍ୟକ୍ତି ଆତ୍ମାର ଆହ୍ୱାନ ପାଇଲେ ସେ ଘର-ସଂସାର ଏବଂ ଭଗବତ୍ ପ୍ରାପ୍ତିର ସମସ୍ତ ପ୍ରତିକୂଳ ବସ୍ତୁ ତ୍ୟାଗ କରି ସାଧନାରେ ପ୍ରବୃତ୍ତ ହୁଏ । କୌଣସି ବ୍ୟକ୍ତିର ପୂର୍ବଜନ୍ମର ସଂସ୍କାର ଅଥବା ବିଶେଷ କାରଣ ବା ଭଗବାନଙ୍କ ବିଧାନ ଯୋଗୁଁ ତାଙ୍କୁ ଯଦି ଗୃହରେ ରହିବାକୁ ହୁଏ, ତେବେ ସେ ଗୃହ-ସଂସାରର ଆସକ୍ତି, କାମନା, ବାସନା ତ୍ୟାଗ କରି ସମସ୍ତ ଘର ଏବଂ ଘରର କାର୍ଯ୍ୟ ଭଗବାନଙ୍କର ଜାଣି ଭଗବତ୍ ସେବା ରୂପେ କରନ୍ତି ଏବଂ ତୀବ୍ରଭାବେ ସାଧନାରେ ପ୍ରବୃତ୍ତ ହୁଅନ୍ତି । ଆତ୍ମା ଜାଗ୍ରତ ହେଲେ ବ୍ୟକ୍ତି ଭଗବଦାଭିମୁଖୀ ହୁଏ, କିନ୍ତୁ ତୀବ୍ରଭାବେ ଭଗବତ୍ ପ୍ରାପ୍ତି ସକାଶେ ସାଧନା କରିପାରେ ନାହିଁ । ତା'ର ପ୍ରଯତ୍ନ ହୁଏ ଶିଥିଳ । ଆତ୍ମ-ଆହ୍ୱାନପ୍ରାପ୍ତ ବ୍ୟକ୍ତି ତୀବ୍ରଭାବେ ଭଗବତ୍ ପ୍ରାପ୍ତିର ସାଧନାରେ ପ୍ରବୃତ୍ତ ହୁଏ । ଆତ୍ମାର ଜାଗୃତି ଓ ଆତ୍ମାର ଆହ୍ୱାନ ମଧ୍ୟରେ ଏହାହିଁ ପାର୍ଥକ୍ୟ ।

ଚାରି ପ୍ରକାର ବ୍ୟକ୍ତି ଆତ୍ମାର ଆହ୍ୱାନ ପ୍ରାପ୍ତ କରିପାରନ୍ତି । ଆତ୍ମାର ଆହ୍ୱାନପ୍ରାପ୍ତ ପ୍ରଥମ ଶ୍ରେଣୀର ବ୍ୟକ୍ତି ହୁଅନ୍ତି ମୁକ୍ତ ଆତ୍ମା ଅଥବା ଭଗବାନଙ୍କ ବିଭୂତି । ସେମାନେ ଭଗବାନଙ୍କର ବିଶେଷ କାର୍ଯ୍ୟ କରିବା ସକାଶେ ଏହି ସଂସାରକୁ ଆସିଥା'ନ୍ତି । ସେମାନଙ୍କୁ ଆରମ୍ଭରୁ ସ୍ପଷ୍ଟ ବା ଅସ୍ପଷ୍ଟ ରୂପେ ଭଗବାନ୍ ପରିଚାଳନା କରନ୍ତି । ଯଥାସମୟରେ ସେମାନେ ଆତ୍ମାର ଆହ୍ୱାନ ପ୍ରାପ୍ତ କରି ସାଧନାରେ ପ୍ରବୃତ୍ତ ହୁଅନ୍ତି ଏବଂ ଭଗବାନଙ୍କର କାର୍ଯ୍ୟ କରନ୍ତି । ଏମାନଙ୍କର ଆତ୍ମା ପୂର୍ଣ୍ଣରୂପେ ଜାଗ୍ରତ ତଥା ସମ୍ମୁଖରେ ଥାଏ । ଆଚାର୍ଯ୍ୟ ଶଙ୍କର, ଆଚାର୍ଯ୍ୟ ରାମାନୁଜ, ଆଚାର୍ଯ୍ୟ ରାମାନନ୍ଦ – ଏମାନେ ଭଗବାନଙ୍କର ବିଶେଷ ବିଭୂତି । ସ୍ୱାମୀ ରାମଦାସ, ଗୁରୁନାନକ, କବୀର, ଦାଦୁ, ଅଚ୍ୟୁତାନନ୍ଦ ଦାସ, ଶ୍ରୀଧର ସ୍ୱାମୀ, ମାଧବ ଦାସ ଓଗେର ମହାପୁରୁଷ ମୁକ୍ତକୋଟିର ଆତ୍ମା । ସୁତରାଂ ଏହି ମହାପୁରୁଷମାନେ ଏହି ଅଜ୍ଞାନ ସଂସାରକୁ ଆସି ମାତାପିତାଙ୍କ ଭୌତିକ ଶରୀରର ଅଂଶ ରୂପେ ନିଜ ଶରୀର ଗ୍ରହଣ କରିବାରୁ ଏମାନେ ଅଜ୍ଞାନ ଆବରଣରୁ ପୂର୍ଣ୍ଣତଃ ଜନ୍ମର ଆରମ୍ଭରୁ ମୁକ୍ତ ହୋଇ ପାରନ୍ତି ନାହିଁ । କିନ୍ତୁ ଏମାନଙ୍କ ଆତ୍ମା ସର୍ବଦା ଜାଗ୍ରତ୍ ଥାଏ ଏବଂ ଏମାନେ ଜ୍ଞାତ ବା ଅଜ୍ଞାତରେ ଜନ୍ମ ଆରମ୍ଭରୁ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି । ଯଥାର୍ଥ ସମୟରେ ଆତ୍ମାର ଆହ୍ୱାନ ପାଇ ନିଜ କର୍ମ ତଥା ସାଧନାରେ ତୀବ୍ରଭାବେ ପ୍ରବୃତ୍ତ ହୁଅନ୍ତି । ଲକ୍ଷ୍ୟପ୍ରାପ୍ତିର କେନ୍ଦ୍ରୀୟ ସଂକଳ୍ପ ଏମାନଙ୍କର ଅତ୍ୟନ୍ତ ଦୃଢ଼ ଥାଏ । ଏମାନଙ୍କୁ ସଂସାରରେ ଭଗବାନଙ୍କର ବିଶେଷ କାର୍ଯ୍ୟ କରିବାକୁ ହୁଏ । ସେଥିପାଇଁ ପ୍ରତିକୂଳ ଶକ୍ତି ଘୋର ବାଧା-ବିପତ୍ତି ଏମାନଙ୍କ ମାର୍ଗରେ ଉପସ୍ଥାପିତ କରନ୍ତି । ଏମାନଙ୍କୁ ମଧ୍ୟ ସେସବୁକୁ ଅତିକ୍ରମ କରିବାକୁ ହୁଏ ।

ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତି ମୁକ୍ତ ଆତ୍ମା ନୁହନ୍ତି, କିନ୍ତୁ ଜନ୍ମଜନ୍ମାନ୍ତରରୁ ସାଧନା କରି ଆସିଥା'ନ୍ତି ଏବଂ ସାଧନାରେ ବିଶେଷ ଅଗ୍ରସର ହୋଇଥା'ନ୍ତି । ସେମାନଙ୍କ ପୂର୍ବଜନ୍ମର ସାଧନା ସେମାନଙ୍କ ଜନ୍ମ ସଙ୍ଗେ ସଙ୍ଗେ ଥାଏ । ଏହି ଶ୍ରେଣୀର ବ୍ୟକ୍ତିଙ୍କ ଆତ୍ମା ଆରମ୍ଭରୁ ଜାଗ୍ରତ ଥାଏ କିଂବା ଭଗବତ୍ ବିଧାନାନୁସାରେ ଆତ୍ମା ଆବରଣରେ ଥାଏ । ସୁତରାଂ ଉପଯୁକ୍ତ ସମୟରେ ଏମାନେ ଆତ୍ମାର ଆହ୍ୱାନ ପାଇ ତୀବ୍ର ଭାବେ ସାଧନାରେ ପ୍ରବୃତ୍ତ ହୁଅନ୍ତି । ଏମାନଙ୍କ କେନ୍ଦ୍ରୀୟ ସଙ୍କଳ୍ପ ଅତୀବ ଦୃଢ଼ ଥାଏ । ମାତାପିତାଙ୍କ ସଂସ୍କାର, ପାରିପାର୍ଶ୍ୱିକ ଅବସ୍ଥା, ମନ-ପ୍ରାଣ-ଶରୀର ପ୍ରଭୃତିର ଦୃଢ଼ତା ବା ଦୁର୍ବଳତାନୁସାରେ ଏମାନଙ୍କ ସାଧନା ପଥରେ କମ୍ ବା ବେଶୀ ପରିମାଣରେ ବାଧା-ବିପତ୍ତି ଆସେ, କାମନା-ବାସନାରେ ଆକ୍ରମଣ ବା ଅଧ୍ୟାତ୍ମ-ସାଧନାରେ ବିରୋଧୀ ପ୍ରଲୋଭନ ଆସିପାରେ । ସବୁ ସମୟରେ ଭଗବାନଙ୍କ ଅଦୃଶ୍ୟ ଶକ୍ତି ଏମାନଙ୍କୁ ରକ୍ଷା କରିଥାଏ ଏବଂ ଏମାନଙ୍କର

ବିବେକ-ଜ୍ଞାନ ମଧ୍ୟ ଜାଗ୍ରତ ଥାଏ । ସେହି ସକାଶେ ବିରୋଧୀ ଆକ୍ରମଣ ହେବା ସଙ୍ଗେ ସଙ୍ଗେ ସେମାନେ ଭଗବାନଙ୍କ ସାହାଯ୍ୟ ଚାହାନ୍ତି ଏବଂ ତତ୍‌କ୍ଷଣାତ୍ ଭଗବତ୍ କୃପାରୁ ରକ୍ଷା ପାଆନ୍ତି । ଏହି ଶ୍ରେଣୀର ସାଧକମାନଙ୍କର ସାଧନା ନିଜ ଆଧାରର ପ୍ରସ୍ତୁତି ତଥା ପ୍ରଯତ୍ନାନୁପାତରେ ତୀବ୍ର ବା ଶିଥିଳ ଭାବେ ଚାଲିପାରେ । ଏମାନଙ୍କ ଆତ୍ମା ପ୍ରଥମ ଶ୍ରେଣୀର ସାଧକମାନଙ୍କ ଅପେକ୍ଷା ଯଦ୍ୟପି କମ୍ ଜାଗ୍ରତ ଏବଂ ପୂର୍ଣ୍ଣଭାବେ ସମ୍ମୁଖରେ ନଥାଏ ତଥାପି ଏମାନେ ସଚେତ ଥାଆନ୍ତି ।

ତୃତୀୟ ଶ୍ରେଣୀର ସାଧକମାନଙ୍କର ପୂର୍ବଜନ୍ମର ଅଧ୍ୟାତ୍ମ ସାଧନାର ସଂସ୍କାର କିଛି ଥାଏ । ସେମାନେ ପୂର୍ବଜନ୍ମର ସାଧନାରେ ଅଧିକ ଅଗ୍ରସର ହୋଇ ନଥା'ନ୍ତି । ଏମାନଙ୍କ ମଧ୍ୟରୁ କାହାର ଆତ୍ମା ବାଲ୍ୟାବସ୍ଥାରୁ ଜାଗ୍ରତ ଥାଏ, ଅନ୍ୟ କାହାର ନିଜ ଆତ୍ମା ବିକାଶର ନିର୍ଦ୍ଧାରିତ ସମୟରେ ଜାଗ୍ରତ ହୁଏ ଏବଂ ଉଚିତ ସମୟରେ ଆହ୍ୱାନ କରେ । ଏମାନେ ଆତ୍ମାର ଆହ୍ୱାନ ପାଇ ସଂସାର ତଥା ଭଗବତ୍ ପ୍ରତିକୂଳ ସ୍ଥୂଳବସ୍ତୁ ସକଳ ତ୍ୟାଗ କରି ସାଧନାରେ ପ୍ରବୃତ୍ତ ହୁଅନ୍ତି । ଏମାନଙ୍କ ମଧ୍ୟରୁ କାହାର ସାଧନାର ତୀବ୍ରତା ଆସିପାରେ, କାହାର ସାଧନା ଶିଥିଳ ଭାବେ ଚାଲେ । ଏହା ନିର୍ଭର କରେ ବ୍ୟକ୍ତିର ଆଧାରର ପ୍ରସ୍ତୁତି ତଥା ଭଗବାନଙ୍କ ଉପରେ । ନିଜର ମନ-ପ୍ରାଣ-ଶରୀରର ଶୁଦ୍ଧି ଅନୁସାରେ କମ୍ ବା ଅଧିକ ମାତ୍ରାରେ ସାଧନା-ମାର୍ଗରେ ବାଧା-ବିପତ୍ତି ଆସେ, ସୁତରାଂ ଏମାନଙ୍କର ଆତ୍ମା ଦ୍ୱିତୀୟ ଶ୍ରେଣୀର ସାଧକମାନଙ୍କ ଆତ୍ମା ଅପେକ୍ଷା କମ୍ ଜାଗ୍ରତ ଥାଏ । ସେହି ଅନୁସାରେ ବିବେକ-ଜ୍ଞାନ ମଧ୍ୟ ଜାଗ୍ରତ ହୋଇଥାଏ । କାମ-କ୍ରୋଧ, ଲୋଭ-ମୋହ, ହିଂସା-ଦ୍ୱେଷ, କାମନା-ବାସନା ଆକ୍ରମଣରୁ ବାଧା-ବିପତ୍ତି ଆସେ, କିନ୍ତୁ ଏମାନଙ୍କୁ ବିପଥଗାମୀ କରେ ନାହିଁ । ଭଗବାନଙ୍କ ଉପରେ ବ୍ୟକ୍ତିର ନିର୍ଭରତା ଏବଂ ବ୍ୟକ୍ତି ଉପରେ ଭଗବାନଙ୍କ ସୁରକ୍ଷା ବରାବର ଥାଏ । ଏହି ଶ୍ରେଣୀର ସାଧକମାନଙ୍କର ଲକ୍ଷ୍ୟପ୍ରାପ୍ତିର ସଙ୍କଳ୍ପ ଦୃଢ଼ ଥାଏ । ଜ୍ଞାନ, ବିବେକ ମଧ୍ୟ ସାହାଯ୍ୟ କରେ । ଏହି ଶ୍ରେଣୀର ସାଧକମାନଙ୍କର ବ୍ୟକ୍ତିଗତ ପ୍ରଯତ୍ନ କରିବାରେ ଆଗ୍ରହ ହୁଏ । ଏମାନଙ୍କ ସତ୍ତା ପୂର୍ବରୁ ଭଗବଦାନନ୍ଦର ସ୍ପର୍ଶ ପାଇଥାଏ ।

ଚତୁର୍ଥ ଶ୍ରେଣୀୟ ବ୍ୟକ୍ତିର ଆତ୍ମା ଜାଗ୍ରତ ହୋଇଥାଏ । ସେ ଆତ୍ମାର ଆହ୍ୱାନ ମଧ୍ୟ ପାଇଥାଏ, କିନ୍ତୁ ବାସନା-କାମନା, କାମକ୍ରୋଧାଦି ରିପୁକୁ ବିଶେଷ ରୂପେ ଅଧିକାର କରିପାରି ନଥାଏ, କେବଳ କିଛି ଅଂଶରେ ପ୍ରଭାବ ପକାଇଥାଏ । ଏହି ଅବସ୍ଥାରେ ବ୍ୟକ୍ତି ଘର, ପରିବାର, ସାଧନାର ପ୍ରତିକୂଳ ବସ୍ତୁ ତ୍ୟାଗ କରି ସାଧନାରେ ପ୍ରବୃତ୍ତ ହୋଇପାରେ କିଂବା ଗୃହରେ ରହି ସାଧନା ଆରମ୍ଭ କରିପାରେ । ସେତେବେଳେ ବ୍ୟକ୍ତିର ସାଧନା କରିବାରେ ଅଳ୍ପ ଆଗ୍ରହ ହୁଏ । ସାଧନା ବିଷୟ ଶୁଣିବା, ପଢ଼ିବାରେ ତଥା ଆଚରଣ କରିବାରେ ସାଧାରଣ ରୂପେ ଉତ୍ସାହ ଜନ୍ମେ । କଥାରେ ସରଳତା, ବ୍ୟବହାରରେ ନିଷ୍କପଟତା ଥାଏ । ଲକ୍ଷ୍ୟପ୍ରାପ୍ତିର ମାର୍ଗରେ ଯାତ୍ରା କରିବାରେ ଆନନ୍ଦ ତଥା ଭଗବାନଙ୍କ ପ୍ରତି ସ୍ୱତଃସ୍ଫୂର୍ତ୍ତ ଭାବେ ଅନୁରାଗ ହୁଏ ।

ଅଧ୍ୟାତ୍ମ ବାତାବରଣରେ ନିବାସ କରିବାରେ ବ୍ୟକ୍ତି ସୁଖାନୁଭବ କରେ, କିନ୍ତୁ ଏଥିରେ ବିଶେଷ ତୀବ୍ରତା ନଥାଏ । ତଥାପି ମନୁଷ୍ୟର ଏହା ଗୋଟିଏ ମହାନ୍ ସୁଯୋଗ । ଏହି ଅବସ୍ଥାରେ ବ୍ୟକ୍ତି ଯଦି ଲକ୍ଷ୍ୟପ୍ରାପ୍ତି ସକାଶେ ଦୃଢ଼ ସଙ୍କଳ୍ପ ସହ ସାଧନାରେ ପ୍ରବୃତ୍ତ ହୋଇ ବିଚାର-ବିବେକ ଦ୍ୱାରା ସାଧନାର ବିରୋଧୀ କାମ, କ୍ରୋଧ, ଲୋଭ, ମୋହକୁ ଭାଗବତୀ ଶକ୍ତି ସାହାଯ୍ୟରେ ବର୍ଜନ କରିପାରେ ତେବେ ତାହାର ଆତ୍ମା ଅଧିକ ଜାଗ୍ରତ ହୋଇ ଲକ୍ଷ୍ୟ ଆଡ଼କୁ ତୀବ୍ର ଭାବରେ ଅଗ୍ରସର ହୁଏ । ଏହି ଶ୍ରେଣୀର ସାଧକମାନଙ୍କର ସାଧନାର ଏହି ପ୍ରଥମାବସ୍ଥାରେ ବ୍ୟକ୍ତିଗତ ପ୍ରଯତ୍ନ ହେଲେ ଭାଗବତୀ ଶକ୍ତି ସାଧକକୁ ସାହାଯ୍ୟ କରିବାକୁ ସୁଯୋଗ ପାଏ । କାରଣ ବ୍ୟକ୍ତିକୁ ଭଗବାନ୍ ସର୍ବଥା ସ୍ୱାଧୀନତା ଦେଇଅଛନ୍ତି । ତା'ର ଅନିଚ୍ଛାରେ ତା' ଉପରେ ବଳପୂର୍ବକ ଭଗବାନ୍ ନିଜ ଶକ୍ତି ଲଦି ଦିଅନ୍ତି ନାହିଁ । ଅନ୍ୟଥା ତା'ର ସ୍ୱାଧୀନତାରେ ବାଧା ପଡ଼େ । ଏହି ଅବସ୍ଥାରେ ସାଧକ ବ୍ୟକ୍ତିଗତ ପ୍ରଯତ୍ନ ନକରିବା ମହା ଭୁଲ୍ । ବ୍ୟକ୍ତି ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବସ୍ତୁ, କାମ, କ୍ରୋଧ, ଲୋଭ, ମୋହ, ଅବିଶ୍ୱାସ, ସନ୍ଦେହ, ତ୍ୟାଗ କରିବା ସକାଶେ ଭଗବତ୍ ଶକ୍ତିର ଆଶ୍ରୟ ନେଇ ବ୍ୟକ୍ତିଗତ ପ୍ରଯତ୍ନ ନକଲେ ସେସବୁ ସାଧକକୁ ନିଜ ନିଜ ମାର୍ଗରେ ନେଇଯାଆନ୍ତି ।

ପ୍ରଥମ ତିନି ଶ୍ରେଣୀର ସାଧକମାନଙ୍କ ଆତ୍ମା ବିଶେଷରୂପେ ଜାଗ୍ରତ ଥିବାରୁ ସେମାନଙ୍କ ଅଭୀପ୍ସା ସ୍ୱତଃସ୍ଫୂର୍ତ୍ତଭାବେ ଜାଗ୍ରତ୍ ହୁଏ ଏବଂ ସେମାନେ ମନ-ପ୍ରାଣ ଦ୍ୱାରା ପରିଚାଳିତ ନହୋଇ ଜାଗ୍ରତ ଆତ୍ମା ତଥା ଭାଗବତୀ ଶକ୍ତି ଦ୍ୱାରା ଅଧିକ ସମୟ ପରିଚାଳିତ ହୁଅନ୍ତି । ସେମାନଙ୍କ ଜ୍ଞାନ, ବୈରାଗ୍ୟ ଜାଗ୍ରତ୍ ଥାଏ । ସେମାନଙ୍କୁ ଅଧ୍ୟାତ୍ମ ମାର୍ଗରୁ ବିଚ୍ୟୁତ କରିବାକୁ ବିରୋଧୀ ଶକ୍ତିମାନଙ୍କୁ ସୁଯୋଗ ମିଳେ ନାହିଁ ।

କିନ୍ତୁ ଚତୁର୍ଥ ଶ୍ରେଣୀର ସାଧକମାନଙ୍କର ଆତ୍ମା ବହୁତ କମ୍ ଜାଗ୍ରତ ଥାଏ । ଅଧିକ ସମୟରେ ମନ-ପ୍ରାଣ ସମ୍ମୁଖରେ ରହି ସାଧକକୁ ପରିଚାଳିତ କରନ୍ତି । ଅଭୀପ୍ସାର ତୀବ୍ରତା ନଥାଏ, କାମ-କ୍ରୋଧ ପ୍ରଭୃତି ରିପୁ, ସନ୍ଦେହ, ଅବିଶ୍ୱାସ ଥିବାରୁ ସମର୍ପଣ ହୋଇପାରେ ନାହିଁ । ଏହି ସମୟରେ ସାଧକର ବ୍ୟକ୍ତିଗତ ପ୍ରୟାସ ଅପରିହାର୍ଯ୍ୟ; ଅନ୍ୟଥା ବ୍ୟକ୍ତିର ମନ-ପ୍ରାଣ କାମନା-ବାସନାର ପ୍ରଶ୍ରୟ ପାଇ ସାଧନାର ପଥରୋଧ କରିଦିଅନ୍ତି । ସେହି ସମୟରେ ସାଧକ ସଚେତ ନହୋଇ ଭାଗବତୀ ଶକ୍ତିର ଆଶ୍ରୟ ନନେଲେ ତାକୁ ସେସବୁ ଅଧ୍ୟାତ୍ମ-ମାର୍ଗରୁ ଦୂରକୁ ନେଇ ଯାଆନ୍ତି । ଭଗବାନଙ୍କ କୃପା ଯଦ୍ୟପି ସବୁ ସମୟରେ ବିଦ୍ୟମାନ ଥାଏ ତଥାପି ସାଧକ କାମ-କ୍ରୋଧ, ଲୋଭ, ମୋହ, ସନ୍ଦେହ, ଅବିଶ୍ୱାସ ଆଦି ରିପୁର ପ୍ରଭାବରେ ଏପରି ମୋହଗ୍ରସ୍ତ ହୋଇଥାଏ ଯେ ସେ ଭଗବତ୍ କୃପା ଚାହେଁ ନାହିଁ । ଏପରି ବ୍ୟକ୍ତିର କାର୍ଯ୍ୟ ହୁଏ ଯନ୍ତ୍ରବତ୍, ଭାବଶୂନ୍ୟ । ଏହି ସମୟରେ ବ୍ୟକ୍ତି ଚେତନାର ଗୋଟିଏ ଜଟିଳ ଅବସ୍ଥାରେ ଦଣ୍ଡାୟମାନ ହୋଇଥାଏ । ଗୋଟିଏ ମାର୍ଗକୁ ପୂର୍ଣ୍ଣରୂପେ ଗ୍ରହଣ କରି ଅନ୍ୟକୁ ତ୍ୟାଗ କରିପାରେ ନାହିଁ । ସାଧାରଣ ଜୀବନ ଗ୍ରହଣ କରିବାକୁ ତା'ର ପ୍ରବୃତ୍ତି ହୁଏ ନାହିଁ । ଅଧ୍ୟାତ୍ମ ମାର୍ଗରେ ଭଗବତ୍ ଭକ୍ତି, ପ୍ରେମ, ଶାନ୍ତି ଓ ଆନନ୍ଦ ପ୍ରାପ୍ତ ହେଉ ନଥିବାରୁ ଏବଂ ବାସନା-କାମନା ଓ ଅବିଶ୍ୱାସ ଥିବାରୁ ଜୀବନ ଶୁଷ୍କ ପ୍ରତୀତ ହୁଏ । ଏହି ଅବସ୍ଥାରେ ସାଧକର ସଂସାର ତଥା ଅଧ୍ୟାତ୍ମ ଜୀବନ ଉଭୟ ଭାରରୂପେ ପ୍ରତୀତ ହୁଏ ।

## ସାଧକର କର୍ତ୍ତବ୍ୟ

ଏହି ଅବସ୍ଥାରେ ସାଧକର ଏକମାତ୍ର କର୍ତ୍ତବ୍ୟ ହେଲା ମା'ଙ୍କ ଉପରେ ପୂର୍ଣ୍ଣତଃ ନିର୍ଭରତା, ବିଶ୍ୱାସ ରଖି ମା'ଙ୍କ କୃପାଶକ୍ତି ସାହାଯ୍ୟରେ ବ୍ୟକ୍ତିଗତ ପ୍ରଯତ୍ନରେ ସାଧନାରେ ପ୍ରବୃତ୍ତ ହେବା ଏବଂ ଦୃଢ଼ ସଂକଳ୍ପ ସହ ଇନ୍ଦ୍ରିୟର ସ୍ଥୂଳ କର୍ମସବୁକୁ ସଂଯତ କରିବା । ସ୍ୱତଃସ୍ଫୂର୍ତ୍ତଭାବେ ଅଭୀପ୍ସା, ସମର୍ପଣ ଭାବ ନ ଆସିବା ପର୍ଯ୍ୟନ୍ତ ସାଧକକୁ ସାଧନା ଏବଂ ଦିନଚର୍ଯ୍ୟାଗୁଡ଼ିକ କଠୋର ନିୟମ ସହ ପାଳନ କରିବାକୁ ହେବ ଏବଂ ନିର୍ମମ ଭାବେ ଇନ୍ଦ୍ରିୟର ବାହ୍ୟ ବିଷୟରୁ ସଂଶୟ, ସନ୍ଦେହ ଏବଂ ଅବିଶ୍ୱାସରୁ ମୁକ୍ତ ହେବାକୁ ହେବ । ମା'ଙ୍କର କୃପା ସର୍ବଦା ସାଧକକୁ ରକ୍ଷା କରିବା ସକାଶେ ତା' ସଙ୍ଗେ ସଙ୍ଗେ ଛାୟା ସଦୃଶ ଥାଏ । ସାଧକ ଚାହିଁବା ମାତ୍ରେ ତାକୁ ସାହାଯ୍ୟ କରେ । ସାଧକର କଠୋର ଯମ, ନିୟମ ପଶ୍ଚାତରେ ଥାଏ ମା'ଙ୍କ ପ୍ରତି ତା' ସତ୍ତାର ଉନ୍ମୁକ୍ତତା । ତା'ରି ଏଇ ଉନ୍ମୁକ୍ତତା ମଧ ଦେଇ ମା' ସାଧକ ମଧରେ କ୍ରିୟା କରି ଲକ୍ଷ୍ୟ ଆଡ଼କୁ ନେଇଯାଆନ୍ତି ।

ଶ୍ରୀମାଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତ୍ତାରି ଆଣିଛନ୍ତି; ସେହି ଶକ୍ତି ବର୍ତ୍ତମାନ ମା'ଙ୍କ ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଅଛି । ବ୍ୟକ୍ତି କୌଣସି ଅବସ୍ଥାରେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇପାରିଲେ ମା' ତା'ର ସମସ୍ତ ବାଧାବିପତ୍ତି ଦୂର କରି ଲକ୍ଷ୍ୟପ୍ରାପ୍ତି କରାଇ ଦିଅନ୍ତି । ଏହି ଅବସ୍ଥାରେ ବ୍ୟକ୍ତି ଯଦି କଠୋର ନିୟମ ଏବଂ ବାହ୍ୟ ସଂଯମ ନରଖେ, ମା'ଙ୍କ ପ୍ରତି ଉନ୍ମୁକ୍ତ ନହୁଏ, ତେବେ ସେ ଯୋଗମାର୍ଗରୁ ଦୂର ହୋଇଯାଏ; ତା' ଜୀବନ ଦୁଃଖ-ଯାତନାମୟ ହୁଏ । ଯେଉଁ ସାଧକମାନଙ୍କ ସତ୍ତା ଭଗବାନଙ୍କ ପ୍ରତି ଉନ୍ମୁକ୍ତ ହୋଇଥାଏ, ଅଭୀପ୍ସା ସ୍ୱତଃସ୍ଫୂର୍ତ୍ତ ଭାବେ ଊର୍ଦ୍ଧ୍ୱକୁ ଗତି କରୁଥାଏ, ସମର୍ପଣ-ଭାବ ଯୋଗୁଁ ସାଧକର ମା'ଙ୍କ ପ୍ରତି ଭକ୍ତି ଓ ପ୍ରେମ ଉତ୍ପନ୍ନ ହୋଇଥାଏ, ସେମାନଙ୍କ ସାଧନା ସ୍ୱତଃସ୍ଫୂର୍ତ୍ତ ଭାବେ ସବୁ ସମୟରେ ଚାଲିଥାଏ । ଯେଉଁ ସାଧକମାନଙ୍କର ଏହି ଅବସ୍ଥା ପ୍ରାପ୍ତ ନ ହୋଇଥାଏ, ସେମାନଙ୍କର ନିୟମିତ ରୂପେ ନିର୍ଦ୍ଧାରିତ ସମୟରେ ବିଶ୍ରାମ କରିବା, ନିଦ୍ରାରୁ ଜାଗ୍ରତ୍ ହେବା, ଠିକ୍ ସମୟରେ ଭୋଜନ ତଥା ବ୍ୟାୟାମ, କର୍ମ ଏବଂ ଧ୍ୟାନ କରିବା, ଅଧ୍ୟାତ୍ମ ଗ୍ରନ୍ଥ ଅଧ୍ୟୟନ କରିବା ଉଚିତ । ଦିନଚର୍ଯ୍ୟାର ସମୟ ଏପରି ଭାବେ ନିର୍ଦ୍ଧାରିତ କରିବାକୁ ହେବ ଯେଉଁଥିରେ ବସି ରହିବା କିଂବା ଅନ୍ୟ ସଙ୍ଗେ ଗପ କରି ସମୟ ନଷ୍ଟ କରିବାକୁ ନହୁଏ । ଏହା ସଙ୍ଗେ ସଙ୍ଗେ ନିରନ୍ତର ମା'ଙ୍କୁ ସ୍ମରଣ, ମା'ଙ୍କୁ ସମର୍ପଣ ତଥା ପ୍ରତିକୂଳ ଗତିବୃତ୍ତିର ତ୍ୟାଗ କରିବାକୁ ହୁଏ । ଏହି ଦିନଚର୍ଯ୍ୟାର ଅର୍ଥ କଠୋର ନିୟମ ତଥା ସଂଯମ ସ୍ୱତଃସ୍ଫୂର୍ତ୍ତ ଭାବେ ଉତ୍ସାହରେ ସାଧନା ନହେବା ପର୍ଯ୍ୟନ୍ତ ଏହାକୁ ଜବରଦସ୍ତି ନିୟମ ଦ୍ୱାରା କରିବାକୁ ହୁଏ । ସାଧନାର ପ୍ରଥମାବସ୍ଥାରେ ଏହା ଅନିବାର୍ଯ୍ୟ ରୂପେ ଆବଶ୍ୟକ ।

କଠୋର ଯମ, ନିୟମ ଶ୍ରୀଅରବିନ୍ଦଙ୍କ ଯୋଗର ସାଧନା ପ୍ରଣାଳୀ ନୁହେଁ; ସାଧନାର ପ୍ରଣାଳୀ ଅଭୀପ୍ସା ଏବଂ ସମର୍ପଣ । ନିମ୍ନରୁ ଆତ୍ମା ଅଭୀପ୍ସା କରେ, ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତି ଅବତରଣ କରି ରୂପାନ୍ତର ସାଧନା କରେ । ବ୍ୟକ୍ତିର ମନ-ପ୍ରାଣ ରୂପାନ୍ତର ହେଲେ ବାସନା-କାମନାର ସ୍ଥାନ ରହେ ନାହିଁ ।

ସମସ୍ତ ପ୍ରତିକୂଳ ବସ୍ତୁ ହୁଏ ଭଗବାନଙ୍କର ଅଭିବ୍ୟକ୍ତିର ଆଧାର । କେବଳ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ଯେଉଁମାନଙ୍କର ବାସନା-କାମନା, ସନ୍ଦେହ-ଅବିଶ୍ୱାସ ଥାଏ ସେମାନଙ୍କୁ ଅଭୀପ୍ସା ତଥା ଭଗବତ୍ ବିଶ୍ୱାସ ଉପୂନ୍ନ ହେବା ପର୍ଯ୍ୟନ୍ତ କିଛିଦିନ ସକାଶେ କଠୋର ଯମ, ନିୟମ ପାଳନ କରିବାକୁ ହୁଏ – ଏହି ଶ୍ରେଣୀର ଭକ୍ତ ଗାର୍ହସ୍ଥ୍ୟାଶ୍ରମରେ ଥା'ନ୍ତୁ ଅଥବା ସଂସାର ତ୍ୟାଗ କରି ସାଧନାରେ ପ୍ରବୃତ୍ତ ହୋଇଥା'ନ୍ତୁ । ଉପରୋକ୍ତ ଅବସ୍ଥାରେ ଉଭୟ ପ୍ରକାର ସାଧକର କଠୋର ନିୟମ, ସଂଯମ ରହିବା ଉଚିତ ।

"Certainly the path of Integral Yoga is not an easy one. To conquer the Divine is a difficult task – but with sincerity and perserverance one is sure to succeed."

– Sri Aurobindo

ଅର୍ଥାତ୍, ''ପ୍ରକୃତରେ ପୂର୍ଣ୍ଣଯୋଗର ପଥ ସହଜ ନୁହେଁ । ଭଗବାନଙ୍କୁ ପ୍ରାପ୍ତ କରିବା ଯଦ୍ୟପି କଠିନ କାର୍ଯ୍ୟ – ତଥାପି ନିଷ୍ଠା ଏବଂ ଦୃଢ଼-ପ୍ରଯତ୍ନ ଦ୍ୱାରା ସଫଳତା ପ୍ରାପ୍ତ ହେବା ସୁନିଶ୍ଚିତ ।''

– ଶ୍ରୀଅରବିନ୍ଦ


(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୫୮୩ - ୫୮୬)

❑❑❑

## ପ୍ରାପ୍ତି ସ୍ୱୀକାର

ଶ୍ରୀମଦ୍‌ଭଗବଦ୍‌ଗୀତାର ବ୍ୟାଖ୍ୟାନ ବହୁଳ ଭାବରେ ହୋଇ ଥିଲେହେଁ, ଏହାର ପୁନଃ ବ୍ୟାଖ୍ୟାନ ଯେ ଅନାବଶ୍ୟକ ନୁହେଁ – ଏକଥା ଶ୍ରୀଅରବିନ୍ଦଙ୍କ ଦ୍ୱାରା ସ୍ୱୀକୃତ । ପୁନଶ୍ଚ ଏକଥା ମଧ୍ୟ ସତ୍ୟ ଯେ ଆଧ୍ୟାତ୍ମିକ ମାର୍ଗ-ଦର୍ଶନ ନିମନ୍ତେ ଶ୍ରୀଅରବିନ୍ଦଙ୍କ ରଚିତ ''ଗୀତା ନିବନ୍ଧମାଳା'' (Essays on The Gita) ମୂଳ ଗୀତା ଗ୍ରନ୍ଥର ଗତାନୁଗତିକ ବ୍ୟାଖ୍ୟା ଠାରୁ ସମ୍ପୂର୍ଣ୍ଣ ନୂତନ ଓ ଅତୁଳନୀୟ ।

ଡକ୍‌ଟର ଶରତ ଚନ୍ଦ୍ର ରଥଙ୍କ ଦ୍ୱାରା ରଚିତ ''ଶ୍ରୀଅରବିନ୍ଦଙ୍କ ଗୀତା ନିବନ୍ଧମାଳା : ଏକ ଅନୁଶୀଳନ'' ପୁସ୍ତକଟି ଉକ୍ତ ପୁସ୍ତକର ଏକ ସରଳ ଉପସ୍ଥାପନା ମାତ୍ର, ଯହିଁରେ ପ୍ରତିଟି ଅଧ୍ୟାୟର ମୌଳିକତାକୁ ଅତୁଟ ରଖିବାର ପ୍ରୟାସ ସ୍ୱାଗତଯୋଗ୍ୟ ।




୪୫୬ ପୃଷ୍ଠା ବିଶିଷ୍ଟ ପୁସ୍ତକଟି କଟକସ୍ଥିତ ଶ୍ରୀଅରବିନ୍ଦ ୟୁନିଭର୍ସିଟି ପବ୍ଲିକେଶନ ଦ୍ୱାରା ପ୍ରକାଶିତ । ପୁସ୍ତକର ମୂଲ୍ୟ **୩୦୦** ଟଙ୍କା ମାତ୍ର ।

ପୁସ୍ତକଟିର ପ୍ରାପ୍ତିସ୍ଥାନ :

ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ, ଓଡ଼ିଶା - ୭୫୩ ୦୧୩

ଯୋଗାଯୋଗ : ଡକ୍‌ଟର ଶରତ ଚନ୍ଦ୍ର ରଥ, ମୋବାଇଲ ନଂ. : ୯୪୩୭୭୫୬୨୪୦

# ମା' ଆପଣ ଏମିତି କହିଛନ୍ତି ...

## (୨)

## ହୁତା ହିନ୍ଦୋଚା

[ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଉଛି। — ସମ୍ପାଦନା]

ମୁଁ ବୁଝିପାରେ ନାହିଁ ଲୋକମାନେ କାହିଁକି ଗୋଟିଏ ବା ଅନ୍ୟ ପ୍ରକାରର ଜୀବନ ବଞ୍ଚିବା ପାଇଁ ଆସକ୍ତ ହୋଇ ରହନ୍ତି। ସେମାନେ ଯେତେବେଳେ ଯୋଗ କରିବାକୁ ଚାହୁଁଛନ୍ତି, ସେସବୁ ସମ୍ପର୍କରେ ସେମାନେ କିଛି ପ୍ରାଧାନ୍ୟ ଦେବା ଉଚିତ ନୁହେଁ। ଏହା ଏକେବାରେ ସତ୍ୟ ଯେ ପ୍ରତ୍ୟେକଙ୍କର ଭିନ୍ନ ଭିନ୍ନ ରୁଚି ଏବଂ ନିଜସ୍ୱ ପଥ ରହିଛି। ସେହି ଅନୁସାରେ ପ୍ରତ୍ୟେକଙ୍କ ପାଇଁ ଯାହା ସମ୍ଭବ ତାହା ମୁଁ କରୁଛି।

୨୭.୪.୫୬

ତୁମେ ଯେତେବେଳେ ଶୋଇଥାଅ ସେହି ନିଦ୍ରାବସ୍ଥାରେହିଁ ମସ୍ତିଷ୍କର କୋଷଗୁଡ଼ିକର ବିକାଶ ଘଟିଥାଏ, ତୁମେ ଯେତେବେଳେ ସକ୍ରିୟ ଭାବେ ଚିନ୍ତା କର ସେତେବେଳେ ନୁହେଁ।

ତୁମେ ଯଦି ଆଧ୍ୟାତ୍ମିକ ପୁସ୍ତକ ପଢ଼ ଏବଂ ଶୋଇଯାଅ, ସେହି ସମୟରେ ମସ୍ତିଷ୍କର କୋଷଗୁଡ଼ିକରେ ମୁଁ କାର୍ଯ୍ୟ କରିବା ଆରମ୍ଭ କରେ, ଯେଉଁ ପୁସ୍ତକ ତୁମେ ପୂର୍ବରୁ ପଢ଼ିଥାଅ କିଛି ସମୟ ପରେ ତାହା ତୁମେ ସୁନ୍ଦର ଓ ସ୍ପଷ୍ଟ ଭାବରେ ବୁଝିପାର।

୧୮.୫.୫୬

ଧରାଯାଉ ଗୋଟିଏ ଘର ଅଛି ଏବଂ ସେହି ଘରେ ମାଧୁର୍ଯ୍ୟ, ଜ୍ୟୋତିଃ ଏବଂ ଶାନ୍ତି ରହିଛି। ମାତ୍ର ସେମାନେ ମିଥ୍ୟାର ଆବରଣ ଦ୍ୱାରା ଆବୃତ ହୋଇ ରହିଛନ୍ତି। ବର୍ତ୍ତମାନ ତୁମେ ଯଦି ସେହି ଘରର ବାହାରକୁ ଯିବା ପାଇଁ ପାଦ ବଢ଼ାଅ ଏବଂ ତୁମ ପଛରେ ଥିବା ଦ୍ୱାରଟିକୁ ବନ୍ଦ କରିଦିଅ, ତେବେ ଏକ ଖରାପ ସ୍ପନ୍ଦନ ତୁମ ହୃଦୟ ମଧ୍ୟକୁ ପ୍ରବେଶ କରିବ ଏବଂ ତୁମେ ଏହାରି ମଧ୍ୟରେ ନିଜକୁ ଅସୁରକ୍ଷିତ ଏବଂ ଅସ୍ୱସ୍ତି ମନେ କରିବ। ନିମ୍ନ ଶକ୍ତିଗୁଡ଼ିକର ବିଭିନ୍ନ ପ୍ରକାରର ସ୍ପନ୍ଦନ ବା ପ୍ରଭାବ ରହିଛି।

ପ୍ରତିକୂଳ ଶକ୍ତିମାନଙ୍କ କବଳରୁ ରକ୍ଷା ପାଇବା ନିମିତ୍ତ ତୁମେ କେବଳ ଏହା କରିପାରିବ : ତତ୍‌କ୍ଷଣାତ୍ ପଛକୁ ପାଦ ଫେରାଇବ ଏବଂ ପୁନଃ ପ୍ରବେଶ କରିବ ତୁମର ଗୃହ ମଧ୍ୟକୁ — ହୃଦୟ ମଧ୍ୟକୁ। ଫଳରେ ତୁମର ପ୍ରକୃତ ସତ୍ତାକୁ କେହି ବି ସ୍ପର୍ଶ କରି ପାରିବେ ନାହିଁ କି ହଇରାଣ କରି ପାରିବେ ନାହିଁ। ଗୃହ ମଧ୍ୟକୁ ପ୍ରବେଶ କରିବା ପରେ ତୁମେ ନୀରବ ରହି ଭଗବାନଙ୍କୁ ଡାକିବା ଆବଶ୍ୟକ। ତା'ପରେ ତୁମେ ନିଶ୍ଚୟ ଦିବ୍ୟ ପ୍ରେମ ଓ ମାଧୁର୍ଯ୍ୟର ଏକ ଅନୁଭୂତି ଲାଭ କରିପାରିବ। ତୁମେ ଅନୁଭବ କରିବ ଯେ ପ୍ରଭୁ ତୁମକୁ ତାଙ୍କର ବାହୁରେ ତୋଳି ଧରିଛନ୍ତି। ଏହିପରି ତୁମେ ତୁମ ଜୀବନର ସୁଖମୟ ମୁହୂର୍ତ୍ତଗୁଡ଼ିକ ପାଇ ପାରିବ। ବହୁପଥମାନଙ୍କ ମଧ୍ୟରୁ ଏହା ଗୋଟିଏ। ତୁମେ ଯଦି ଏହାକୁ ପାଳନ କର, ନିମ୍ନ ଶକ୍ତିଗୁଡ଼ିକ ସମ୍ପର୍କରେ ତୁମେ ଆଉ ବିବ୍ରତ ହେବ ନାହିଁ। ଏଥିପାଇଁ ଅନେକ ସମୟ ବ୍ୟୟ କରି ଏକାଗ୍ର ହେବା ଆବଶ୍ୟକ ନାହିଁ। କିନ୍ତୁ ଏହା ଗୋଟିଏ ସୁନ୍ଦର ପରୀକ୍ଷା — ଏହା ମସ୍ତିଷ୍କର କାର୍ଯ୍ୟ ନୁହେଁ, ଏକ ବୁଦ୍ଧିଗତ ବିଷୟ ନୁହେଁ। ଯଦି ତୁମେ ତୁମର ହୃଦୟ ମଧ୍ୟକୁ ପ୍ରବେଶ କରିବ, ତୁମେ ସବୁକିଛି ପାଇ ପାରିବ, କାରଣ ସବୁକିଛି ସେହିଠାରେ ଅଛି। ତୁମେ ଏକାକୀତ୍ୱ ଅନୁଭବ କରିବ ନାହିଁ; ତୁମେ ସର୍ବଦା ଭଗବାନଙ୍କ ଉପସ୍ଥିତି ଅନୁଭବ କରିବ।

ଯଦି ତୁମ ଭିତରେ କିଛି ଅଦରକାରୀ ଏବଂ ନିମ୍ନ

ପ୍ରକୃତିଗତ ବସ୍ତୁ ନଥାଏ, ତୁମେ ପ୍ରଭୁଙ୍କର ଜ୍ୟୋତିଃ ଓ ଉପସ୍ଥିତିକୁ ଅନୁଭବ କରିପାରିବ । ଅବଶ୍ୟ ସତ୍ୟକୁ ପ୍ରାପ୍ତ କରିବା ପାଇଁ ସମୟ ଲାଗିବ । ପ୍ରଥମେ ଆସିବ ଶାନ୍ତି, ତା'ପରେ ଜ୍ୟୋତିଃ ଏବଂ ଶେଷରେ ଶକ୍ତି । କେବଳ ପ୍ରଶାନ୍ତି ଭିତରେହିଁ ତୁମେ ସବୁକିଛି ଅନୁଭବ କରି ପାରିବ ।

୧୮.୫.୫୬

ପ୍ରକୃତପକ୍ଷେ ମୁଁ ମୋର ସୂକ୍ଷ୍ମ ଶରୀରରେ ସମସ୍ତଙ୍କ ପାଖକୁ ରାତ୍ରିରେ ଯାଉଛି, ସେମାନେ ସଚେତନ ଥାଆନ୍ତୁ କି ନ ଥାଆନ୍ତୁ ମୁଁ ମୋର ଶକ୍ତିର ଚାପ ସେମାନଙ୍କ ଉପରେ ପକାଉଛି ଏବଂ କାର୍ଯ୍ୟ ହେଉଛି । ନିଶ୍ଚିତଭାବେ ଏହାର ଏକ ପ୍ରଭାବ ରହିଛି । ଯଦି ସେମାନେ ମୋର ଉପସ୍ଥିତି ଓ ଶକ୍ତି ସମ୍ପର୍କରେ ସଚେତନ ହୁଅନ୍ତି, ସ୍ୱାଭାବିକଭାବେ ସେମାନେ ଅଧିକ ଆନନ୍ଦ ଲାଭ କରି ପାରିବେ ।

୨୩.୫.୫୬

ଯଦି ଲୋକମାନେ ଭଗବାନଙ୍କୁ ଆବଶ୍ୟକ କରନ୍ତି ନାହିଁ, ତେବେ ନିଃସନ୍ଦେହରେ ସେମାନଙ୍କ ସହିତ ମୋର କିଛି ଯୋଗସୂତ୍ର ନଥାଏ – ସେମାନଙ୍କର ଯାହା ଇଚ୍ଛା କରିପାରନ୍ତି । କିନ୍ତୁ ଯେଉଁମାନେ ଭଗବାନଙ୍କୁ ଚାହାଁନ୍ତି ସେମାନଙ୍କର ଦିବ୍ୟ ଇଚ୍ଛା ବିପକ୍ଷରେ କିଛି ନିଜସ୍ୱ ଇଚ୍ଛା ରହିବା ଉଚିତ ନୁହେଁ । ସେମାନଙ୍କ ଠାରେ କୌଣସି ନିମ୍ନ ପ୍ରବୃତ୍ତିର ଉପାଦାନ – ଅସଦିଚ୍ଛା ଏବଂ ମନ୍ଦ ପ୍ରକୃତି ମଧ୍ୟ ରହିବା ଅନୁଚିତ – ସେମାନେ ସମ୍ପୂର୍ଣ୍ଣ ଭାବେ କେବଳ ଭଗବାନଙ୍କୁ ସମର୍ପିତ ହେବା ଉଚିତ ।

୨୬.୫.୫୬

ତୁମେ ଯେତେବେଳେ ଭଗବାନଙ୍କୁ ପୂର୍ଣ୍ଣଭାବରେ ସମର୍ପଣ କରିବ ସେତେବେଳେ ସମସ୍ତ ପ୍ରକାର ବାଧାବିପତ୍ତିରୁ ମୁକ୍ତ ହୋଇ ପାରିବ । ମୁଁ ଜାଣେ ବହୁତ ଲୋକ ସେମାନଙ୍କ ଅତୀତ ଜୀବନକୁ ମନେ ପକାନ୍ତି ଏବଂ ପୁରୁଣା ଅଭ୍ୟାସସବୁକୁ ଧରିରଖିଥା'ନ୍ତି ଏବଂ ସେମାନେ ଅସୁଖୀ ହୋଇଥା'ନ୍ତି । ମାତ୍ର ଅପରପକ୍ଷରେ ସେମାନଙ୍କର ସମସ୍ତ ଚିନ୍ତା ଓ ଅନୁଭବକୁ ଭଗବାନଙ୍କ ଉପରେ ଛାଡ଼ି ଦେବା ଉଚିତ । ସେ (ଭଗବାନ୍) ଯାହା ଇଚ୍ଛା କରନ୍ତି ତାହାହିଁ ହେଉ । ସେ ସେମାନଙ୍କୁ ଯାହା ହେବାକୁ ଚାହାଁନ୍ତି, ସେମାନେ ତାହାହିଁ ହୁଅନ୍ତୁ । ଭଗବାନଙ୍କ ନିକଟରୁ ସୁଖ ଅବା ଦୁଃଖ, ଆନନ୍ଦ ଅବା ନିରାନନ୍ଦ ଯାହାବି ଆସୁ ଲୋକମାନେ ବୁଝିବା ଉଚିତ ଯେ ତାଙ୍କର ଇଚ୍ଛା ଓ କାର୍ଯ୍ୟ ପଶ୍ଚାତରେ କିଛି ଉଦ୍ଦେଶ୍ୟ ନିହିତ ରହିଛି । ତେଣୁ ସେମାନେ ଏଗୁଡ଼ିକୁ ପୂର୍ଣ୍ଣଭାବେ ଗ୍ରହଣ କରିବା ଉଚିତ ଏବଂ ଭଗବାନଙ୍କ ବିରୋଧରେ ବିଦ୍ରୋହ କରିବା ଉଚିତ ନୁହେଁ । ଯଦି ଏପରି ହୋଇପାରିବ ତେବେ ସେମାନେ ନିଶ୍ଚିତଭାବେ ପ୍ରଗତି କରି ପାରିବେ ।

ସେମାନେ ଯଦି ଶାନ୍ତି ଓ ଦିବ୍ୟ ଆନନ୍ଦ ପାଇବାକୁ ଚାହାଁନ୍ତି, ତେବେ ସେମାନେ ସତ୍ୟ ନିକଟରେ ପୂର୍ଣ୍ଣ ସମର୍ପଣ କରିବା ଉଚିତ । ବାସ୍ତବରେ ଏହା ଏକ ସହଜସାଧ୍ୟ କାର୍ଯ୍ୟ ନୁହେଁ, କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ସମ୍ଭବ । ଏବଂ ଏଥିପାଇଁ ମୋର ସାହାଯ୍ୟ ସର୍ବଦା ରହିଛି । କିନ୍ତୁ ସେମାନଙ୍କ ମନରେ କୌଣସି ବିରୋଧୋକ୍ତି ରହିବା ଉଚିତ ନୁହେଁ – ସେମାନେ ଭଗବାନଙ୍କୁ ଚାହିଁବେ ଏବଂ ସେହି ଏକ ସମୟରେ ଅନ୍ୟ ଜିନିଷ ଚାହିଁବେ । ଏହା ଦୁଇଟି ନାବରେ ପାଦ ରଖିବା ଭଳି – ଗୋଟିଏ ପାଦ ଏ ପାଖରେ, ଅନ୍ୟ ଗୋଟିକ ସେ ପାଖରେ ରଖିଲେ ଲକ୍ଷ୍ୟରେ ପହଞ୍ଚିବା ଅସମ୍ଭବ । ଏପରି କଲେ ସେମାନଙ୍କ ଜୀବନ ସ୍ୱାଭାବିକ ଭାବରେ ଯନ୍ତ୍ରଣାଦାୟକ ହୋଇଉଠିବ । ଅଧିକନ୍ତୁ, ସେମାନଙ୍କର ଅନ୍ୟ କୌଣସି ପ୍ରତି କିଂବା ପରିବାର ପ୍ରତି ଆସକ୍ତି ରହିବା ମଧ୍ୟ ଉଚିତ ନୁହେଁ ।

ସବୁବେଳେ ଦୁଇଟି ମାର୍ଗ ଅଛି – ଗୋଟିଏ ସତ୍ୟ ଆଡ଼କୁ ଲମ୍ୱିଛି, ଅନ୍ୟଟି ଯାଇଛି ମିଥ୍ୟା ଓ ପାର୍ଥିବ ସୁଖ ଆଡ଼କୁ, ଯାହାକି କୌଣସି ଦିଗରେ ନେଇପାରିବ ନାହିଁ । ସର୍ବୋତ୍ତମ ପନ୍ଥା ହେଲା ପରିପୂର୍ଣ୍ଣ ସମର୍ପଣ । ଯଦି ବିଭିନ୍ନ ପ୍ରକାରର ଶକ୍ତି ଆସି ତୁମକୁ ଆନ୍ଦୋଳିତ କରେ, ତୁମେ ତୁମ ହୃଦୟ ମଧ୍ୟକୁ ପ୍ରବେଶ କର ଏବଂ ତୁମ ନିଜକୁ ପଚାର – 'ସେଗୁଡ଼ିକ ଭଲ କି ମନ୍ଦ' । ଏବଂ ତୁମ ହୃଦୟ ଉତ୍ତର ଦେବ 'ହଁ' କିଂବା 'ନା' । କେବଳ ତା'ପରେହିଁ ତୁମେ ଆଗକୁ ଯାଇ ପାରିବ । ବିଭ୍ରାନ୍ତକାରୀ ଶକ୍ତିଗୁଡ଼ିକ ଉପରେ ତୁମକୁ ଦୃଢ଼ ଇଚ୍ଛାଶକ୍ତି ପ୍ରୟୋଗ କରିବାକୁ ପଡ଼ିବ ଏବଂ ତୁମ ମନରୁ ସେଗୁଡ଼ିକୁ ବାହାର କରି ଦେବାକୁ ହେବ । ତୁମେ ଯଦି ଏହା କରି ପାରୁ ନାହଁ, ତେବେ ସର୍ବଦା ଭଗବାନଙ୍କୁ ଡାକ ଏବଂ ଭଗବାନ୍ ସେ ସମସ୍ତ ନିମ୍ନ ଶକ୍ତିଗୁଡ଼ିକୁ ଅପସାରିତ କରିଦେବେ ।

ଏଥିରୁ ଏହା ବୁଝାପଡୁଛି ଯେ ଯଦି ସେମାନେ (ଲୋକମାନେ) ହୃଦୟରେ ଆନନ୍ଦ ଅନୁଭବ କରୁଥା'ନ୍ତି ତେବେ ଭଲ ବା ମନ୍ଦ ଯାହା ବି ଘଟୁ ସେମାନେ କିଛି ମନେ କରନ୍ତି ନାହିଁ । ମାତ୍ର ଯେତେବେଳେ ଭୁଲ୍ ଜିନିଷସବୁ ସେମାନଙ୍କ ପ୍ରକୃତି ଭିତରୁ ବାହାରି ପ୍ରଭାବ ବିସ୍ତାର କରନ୍ତି, ତେବେ ଏହା ନିଶ୍ଚିତ

ଯେ ସେତେବେଳେ ସେମାନେ ସବୁକିଛି ବିପର୍ଯ୍ୟସ୍ତ ବା ଓଲଟପାଲଟ ହେବାର ଅନୁଭବ କରନ୍ତି । ଯଦିଓ ବାସ୍ତବରେ ଏହି ଶକ୍ତିଗୁଡ଼ିକ ସେମାନଙ୍କର ନିଜ ପ୍ରକୃତିରେ ଲୁଚି ରହିଥା'ନ୍ତି ।

ତୁମର ଚେତନାକୁ ସ୍ଥିର ଓ ଶୃଙ୍ଖଳିତ କରି ରଖିବା କିଛିଟା କଷ୍ଟକର । ତୁମେ ଯଦି ସତ୍ୟ ଆଡ଼କୁ ଉନ୍ମୁଖ ହୋଇ ରହିଥାଅ ଏବଂ ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରୁଥାଅ ତେବେ ତୁମ ଚେତନାକୁ ଦୃଢ଼ ଏବଂ ଶୃଙ୍ଖଳିତ ରଖିବା ପାଇଁ ଏହା ସାହାଯ୍ୟ କରିବ । ଯଦିଚ ତୁମ ସତ୍ତାର ଅନେକ ଅଂଶ ରହିଛି, ସେମାନଙ୍କ ମଧ୍ୟରୁ କିଛି ଯେତେବେଳେ ଦିବ୍ୟ ଆଲୋକ ସମ୍ମୁଖକୁ ଆସନ୍ତି ତୁମେ ଆନନ୍ଦ ଅନୁଭବ କର ଏବଂ ଭଗବାନଙ୍କ ପ୍ରତି ତୁମର ପ୍ରେମ ଓ ଭକ୍ତି ନିବେଦନ କର । ଏହାର ଅର୍ଥ ଏହା ଯେ ସତ୍ତାର ଏହି ଅଂଶଗୁଡ଼ିକ ଚୈତ୍ୟସତ୍ତାର ପ୍ରଭାବ ମଧ୍ୟକୁ ଆସି ଯାଇଛି । କିନ୍ତୁ ବାସ୍ତବରେ ଏଗୁଡ଼ିକ ସର୍ବଦା ଏହି ଅବସ୍ଥାରେ ରହିବେ ନାହିଁ ଏବଂ ସେମାନେ ପରିବର୍ତ୍ତିତ ହେଉଛନ୍ତି ଏବଂ ଚକ୍ରାକାରରେ ଗତି କରୁଛନ୍ତି ।

ପ୍ରାୟଶଃ ତୁମର ଚେତନାକୁ ଆୟତ୍ତ କରିବା ପାଇଁ ବିରୋଧୀ ଶକ୍ତିଗୁଡ଼ିକ ବାରଂବାର ତୁମ ଭିତରକୁ ପଶି ଆସନ୍ତି ଏବଂ ନାନା ଭ୍ରାନ୍ତି ପ୍ରସ୍ତାବମାନ ତୁମ ଚେତନା ମଧ୍ୟକୁ ପ୍ରବେଶ କରାନ୍ତି । ସେସବୁ ସତ୍ୟ କି ମିଥ୍ୟା ପରୀକ୍ଷା କରିବା ପାଇଁ ତତ୍‌କ୍ଷଣାତ୍ ତୁମେ ସେଗୁଡ଼ିକୁ ଦିବ୍ୟ ଆଲୋକ ସମ୍ମୁଖକୁ ଆଣ । ଯଦି ସେଗୁଡ଼ିକ ମିଥ୍ୟା, ତେବେ ମିଥ୍ୟାଚାରକୁ ପ୍ରତ୍ୟାଖ୍ୟାନ କର; ଅବିରତ ଆସ୍ପୃହା ସହ କେବଳ ସତ୍ୟକୁ ଗ୍ରହଣ କର, ଭଗବତ୍ ଶକ୍ତିକୁ ସ୍ମରଣ କର ଏବଂ ତାଙ୍କ ସାହାଯ୍ୟକୁ ଆବାହନ କର । ବିରୋଧୀଶକ୍ତିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ତୁମେ ଯଦି ଏପରି କର ତେବେ ନିଶ୍ଚିତ ଭାବରେ ସେମାନେ ପୁନର୍ବାର ଆସିବେ ନାହିଁ ଏବଂ ତୁମେ ସତ୍ୟକୁ ଉପଲବ୍ଧି କରି ପାରିବ ।

ଥରେ ତୁମ ଚେତନା ନିମ୍ନଗାମୀ ହେଲେ ପୁଣି ତୁମକୁ ମୂଳରୁ ଆରମ୍ଭ କରିବାକୁ ପଡ଼ିବ । ଫଳରେ ତୁମେ ତୁମ ଲକ୍ଷ୍ୟରେ ଶୀଘ୍ର ପହଞ୍ଚି ପାରିବ ନାହିଁ, ଏବଂ ନିଶ୍ଚିତଭାବେ ବାରଂବାର ତୁମେ ଏକା ସ୍ଥିତିରେ ଏବଂ ଦୁଃଖ ଭିତରେ ରହିବ ।

ସମର୍ପଣ କର ... ନିଶ୍ଚିତ ରୂପେ ଭଗବାନଙ୍କ ନିକଟରେ ଉତ୍ସର୍ଗୀକୃତ ହୁଅ ଏବଂ ତାଙ୍କ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କର । ସହଯୋଗ ବିନା ଭଗବତ୍ କାର୍ଯ୍ୟ ହୋଇ ପାରିବ ନାହିଁ । ତୁମର ପ୍ରକୃତି ପୁରୁଣା ଅଭ୍ୟାସ ଓ କାମନାଗୁଡ଼ିକୁ ଧରି ରଖିବାକୁ ଚାହେଁ ଏବଂ ନୂତନ କିଛିକୁ ବିରୋଧ କରେ । ଭଗବତ୍ କାର୍ଯ୍ୟ ପାଇଁ ଏହା ବାଧକ ଅଟେ । ଏଭଳି କାର୍ଯ୍ୟକୁ ସ୍ଥାନ ଦେବା ଉଚିତ ନୁହେଁ । ତୁମେ ଯଦି ଭଗବତ୍ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗୀ ହୁଅ, ତୁମେ ଖୁବ୍ ଦ୍ରୁତ ଅଗ୍ରଗତି କରିବ ।

ଲୋକମାନେ ଏଠାରୁ (ଆଶ୍ରମରୁ) ଚାଲିଯାଇ ଯଦି ସାଧାରଣ ଜୀବନ ଯାପନ କରିବାକୁ ଆରମ୍ଭ କରନ୍ତି, ବାସ୍ତବରେ ସେମାନେ କିଛି ବି ଲାଭ କରନ୍ତି ନାହିଁ ଏବଂ ସେମାନଙ୍କ ଜୀବନ ଅପ୍ରୀତିକର ହୋଇଉଠେ । ପ୍ରକୃତରେ ସେମାନେ ଏପରି କରନ୍ତୁ ବୋଲି ମୁଁ ଚାହେଁ ନାହିଁ ।

୩୦.୫.୫୬

୩୧.୫.୫୬

ଶୁଭ ସକାଳ

ମୋର ପ୍ରିୟ ଶିଶୁ ସନ୍ତାନକୁ

ମୋର ଆଦରଣୀୟ ହୁତାକୁ

ଗତକାଲି ତୁମକୁ ଯାହା କହିଥିଲି ତା' ଉପରେ ତୁମର ଲିଖିତ ବିବରଣୀଟି ପଠାଉଛି – ଏହା ଖୁବ୍ ଭଲ ଏବଂ ଠିକ୍ ଅଛି – ତୁମେ ଖୁବ୍ ଭଲ ଭାବରେ ମନେ ରଖିଥିଲ ।

ମୋର ପ୍ରେମ, ଶକ୍ତି ଓ ସାହାଯ୍ୟ ଏବଂ ମୋର ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।

ଶ୍ରୀମା

ମଣିଷମାନେ ଏବଂ ସେମାନଙ୍କ ପ୍ରକୃତି ପ୍ରତ୍ୟେକ ସ୍ଥାନରେ ସମାନ । ମୁଁ ସେମାନଙ୍କର ଦୋଷ ଦୁର୍ବଳତା ପ୍ରତି ଦୃଷ୍ଟିପାତ କରୁ ନାହିଁ, ଦୃଷ୍ଟିପାତ କରୁଛି ସେମାନଙ୍କର ସମ୍ଭାବନା ପ୍ରତି । ମୁଁ ଜାଣେ ସେମାନେ ପ୍ରତ୍ୟେକେ ଅଜ୍ଞତାରେ ପରିପୂର୍ଣ୍ଣ । ଏହା ସତ୍ୟ ଯେ ସେମାନଙ୍କୁ ଉନ୍ନତ ଏବଂ ସମ୍ପୂର୍ଣ୍ଣ ଦୋଷଶୂନ୍ୟ କରିବା ପାଇଁ ସମୟ ଲାଗିବ । ନ୍ୟାୟ, ସତ୍ୟ, ଶାନ୍ତି, ଐକ୍ୟ, ଶୃଙ୍ଖଳା – ଏଗୁଡ଼ିକ ଗୋଟିଏ ଦିନରେ ଆସେ ନାହିଁ । ଏହା ସତ୍ତ୍ୱେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ପରିବର୍ତ୍ତନ କରିବା ଆବଶ୍ୟକ । ଏଣୁ ପ୍ରକୃତିର ସମସ୍ତ ତ୍ରୁଟି ଏବଂ ମିଥ୍ୟାଚାର ବାହାରକୁ ଆସି ନିଜକୁ ପ୍ରଦର୍ଶିତ କରୁଛନ୍ତି, – ଦିବ୍ୟ ଚେତନା ସେମାନଙ୍କ ଉପରେ କାର୍ଯ୍ୟ କରିବ ବୋଲି । ଯଦି ପ୍ରତ୍ୟେକ ବ୍ୟକ୍ତି ପୂର୍ଣ୍ଣତା ପ୍ରାପ୍ତ ହୋଇ ଥାଆନ୍ତେ, ତେବେ ମୁଁ କାହିଁକି ପୃଥିବୀକୁ ଆସିଥା'ନ୍ତି ? ମୁଁ ଥାଆନ୍ତି ସ୍ୱର୍ଗରେ ।

ତୁମେ ଏ ଗଳ୍ପଟି ଜାଣ କି ? ଥରେ କିଛି ଲୋକ ଜଣେ ସ୍ତ୍ରୀ ଲୋକକୁ ପାପୀ ବୋଲି କହି ତାକୁ ପଥର ଫିଙ୍ଗୁଥିଲେ ।

ଘଟଣାକ୍ରମେ ଯିଶୁଖ୍ରୀଷ୍ଟ ସେଠାରେ ପହଞ୍ଚିଲେ । ସ୍ତ୍ରୀ ଲୋକଟିକୁ ପଥର ଫିଙ୍ଗିବାର କେଉଁ ଅଧିକାର ସେମାନଙ୍କର ରହିଛି ବୋଲି ସେ ପଚାରିଲେ । ଅଧିକନ୍ତୁ ସେ କହିଲେ, ''ତୁମ୍ଭମାନଙ୍କ ମଧ୍ୟରୁ ଯିଏ ତ୍ରୁଟିଶୂନ୍ୟ, ସେ ପଥରଟିଏ ଉଠାଉ ଏବଂ ସ୍ତ୍ରୀ ଲୋକଟିକୁ ମାରୁ ।'' କେହି ଏପରି କରିବାକୁ ସାହସ କଲେ ନାହିଁ ।

ଏଠାରେ (ଆଶ୍ରମରେ) ଦିବ୍ୟ ଚେତନା ଓ ଶକ୍ତି କାର୍ଯ୍ୟ କରୁଛି । ଲୋକଙ୍କୁ ସବୁକିଛି ଦିଆଯାଇଛି ଏବଂ ସେମାନେ ଯଦି ଏହାର ସଦୁପଯୋଗ ନକରିବେ, ମୁଁ ଜାଣି ପାରୁ ନାହିଁ କ'ଣ କରିବାକୁ ହେବ ଏବଂ କହିବାକୁ ହେବ । ଏଠାରେ ସମସ୍ତେ ଯୋଗୀ ନୁହଁନ୍ତି । ଏହା ସତ୍ତ୍ୱେ ଦିବ୍ୟ କରୁଣା ପ୍ରତ୍ୟେକ ସ୍ଥାନରେ ଏବଂ ବସ୍ତୁରେ ବ୍ୟାପ୍ତ ହୋଇ ରହିଛି; ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଏଠାରେ ରହି ପାରିଛନ୍ତି, ଅନ୍ୟଥା ଜଣେ ବ୍ୟକ୍ତି ବି ଏଠାରେ ରହି ପାରନ୍ତେ ନାହିଁ ।

ଝଡ଼ ସବୁ ସମୟରେ ଆସେ, କିନ୍ତୁ ସେହି ସମୟରେ ଝଡ଼ଟି ଅତିକ୍ରମ କରିଯିବା ପର୍ଯ୍ୟନ୍ତ ଲୋକମାନେ ଶାନ୍ତ ସମାହିତ ରହି ଭଗବାନଙ୍କ ବାହୁ ଛାୟାତଳେ ଆଶ୍ରୟ ନେବା ଆବଶ୍ୟକ ।

୧.୬.୫୬

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

## ଯୁଦ୍ଧଭୂମିରେ ଶ୍ରୀଅରବିନ୍ଦ

'ଗ' ଆଉ ଗୋଟିଏ ଘଟଣା ବିଷୟରେ ବର୍ଣ୍ଣନା କରିଛନ୍ତି ।

''ସିଲଭ୍ୟୁ କ୍ରାସ୍ୟୁନାସ୍''ଙ୍କ ଦ୍ୱାରା ଲିଖିତ ''ଲଷ୍ଟ୍ ଫୁଟ୍‌ଷ୍ଟେପ୍‌ସ'' (Lost Footsteps) ପୁସ୍ତକଟି ଆଶ୍ରମରେ ଉଦ୍ଦୀପନା ସୃଷ୍ଟି କରିଥିଲା । ଏହାର ଲେଖକ ରୁମାନିଆର ଜନୈକ ଉଚ୍ଚପଦସ୍ଥ ଅଧିକାରୀ ୧୯୫୪ ମସିହାରେ କମ୍ୟୁନିଷ୍ଟ ଶାସନ କାଳରେ ବନ୍ଦୀ ଥିବା ଅବସ୍ଥାରେ ଯାହା ଅନୁଭୂତି ଲାଭ କରିଥିଲେ ସେ ସମସ୍ତ ଉକ୍ତ ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ସେହି ସମୟରେ ତାଙ୍କୁ ଏପରି ତୀବ୍ର ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡୁଥିଲା ଯେ ତାଙ୍କର ମନେ ହେଉଥିଲା ଯେପରି କି ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବେ ଏବଂ ଛିନ୍ନଭିନ୍ନ ହୋଇଯିବେ; କିନ୍ତୁ ଠିକ୍ ସେତିକି ବେଳେ ସେ ତାଙ୍କ ସମ୍ମୁଖରେ ସୂକ୍ଷ୍ମ ଦୃଷ୍ଟିରେ ଜନୈକ ଭାରତୀୟ ଋଷିଙ୍କୁ ଦେଖିପାରୁଥିଲେ । ସେହି ଋଷି ତାଙ୍କୁ ଶକ୍ତି ପ୍ରଦାନ କରୁଥିଲେ ଏବଂ ବହୁଦିନଧରି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସାହାଯ୍ୟ କରୁଥିଲେ । ତାଙ୍କ ସଂପର୍କରେ ଜାଣିବାକୁ ଅନୁସନ୍ଧିତ୍ସୁ ହୋଇ ପ୍ରଶ୍ନ କରିବାରୁ ସେ ଉତ୍ତରରେ କହିଥିଲେ, ''ଅରୋବିନ୍ ଡୋଗସ୍'' (Aurobin Dogos – ଯାହା ପ୍ରକୃତରେ ''ଅରବିନ୍ଦ ଘୋଷ' (Aurobindo Ghose) ।

ମା'ଙ୍କ ଦେଖାଶୁଣା କରୁଥିବା ଜନୈକ ସାଧକ ଉକ୍ତ ବିଷୟ ଉଲ୍ଲିଖିତ ଥିବା ଅଧ୍ୟାୟଟି ତାଙ୍କ (ମା'ଙ୍କ) ପାଖରେ ପଢ଼ି ଶୁଣାଇଥିଲେ । ମା' ମନୋଯୋଗ ସହକାରେ ସବୁ ଶୁଣିଲେ ଏବଂ ସେହି ଋଷି ଜଣକ ପ୍ରକୃତରେ ଶ୍ରୀଅରବିନ୍ଦ ବୋଲି ସ୍ୱୀକାର କଲେ । ବିଷୟଟି ବର୍ଣ୍ଣନା କରାଯାଉଥିବା ସମୟରେ ଗୋଟିଏ ସ୍ଥାନରେ ମା ହଠାତ୍ ହାତ ମୁଠା କରି ଟେବୁଲ ଉପରେ ବାଡ଼େଇ ଉଚ୍ଚ ସ୍ୱରରେ କହିଲେ, ''ନିଶ୍ଚୟ ସିଏ ଶ୍ରୀଅରବିନ୍ଦ ।''

ସେହି ଋଷି ଜଣକ ବନ୍ଦୀ ସୈନିକଙ୍କୁ ଯାହା କହିଥିଲେ ସେହି ବିଷୟରୁ ଗୋଟିଏ ଉଦ୍ଧୃତି – ''ମୋ ଶକ୍ତି ଉପରେ ବିଶ୍ୱାସ ରଖ'' (Have faith in my strength) କୁ ମା'ଙ୍କ ଆଗରେ ପଢ଼ାଗଲା । ମା' ତତ୍କ୍ଷଣାତ୍ କହିଲେ, ''କେବଳ ଶ୍ରୀଅରବିନ୍ଦହିଁ ଏପରି କଥା କହିପାରନ୍ତି – ତାଙ୍କ ପାଖରେହିଁ ଏହିପରି ଦୁର୍ଜେୟ ଶକ୍ତି ନିହିତ ଅଛି ।'' ଏଥିରୁ ସୂଚନା ମିଳେ ଯେ ମା ସେହି ସୈନିକଙ୍କର ଅନୁଭୂତିର ବିଶ୍ୱସନୀୟତାକୁ ଦୃଢ଼ତା ପ୍ରଦାନ କରିବା ପାଇଁ ଆଲୋଚ୍ୟ ବିଷୟଟି ଭିତରେ ସ୍ଥାନଟିଏ ଖୋଜୁଥିଲେ ।

(ମାର୍ଚ୍ଚ, ୧୯୯୭ ''ସର୍ଭିସ ଲେଟର୍''ରୁ ସଂଗୃହୀତ) ଅନୁବାଦ : ମହେନ୍ଦ୍ରନାଥ ସ୍ୱାଇଁ ❑

# ନୂତନ ଯୁଗର ଅଭ୍ୟୁଦୟ

## ପ୍ରପତ୍ତି

କେତୋଟି ବିଷୟ ଆମ୍ଭେମାନେ ସର୍ବସାଧାରଣରେ ସ୍ପଷ୍ଟ କରିଦେବାକୁ ଚାହୁଁ ଏବଂ ଏହି ଘଟଣାଗୁଡ଼ିକ ଏପରି ସ୍ପଷ୍ଟ ଏବଂ ପ୍ରତ୍ୟକ୍ଷ ଯେ ଏ ସମ୍ବନ୍ଧରେ ଦ୍ୱିଧା ରଖିବାର କୌଣସି କାରଣ ନାହିଁ ।

ପ୍ରଥମତଃ, ସମଗ୍ର ବିଶ୍ୱ, ସମଗ୍ର ମାନବଜାତି, ପ୍ରତ୍ୟେକ ମନୁଷ୍ୟ, ଏପରିକି ସମଗ୍ର ସୃଷ୍ଟି ଏକ ମହାନ୍, ବିଶାଳ ଏବଂ ଅକଳ୍ପନୀୟ ପରିବର୍ତ୍ତନ ମଧ୍ୟଦେଇ ଗତି କରୁଛି । ଏହି ପରିବର୍ତ୍ତନ ସାମଗ୍ରିକ, ସର୍ବବ୍ୟାପୀ ଏବଂ ପୂର୍ଣ୍ଣାଙ୍ଗ । ପରିବର୍ତ୍ତନ ଦେଖାଦିଏ, ମାତ୍ର ଏପରି ଆମୂଳଚୂଳ ପରିବର୍ତ୍ତନ କେବଳ ନବସୃଷ୍ଟିର କାଳରେହିଁ ଦେଖାଦିଏ । ଏହି ପରିବର୍ତ୍ତନ ଆଂଶିକ ନୁହେଁ, ସ୍ୱଳ୍ପ ନୁହେଁ, ସୀମାବଦ୍ଧ ନୁହେଁ ।

ଦ୍ୱିତୀୟତଃ, ଏହିପରି ପରିବର୍ତ୍ତନର ବେଳ ଘୋର ଅବ୍ୟବସ୍ଥା, ବିଶୃଙ୍ଖଳା, ଦ୍ୱନ୍ଦ୍ୱ ଓ ବିପର୍ଯ୍ୟୟର ବେଳ । ଯେବେ ଯେବେ ସର୍ବବ୍ୟାପୀ ପରିବର୍ତ୍ତନ ଦେଖାଦିଏ, ତେବେ ଏହି ବିଶୃଙ୍ଖଳା ଓ ବିପର୍ଯ୍ୟୟ ଦେଖାଦିଏ । ବର୍ତ୍ତମାନ ଜଗତରେ ଏହି ବିଶୃଙ୍ଖଳା ଚରମ ସୀମାରେ ପହଞ୍ଚିଛି । ବିଶୃଙ୍ଖଳାର ପ୍ରଧାନ କାରଣ ଏହି ଯେ ମନୁଷ୍ୟ ଏକ ମହାନ୍ ପରିବର୍ତ୍ତନ ବେଳେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼େ । ପରିବର୍ତ୍ତନର ହାର ଯଦି ସ୍ୱଳ୍ପ ଓ ସୀମାବଦ୍ଧ ହୁଅନ୍ତା, ତେବେ ସେ କିଛି ବୁଝିପାରନ୍ତା, ମାତ୍ର ଏକ ଆମୂଳଚୂଳ ପରିବର୍ତ୍ତନ ବେଳେ ମନୁଷ୍ୟ ହତବୁଦ୍ଧି ଓ ହତଜ୍ଞାନ ହୋଇପଡ଼େ । ଅନ୍ୟ କଥା ହେଲା କେଉଁ ଦିଗରେ ପରିବର୍ତ୍ତନ ହେଉଛି, ସେକଥା ମଧ୍ୟ ମନୁଷ୍ୟ ବୁଦ୍ଧିର ବାହାରେ । ସବୁପ୍ରକାର ବୁଝାସୁଝା, ବିଚାର, ଯୁକ୍ତି ଏବଂ ତର୍କ-ବିତର୍କ ସତ୍ତ୍ୱେ ମନୁଷ୍ୟ କେବେ ବି ଏହି ବିଶାଳ ପରିବର୍ତ୍ତନର ରୂପରେଖ ଠିକ୍ କରିପାରେ ନାହିଁ, ସେଥିପାଇଁ ସେ ନିଜେ ଦ୍ୱନ୍ଦ୍ୱରେ ପଡ଼େ । ଅତୀତର ପରମ୍ପରା, ଅନୁଷ୍ଠାନ, ନୀତି-ନିୟମ, ଦେବଦେବୀ, ପୂଜାପାଠ, ଆଚାର-ବିଚାର ସବୁକିଛି ଅକାମୀ ଓ ନିରର୍ଥକ ହୋଇଯାଏ; କିନ୍ତୁ କେଉଁ ବସ୍ତୁ ଯଥାର୍ଥରେ ତାହାର ସ୍ଥାନ ଗ୍ରହଣ କରିବ, ଏ ସମ୍ବନ୍ଧରେ କୌଣସି ସ୍ପଷ୍ଟ ଜ୍ଞାନ ରହେ ନାହିଁ । ଅସ୍ପଷ୍ଟତା, ଅନ୍ଧକାର, ଅବ୍ୟବସ୍ଥା, ଅନିଶ୍ଚିତତା ଚାରିଆଡ଼େ ବ୍ୟାପୀ ଯାଏ । ସବୁ ଯେପରି ଭିତରୁ ଭିତରୁ ପୋଡ଼ିଜଳି ପାଉଁଶ ହୋଇଯାଉଛି, ଆଉ ଏହି ପୋଡ଼ା ପାଉଁଶ ତଳୁ ନୂତନ ସୃଷ୍ଟିର ଅଙ୍କୁରୋଦ୍‌ଗମର ସନ୍ଧାନ କରିବାକୁ ମନୁଷ୍ୟର ଧୈର୍ଯ୍ୟ ବା ସମୟ ନାହିଁ । ଏହି ଅନ୍ଧକାର ମଧ୍ୟରେ ପଡ଼ି ପଥଶୂନ୍ୟ ଓ ଦିଗଭ୍ରାନ୍ତ ହୋଇ ସେ ଧ୍ୱଂସକୁ ବରଣ କରିନିଏ । ଅବ୍ୟବସ୍ଥା ଓ ବିଶୃଙ୍ଖଳା ମଧ୍ୟରେ ଅଳ୍ପ କିଛି ବା ବହୁତ କିଛିର ଯେ ବିଲୟ ଘଟିବ, ଏଥିରେ ସନ୍ଦେହ ନାହିଁ । ମନୁଷ୍ୟ ତା'ର ସୀମିତ ବୁଦ୍ଧିରେ ଜାଣିପାରିବ ନାହିଁ – ଏହି ବିଶୃଙ୍ଖଳା କିପରି ଭାବରେ ଦୂର ହେବ ଏବଂ କେବେ ଦୂର ହେବ । ଭଗବଦ୍‌ଗୀତାର ଭାଷାରେ ଏହାକୁହିଁ 'ଗ୍ଳାନି' ବୋଲି କୁହାଯାଇଛି । 'ଗ୍ଳାନି' ଯେବେ ସର୍ବତ୍ର ଦେଖାଯାଏ, ଗୀତା ଘୋଷଣା କରୁଛି ଯେ ତାହା ନବଯୁଗର ଅଭ୍ୟୁଦୟର ବେଳ ଏବଂ ନୂତନ ଅବତାରଙ୍କ ପ୍ରକାଶ ବା ପ୍ରତିଷ୍ଠାର ବେଳ । ନୂତନ ଅବତାରଙ୍କ ଅର୍ଥ ନୂତନ ଚେତନା ଏବଂ ନୂତନ ଶକ୍ତିର ପ୍ରତିଷ୍ଠାର ବେଳ । 'ଗ୍ଳାନି' ଯଦି ସର୍ବବ୍ୟାପୀ ହୁଏ, ତେବେ ରୂପାନ୍ତରହିଁ ସର୍ବବ୍ୟାପୀ ହେବ; ତେବେ ଅବତାରଙ୍କ ଆବିର୍ଭାବ ବି ଧ୍ରୁବ ନିଶ୍ଚିତ, ନୂତନ ସୃଷ୍ଟି ମଧ୍ୟ ଅବଶ୍ୟମ୍ଭାବୀ । ଏଗୁଡ଼ିକ ଯେପରି ଏକହିଁ ସରଳରେଖା ଉପରେ ରହିଛନ୍ତି ଏବଂ ଏକ ତତ୍ତ୍ୱର ବିଭିନ୍ନ ପ୍ରକାଶ । 'ଗ୍ଳାନି', ନୂତନ ଯୁଗ, ନୂତନ ଅବତାର, ନୂତନ ସୃଷ୍ଟିଗୁଡ଼ିକ ପରସ୍ପର ଗଭୀର ଓ ଅବିଚ୍ଛେଦ୍ୟଭାବେ ସମ୍ପୃକ୍ତ । ଯଦି ସେଗୁଡ଼ିକ ମଧ୍ୟରୁ ଗୋଟିଏ ସତ୍ୟ ହୁଏ, ତାହା ସଙ୍ଗେ ଅନ୍ୟ ସବୁକିଛି ସତ୍ୟ ହେବ । ଆଜି ଯଦି ମନୁଷ୍ୟ ଚକ୍ଷୁରେ ଚତୁର୍ଦ୍ଦିଗରେ 'ଗ୍ଳାନି' ଓ ବିଶୃଙ୍ଖଳା ଦେଖାଦେଇଛି ତେବେ ନୂତନ ଯୁଗ, ନୂତନ ଅବତାରଙ୍କ ଆବିର୍ଭାବ, ନୂତନ ସୃଷ୍ଟିର କଥା ଆସନ୍ତାକାଲି ନିଶ୍ଚୟ ଦେଖାଦେବ ବା ଏସବୁ ମନୁଷ୍ୟ ଚକ୍ଷୁରେ ପଡ଼ିବା ସୁନିଶ୍ଚିତ ।

ସୁତରାଂ, ତୃତୀୟତଃ, ଏହା ଦୃଢ଼ଭାବରେ କୁହାଯାଇ ପାରିବ ଯେ ଏହି ବିଶୃଙ୍ଖଳା, ଅବ୍ୟବସ୍ଥା ଓ ବିପର୍ଯ୍ୟୟର ପଶ୍ଚାତରେ ଗୋଟାଏ ମହାନ୍ ଦିବ୍ୟସୃଷ୍ଟିର ତୟାରି ଚାଲିଛି । ଏହି ସୃଷ୍ଟି ଆଉ ଏକ ସମ୍ଭାବନାରେ ନାହିଁ, ଏହା ଏକ ଜୀବନ୍ତ ଏବଂ ଜ୍ୱଳନ୍ତ ସତ୍ୟ । ପ୍ରକୃତିର ବିକାଶ-ଧାରାରେ ନୂତନ ନୂତନ ପାବଚ୍ଛ ଓ ପର୍ଯ୍ୟାୟ ବରାବର ଦେଖାଦିଏ । ଯେତେବେଳେ ପଶୁଜଗତ୍ ଥିଲା, ମନୁଷ୍ୟର ଆବିର୍ଭାବ ହୋଇ ନଥିଲା, ସେ

ଏକ ପ୍ରକାର ପରିସ୍ଥିତି; କିନ୍ତୁ ଯେତେବେଳେ ମନୁଷ୍ୟର ଉଦ୍ଭବ ହେଲା, ତାହା ସମ୍ପୂର୍ଣ୍ଣ ଏକ ନୂତନ ପରିସ୍ଥିତି । ସେହିପରି ମନୁଷ୍ୟୋତ୍ତର ଯେଉଁ ବ୍ୟକ୍ତିତ୍ୱ, ସତ୍ତା ବା ଆଧାରସକଳ ଦେଖାଦେବେ, ସେମାନେ ମାନସ ଶକ୍ତିର ଊର୍ଦ୍ଧ୍ୱସ୍ଥ ଅତିମାନସ ବିଜ୍ଞାନ ଶକ୍ତି ଓ ଜ୍ଞାନର ଯନ୍ତ୍ର ହେବେ । ଏହାଛଡ଼ା କୌଣସି ସମୟରେ ପ୍ରାକୃତିକ କ୍ରିୟା ଅବାନ୍ତର ଓ ନିରର୍ଥକ ହୁଏ ନାହିଁ । ପ୍ରକୃତି ଯଦି କିଛି ଭାଙ୍ଗେ ଓ ନଷ୍ଟ କରେ, ତାହା ପୂର୍ବରୁ ସେ ନୂତନ କିଛି ପ୍ରତିଷ୍ଠା କରିବା ନିମିତ୍ତ ପ୍ରସ୍ତୁତ ହୋଇଯାଏ । ନୂତନର ଆବିର୍ଭାବ ବେଳ ଜାଣି ସେ ପୁରାତନକୁ ଭାଙ୍ଗିଦିଏ ।

ଚତୁର୍ଥତଃ, ଏହି ନୂତନ ସୃଷ୍ଟି ଏବଂ ନୂତନ ଜଗତ୍, ନୂତନ ମାନବଜାତିର ପ୍ରତିଷ୍ଠା ହେବ ଏକ ନୂତନ ଜ୍ଞାନ, ନୂତନ ଶକ୍ତି ଏବଂ ନୂତନ ଚେତନା ଉପରେ । ଶକ୍ତି ଓ ଚେତନାହିଁ ସୃଷ୍ଟିର ମୂଳ ତତ୍ତ୍ୱ । ସକଳ ସୃଷ୍ଟିର ମୂଳରେ ଶକ୍ତିରହିଁ ଖେଳା । ଯେଉଁ ଶକ୍ତି ଓ ସାମର୍ଥ୍ୟ ଉପରେ ଅତୀତର ସୃଷ୍ଟି ଚାଲିଥିଲା, ତାହା ଆଜି ଅପସାରିତ ହୋଇଛି ଏବଂ ତାହା ସ୍ଥାନରେ ଆସିଛି ଏକ ନୂତନ ଶକ୍ତି ଏବଂ ନୂତନ ସାମର୍ଥ୍ୟ । ଏହି ନୂତନ ଶକ୍ତି, ନୂତନ ଚେତନା ପ୍ରଥମେ ମନୁଷ୍ୟ ମଧ୍ୟରେ ଏକ ନୂତନ ଜ୍ଞାନ, ନୂତନ ଦୃଷ୍ଟି, ନୂତନ ବୋଧି, ନୂତନ ପ୍ରେରଣା, ନୂତନ ବିଚାର ରୂପେ ଦେଖାଦେବ । ଏହି ନୂତନ ଜ୍ଞାନହିଁ ମନୁଷ୍ୟକୁ ଉଜ୍ଜୀବିତ ଏବଂ ଉଦ୍‌ବୁଦ୍ଧ କରିବ । ଶ୍ରୀଅରବିନ୍ଦଙ୍କ ଭାଷାରେ ଏହାହିଁ ଅତିମାନସ ଦିବ୍ୟ ଜ୍ଞାନ, ଦିବ୍ୟ ଶକ୍ତି, ଦିବ୍ୟ ଚେତନା । ଏହାହିଁ ମାନବ-ସତ୍ତାର ଓ ମାନବସମାଜର ଆମୂଳ-ରୂପ ପରିବର୍ତ୍ତନ ଓ ରୂପାନ୍ତରର କାରଣ ହେବ । ଏହା ଏପରି ଏକ ଜ୍ଞାନ ଓ ଆଲୋକ ଯାହା ଅଜ୍ଞାନ ଓ ଅନ୍ଧକାର ସଙ୍ଗେ କଦାପି ମିଶ୍ରିତ ହୋଇ କାର୍ଯ୍ୟ କରିବ ନାହିଁ ବରଂ ଅଜ୍ଞାନ ଓ ଅନ୍ଧକାରକୁ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ କରିବ ।

ଅନ୍ୟ କଥା ହେଲା ଏହି ନୂତନ ଜଗତ୍ ଓ ନୂତନ ମନୁଷ୍ୟର ଆବିର୍ଭାବ ହେବ ମନୁଷ୍ୟର ଅନ୍ତରରେ, ବାହାରେ ନୁହେଁ । ଜ୍ଞାନ, ଆଲୋକ, ଶକ୍ତି ଓ ସାମର୍ଥ୍ୟର ଭୂମି ହେଲା ଆନ୍ତର ଜଗତ୍, ବାହ୍ୟ ଜଗତ୍ ନୁହେଁ । ଆନ୍ତର ଜଗତରୁ ଉଦ୍ଭୂତ ହେବ ବାହ୍ୟର ନୂତନ ସୃଷ୍ଟି ଓ ନୂତନ କର୍ମ । ସୁତରାଂ ନୂତନ ସୃଷ୍ଟିର ଯେଉଁ ପ୍ରଥମ ଆଭାସ ଦେଖାଦେବ, ତାହା ଦେଖାଦେବ ଏକ ନୂତନ ଚେତନାର ପ୍ରକାଶରେ, ଏକ ନୂତନ ଦୃଷ୍ଟିଭଙ୍ଗୀରେ । ପ୍ରଥମେ ରୂପାନ୍ତର ଘଟିବ ଚେତନାରେ, ଅନ୍ତରରେ, ପ୍ରବେଗ, ପ୍ରେରଣା, ପ୍ରଣୋଦନା ଓ ପ୍ରବୃତ୍ତିରେ, ପରେ ରୂପାନ୍ତର ଦେଖାଦେବ ଭୌତିକ ଓ ଶାରୀରିକ ସ୍ତରରେ । ନୂତନ ମନୁଷ୍ୟର ନିର୍ମାଣ ହେବ ଅନ୍ତରରୁ, ବାହାରରୁ ନୁହେଁ ।

ପଞ୍ଚମତଃ, ଭାରତବର୍ଷ ଏକ ଦେଶ ଏବଂ ଜାତି ହିସାବରେ ଏହି ପରମ ନୂତନ ଜ୍ଞାନ, 'ପ୍ରଜ୍ଞା ପୁରାଣୀ', — ନୂତନ ଶକ୍ତି ଓ ନୂତନ ଜ୍ୟୋତିଃର ଯୁଗେ ଯୁଗେ ସନ୍ଧାନ କରିଛି, ଏହିସବୁକୁ ନିଜ କୋଳରେ ସ୍ଥାନ ଦେଇଛି, ଏହିସବୁକୁ ମାନବସମାଜର ହିତାର୍ଥେ ସଞ୍ଚୟ କରି ରଖିଛି, ସର୍ବୋପରି ଏହିସବୁର ପ୍ରତିଷ୍ଠା ଓ ବିଜୟ ନିମିତ୍ତ ବଞ୍ଚିରହିଛି । ନୂତନ ମାନବଜାତିର ପ୍ରତିଷ୍ଠାର ଅର୍ଥ ଭାରତର ପ୍ରତିଷ୍ଠା, ନୂତନ ଜ୍ୟୋତିଃର ବିଜୟର ଅର୍ଥ ଭାରତର ବିଜୟ । ଏହାହିଁ ଭାରତ-ରହସ୍ୟ, ଭାରତ-ଶକ୍ତି, ଭାରତ-ପ୍ରତିଭା । ବହୁବର୍ଷ ପୂର୍ବେ ଶ୍ରୀଅରବିନ୍ଦ ଭାରତବାସୀଙ୍କୁ ଏହି ବାଣୀ ଶୁଣାଇ କହିଥିଲେ ଯେ ନବ-ଭାରତର ଉତ୍‌ଥାନର ଅର୍ଥ ଏକ ନୂତନ ସମାଜ ଓ ଜୀବନଧାରାର ପ୍ରତିଷ୍ଠା ।

ଷଷ୍ଠତଃ, ଆମ୍ଭେମାନେ, ଯେଉଁମାନେ କି ଏହି ମହାନ୍ ଦେଶର ଅଧିବାସୀ ଏବଂ ଏହି ମହାନ୍ ପରମ୍ପରାର ଅଧିକାରୀ, ଏହି ନୂତନ ଜ୍ଞାନ, ନୂତନ ଶକ୍ତି ଏବଂ ନୂତନ ଆଲୋକକୁ ପ୍ରଥମେ ଗ୍ରହଣ କରିବୁ, ନିଜ ଭିତରେ ତାକୁ କାର୍ଯ୍ୟ କରିବାକୁ ଦେବୁ ଏବଂ ତାହାର ପ୍ରତିଷ୍ଠା ଓ ପ୍ରକାଶ ନିମିତ୍ତ ନିଜକୁ ଉତ୍ସର୍ଗ କରିବୁ । ଏହାହିଁ ହେଲା ବର୍ତ୍ତମାନର କର୍ତ୍ତବ୍ୟ ଓ ଅଗ୍ରଗାମୀ ପଦକ୍ଷେପର ସୁସ୍ପଷ୍ଟ ଧାରା ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ,
ପୃଷ୍ଠା : ୩୩୮ - ୩୪୦) ❑

ସ୍ୱର୍ଗକୁ ଆମେ ଅଧିକାର କରିଛୁ କିନ୍ତୁ ପୃଥିବୀକୁ ନୁହେଁ; ଅଥଚ ଯୋଗର ପରିପୂର୍ଣ୍ଣତା ହେଉଛି ବେଦର ସୂତ୍ର ଅନୁସାରେ, ''ସ୍ୱର୍ଗ ଓ ପୃଥିବୀ ସମାନ ଏବଂ ଏକ'' କରିଦେବା ।
(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା : ୬୩)

— ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦୦)

**ମହେନ୍ଦ୍ରନାଥ ସ୍ୱାଇଁ**

**ଅଭୟ-ଆଶ୍ରୟ :**

ଆଲୋଚ୍ୟ ପ୍ରାର୍ଥନାଟିକୁ ଦିବ୍ୟଜନନୀ ଶ୍ରୀମା ଭାରତ ଅଭିମୁଖେ ଯାତ୍ରା କରୁଥିବା ସମୟରେ 'କାଗାମାରୁ' ଜାହାଜରେ ଲେଖୁଛନ୍ତି । ସେଥିପାଇଁ ଜାହାଜରେ ଥିବା ସମସ୍ତ ଯାତ୍ରୀମାନଙ୍କୁ ମା ପୋଷ୍ୟରୂପେ ('adopted') ଗ୍ରହଣ କରି ନେଇଛନ୍ତି । ସମସ୍ତଙ୍କର ସୁରକ୍ଷାର ଦାୟିତ୍ୱ ନିଜ ହାତକୁ ନେଇ ଯାଇଛନ୍ତି ଏବଂ ସେମାନଙ୍କୁ ନିଜସ୍ୱ ଦିବ୍ୟପ୍ରେମର ଚଦରରେ ସମାନ ଭାବରେ ଆଚ୍ଛାଦିତ କରି ରଖିଛନ୍ତି । ଏହି ତାରିଖଟି ହେଉଛି ମାର୍ଚ୍ଚ ମାସ ୮ ତାରିଖ ୧୯୧୪ ମସିହା । ମା ଲେଖୁଛନ୍ତି –

''IN front of this calm sunrise which turned all within me into silence and peace, at the moment when I grew conscious of Thee and Thou alone wast living in me, O Lord, it seemed to me that I adopted all the inhabitants of this ship, and enveloped them in an equal love, and that so in each one of them something of Thy consciousness would awake. Not often had I felt so strongly Thy divine power and Thy invincible light, and once again total was my confidence and unmixed my joyful surrender.

"O Thou who relievest all suffering and dispersest all ignorance, O Thou the supreme healer, be constantly present on this boat in the heart of those whom it shelters that once again Thy glory may be manifested!"

''ଏହି ପ୍ରଶାନ୍ତ ସୂର୍ଯ୍ୟୋଦୟ ସମ୍ମୁଖରେ ମୁଁ – ଯାହା ସମ୍ପୂର୍ଣ୍ଣ ରୂପରେ ମୋ ଅନ୍ତର ମଧ୍ୟରେ ପ୍ରବେଶ କରୁଛି ଏବଂ ଭିତରେ ସବୁକିଛିକୁ ନିରବତା ଓ ପ୍ରଶାନ୍ତିରେ ବଦଳାଇ ଦେଉଛି, ଏହି ମୁହୂର୍ତ୍ତରେ ମୁଁ ତୁମ ସମ୍ପର୍କରେ ସଚେତନ ହୋଇ ଉଠୁଛି, ଏବଂ କେବଳ ତୁମେହିଁ ମୋ ଭିତରେ ବାସ କରୁଛ । ହେ ପ୍ରଭୁ, ମୋର ମନେ ହେଉଛି ଯେ ମୁଁ ଏହି ଜାହାଜରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀମାନଙ୍କୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରି ନେଇଛି, ଆପଣାର କରି ନେଇଛି, ଏବଂ ସମାନ ପ୍ରେମ ଦେଇ ସେମାନଙ୍କୁ ସୁରକ୍ଷିତ ଭାବରେ ମୋର ପ୍ରେମ ଦ୍ୱାରା ଆବେଷ୍ଟନ କରି ରଖିଛି ଯାହାଫଳରେ ପ୍ରତ୍ୟେକଙ୍କ ହୃଦୟରେ ତୁମର ଦିବ୍ୟ ଚେତନା କିଛି ପରିମାଣରେ ଜାଗ୍ରତ୍ ହୋଇ ଉଠିବ । ପ୍ରାୟଶଃ ମୁଁ ତୁମର ଦିବ୍ୟ ଶକ୍ତି ଏବଂ ଅପରାଜେୟ ଜ୍ୟୋତିଃକୁ ଅନୁଭବ କରିପାରୁ ନାହିଁ, ଏବଂ ପୁନର୍ବାର ମୋର ତୁମ ଉପରେ ଥିବା ନିର୍ଭରଶୀଳତା ପରିପୂର୍ଣ୍ଣ ହୋଇ ଉଠୁଛି ଏବଂ ତତ୍ ସହିତ ଆନନ୍ଦମୟ ସମର୍ପଣ ଅବିମିଶ୍ରିତ ଭାବରେ ଉତ୍ସର୍ଗୀକୃତ ହୋଇ ଯାଉଛି ।

''ହେ ପ୍ରଭୁ, ତୁମେ ସକଳ ପ୍ରକାର ଦୁଃଖ-ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରୁଛ ଏବଂ ସକଳ ଅଜ୍ଞାନତାକୁ ଦୂରୀଭୂତ କରି ଦେଉଛ, ହେ ପରମ ଉପଶମକାରୀ, ଏହି ଜାହାଜରେ ଯେଉଁମାନେ ଯାତ୍ରା କରୁଛନ୍ତି, ଯେଉଁମାନଙ୍କୁ ସେ ଆଶ୍ରୟ ଦେଇଛି, ସେମାନଙ୍କ ହୃଦୟରେ ନିରନ୍ତର ବିରାଜିତ ହୋଇ ରହିଥାଅ, ଫଳତଃ ପୁଣିଥରେ ତୁମର ଗୌରବୋଜ୍ଜ୍ୱଳ ମହିମା ପ୍ରକାଶିତ ହୋଇ ପାରିବ !''

ସୂର୍ଯ୍ୟୋଦୟର ଉତ୍ସବ ପ୍ରତ୍ୟହ ପୂର୍ବାକାଶର ରଙ୍ଗମଞ୍ଚରେ ଅନୁଷ୍ଠିତ ହେଉଛି, ଏହା 'ନିତ୍ୟପ୍ରବୃତ୍ତ ବର୍ତ୍ତମାନ' । ଆମେ ସମସ୍ତେ ସେହି ଉତ୍ସବରେ, ଜାଣତରେ ହେଉ ବା ଅଜାଣତରେ ହେଉ ଅଂଶଗ୍ରହଣ କରି ନୂତନ ଦିବସର ଶୁଭାଗମନକୁ ସ୍ୱାଗତ କରୁଛେ । କିନ୍ତୁ ଦିବ୍ୟଜନନୀ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାରେ 'କାଗାମାରୁ' ଜାହାଜ ଉପରେ ଦଣ୍ଡାୟମାନ ହୋଇ ପ୍ରତ୍ୟୁଷ କାଳରେ ପୂର୍ବାକାଶର ଅରୁଣିମା ଭିତରୁ ସୁବର୍ଣ୍ଣ ରଙ୍ଗର ସୂର୍ଯ୍ୟ ନୀଳସାଗରର ଜଳରାଶିକୁ ଭେଦ କରି ବର୍ତ୍ତୁଳାକାର ଅଗ୍ନିପିଣ୍ଡ ସଦୃଶ ଉର୍ଦ୍ଧ୍ୱାରୋହଣର ଅପୂର୍ବ ଦୃଶ୍ୟକୁ ଅବଲୋକନପୂର୍ବକ ପ୍ରକାଶ କରୁଛନ୍ତି ତାଙ୍କ ଅପୂର୍ବ

ଭାଷାରେ – ଏତାଦୃଶ ସୂର୍ଯ୍ୟୋଦୟର ନୀରବ ନିଶ୍ଚଳତା ସକଳ ବାହ୍ୟ ବାତାବରଣକୁ ଅନ୍ତର୍ମୁଖୀ କରାଉଛି; ଭିତରେ ସବୁକିଛି ବଦଳିଯାଉଛି । ଏହି ସଂସାର ହେଉଛି ଏକ ଯାତ୍ରୀବାହି ଜାହାଜ ସଦୃଶ, ଏଠାରେ ଯେତେ ଜୀବ ଅଛନ୍ତି ସମସ୍ତଙ୍କୁ ଦିବ୍ୟଜନନୀ ତାଙ୍କ ଦିବ୍ୟପ୍ରେମର ଚଦରରେ ଢାଙ୍କି ଦେଇଛନ୍ତି, ସୁରକ୍ଷା ପ୍ରଦାନ କରୁଛନ୍ତି । ସମସ୍ତେ ତାଙ୍କର ସନ୍ତାନ । ସେଥିପାଇଁ ସମସ୍ତଙ୍କୁ ସେ ନିଜର କରି ନେଇଛନ୍ତି, କୋଳକୁ ଆଉଜାଇ ନେଇଛନ୍ତି, ସେମାନଙ୍କର ଦାୟିତ୍ୱ ହାତକୁ ନେଇ ସୁରକ୍ଷା ପ୍ରଦାନ କରିଛନ୍ତି । ଯାହାଫଳରେ ପ୍ରତ୍ୟେକଙ୍କ ହୃଦୟ ସିଂହାସନରେ ପରମପ୍ରଭୁଙ୍କ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପିତ ହୋଇଯିବ; ପ୍ରତ୍ୟେକଙ୍କ ଭିତରେ ପରମ ପ୍ରଭୁଙ୍କର ଚେତନାର କିଛି ଅଂଶ ଜାଗ୍ରତ ହୋଇ ଉଠିବ, ସମସ୍ତେ ଆଖି ଖୋଲି ଚାହିଁବେ, ସଚେତନ ହୋଇଯିବେ ।

ଏଠାରେ ଶ୍ରୀମା ପରମପ୍ରଭୁଙ୍କର ଦିବ୍ୟଶକ୍ତି (the divine power), ଅଜେୟ, ଦୁର୍ଜେୟ ଆଲୋକ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ପ୍ରଭୁଙ୍କର ଏତାଦୃଶ ଦିବ୍ୟଶକ୍ତି ଉପରେ ଦିବ୍ୟଜନନୀଙ୍କ ସମ୍ପୂର୍ଣ୍ଣ ଆସ୍ଥା ରହିଛି ଏବଂ ତାଙ୍କର ସମର୍ପଣ ଆନନ୍ଦପୂର୍ଣ୍ଣ ଓ ଅବିମିଶ୍ରିତ । ଆମେ ମଣିଷ, ଆମ ଜୀବନରେ ଦୁଃଖ-ଯନ୍ତ୍ରଣା, ଅଜ୍ଞାନତା ରହିଛି । ପ୍ରଭୁ କୃପା କଲେ ସେସମସ୍ତ ପୋଛି ହୋଇଯିବ । ସେମାନଙ୍କର ଚିହ୍ନବର୍ଣ୍ଣ ରହିବ ନାହିଁ ।

ସନ୍ତାନମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ମା ସର୍ବଦା ପ୍ରସ୍ତୁତ ହୋଇ ରହିଥା'ନ୍ତି । ଯିଏ ଆହ୍ୱାନ କରେ ତତ୍‌କ୍ଷଣାତ୍ ସେ ଉଭା ହୋଇ ଯାଇଥା'ନ୍ତି ଏବଂ ସାହାଯ୍ୟ ଓ ସୁରକ୍ଷାର ହସ୍ତ ପ୍ରସାରିତ କରି ଦେଇଥା'ନ୍ତି । ଏହି ପ୍ରସଙ୍ଗରେ ''ଅବିସ୍ମରଣୀୟ ମୁହୂର୍ତ୍ତ'' ପୁସ୍ତକରେ ଆଶ୍ରମର ଜନୈକା ଅନ୍ତେବାସୀ ସାଧିକା 'ପ୍ରୀତି ଦାଶଗୁପ୍ତ' ଲେଖନ୍ତି –

''ମା ମନେ ମନେ କେତେକଥା କହୁଥିଲେ ... । ପଦଚାରଣା କରୁ କରୁ ଦିନେ ମା 'ପ୍ଲେ-ଗ୍ରାଉଣ୍ଡ'ର ନିମ୍ବଗଛ ତଳେ ଆସି ଠିଆ ହେଲେ । 'ମାର୍ଚ୍ଚପାଷ୍ଟ' ଆରମ୍ଭ ହେବାକୁ ଅନେକ ଡେରି ଥାଏ । ମା କାଛକୁ ଆଉଜି ଠିଆ ହୋଇଥା'ନ୍ତି । କିଛି ସମୟ ନିରବ ରହିବା ପରେ ହଠାତ୍ କହିଲେ, 'ଜାଣିଛ, ଏଥର ମୁଁ ମୋର ସବୁରୂପକୁ ଧାରଣ କରି ପୃଥିବୀକୁ ଆସିଛି । ଏମିତି ଭାବରେ ପୂର୍ବରୁ କେବେ ଆସି ନଥିଲି । ପୃଥିବୀର ଇତିହାସରେ ଏମିତି କେବେ ଘଟି ନଥିଲା ।'

''ମୁଁ ବିସ୍ମୟରେ ବାକ୍‌ରୁଦ୍ଧ । ମା ମୋ ଆଡ଼କୁ ଚାହିଁ ମୁରୁକି ମୁରୁକି ହସୁଥା'ନ୍ତି । ତାଙ୍କୁ ପ୍ରଶ୍ନଟିଏ ନିବେଦନ କଲି, 'ମା, ତୁମେ କ'ଣ ମା ଦୁର୍ଗା ?' ଟିକିଏ ହସିଦେଇ ମୁଣ୍ଡହଲାଇ ମା ସମ୍ମତି ଜଣାଇଲେ । ଆଖି ସାମନାରେ ମା'ଙ୍କୁ ଦୁର୍ଗା ରୂପରେ ଦେଖିବାକୁ ପାଇଲି । ସେ ରୂପ ଅବର୍ଣ୍ଣନୀୟ । ପ୍ରଭୁ ଶ୍ରୀଅରବିନ୍ଦଙ୍କର ଲିଖିତ ଦୁର୍ଗାସ୍ତୋତ୍ର ମନେ ପଡ଼ିଗଲା । 'ମାତଃ ଦୁର୍ଗେ ! ସିଂହବାହିନି, ତ୍ରିଶୂଳଧାରିଣି, ବର୍ମ ଆବୃତ୍ତ ସୁନ୍ଦର ଶରୀରରେ ମାତଃ ଜୟଦାୟିନି ।'

''ପୁଣି ପ୍ରଶ୍ନ କଲି, 'ତୁମେ କ'ଣ ମା ମହାଲକ୍ଷ୍ମୀ ?' ସେମିତି ଏକା ପ୍ରକାରେ ମା ମୁଣ୍ଡ ହଲାଇଲେ । ମୁହଁରେ ତାଙ୍କର ଅଦ୍ଭୁତ ସ୍ମିତହାସ୍ୟ । ତାଙ୍କ ଚତୁଃପାର୍ଶ୍ୱରେ ଅପୂର୍ବ ମାଧୁର୍ଯ୍ୟର ପ୍ରବାହ; ତାଙ୍କ ସାନ୍ନିଧ୍ୟରେ ହୃଦୟ ଏକ ଅପୂର୍ବ ଆନନ୍ଦରେ ଉଦ୍‌ବେଳିତ ହେଲା । ଅନୁଭବ କଲି ଦିବ୍ୟଜନନୀଙ୍କର 'ଶାଶ୍ୱତ ସୌନ୍ଦର୍ଯ୍ୟର ପରମ ଇନ୍ଦ୍ରଜାଲ, ଅପ୍ରତିହତ ଶ୍ରୀ ଏବଂ ଆକର୍ଷଣର ଦୁର୍ନିବାର ଶକ୍ତି ।'

''ଅଦମ୍ୟ କୌତୂହଳ ମୋତେ ବାଧ କରୁଥାଏ ପୁନଶ୍ଚ ପ୍ରଶ୍ନ କରିବାକୁ । ପଚାରିଲି, 'ତୁମେ କ'ଣ ମା ମହାସରସ୍ୱତୀ ?' ମୋ ପ୍ରଶ୍ନ ଶୁଣି ମା ସେହି ସମାନ ଭାବରେ ଉତ୍ତର ଦେଇ ଚାଲିଥା'ନ୍ତି; ସଦୟା, ସୁସ୍ମିତା ମା ମହାସରସ୍ୱତୀ ସ୍ୱରୂପରେ ମୁହୂର୍ତ୍ତକ ନିମନ୍ତେ ଆବିର୍ଭୂତା ହୋଇ ଦର୍ଶନ ପ୍ରଦାନ କଲେ । ତାଙ୍କ ଧୈର୍ଯ୍ୟର ସୀମା ନାହିଁ । ମୁଁ କିନ୍ତୁ କୌତୂହଳ ଚାପିପାରୁ ନଥାଏ । ପ୍ରଶ୍ନର ପ୍ରବାହ ଶେଷ ହେଉ ନଥାଏ ।

'' 'ମା ତୁମେ କ'ଣ ରାଜରାଜେଶ୍ୱରୀ ?' ପୁଣି ମୁଣ୍ଡ ହଲାଇ ମା ସମ୍ମତି ପ୍ରଦାନ କଲେ । 'ଅଚଞ୍ଚଳା, ଅନିର୍ବଚନୀୟା ମହିମମୟୀ ଚିରପ୍ରଶାନ୍ତା ।' ମନେହେଲା ଯେପରି ସେ ଅନେକ ଦୂରରେ – ସ୍ଥିର ଗମ୍ଭୀର ଭାବରେ ଦଣ୍ଡାୟମାନା ।

''ଜଣ ଜଣ କରି ସବୁ ଦେବଦେବୀଙ୍କ ନାମ ମୁଁ କହିଯାଉଥାଏ । 'ତୁମେ କ'ଣ ଆନନ୍ଦମୟି ? ତୁମେ କ'ଣ ମା ଚଣ୍ଡୀ – ତୁମେ କ'ଣ ... ତୁମେ କ'ଣ ... ତୁମେ କ'ଣ ... ?'

''ମା ମୁଣ୍ଡ ହଲାଇ ସମ୍ମତି ଜଣାଇ ଚାଲିଥା'ନ୍ତି । ମୋ ପ୍ରଶ୍ନର ପସରା ସରୁ ନଥାଏ । ଶେଷରେ ପ୍ରଶ୍ନକଲି, 'ତୁମେ କ'ଣ ମା ମହାକାଳୀ ?' ମା'ଙ୍କର ସେହି ବିରାଟ ଅପୂର୍ବ ରୂପ ଆଜି ମଧ୍ୟ ଆଖି ସାମନାରେ ଭାସିଉଠେ । ମା ଯେମିତି କାହିଁ କେତେ ଦୂରରେ ... ! ମୁଁ ଅସହାୟ ଭାବରେ ଚାହିଁଥାଏ । ମା'ଙ୍କର ଏହି ରୂପ ଏତେ ଅଚିହ୍ନା ଯେ ଗୋଟିଏ ଦୁର୍ଦ୍ଦମନୀୟ ଭୟ ମୋତେ ଚାପି ଧରିଲା । ମୁହୂର୍ତ୍ତକ ମଧ୍ୟରେ ମା ନିଜକୁ

ସମ୍ବରଣ କରି ନେଲେ । ସ୍ନିଗ୍ଧ ଭାବରେ ହସି ମୋର ହାତ ଦୁଇଟିକୁ ତାଙ୍କ ହାତ ମଧ୍ୟରେ ଚାପି ରଖିଲେ । ମା'ଙ୍କର ଦିବ୍ୟ-ହସ୍ତର ସ୍ପର୍ଶ ପାଇ ମଧ୍ୟ ମୁଁ ସ୍ୱାଭାବିକ ହୋଇ ପାରୁ ନଥାଏ । ଚୁପ୍ ହୋଇ ଠିଆ ହୋଇ ରହିଥାଏ, ମା ପୁସ୍ତକର ଷଷ୍ଠ ଅଧ୍ୟାୟରେ ପ୍ରଭୁ ଶ୍ରୀଅରବିନ୍ଦ ମହାକାଳୀଙ୍କର ଯେଉଁ ବର୍ଣ୍ଣନା ଦେଇଛନ୍ତି ସେସବୁ ମନେ ପଡ଼ିଗଲା । ଧୀରେ ଧୀରେ ମୋର ଭୟ ଅପସରି ଗଲା, ପୁଣି ମା'ଙ୍କୁ ବନ୍ଧୁ ରୂପରେ ଫେରି ପାଇଲି ।''

ଭାଇଭଉଣୀମାନେ, ଇଏ ହେଉଛନ୍ତି ଆମ୍ଭମାନଙ୍କ ଅତି ନିକଟତମା, ପ୍ରେମ ସ୍ୱରୂପିଣୀ, ସୁରକ୍ଷା ପ୍ରଦାୟିନୀ ଦିବ୍ୟଜନନୀ ଶ୍ରୀମା । 'କାଗାମାରୁ' ଜାହାଜରେ ଯାତ୍ରା କରୁଥିବା ଭୀତତ୍ରସ୍ତ ଯାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ପରମପ୍ରଭୁଙ୍କୁ ପ୍ରାର୍ଥନା ଜଣାଇବା ତାଙ୍କର ପାର୍ଥିବ ଲୀଳା ମାତ୍ର ।

ଭାଇଭଉଣୀମାନେ, ଆମ୍ଭେମାନେ ଚଳିତ ଅଗଷ୍ଟ ମାସରେ ପ୍ରଭୁ ଶ୍ରୀଅରବିନ୍ଦଙ୍କର ଏକଶତ ତେପନତମ ଜନ୍ମୋତ୍ସବ ପାଳନ କରିବାକୁ ଯାଉଛେ; ମା ଏବଂ ପ୍ରଭୁଙ୍କର କୃପା ଓ ଆଶୀର୍ବାଦ ଲାଭ କରିବାକୁ । ଏହି ପରିପ୍ରେକ୍ଷୀରେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କର ଜନ୍ମଦିବସର ଉତ୍ସବ ପ୍ରଥମେ କିପରି ପାଳିତ ହେଉଥିଲା ସେହି ବିଷୟରେ ଆଲୋଚନା କରିବା ।

କେ 'ଅମୃତ', ଯାହାଙ୍କର ପୂର୍ବନାମ ଥିଲା 'ଅରଭ ମୁଦାଚାରୀ ଆୟେଙ୍ଗାର' । ସେ କହନ୍ତି –

''ଅଗଷ୍ଟ ୧୫, ୧୯୧୩ ପାଖେଇ ଆସୁଥାଏ । ମୁଁ 'ରାମସ୍ୱାମୀ ଆୟେଙ୍ଗାର'ଙ୍କୁ ଅନୁରୋଧ କଲି ମୋତେ ଶ୍ରୀଅରବିନ୍ଦଙ୍କ ଜନ୍ମଦିନରେ ତାଙ୍କ ଦର୍ଶନ କରାଇ ଦେବା ପାଇଁ । ସେ ଖୁବ୍ ଆଗ୍ରହର ସହିତ ମୋ ଅନୁରୋଧକୁ ସ୍ୱୀକାର କଲେ । ସେଦିନ ମୋର ଆନନ୍ଦ କହିଲେ ନସରେ ।

''ଅଗଷ୍ଟ ୧୫ ତାରିଖ ଦିନ ଆୟେଙ୍ଗାର ମୋତେ ସନ୍ଧ୍ୟା ୪ଟା ୩୦ମି. ରେ ଯିବାକୁ କହିଲେ । ମୁଁ ସେଠାରେ ଟିକିଏ ବେଳାବେଳି ପହଞ୍ଚିଗଲି । ସମସ୍ତ ନିମନ୍ତ୍ରିତ ଅତିଥିମାନେ ବିଭିନ୍ନ ଦିଗରୁ ଆସିବାକୁ ଆରମ୍ଭ କଲେ । ପ୍ରାୟ ପାଞ୍ଚଟା ବା ସାଢ଼େ ପାଞ୍ଚଟା ବେଳକୁ ସମସ୍ତେ ଆସିଗଲେ । ସୂର୍ଯ୍ୟ ଅସ୍ତ ହେବାକୁ ଆହୁରି ଘଣ୍ଟାଏ ବାକି ଥାଏ ।

''ଶ୍ରୀଅରବିନ୍ଦ ରହୁଥିବା ଗୃହର ସମ୍ମୁଖଭାଗ ଅଗଣାରେ ଥିବା ବାରଣ୍ଡାରେ ପ୍ରାୟ କୋଡ଼ିଏ ପଚିଶଟି କଦଳୀପତ୍ର ପରିଷ୍କାର ଭାବରେ ଧୁଆ ହୋଇ ତିନିପଟରେ ପକାଇ ଦିଆଗଲା, ସମ୍ମୁଖ ଭାଗଟି ଫାଙ୍କା, ଠିକ୍ ବାହାଘର ଭୋଜି ପରି ।

''ମୋର ମନେ ପଡୁଛି, ଗୃହର ପ୍ରଧାନ ଫାଟକ (Main gate) ବନ୍ଦ ହୋଇ ଭିତର ପଟରୁ କିଳିଣୀ ଲଗାଇ ଦିଆଗଲା । ପରେ ପରେ ପ୍ରଭୁ ଶ୍ରୀଅରବିନ୍ଦ ସେହି ଅଗଣାକୁ ପ୍ରବେଶ କଲେ ଏବଂ ଗୋଟିଏ ପାର୍ଶ୍ୱରେ ଠିଆ ହେଲେ । କେହି ଜଣେ ଗୋଟିଏ ଗୋଲାପ ଫୁଲର ସୁନ୍ଦର ଏବଂ ଚମତ୍କାର ମାଳଟିଏ ପ୍ରଭୁଙ୍କୁ ପିନ୍ଧାଇ ଦେଇ ପ୍ରଣାମ ନିବେଦନ କଲେ । ସେଠାରେ ଉପସ୍ଥିତ ସମସ୍ତେ କରତାଳି ଦେଇ ଆନନ୍ଦ ପ୍ରକାଶ କଲେ ଏବଂ ଶ୍ରୀଅରବିନ୍ଦ ଇଂରାଜୀରେ ଅଳ୍ପକିଛି କହିଲେ । ଏହି ସବୁ ଅପୂର୍ବ ଦୃଶ୍ୟ ମୋ ସ୍ମୃତିପଟରେ ଅସ୍ପଷ୍ଟ ଭାବରେ ରହିଯାଇଛି । ଅସ୍ପଷ୍ଟ ଭାବରେ ରହିବା ସ୍ୱାଭାବିକ, କାରଣ ମୁଁ ଭାବୁଛି ସେହି ସମୟରେ ମୋ ଭିତରେ ଆନନ୍ଦର ଉଚ୍ଛ୍ୱାସ କୂଳ ଲଙ୍ଘୁଥିଲା ଏବଂ ଭିତରେ ଅପୂର୍ବ ଶିହରଣ ତଥା ରୋମାଞ୍ଚ ସୃଷ୍ଟି ହେଉଥିଲା ।

''ଆମ୍ଭେମାନେ ସମସ୍ତେ କଦଳୀ ପତ୍ର ନିକଟରେ ବସିଗଲୁ, ଠିକ୍ ପଂକ୍ତି ଭୋଜନ ସଦୃଶ; ମୁଁ ମଧ୍ୟ ଅତିଥିମାନଙ୍କ ଗହଣରେ ଥିଲି । ମୋ ଚକ୍ଷୁଦ୍ୱୟ ଆନନ୍ଦାଶ୍ରୁରେ ପରିପ୍ଲୁତ ହୋଇ ଉଠିଥାଏ । ମୁଁ ଦେଖୁଥାଏ – ''ପ୍ରଭୁ ଶ୍ରୀଅରବିନ୍ଦ ପ୍ରତ୍ୟେକ କଦଳୀ ପତ୍ର ସମ୍ମୁଖରେ ଦଣ୍ଡାୟମାନ ହେଉଥା'ନ୍ତି, ଅପର ପାର୍ଶ୍ୱରେ ଉପବେଶନ କରିଥିବା ବ୍ୟକ୍ତିଙ୍କୁ ଦିବ୍ୟ-ଦୃଷ୍ଟି ଉନ୍ମୀଳନ କରି ଚାହୁଁଥା'ନ୍ତି ଏବଂ ଅନ୍ୟ ଜଣକ ସମ୍ମୁଖକୁ ଧୀର ପଦଚାଳନାପୂର୍ବକ ଚାଲି ଯାଉଥା'ନ୍ତି, ଏହିପରି ଭାବରେ ସର୍ବଶେଷ ବ୍ୟକ୍ତିଙ୍କ ପାଖରେ ପହଞ୍ଚି ଯାଇଥିଲେ – ଇତ୍ୟବସରେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ପାର୍ଶ୍ୱରେ ଥାଇ ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଏବଂ ଅନ୍ୟାନ୍ୟ ପ୍ରସ୍ତୁତ ସୁମିଷ୍ଟ ଖାଦ୍ୟଦ୍ରବ୍ୟ ପତ୍ରରେ ପରିବେଷଣ କରି ଦେଉଥା'ନ୍ତି ।

''ଅଗଣାରେ ଏକ ବଡ଼ ପାତ୍ରରେ ଜଳପୂର୍ଣ୍ଣ ପାତ୍ରଟିଏ ରଖାଯାଇଥାଏ ଏବଂ ପାଖରେ ଗୋଟିଏ ଛୋଟ ଗ୍ଲାସ ମଧ୍ୟ ରଖାଯାଇଥାଏ । ଆମେ ସମସ୍ତେ ଖାଇ ସାରିଲା ପରେ ହାତଧୋଇ ଏକତ୍ରିତ ହୋଇ ଅଳ୍ପକ୍ଷଣ ପାଇଁ କେତୋଟି ମନ୍ତ୍ର ଉଚ୍ଚାରଣ କଲୁ । ଇତ୍ୟବସରେ ଶ୍ରୀଅରବିନ୍ଦ ଘରର ମଧ୍ୟଭାଗରେ ଥିବା ଅଗଣାର ବାରଣ୍ଡାକୁ ଚାଲି ଯାଇଥା'ନ୍ତି ଏବଂ ସେଠାରେ ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ ଚଉକିରେ ଉପବେଶନ କରିଥା'ନ୍ତି,

ଚୌକି ସମ୍ମୁଖରେ ଏକ ଛୋଟ ଟେବୁଲ ରଖାଯାଇ ତାହା ଉପରେ ଏକ ଟେବୁଲକ୍ଲଥ ବିଛାଇ ଦିଆଯାଇଥାଏ । ନିଶ୍ଚିତ ଭାବରେ ସେ ଅପେକ୍ଷା କରିଥା'ନ୍ତି ପ୍ରୋଗ୍ରାମ୍‌ରେ ଥିବା ଅବଶିଷ୍ଟ କାର୍ଯ୍ୟକ୍ରମ ପାଇଁ । ସେତେବେଳକୁ ସନ୍ଧ୍ୟା ହୋଇ ଯାଇଥାଏ । ଘରର ପ୍ରତ୍ୟେକ କୋଠରିରେ ଗୋଟିଏ ବା ଦୁଇଟି ହାରକିନ୍-ଲ୍ୟାମ୍ପ ଜଳାଇ ଦିଆଯାଇ ସାରିଥାଏ । ଅତିଥିମାନେ ଜଣେ, ଦୁଇଜଣ ବା ତିନିଜଣ ଏକତ୍ର ହୋଇ ନିଜ ନିଜ ଗୃହକୁ ଚାଲିଗଲେ ।

''ମୁଁ ଅପେକ୍ଷା କରି ଠିଆ ହୋଇଥାଏ । ଜାଣିପାରୁ ନଥାଏ ମୋତେ କ'ଣ କରିବାକୁ ହେବ । ଅତିଥିମାନେ ଚାଲିଯିବା ମାତ୍ରକେ ଆୟେଙ୍ଗାର ପ୍ରବେଶ କଲେ ଏବଂ ମୋତେ କହିଲେ ଯେ ତିନିଜଣ ଖ୍ୟାତିସମ୍ପନ୍ନ ବ୍ୟକ୍ତି – ଭାରତୀ, ଶ୍ରୀନିବାସାଚାରୀ ଏବଂ ଭି.ଭି.ଏସ୍. ଆୟେର ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ସାକ୍ଷାତ୍ କରିବାକୁ ଆସୁଛନ୍ତି । ଯଦି ମୁଁ ସେମାନେ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିପାରିବି, ସେତେବେଳେ ଶ୍ରୀଅରବିନ୍ଦଙ୍କ ସହିତ କେବଳ ଚାରି ବା ପାଞ୍ଚଜଣ ଅନ୍ତେବାସୀ ରହିଥିବେ ଏବଂ ସେହି ସମୟରେ ସେ ମୋତେ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଯିବା ପାଇଁ ମନସ୍ଥ କରିଛନ୍ତି ବୋଲି ପ୍ରକାଶ କଲେ । କିନ୍ତୁ ସେଥିପାଇଁ ଶ୍ରୀଅରବିନ୍ଦଙ୍କର ଅନୁମତି ଆବଶ୍ୟକ ବୋଲି କହିଲେ । ମୁଁ ତତ୍‌କ୍ଷଣାତ୍ ମୁଣ୍ଡ ହଲାଇ ସମ୍ମତି ପ୍ରଦାନ କଲି । ସେତେବେଳକୁ ସନ୍ଧ୍ୟା ସାତଟା ଅବା ସାତଟା ପନ୍ଦର ବାଜି ଯାଇଥାଏ । ମୋ ମନରେ ଭୟ ଉଙ୍କି ମାରୁଥାଏ, କାରଣ ଡେରିରେ ଘରକୁ ଗଲେ ପ୍ରଶ୍ନ ଉଠିବ, 'ଡେରି କାହିଁକି ହେଲା ?' କିନ୍ତୁ ତଥାପି ମୁଁ ସାହସ କରି ଡେରିଯାଏ ରହିବା ନିମନ୍ତେ ସମ୍ମତି ପ୍ରଦାନ କରିଦେଇ ଥିଲି ।

''ଆୟେଙ୍ଗାର ପୁନଶ୍ଚ ମୋତେ ପ୍ରଶ୍ନ କଲେ, 'ତୁମେ ଭାରତୀ ଏବଂ ଅନ୍ୟ ଅତିଥିମାନଙ୍କ ସହିତ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାକୁ ଇଚ୍ଛା କରୁଛ ଅଥବା ଅନ୍ତେବାସୀମାନଙ୍କ ସହିତ ?' ମୁଁ ବୁଝି ପାରିଲି ନାହିଁ କ'ଣ ଉତ୍ତର ଦେବାକୁ ହେବ । ଭାରତୀ ଓ ଅନ୍ୟମାନଙ୍କ ସହିତ ହେଉ ଅଥବା ଅନ୍ତେବାସୀମାନଙ୍କ ସହିତ ହେଉ ଶ୍ରୀଅରବିନ୍ଦ ତ ଉଭୟଙ୍କ ପାଇଁ ସମାନ; ତାହାହେଲେ ଏଥିରେ ତଫାତ୍ କେଉଁଠି ରହିଲା, ଏହି କଥା ମୋ ମୁଣ୍ଡ ଭିତରେ ଘୂରିବାକୁ ଲାଗିଲା । ଅଳ୍ପକ୍ଷଣ ନିମନ୍ତେ, ଗୋଟିଏ ମିନିଟର ଅଧାରୁ କମ୍ ହୋଇପାରେ, ମୋ ମନ ସ୍ଥିର ହୋଇଗଲା ଏବଂ ମୁଁ ଉତ୍ତର ଦେଲି, 'ଯେତେବେଳେ ଅନ୍ତେବାସୀମାନେ ଯିବେ, ତାଙ୍କ ସହିତ' । 'ଯଦି ସେହିକଥା ହୁଏ ତାହାହେଲେ ତୁମକୁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ' – ଏହା କହି ଆୟେଙ୍ଗାର ଚାଲିଗଲେ ।

''ପ୍ରାୟ ରାତି ଆଠଟା ପନ୍ଦର ବେଳକୁ ଆୟେଙ୍ଗାର ମୋ ନିକଟକୁ ଆସିଲେ ଏବଂ କହିଲେ, 'ତୁମେ ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭ କରିପାରିବ । ଯେତେବେଳେ ତୁମେ ଶ୍ରୀଅରବିନ୍ଦଙ୍କ ଟେବୁଲ ପାଖଦେଇ ଯାଉଥିବ, ହାତଯୋଡ଼ି ପ୍ରଣାମ କରିପାରିବ, କିନ୍ତୁ ତାଙ୍କ ସହିତ କଥା ହେବାକୁ ଅନୁମତି ନାହିଁ, ତାଙ୍କ ଡାହାଣ ପାଖରେ ପହଞ୍ଚିବା କ୍ଷଣି ସମ୍ମୁଖରେ ଠିଆ ହେବ ଏବଂ କିଛି କ୍ଷଣ ରହିପାରିବ, ହାତଯୋଡ଼ି ପ୍ରଣାମ କରିବ, ନୀରବରେ ବିଦାୟ ନେଇ ଘରକୁ ଚାଲିଯିବ ।' ଆୟେଙ୍ଗାରଙ୍କ ଶବ୍ଦଗୁଡ଼ିକ ମୋ ମସ୍ତିଷ୍କ ଭିତରେ ଲିପିବଦ୍ଧ ହୋଇ ରହିଗଲା ।

''ସାଙ୍ଗେ ସାଙ୍ଗେ ମୋତେ ଭିତରୁ ଡାକରା ଆସିଲା । ମୁଁ ଠିଆହୋଇ ପଡ଼ିଲି ଏବଂ ଶ୍ରୀଅରବିନ୍ଦଙ୍କ ଟେବୁଲ ଆଡ଼କୁ ଆସ୍ତେ ଆସ୍ତେ ଅଗ୍ରସର ହେଲି । ଛାତ ଉପରୁ ତଳକୁ ଝୁଲା ଯାଇଥିବା ହାରକିନ୍-ଲ୍ୟାମ୍ପ ଆଂଶିକ ଭାବରେ ଘର ଭିତରର ଅନ୍ଧକାରକୁ ଦୂରୀଭୂତ କରିବାରେ ସକ୍ଷମ ହେଉଥିଲା । ତାଙ୍କ ଚତୁଃପାର୍ଶ୍ୱରେ ପ୍ରଦକ୍ଷିଣ କରିସାରିଲା ପରେ ସମ୍ମୁଖରେ ଆସି ହାତଯୋଡ଼ି ଠିଆ ହେଲି ଏବଂ ଅନ୍ତରରୁ ଭକ୍ତି ନିବେଦନ କଲି; ମୋ ଉପରେ ତାଙ୍କ ଚକ୍ଷୁଦ୍ୱୟ ନିବଦ୍ଧ ହେବା ମାତ୍ରକେ ମୁଁ ଦେଖିଲି ସେ ଚକ୍ଷୁ ଦୁଇଟି ଦାଉ ଦାଉ ହୋଇ ଜଳୁଛନ୍ତି, ଲ୍ୟାମ୍ପଲାଇଟ୍ ଠାରୁ ଅଧିକ ଉଜ୍ଜ୍ୱଳ ଦେଖାଯାଉଛନ୍ତି; ସେ ମୋତେ ନିରୀକ୍ଷଣ କରି ଚାହିଁଥିବାରୁ ମୋ ଭିତରେ ଥିବା ସକଳ ଅନ୍ଧକାର ତତ୍‌କ୍ଷଣାତ୍ କୁଆଡ଼େ ଉଭେଇଗଲା ଏବଂ ତାଙ୍କର ସେହି ମୂର୍ତ୍ତି ମୋ ସତ୍ତାର ଗମ୍ଭୀରାରେ ସ୍ଥିତ ପବିତ୍ର ସିଂହାସନ ଉପରେ ବିରାଜିତ ହେଲେ – କିଛି ବୁଝିପାରିଲି ନାହିଁ । ମୁଁ ତାଙ୍କ ପଛକୁ ଗଲି, ପୁଣି ଆସି ସମ୍ମୁଖରେ ଠିଆହେଲି, ମସ୍ତକ ଅବନତପୂର୍ବକ ପ୍ରଣାମ ନିବେଦନ କଲି । ମୁଁ ଜାଣିପାରିଲି ନାହିଁ, ମୋତେ କ'ଣ କରିବାକୁ ହେବ ... ରହିବି ନା ଯିବି, କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାଇଥିଲି, ମୋର ସମଗ୍ର ସତ୍ତା ଆଶ୍ଚର୍ଯ୍ୟଚକିତ ହୋଇ ଯାଇଥିଲା, ପ୍ରକମ୍ପିତ ହେଉଥିଲା ।

''ପ୍ରଭୁ ଶ୍ରୀଅରବିନ୍ଦ ତାଙ୍କର ଦିବ୍ୟହସ୍ତ ଉତ୍ତୋଳନପୂର୍ବକ ସେଠାରେ ଉପସ୍ଥିତ ଥିବା ଅନ୍ତେବାସୀମାନଙ୍କ ମଧ୍ୟରୁ ଜଣକୁ କିଛି ସଙ୍କେତ ପ୍ରଦାନ କଲେ । ପୁଣିଥରେ ମୋତେ ଆଉ ଏକ

ମିଠେଇ ଦିଆଗଲା । ମୋ ଭିତରେ ଆନନ୍ଦର ଉତ୍ସ ପ୍ରବାହିତ ହେଉଥିଲା । ମୁଁ ଅନୁଭବ କଲି ସେ ମୋତେ ଗ୍ରହଣ କରି ନେଇଛନ୍ତି, ଯଦିଓ ଏହା ଜାଣି ପାରୁ ନଥିଲି । ତତ୍ପରେ ମୁଁ ଶ୍ରୀଅରବିନ୍ଦଙ୍କ ଗୃହରୁ ନିଜ ଗୃହ ଅଭିମୁଖରେ ଯାତ୍ରା ଆରମ୍ଭ କଲି ।''

ଏହି ସାଧକ-ଭକ୍ତ ହେଉଛନ୍ତି 'ଅରଭ ମୁଦାଚାରୀ ଆୟେଙ୍ଗାର', ବା 'ଅମୃତ', ଯେକି ମେ, ୧୯୦୯ ମସିହାରେ ଶ୍ରୀଅରବିନ୍ଦଙ୍କ ଗୃହରେ ସ୍ଥାୟୀଭାବରେ ବାସ କରୁଥିଲେ । ୧୯୨୬ରେ ଆଶ୍ରମ ପ୍ରତିଷ୍ଠା ହେଲା ଏବଂ ପ୍ରଭୁଙ୍କ ନିର୍ଦ୍ଦେଶରେ ତାଙ୍କୁ ଶ୍ରୀଅରବିନ୍ଦ ଆଶ୍ରମର ପ୍ରଥମ ଜେନେରାଲ ମ୍ୟାନେଜର ରୂପେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେ 'ଆଶ୍ରମ ଟ୍ରଷ୍ଟ'ର ଅନ୍ୟତମ ସଭ୍ୟ ଭାବରେ କାର୍ଯ୍ୟ କରି ଆସୁଥିଲେ – ଦୀର୍ଘ ପଚାଶ ବର୍ଷ, ୧୯୧୯ ମସିହାରୁ ୧୯୬୯ ମସିହା ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ ।

('The Pilgrimage to Sri Aurobindo' by Amrit)
ପୁସ୍ତକର ପୃଷ୍ଠା ୧୭ରୁ ୨୦)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) ଅବିସ୍ମରଣୀୟ ମୁହୂର୍ତ୍ତ – ପ୍ରୀତି ଦାଶଗୁପ୍ତ, ପୃ. ୧୯୦-୧୯୧

**At last a pimple / acne treatment that *REALLY* works !!**
People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika
**Ayurvedic Pimple / Acne Remover**
100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# କାରା-ଜୀବନୀ

## (୫)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଜାହାଜକୁ ଉଠିବା ସମୟରେ ଏପରି ଜଡ଼ତାପ୍ରାପ୍ତ ହେଲି ଯେ ମୋତେ ଚାରି, ପାଞ୍ଚ ଜଣ ଲୋକ ଧରାଧରି କରି ଉଠାଇଲେ ଓ ଜାହାଜର ତଳ କକ୍ଷରେ ଜଡ଼ବତ୍ ପଡ଼ି ରହିଲି । ଡାକ୍ତର ମୋତେ ଜୋର୍ କରି ଢ଼ୋକେ ବ୍ରାଣ୍ଡି ପିଆଇ ଦେଲେ । ତା'ପରେ ଜାହାଜର ସେଇ ତଳ କକ୍ଷରେ ପଡ଼ିଛି ବୋଲି କେତେ ଜଣ ମିଶି ଧରାଧରି କରି ମୋତେ ଉପର ଡେକ୍‌କୁ ନେଇଗଲେ ଏବଂ ସେଠାରେ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜୋର୍ କରି ଧରି ମୋର ନାକରେ ନଳ ପୂରାଇ କ୍ଷୀର ଖୁଆଇ ଦିଆଗଲା । କ୍ଷୀର ଖାଇ ସାରିବା ପରେ ଚାହିଁ ଦେଖିଲି ଖାଦ୍ୟ ନଳୀର ଅଭାବରେ ଡାକ୍ତର ଗୋଟିଏ ରବର catheter ଦେଇ କାମଟିକୁ ସାରି ଦେବାକୁ ବସିଛନ୍ତି । ଡାକ୍ତରର ଏହିପରି ଜଘନ୍ୟ ଆଚରଣ ଦେଖି ମୋର ତା' ଉପରେ ଖୁବ୍ ଘୃଣା ହେଲା, ଏବଂ ପାଖକୁ ଚାହିଁ ଦେଖିଲି ଇଜିଚେୟାରରେ ଜଣେ ଇଉରୋପୀଆନ୍ କର୍ମଚାରୀ ବସିଛନ୍ତି । ପରେ ଜାଣିଲି ସେହିଁ ମାନ୍ଦ୍ରାଜରୁ ଆସିଛନ୍ତି ମୋତେ ନେବା ପାଇଁ – ଏଇ ଇଉରୋପୀଆନ୍‌ଙ୍କ ଆଡ଼କୁ ଫେରି ଘଟଣାଟା ଲକ୍ଷ୍ୟ କରିବା ପାଇଁ ଇଙ୍ଗିତ କରିବାରୁ ସେ କହି ଉଠିଲେ, ''ମୋର ଏଠାରେ କିଛି ବି ହାତ ନାହିଁ, ଏ ଜାଗାରେ ଡାକ୍ତରହିଁ ସର୍ବେସର୍ବା, ମୋତେ ଆଉ କହି କ'ଣ ହେବ ?'' ଶେଷରେ କିଛି ନକହି ଚୁପ୍ ରହିଲି ଏବଂ ଯେକୌଣସି ପ୍ରକାରରେ ଗନ୍ତବ୍ୟ ପଥ ଅତିକ୍ରମ କରି ବନ୍ଦରରେ ପହଞ୍ଚିବାର ଆଶାରେ ଜଡ଼ବତ୍ ପଡ଼ି ରହିଲି ।

ଅବଶେଷରେ ଜାହାଜ ଦୁଇ ଦିନ ଦୁଇ ରାତି ଅନବରତ ଗତି କରି ବନ୍ଦରରେ ପହଞ୍ଚିଲା । ଜାହାଜ ବନ୍ଦରରେ ରହିବା ପରେ ଶୁଣିଲି ଏଇଟା କଲିକତା ନୁହେଁ, ମାନ୍ଦ୍ରାଜ । ପୂର୍ବରୁ କହିଛି, ଜାହାଜକୁ ଉଠିବା ପର୍ଯ୍ୟନ୍ତ ମୋର ଏକ ନିଶ୍ଚିତ ଧାରଣା ଥିଲା ଯେ ମୋତେ ଦେଶକୁ ପଠାଇ ଦିଆଯାଉଛି, ସୁତରାଂ କଲିକତା ବନ୍ଦରରେହିଁ ପହଞ୍ଚିବାର କଥା । କିନ୍ତୁ ଯେତେବେଳେ ଶୁଣିଲି ଜାହାଜ ମାନ୍ଦ୍ରାଜ ବନ୍ଦରରେ ଆସି ଲାଗିଛି, ସେତେବେଳେ ଭାବିଲି, ଏ ପୁଣି କି ବିପଦ, ମାନ୍ଦ୍ରାଜ ଆସିବାକୁ ହେଲା କାହିଁକି ? ତେବେ ବୋଧ ହୁଏ ଜାହାଜ କଲିକତା ଯିବାକୁ ଆହୁରି କିଛି ଦିନ ବିଳମ୍ବ ଅଛି, ତେଣୁ ଶୀଘ୍ର ଶୀଘ୍ର ମାନ୍ଦ୍ରାଜ ଆଡ଼କୁ ମୋତେ ଚାଲାଣ ଦିଆଯାଇଛି, ମାନ୍ଦ୍ରାଜରେ ଓହ୍ଲାଇ ସ୍ଥଳପଥରେ ମୋତେ କଲିକତା ଯିବାକୁ ହେବ । ଏହିପରି ମନେ ମନେ କେତେ କ'ଣ ଭାବୁଛି, ଏପରି ସମୟରେ ଦେଖିଲି ଆମର ପୂର୍ବକଥିତ ଇଉରୋପୀଆନ୍ କର୍ମଚାରୀଟି ମୋତେ ନେଇ ଯିବାକୁ ଆସିଛନ୍ତି । ଦେଖାଯାଉ କ'ଣ ହେଉଛି – ଏଇଆ ଭାବି ମୁଁ ତାଙ୍କ ସାଙ୍ଗରେ ଚାଲିଲି ।

ବୋଟ୍ ଭଳି ଏକ ଡଙ୍ଗାରେ ଆସି ଓହ୍ଲାଇବା ପରେ କେଉଁଠିକି ଯିବି ସେମାନେ ପଚାରିବାରୁ ସିଧା ଉତ୍ତର ଦେଲି ବାଂଲାଦେଶକୁ । ସେ କହିଲେ, ''ବାଂଲାଦେଶକୁ ! ଅର୍ଥ କ'ଣ ?'' ମୁଁ କହିଲି, ''କାହିଁକି, ମୋର ତ ଛାଡ଼ ହୋଇ ଯାଇଛି, ବର୍ତ୍ତମାନ ଦେଶକୁ ଯିବି ନାହିଁ ତ ଆଉ କେଉଁଠିକି ଯିବି ?'' ଉତ୍ତରରେ ସେ କହିଲେ, ''ମୁଁ ତ ତାହା ଜାଣେନା ! ମୋତେ ପଠା ହୋଇଥିଲା ତୁମକୁ ଆଣିବା ପାଇଁ, ତେଣୁ ମୁଁ ଯାଇଥିଲି । ବର୍ତ୍ତମାନ ସୁଦ୍ଧା ତୁମର କାଗଜପତ୍ର ଆସି ପହଞ୍ଚି ନାହିଁ, କାଗଜପତ୍ର ନଦେଖି ତୁମର ଛାଡ଼ ସମ୍ବନ୍ଧରେ ମୁଁ କିପରି କହିବି ? ବର୍ତ୍ତମାନ ପ୍ରଶ୍ନ ହେଉଛି ଯେତେଦିନ ପର୍ଯ୍ୟନ୍ତ ତୁମର କାଗଜପତ୍ର ଆସି ନ ପହଞ୍ଚିଛି ସେତେଦିନ ତୁମକୁ କେଉଁଠି ରଖାଯିବ ? ଯଦି ଜେଲକୁ ଯିବାକୁ ଚାହଁ ସେଠାକୁ ପଠାଇ ଦେଇପାରେ; ନଚେତ୍ ମୁଁ ଏଠିକାର ପାଗଳା ଗାରଦରେ କାମ କରେ, ମୋ ସହ ତୁମକୁ ନେଇଯାଇ ସେଠାରେହିଁ ତୁମକୁ ଭର୍ତ୍ତି କରି ଦେବି । ଏହାପରେ ସୁପରିନ୍‌ଟେଣ୍ଡେଣ୍ଟ୍ ଯେପରି ଉଚିତ ବିବେଚନା କରିବେ, ସେହିପରି କରାହେବ ।'' ମୁଁ ବି ଅନନ୍ୟୋପାୟ ହୋଇ ସର୍‌ଜେଣ୍ଟ୍‌ର ସଙ୍ଗେ ଚାଲିଲି । ସେ ଏକ ଭଡ଼ା ଗାଡ଼ି ଡାକି ମୋତେ ସେଥିରେ ନେଲେ ଏବଂ ଆମେ ମାନ୍ଦ୍ରାଜର ରାସ୍ତାଘାଟ ଇତ୍ୟାଦି ଦେଖୁ ଦେଖୁ ପାଗଳା ଗାରଦରେ ଆସି ପହଞ୍ଚିଗଲୁ । ରାସ୍ତାରେ ଇଲେକ୍‌ଟ୍ରିକ୍ ଟ୍ରାମ୍ ଦେଖି ପଚାରିବାରୁ ଜାଣିଲି ସେଠାରେ ଇଲେକ୍‌ଟ୍ରିକ୍ ଟ୍ରାମ୍ ପ୍ରାୟ ୩୦

ବର୍ଷ ହେଲାଣି ଚାଲିଛି, ଶୁଣି ଟିକିଏ ଅବାକ୍ ହୋଇଗଲି । କଲିକତାରେ ସେତେବେଳ ପର୍ଯ୍ୟନ୍ତ ଇଲେକ୍‌ଟ୍ରିକ୍ ଟ୍ରାମ୍ ପ୍ରାୟ ଦଶ, ବାର ବର୍ଷ ହେଲା ଚାଲିଛି । ବମ୍ବେରେ ତ ଆହୁରି କମ୍, ବୋଧହୁଏ ଚାରି, ପାଞ୍ଚ ବର୍ଷରୁ ଅଧିକ ହେବ ନାହିଁ । ଯେଉଁ ମାନ୍ଦ୍ରାଜ ସମ୍ବନ୍ଧରେ ଶୁଣିଥିଲି 'ସେଠାରେ ରେଲଗାଡ଼ିର ପ୍ରଥମ ପ୍ରଚଳନ ସମୟରେ ଯେଉଁ ବ୍ରାହ୍ମଣ ଜଣକ ପ୍ରଥମେ ଏହାକୁ ଦେଖିବାକୁ ଆସିଥିଲେ, ତାଙ୍କୁ ତାଙ୍କର ଗୋଷ୍ଠୀବର୍ଗ ସହ ଜାତିଚ୍ୟୁତ କରା ହୋଇଥିଲା ।' ସେହି ମାନ୍ଦ୍ରାଜହିଁ ଇଲେକ୍‌ଟ୍ରିକ୍ ଟ୍ରାମ୍ ଭଳି ଏମିତି ଗୋଟାଏ ଆଶ୍ଚର୍ଯ୍ୟଜନକ ଓ ନୂତନ ଘଟଣାରେ ଭାରତବର୍ଷରେ ଅଗ୍ରଣୀ – ଶୁଣିଲେ ଅବାକ୍ ହେବାର କଥା ।

ଛାଡ଼, ମୋତେ ପାଗଳା ଗାରଦକୁ ନେଇ ଆସିବା ପରେ ପାଖାପାଖି ଦୁଇଟି କୋଠରିଯୁକ୍ତ ଗୋଟିଏ କୋଠାଘରେ ରହିବାର ସ୍ଥାନ ଦିଆହେଲା । ଶୁଣିଲି, ତାହା ବିଶେଷ ଶ୍ରେଣୀର ରୋଗୀଙ୍କ ପାଇଁ । ମୁଁ ଆସି ପହଞ୍ଚିବାର ଅବ୍ୟବହିତ ପରେହିଁ ଶୁଣିବାକୁ ପାଇଲି, ବାସନପତ୍ର ଖଡ଼ଖଡ଼ର ଏକ ଜୋର୍‌ଦାର ଶବ୍ଦ । ମନେ ହେଲା ଯେପରି ଖାଲି ବାସନପତ୍ରର ଝନ୍ ଝନ୍ ଆବାଜ ଦ୍ୱାରା ମୋତେ ଇଙ୍ଗିତ କରା ହୋଇଛି ଯେ ସେସବୁ ଖାଲି, ତା' ମଧ୍ୟରେ କିଛି ନାହିଁ, ଯଦି ଅନୁମତି ହୁଏ ତେବେ ଲୋକଙ୍କ ମାରଫତରେ ନିକଟସ୍ଥ ପାକଶାଳାରୁ ଅନ୍ନ ପାନୀୟ ଦ୍ୱାରା ଏଇ ସମସ୍ତ ଖାଲି ବାସନ ଭର୍ତ୍ତି କରାଇ ଆଣି ହେବ । ସେଠାକାର ଲୋକେ ମୋତେ ଯେପରି ଏକ ବିରାଟ କ୍ୟାପ୍‌ଟେନ୍ ବୋଲି ଭାବିଛନ୍ତି, ତେଣୁ ମୋର କଲ୍ୟାଣରେ ସେମାନେ ବହୁଦିନର ଅନଶନ-କ୍ଲେଶ ଦୂର କରି କୃତାର୍ଥ ହେବେ । ଅବଶ୍ୟ ଏଠାରେ ସିଧାସଳଖ ଭାବେ କୌଣସି କଥା ଘଟେ ନାହିଁ, ଯାହାକିଛି ସବୁ ପଛରେ, ଇଙ୍ଗିତରେ; ଏବଂ ତାହା ବି ତୃତୀୟ ବ୍ୟକ୍ତିର ସାହାଯ୍ୟରେ । ସେଠାକାର ସ୍ଥାନୀୟ ଭାଷା ତାମିଲ, ଆମ ପରି ନୂଆ ଲୋକମାନଙ୍କର ଏ ଦୁର୍ବୋଧ ଭାଷା କହିବାର ସାଧ୍ୟ କୁଆଡୁ ଆସିବ ? ସୁତରାଂ ସ୍ଥାନୀୟ ଲୋକମାନଙ୍କ ସହ ଆଳାପ ପରିଚୟ କରିବାର ଏହା ଏକ ମୂକ-ବଧିର ବିଦ୍ୟା – ହାତ ହଲାଇବା, ମୁଖ ହଲାଇବା ଛଡ଼ା ଗତ୍ୟନ୍ତର ନାହିଁ । ନୂଆ ଲୋକ ଦେଖି କେତେ ପାଗଳ କୌତୂହଳୀ ହୋଇ କେତେ କ'ଣ ପଚାରନ୍ତି । ମୁଁ ଏକା ରହିବା ବେଳେ ସେମାନଙ୍କର କୌତୂହଳ ଚରିତାର୍ଥ କରିବାର କୌଣସି ଉପାୟ ରହେ ନାହିଁ, ତେବେ ଅନେକ ସମୟରେ ଓ୍ୱାର୍ଡ଼ରମାନଙ୍କ ମଧ୍ୟରେ କେତେକ ହିନ୍ଦୁସ୍ଥାନୀ ରହିପାରି ଥାଆନ୍ତେ, ଏପରିକି ଖଣ୍ଡି ଖଣ୍ଡି ଇଂରାଜୀରେ ମଧ୍ୟ ଅନେକେ କଥା କହି ପାରିଥା'ନ୍ତେ, ସେମାନଙ୍କ ସାହାଯ୍ୟରେ କଥାବାର୍ତ୍ତା କରିବାର ସୁବିଧା ହୋଇ ଥାଆନ୍ତା ।

ଆଣ୍ଡାମାନ ପାଗଳା ଗାରଦରୁ ମାନ୍ଦ୍ରାଜ ପାଗଳା ଗାରଦକୁ ଆସି ଏକ ପ୍ରଧାନ ପାର୍ଥକ୍ୟ ଲକ୍ଷ୍ୟ କଲି ଯେ ସେଠାରେ ଇଉରୋପୀୟ ଅଥବା ଇଉରେସୀଆନ୍ ରୋଗୀମାନଙ୍କର ମଧ୍ୟ ରହିବାର ବ୍ୟବସ୍ଥା ଅଛି ଏବଂ ଦେଶୀୟ ଓ ଇଉରୋପୀୟ ଉଭୟ ପ୍ରକାର ରୋଗୀର ସେବା ପାଇଁ ନର୍ସ ନିଯୁକ୍ତ ଅଛନ୍ତି । ଯଦିଓ ମେଡ଼ିକାଲ କଲେଜ ହାସପାତାଲ ଅଥବା ଅନ୍ୟାନ୍ୟ ବଡ଼ ବଡ଼ ହାସପାତାଲରେ ଆଜିକାଲି କେବେ କେବେ ଦେଶୀୟ ନର୍ସ ଦେଖିବାକୁ ମିଳନ୍ତି, ପାଗଳା ଗାରଦ ହାସପାତଲରେ କେବେ ଦେଶୀୟ ନର୍ସ କାମ କରିବା ଦେଖି ନାହିଁ । ଯେଉଁମାନେ ସେଠାରେ କାମ କରନ୍ତି ସେମାନେ ପ୍ରାୟହିଁ ଇଉରୋପୀଆନ୍ ଅଥବା ଇଉରେସୀୟ ସମାଜଭୁକ୍ତ ଏବଂ ସେମାନଙ୍କର ଏପରି ଭୟାବହ ସ୍ଥାନରେ କାମ କରିବାକୁ ଯିବାଟା ବି ଖୁବ୍ ହିଁ ସାହସର କାର୍ଯ୍ୟ କହିବାକୁ ହେବ; କାରଣ ସେଠିକାର ବ୍ୟାପାର ଯାହା ସ୍ୱଚକ୍ଷୁରେ ଦେଖିଛି ସେଥିରେ ପୁରୁଷ ଲୋକମାନଙ୍କର ଏହିପରି ସ୍ଥାନରେ କାମ କରିବା ଆଶଙ୍କାଜନକ, ମହିଳାମାନଙ୍କର ତ ଭୟ ପାଇବାରହିଁ କଥା; ଯେଉଁମାନେ ସେଠାରେ କାମ କରିବାକୁ ଯାଆନ୍ତି, ବୋଧହୁଏ ଏକେବାରେ ପ୍ରାଣର ମାୟା ତ୍ୟାଗ କରି ଯାଆନ୍ତି । କିନ୍ତୁ ଦୀନ, ଦୁଃଖୀ, ଦରିଦ୍ର, ଅସହାୟ ପାଗଳମାନଙ୍କ ମଧ୍ୟରେ ସେମାନଙ୍କର ମାତୃତୁଲ୍ୟ ସ୍ନେହ-ହସ୍ତ ଅଶେଷ ପ୍ରକାରର ମାନସିକ କ୍ଲେଶ ଉପଶମ କରିଥାଏ, ସନ୍ଦେହ ନାହିଁ ।

''ସମସ୍ତେ ଛାଡ଼ିଛନ୍ତି ନାହିଁ ଯା'ର କେହି
ତୁମେ ଅଛ ତା'ର, ଅଛି ତବ ସ୍ନେହ,
ନିରାଶ୍ରୟ ଜନ ପଥ ଯା'ର ବାସସ୍ଥାନ,
ସେ ବି ଅଛି ତବ ଭବନେ ।''

ଗୀତଟି ଯେପରି ଠିକ୍ ଏହି ସ୍ଥାନରେ ପ୍ରଯୁଜ୍ୟ । ଏତେ ଦିନର କଠିନ କର୍ମଭାରରେ ପୀଡ଼ିତ ଶୁଷ୍ମତାର ପରେ ଏଇ ନୂଆ ବ୍ୟବସ୍ଥା ମୋ ପକ୍ଷରେ ବି କେତେଟା ସରସ ବୋଲି ବୋଧ ହେବାକୁ ଲାଗିଲା, – ଯେପରି କିଛି ପରିମାଣରେ ଘରର ସ୍ନେହ ମମତାର ଅଭାବଜନିତ ଦୁଃଖ ଭୁଲି ରହିବାର ଅବସର ପାଇବାକୁ ଲାଗିଲି । ତେବେ ହଜାରେ ନୂଆ ବ୍ୟବସ୍ଥା ହେଉ, ପାଗଳା ଗାରଦରେ ବେଶୀ ଦିନ ଏଭଳି ସ୍ୱାଚ୍ଛନ୍ଦ୍ୟ ଭୋଗ କରିବାକୁ ହେଲା ନାହିଁ ।

କିଛିଦିନ ଯାଇଛି କି ନାହିଁ ମୋର ପାଖ କୋଠରିରେ କେତେଜଣ ଗୋରା ସୈନ୍ୟ ମିଶି ତାଙ୍କ ମଧ୍ୟରୁ ଜଣଙ୍କୁ ଭର୍ତ୍ତି କରି ଦେଇ ଗଲେ । ନାମ ପଚାରିବାରୁ ସେ ଏକା ନିଃଶ୍ୱାସରେ କହି ପକାଇଲା ଆଡ଼ମିରାଲ ରିଚାର୍ଡ଼ସନ୍ । ଘର କେଉଁଠି ପଚାରିଲେ କହେ, ‘ବେଣୀ‘ସ୍କ’ଲ୍ୟାଣ୍ଡ’ । ଏକ ଦଣ୍ଡ ବି ବସି ରହିପାରେ ନାହିଁ, ସବୁବେଳେ ଅସ୍ଥିର; ଲୁଗା ପିନ୍ଧାଇ ଦେଲେ ଅଳ୍ପକ୍ଷଣ ମଧ୍ୟ ଦେହରେ ରଖେ ନାହିଁ, କୋଠରି ସାମନାରେ ଛିଡ଼ା ହୋଇ ପରିସ୍ରା କରି ଭସାଇ ଦିଏ । ପ୍ରତିଦିନ ତାକୁ ଖୁଆଇବା ପାଇଁ, ଗାଧୋଇ ଦେବା ପାଇଁ, ଲୁଗା ପିନ୍ଧାଇବା ଲାଗି ଚାରି-ପାଞ୍ଚଜଣ ଲୋକ ଲାଗି ରହିଥା’ନ୍ତି । ପ୍ରଥମ ଅବସ୍ଥାରେ ବାରଂବାର ତା’ ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଆସିବାକୁ ଲାଗିଲା, ଯେପରି ମୋତେ ପରୀକ୍ଷା କରିବା ପାଇଁ ମୋ ସାମନାରେ ଆମ ଦୁଇଜଣଙ୍କ ପ୍ରତି ଆଦର ଯତ୍ନର ଏତେଟା ପ୍ରଭେଦର ସୃଷ୍ଟି କରାହେଲା ।

ମୋର ନିଜର ବି ମାନସିକ ଅବସ୍ଥା ସେତେବେଳେ ଏକେବାରେ ସୁସ୍ଥ ନୁହେଁ । ମୋର ମନେ ହେଲା ଯେପରି ମୋରି ଖାଦ୍ୟକୁ ମୋତେ ଦେଖାଇ ଦେଖାଇ ତାକୁ ଖାଇବାକୁ ଦିଆ ହେଉଛି । ଅବଶେଷରେ ଦିନେ ସତକୁ ସତ ଧୈର୍ଯ୍ୟଚ୍ୟୁତ ହୋଇ ତା’ର ଖାଇବା ଗିନାଟିକୁ ଧରି ଟଣାଟଣି ଆରମ୍ଭ କରି ଦେଲି । ଯେଉଁ ପରିଚାରକଟି ତା’ର ଖାଇବା ଆଣୁଥିଲା ସେ ମୋତେ ଛଡ଼ାଇବା ପାଇଁ ପଟେ ଜୋତାରେ ମୋର କପାଳକୁ ମାରିଲା । ଗୋରା ଲୋକଟି ଯଦିଓ ପରିଚାରକକୁ ଏଇ ଖାଇବା ଗିନାଟିକୁ ମୋତେ ଦେଇ ଦେବା ଲାଗି ଅନୁରୋଧ କଲା ତଥାପି ପରିଚାରକ ନିଜର କର୍ତ୍ତବ୍ୟ ନଭୁଲି ତାହାକୁହିଁ ଖୁଆଇବାକୁ ଲାଗିଲା । ମୁଁ ଯେପରି କିଂକର୍ତ୍ତବ୍ୟବିମୂଢ଼ ହୋଇ ମୋର କୋଠରିକୁ ଫେରି ଆସିଲି ।

କହିବାକୁ ଭୁଲି ଯାଇଛି, ମୁଁ ମାନ୍ଦ୍ରାଜ ପାଗଳା ଗାରଦକୁ ଆସିବା ପରଦିନହିଁ ମୋର ଜଣେ ବନ୍ଧୁ ଜୁଟିଗଲା । ସେ ବି ସେଠାକାର ଜଣେ ରାଜନୈତିକ କଏଦୀ, ଟିନ୍ନେଭେଲୀରୁ ଚାରିବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇଛି । ସେ ସେତେବେଳେ ପାଗଳା ଗାରଦ ଅଧୀନରେ ଅପେକ୍ଷାକୃତ ସୁସ୍ଥ କଏଦୀମାନଙ୍କ ନିମନ୍ତେ ଯେଉଁ ସ୍ଥାନ ନିର୍ଦ୍ଦିଷ୍ଟ ଅଛି ସେଠାରେ ରହେ ଏବଂ କାମ କରେ । ମୋ ସହ ପ୍ରଥମ ଦେଖା ହେବା ସମୟରେ ଖୁବ୍ ବେଶୀ କଥାବାର୍ତ୍ତା ହୋଇ ନଥିଲା, ତେବେ ମୁଁ ଯେଉଁଠି ରହୁଥିଲି ସେଇଟା ହାସପାତାଳର ଅଧୀନରେ ଥିଲା, କାର୍ଯ୍ୟତଃ ଔଷଧ ପାଇଁ ଅବା ଅନ୍ୟକିଛି ଆଳରେ ସେ ଆସି ମଝିରେ ମଝିରେ ମୋ ସହ ଦେଖା କରି ଯାଉଥିଲା । କ୍ରମେ ତା’ ସାହାଯ୍ୟରେ ଏବଂ ଲୋକମାନଙ୍କ ମୁହଁରୁ ଶୁଣି ଶୁଣି ଟିକିଏ ତାମିଲ ଭାଷା ଶିଖିଗଲି ।

ରିଚାର୍ଡ଼ସନ୍ ମୋର ପାଖ କୋଠରିକୁ ଆସିବାର କିଛି ଦିନ ପରେ ମୋତେ ଅନ୍ୟ ଏକ କୋଠରିକୁ ବଦଳି କରାଗଲା । ସେଠାରୁ ବଦଳି ହେବା ପୂର୍ବରୁ ଗୋଟିଏ ବିଷୟ ଲକ୍ଷ୍ୟ କରିଥିଲି ଯେ ତା’ର ଶରୀରରେ ଏପରି ସବୁ ଉତ୍କଟ ରୋଗର-ବିଷ ପ୍ରବିଷ୍ଟ ହୋଇଛି ଯେ ତା’ ମୁହଁରୁ ଯେଉଁ ଛେପ ବାହାରୁ ଥିଲା ତାହା ମାଟିରେ ପଡ଼ି ଏକେବାରେ ଧଳା ଫେଣ ପରି ଜମା ହୋଇଯାଏ ଏବଂ ତା’ ଉପରେ ମାଛି ଆସି ବସିଲେ ରିଚାର୍ଡ଼ସନ୍ ପ୍ରାୟ ଅଧାହାତ ଦୂରରୁ ତର୍ଜନୀ ଅଙ୍ଗୁଳି ଦ୍ୱାରା ଲକ୍ଷ୍ୟ କରି ଇଂରେଜୀ ବର୍ଣ୍ଣମାଳାରୁ କୌଣସି ଗୋଟିଏ ଅକ୍ଷର ଉଚ୍ଚାରଣ କରିବା ମାତ୍ରେ ଯେଉଁ ମାଛିଟିକୁ ଲକ୍ଷ୍ୟ କରି ଏକଥା କହୁଥିଲା ସେଇଟି ମରିଯାଏ । ଏହିପରି କ୍ରମାନ୍ୱୟରେ ଚାରି, ପାଞ୍ଚଟି ମାଛି ମରିଯିବାର ମୁଁ ସ୍ୱଚକ୍ଷୁରେ ଦେଖିଛି । ଏପରି ଅବସ୍ଥାରେ ଉପଯୁକ୍ତ ଆହାରର ବ୍ୟବସ୍ଥା ନଥିଲେ ହୁଏତ ସେ ନିଜେ ଏଇ ବିଷ ହାତରୁ ରକ୍ଷା ପାଇ ଥାଆନ୍ତା କି ନା ସନ୍ଦେହ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ତୁମର ପ୍ରାଣସତ୍ତାର ଦ୍ୱାର ଦେଶରେ, ଏଣିକି ଶ୍ରୀମା’ଙ୍କର ଗୋଟିଏ ଆଦେଶନାମା ଲଗାଅ : ‘‘ଆଜିଠାରୁ ଏଠାକୁ କୌଣସି ପ୍ରକାର ମିଥ୍ୟାଚାରର ପ୍ରବେଶ ନିଷେଧ ।’’ ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେଠାରେ ଏକ ପ୍ରହରୀ ନିଯୁକ୍ତ କର ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା : ୨୩୦) — ଶ୍ରୀଅରବିନ୍ଦ

# ନୂତନ ଶିକ୍ଷାର ଆହ୍ୱାନ

## (୨୩)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ବିବର୍ତ୍ତନ ଧାରାରେ ମନୁଷ୍ୟ ଯେଉଁ ସ୍ଥିତିରେ ପହଞ୍ଚିଛି ତାହା ସର୍ବୋଚ୍ଚ ସ୍ଥିତି ନୁହେଁ । ଜଡ଼, ପ୍ରାଣ ଓ ମନର ବିକାଶ ଶେଷ ହୋଇ ଯାଇଛି । ମନୁଷ୍ୟ ସ୍ତରଟି ଚେତନାର କ୍ରମବିକାଶ ଧାରାରେ ଶେଷ ସ୍ତର ନୁହେଁ । ତେଣୁ ଏହି ବିକାଶଧାରା ମନୁଷ୍ୟଠାରେ ଅଟକି ନଯାଇ ଆଗକୁ ମାଡ଼ି ଚାଲିବ । ଏପର୍ଯ୍ୟନ୍ତ ଜଡ଼, ପ୍ରାଣ ଓ ମନର ଯେଉଁ ବିକାଶ ସାଧିତ ହୋଇଛି ତାହାସବୁ ବାହ୍ୟ ରୂପ ସ୍ତରର ବିକାଶ । ଏହାପରେ ଯେଉଁ ବିକାଶ ବା ପରିବର୍ତ୍ତନ ଘଟିବ ତାହା ବାହ୍ୟରୂପ ସ୍ତରରେ ଘଟିବ ନାହିଁ ବରଂ ଆନ୍ତର ରୂପର ପରିବର୍ତ୍ତନ ଘଟିବ । ଅର୍ଥାତ୍, ମନୁଷ୍ୟ ରୂପ ରହିବ କିନ୍ତୁ ମନୁଷ୍ୟ ମଧ୍ୟରେ ଦିବ୍ୟତା ପ୍ରକାଶ ପାଇବ । ମାନବ ଦିବ୍ୟ ମାନବରେ ପରିଣତ ହେବ । ମନୁଷ୍ୟର ପ୍ରକୃତି ଦିବ୍ୟ ପ୍ରକୃତିରେ ପରିଣତ ହେବ । ମନୁଷ୍ୟ ମଧ୍ୟରେ ଦେବତାର ଅବତରଣ ଘଟିବ । ଏହି ପରିବର୍ତ୍ତନଟି ବାହ୍ୟ ଶକ୍ତି ଦ୍ୱାରା ସମ୍ଭବ ହୋଇପାରିବ ନାହିଁ । ଏଥିପାଇଁ ମନୁଷ୍ୟର ଆନ୍ତର ପ୍ରସ୍ତୁତି ବା ରୂପାନ୍ତର ହେବା ସକାଶେ ଆନ୍ତର ସମ୍ମତି ଆବଶ୍ୟକ । ସୁତରାଂ ବର୍ତ୍ତମାନର ପରିସ୍ଥିତି ଅତି ଜଟିଳ ଏବଂ ଏହା ଏକ ସନ୍ଧିକ୍ଷଣ । ମନୁଷ୍ୟ ଏପରି ଏକ ସ୍ଥିତିରେ ପହଞ୍ଚିଛି ଯେଉଁ ସ୍ଥିତିରୁ ସେ ଆଗକୁ ଯାଇ ପାରୁ ନାହିଁ କି ପଛକୁ ଫେରି ପାରୁ ନାହିଁ; କିନ୍ତୁ ତା' ଭିତରେ ଏପରି ଏକ ଚାପ ପଡ଼ିବାର ସେ ଅନୁଭବ କରୁଛି ଯାହା କୌଣସି ବିଜ୍ଞାନର ଯାଦୁକରୀ ବିଦ୍ୟା ଦ୍ୱାରା ସମାଧାନ ହୋଇ ପାରିବ ନାହିଁ । ଚେତନାର ଚତୁର୍ଥ ଭୂମି ହେଉଛି ବିଜ୍ଞାନ ବା ଅତିମାନସ ଚେତନା । ଏହି ବିଜ୍ଞାନ ଭୂମି ହେଉଛି ସତ୍ୟ, ଜ୍ଞାନ, ଆଲୋକ, ପ୍ରେମ ଓ ଆନନ୍ଦର ଭୂମି । ଏହି ସ୍ତରକୁ ଉନ୍ନୀତ ହେବା ହେଉଛି ବିବର୍ତ୍ତନର ଲକ୍ଷ୍ୟ । ବୈଜ୍ଞାନିକମାନେ ଏହା ବୁଝିବାକୁ ଆରମ୍ଭ କଲେଣି । ମନସ୍ତତ୍ତ୍ୱବିତ୍‌ମାନେ ସ୍ୱୀକାର କରିଛନ୍ତି ଯେ ମନର ଊର୍ଦ୍ଧ୍ୱରେ ଆଉ ଏକ ସ୍ତର ରହିଛି ଯାହା ପ୍ରକାଶ ଅପେକ୍ଷାରେ ରହିଛି । କିନ୍ତୁ ମନୁଷ୍ୟର ବୁଦ୍ଧି ପାଖରେ କୌଣସି ଜ୍ଞାନ ବା ଉପାୟ ନାହିଁ ଯଦ୍ୱାରା ସେ ଏହାକୁ ସମ୍ଭବ କରିପାରିବ । ସେଥିପାଇଁ ବ୍ୟକ୍ତି, ସମାଜ ସବୁ ସ୍ତରରେ ଅସନ୍ତୋଷର ଅଗ୍ନି ପ୍ରଜ୍ୱଳିତ ହେବାରେ ଲାଗିଛି । ତେଣୁ ସେ ନିଜର ଗୌରବ, ଜ୍ଞାନଗରିମା, ସକଳ ଦକ୍ଷତାକୁ ଯେତେ ଘାଣ୍ଟିଲେ ମଧ୍ୟ ନିଜ ଚେତନାକୁ ଊର୍ଦ୍ଧ୍ୱଗାମୀ କରିପାରୁ ନାହିଁ କି ଅଧିକ ପ୍ରସାରିତ ମଧ୍ୟ କରିପାରୁ ନାହିଁ । ଶ୍ରୀଅରବିନ୍ଦ ଏହାକୁ ଏକ ବିବର୍ତ୍ତନଗତ ସମସ୍ୟା ବୋଲି କହିଛନ୍ତି । ମନୁଷ୍ୟ ଏକ ମଧ୍ୟବର୍ତ୍ତୀକାଳୀନ ସତ୍ତା । ମନୁଷ୍ୟର ବର୍ତ୍ତମାନ ସ୍ଥିତି କ୍ଷଣସ୍ଥାୟୀ । ଏହା ପରିବର୍ତ୍ତନଶୀଳ । ବର୍ତ୍ତମାନ ସମାଜରେ ଯେଉଁ ବିଶୃଙ୍ଖଳା, ମିଥ୍ୟାଚାର, ଅସଙ୍ଗତି ସବୁ ସୃଷ୍ଟି ହେଉଛି ତାହା ତା'ର ଅସ୍ତିତ୍ୱର ସମସ୍ୟା ଅଟେ । ଶ୍ରୀଅରବିନ୍ଦଙ୍କ ଭାଷାରେ –

"For all problems of existence are essentially problems of harmony."

(CWSA, Vol. 21 - 22, p. 4)

ବର୍ତ୍ତମାନ ମନୁଷ୍ୟ ଏକ ସ୍ଥିତିଶୀଳ ଅବସ୍ଥାରେ ରହିଛି ଯାହା ଏକ ତ୍ରିଶଙ୍କୁ ଅବସ୍ଥା । ମନୁଷ୍ୟ ଏକ ବିବର୍ତ୍ତନଶୀଳ ଆତ୍ମା ହୋଇଥିବାରୁ ଆତ୍ମାର ଅଭିବ୍ୟକ୍ତି ବା ଆତ୍ମବିକାଶ ପଥରେ ମନୁଷ୍ୟ ଏକ ମଧ୍ୟବର୍ତ୍ତୀ ଅବସ୍ଥା । ଏହାପରେ ବିଜ୍ଞାନର ସ୍ତର ବା ଅତିମାନସର ସ୍ତର ଯାହାକୁ ପ୍ରକାଶିତ କରିବା ପାଇଁ ପ୍ରକୃତି ସର୍ବଦା ମନୁଷ୍ୟ ମାଧ୍ୟମରେ କ୍ରିୟା କରି ଚାଲିଛି ଏବଂ ତା'ର ସ୍ଫୁରଣ ବା ସ୍ପନ୍ଦନ ମଧ୍ୟ ପୃଥିବୀର ବାତାବରଣରେ ଦେଖିବାକୁ ମିଳୁଛି । ମନୁଷ୍ୟ ତା'ର ସୀମିତ ମନ ଓ ବୁଦ୍ଧି ଦ୍ୱାରା ଏହି ବିଜ୍ଞାନ ସ୍ତରକୁ ଉଠି ପାରିବ ନାହିଁ । ଏଥିପାଇଁ ମନୁଷ୍ୟକୁ ତା'ର ଅନ୍ତରରେ ବିଦ୍ୟମାନ ଥିବା ଅନ୍ତରାତ୍ମାକୁ ଜାଗ୍ରତ୍ କରି ସମ୍ମୁଖକୁ ଆଣିବାକୁ ହେବ । ଏହା କେବଳ ସମ୍ଭବ ହେବ ମନୁଷ୍ୟ ଯଦି ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବାକୁ ସମ୍ମତି ପ୍ରକାଶ କରିବ; କାରଣ ଆଧ୍ୟାତ୍ମିକତାହିଁ ଏକମାତ୍ର ପନ୍ଥା; ସତ୍ୟର ପନ୍ଥା, ଆଶା ଓ ଭରସାର ପନ୍ଥା ।

ଶିଶୁ ସ୍ୱୟଂ ପ୍ରବୁଦ୍ଧ । ତା' ଭିତରେ ଅନନ୍ତ ଶକ୍ତି ଓ ସିଦ୍ଧି ଠୁଳ ହୋଇ ରହିଛି । ଅନନ୍ତ ସମ୍ଭାବନାକୁ ସେ ଧାରଣ କରିଛି । ସେହି ସମ୍ଭାବନାକୁ ପ୍ରକଟିତ କରିବା ହେଉଛି ସକଳ ଶିକ୍ଷାର

ଲକ୍ଷ୍ୟ । ଶ୍ରୀଅରବିନ୍ଦ କହନ୍ତି, "The chief aim of education should be to help the growing soul to draw out that in itself which is best and make it perfect for a noble use."

(CWSA, Vol. 1, p. 384)

''ଶିକ୍ଷାର ମୁଖ୍ୟ ଲକ୍ଷ୍ୟ ହେଉଛି ବର୍ଦ୍ଧିଷ୍ଣୁ ଆତ୍ମାକୁ ସାହାଯ୍ୟ କରିବା ଏବଂ ତା' ଭିତରେ ଯାହା ସର୍ବୋତ୍ତମ ହୋଇ ରହିଛି ତାହାକୁ ବାହାରକୁ ଆଣିବା ଏବଂ ତାହାକୁ ଏକ ମହତ୍ ଉଦ୍ଦେଶ୍ୟ ସକାଶେ ପରିପୂର୍ଣ୍ଣଭାବେ ଗଢ଼ି ତୋଳିବା ।''

ପୁନଶ୍ଚ ଶ୍ରୀଅରବିନ୍ଦ କହନ୍ତି, "... the evocation of this real man within is the right object of education and indeed of all human life. ..."

(CWSA, Vol. 25, p. 33)

ଅର୍ଥାତ୍, ''... ବସ୍ତୁତଃ ସକଳ ମନୁଷ୍ୟ ଜୀବନ ପାଇଁ ଅନ୍ତର ମଧ୍ୟରେ ଥିବା ସେହି ପ୍ରକୃତ ମଣିଷର ଆବିଷ୍କାରହିଁ ଶିକ୍ଷାର ଯଥାର୍ଥ ଲକ୍ଷ୍ୟ । ...'' ଏହି ପ୍ରକୃତ ମଣିଷ ବା ପ୍ରକୃତ ଶିକ୍ଷକ ଏବଂ ଆମ ଜୀବନ-ଯାତ୍ରାର ନେତା ହେଉଛନ୍ତି ଆମର ଅନ୍ତରାତ୍ମା । ସେହି ଅନ୍ତରାତ୍ମା ବା ଚୈତ୍ୟପୁରୁଷଙ୍କର ଆତ୍ମ-ଅଭିବ୍ୟକ୍ତି ଓ ଆତ୍ମ-ପ୍ରକାଶନ ହେଉଛି ଶିକ୍ଷାର ଲକ୍ଷ୍ୟ । ସେହି ଅନ୍ତରାତ୍ମାଙ୍କ ହସ୍ତରେ ଭବିଷ୍ୟତ୍ ଶିକ୍ଷାର ଚାବି ରହିଛି । ସମାଜରେ ଏକ ଆଧାତ୍ମିକ ବିପ୍ଳବ ଆଣିବାର ଶକ୍ତି କେବଳ ସେହି ଅନ୍ତରାତ୍ମା ପାଖରେ ରହିଛି । ଏହି ପାର୍ଥିବ ମାନବକୁ ଦିବ୍ୟ ମାନବ ଏବଂ ପାର୍ଥିବ ସମାଜକୁ ଦିବ୍ୟ ସମାଜରେ ରୂପାନ୍ତର କରିବାର ଚାବି ସେହି ଅନ୍ତରାତ୍ମା ପାଖରେ ରହିଛି । ତେଣୁ ଭବିଷ୍ୟତ୍ ସମାଜର ଅଭ୍ୟୁତ୍ଥାନ ତଥା ବ୍ୟକ୍ତି ଓ ସମାଜର ସାମଗ୍ରିକ ବିକାଶ ସକାଶେ ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ଅନ୍ତରାତ୍ମାର ଆବିଷ୍କାର । ଏହି ଆବିଷ୍କାର ପଥରେ ଯାହାକିଛି ସହାୟକ ବା ଅନୁକୂଳ ସେସବୁ ଜାତୀୟ ଶିକ୍ଷାରେ ପ୍ରତିଫଳିତ ହେବା ଏକାନ୍ତ ବିଧେୟ ।

ମନୁଷ୍ୟ ମନର ବିକାଶ ସମାପ୍ତ ହୋଇଥିବାରୁ ଆତ୍ମାର ବିକାଶ ସମୟ ଉପସ୍ଥିତ । ଏହାକୁ ଭ୍ରୂକ୍ଷେପ ନକରିବା ଅତିଶୟ ମାରାତ୍ମକ । ମାନବ ସମାଜର ଭବିଷ୍ୟତକୁ ଦୃଷ୍ଟିରେ ରଖି ଶ୍ରୀମା ଓ ଶ୍ରୀଅରବିନ୍ଦ ତାଙ୍କର ତପସ୍ୟାଲବ୍ଧ ଶିକ୍ଷାର ମହାନ୍ ତତ୍ତ୍ୱକୁ ପ୍ରକାଶ କରିଛନ୍ତି ଯାହା ପୂର୍ଣ୍ଣାଙ୍ଗ ଶିକ୍ଷା ନାମରେ ପରିଚିତ । ଏହି ଶିକ୍ଷାର ଦୃଷ୍ଟି ଭବିଷ୍ୟମୁଖୀ । ଯେଉଁ ସତ୍ୟ ଭବିଷ୍ୟତରେ ମନୁଷ୍ୟର ବ୍ୟକ୍ତିତ୍ୱରେ ଫୁଟି ଉଠିବ, ଯେଉଁ ସତ୍ୟ ନିମିତ୍ତ ମନୁଷ୍ୟ ଯୁଗ ଯୁଗ ଧରି ଅପେକ୍ଷା କରିଛି, ଯେଉଁ ସତ୍ୟର ଅଭିବ୍ୟକ୍ତିରେ ବ୍ୟକ୍ତି ଓ ସମାଜର ଏକ ଅଭୂତପୂର୍ବ ପରିବର୍ତ୍ତନ ଆସିବ ଏବଂ ଯେଉଁ ଅମରତ୍ୱ, ସ୍ୱାତନ୍ତ୍ର୍ୟ, ଅବିମିଶ୍ର ଆନନ୍ଦ, ଜ୍ୟୋତିଃ ଓ ଶକ୍ତି ନିମିତ୍ତ ମନୁଷ୍ୟ ମଧ୍ୟରେ ନିରନ୍ତର ଏକ ଆକୁତି ରହିଛି ସେହି ବସ୍ତୁଗୁଡ଼ିକ ପ୍ରକାଶିତ ହେବାରେ ପୂର୍ଣ୍ଣାଙ୍ଗ ଶିକ୍ଷା ସାହାଯ୍ୟ କରିବ । କାରଣ, ଏହି ଶିକ୍ଷାର ଆତ୍ମଶକ୍ତି ହେଉଛି ବିଜ୍ଞାନ ଭୂମିର ଅତିମାନସ ଶକ୍ତି । ଯେହେତୁ ଶିକ୍ଷା ଆତ୍ମ-ଜାଗରଣର ପଥ ଓ ଆତ୍ମ-ବିକାଶ ସାଧନର ଯନ୍ତ୍ର, ଏହା କେବେ ବି ଶେଷ ହୁଏ ନାହିଁ । ଏହା ଜୀବନବ୍ୟାପୀ ଚାଲେ । ସେଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାର ସମାପ୍ତି ନାହିଁ । ଏହା ଶାଶ୍ୱତ ଏବଂ ନିରନ୍ତର ଆଗେଇ ଚାଲିବ ।

ଏହି ଶିକ୍ଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନର ଆବଶ୍ୟକତା ନାହିଁ । ଆମର ଜୀବନହିଁ ବିଦ୍ୟାଳୟ ଏବଂ ଏହି ବିଦ୍ୟାଳୟରୁ ସବୁକିଛି ଶିକ୍ଷା କରିବାକୁ ହୁଏ । ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟକ୍ତି, ଜଗତ୍ ଓ ଈଶ୍ୱରଙ୍କୁ ଏକ ସାମଗ୍ରିକ ଦୃଷ୍ଟିରେ ଦେଖେ, ଏବଂ 'ସମଗ୍ରମ୍ ମାମ୍'ର ସିଦ୍ଧିକୁ ବାସ୍ତବରୂପ ଦେବାର ଶକ୍ତି ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ରହିଛି । ସୁତରାଂ ଏହି ଶିକ୍ଷା ଭବିଷ୍ୟତର ଆହ୍ୱାନଗୁଡ଼ିକର ଉତ୍ତର ଦେବ । ଜୀବନର ସକଳ ଆହ୍ୱାନର ଏକ ସ୍ପଷ୍ଟ ଜବାବ ଏହି ଶିକ୍ଷା ଦେଇ ପାରିବ । ଉଦାହରଣ ସ୍ୱରୂପ – ଆମ ଜୀବନର ଲକ୍ଷ୍ୟ କ'ଣ ? ମନୁଷ୍ୟଜାତିର ଭବିଷ୍ୟ କ'ଣ ? ଭବିଷ୍ୟତର ସମାଜ କିପରି ହେବ ? ଏହି ପୃଥିବୀରେ ମୋର ସ୍ଥାନ କେଉଁଠି ଏବଂ ମୋର ଭୂମିକା କ'ଣ ? ମୋର ବର୍ତ୍ତମାନର ଜୀବନଧାରାକୁ ନୂତନ ରୂପ ଦେଇ ହେବ କି ? ଜୀବନର ସକଳ ବ୍ୟର୍ଥତା ସାର୍ଥକତାରେ ପରିଣତ କରି ହେବ କି ? ଜଗତରେ ଐକ୍ୟ, ଶାନ୍ତି, ସଙ୍ଗତି ପ୍ରତିଷ୍ଠା କରି ହେବ କି ? ଏହି ସବୁର ଉତ୍ତର ଦେବାର ସାମର୍ଥ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାରେ ରହିଛି । ଦ୍ୱିତୀୟତଃ, ମନୁଷ୍ୟର ଅନ୍ତରରେ ଯେଉଁ ଆଧାତ୍ମିକ ପିପାସା ଓ ତୃଷ୍ଣା ରହିଛି, ନିଜକୁ ତଥା ଜଗତକୁ ଜାଣିବା ପାଇଁ ଯେଉଁ ଅଭୀପ୍ସା ରହିଛି ତାହାକୁ ମେଣ୍ଟାଇବା ସକାଶେ ପୂର୍ଣ୍ଣାଙ୍ଗ ଶିକ୍ଷାର ଶକ୍ତି ଓ ସାମର୍ଥ୍ୟ ରହିଛି । ଭୌତିକ ଓ ଆଧାତ୍ମିକ ବିକାଶକୁ ପୂର୍ଣ୍ଣ ରୂପ ଦେବାର ସାମର୍ଥ୍ୟ ଏହି ଶିକ୍ଷାରେ ରହିଛି । ସୁତରାଂ ଏହା ଏକ ଅଭିନବ, ଯୁଗୋପଯୋଗୀ ଓ ଆତ୍ମ-ପରିପୂର୍ଣ୍ଣତାର ଶିକ୍ଷା । ଭାରତବର୍ଷ ଯେତେବେଳେ ତାହାର ସ୍ୱଧର୍ମ ଓ ନିଜସ୍ୱ ପ୍ରତିଭାରେ ପ୍ରତିଷ୍ଠିତ ହେବ ସେତେବେଳେ ଏହି ଶିକ୍ଷା ବିସ୍ତାର ଲାଭ କରିବ ।

ଏପର୍ଯ୍ୟନ୍ତ ଦେଶର ନେତୃବର୍ଗ, ଶିକ୍ଷାବିତ୍ ତଥା ଗବେଷକମାନେ ଏଥିପ୍ରତି ଦୃଷ୍ଟି ଦେଇ ପାରି ନାହାନ୍ତି । ଯଦିଓ ଜାତୀୟ ଶିକ୍ଷାନୀତି-୨୦୨୦ରେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ବାହ୍ୟରୂପଟି କିଛି ମାତ୍ରାରେ ପ୍ରତିଫଳିତ ହୋଇଛି, ତଥାପି ତାହା ଭାରତର ଆଧ୍ୟାତ୍ମିକ ଐତିହ୍ୟ ତଥା ସଂସ୍କୃତିକୁ ପୂର୍ଣ୍ଣଭାବେ ଉଜ୍ଜୀବିତ କରିପାରିବ ନାହିଁ । ଭାରତର ସ୍ୱଧର୍ମ ତଥା ସନାତନ ଧର୍ମର ମହାନ୍ ତତ୍ତ୍ୱକୁ ଜୀବନରେ ବାସ୍ତବରୂପ ଦେବା ସକାଶେ ଜାତୀୟ ଶିକ୍ଷାନୀତିରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଆତ୍ମତତ୍ତ୍ୱଟି ପ୍ରତିଫଳିତ ହେବା ଏକାନ୍ତ ବିଧେୟ ।

ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଏକ ନୂତନ ଶିକ୍ଷା । ଏହି ଶିକ୍ଷାର ଶକ୍ତି ହେଉଛି ଆତ୍ମାର ଶକ୍ତି ବା ଅତିମାନସ ଶକ୍ତି । ଅତିମାନସ ଶକ୍ତି ଏକ ରୂପାନ୍ତରକାରିଣୀ ମାତୃଶକ୍ତି । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦ୍ୟ, ମଧ୍ୟ, ଅନ୍ତରେ ଏହି ମାତୃଶକ୍ତି ବିଦ୍ୟମାନ । ଏହି ଶକ୍ତି ପ୍ରତି ଉନ୍ମୁକ୍ତ ବ୍ୟକ୍ତିହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଅନ୍ତର୍ନିହିତ ସତ୍ୟକୁ ଉପଲବ୍ଧି କରିପାରିବ । ଏହାର ପ୍ରୟୋଗରେ ଯଦିଓ ଅନେକ ପ୍ରତିବନ୍ଧକ ଆସିବ, କିନ୍ତୁ ଧୈର୍ଯ୍ୟ, ଅଧ୍ୟବସାୟ, ନିଷ୍ଠା ଏବଂ ସତ୍ୟ ବା ମାତୃଶକ୍ତି ପ୍ରତି ଗଭୀର ବିଶ୍ୱାସ ଓ ଆତ୍ମନିବେଦନହିଁ ଏହାର ସମ୍ଭାବନାଗୁଡ଼ିକୁ ବାସ୍ତବ ରୂପ ଦେବାରେ ସକ୍ଷମ ହୋଇ ପାରିବ । ଏହି ନୂତନ ଶିକ୍ଷାର ନୂତନତା ତଥା ଆହ୍ୱାନଗୁଡ଼ିକ କ'ଣ, ତାହା ଜାଣିବା ଏବଂ ତାହାକୁ ବାସ୍ତବରୂପ ଦେବାରେ ନିରନ୍ତର ନିଷ୍ଠାପର ଉଦ୍ୟମ ଜାରି ରଖିବା ଆମର ସର୍ବାଦୌ କର୍ତ୍ତବ୍ୟ ହେବା ଉଚିତ ।

(କ୍ରମଶଃ) ❑

# ଚରୈବେତି

## ଦୀପ୍ତି ମିଶ୍ର

ଏବେ ଆଖି ବୁଜିଲେ
ନୂଆ ଏକ ଦୁନିଆଁର ଚିତ୍ର ଆଙ୍କି ହୋଇଯାଏ
ବାଞ୍ଛିତ କିଛି ଇଚ୍ଛା ସଂଘର୍ଷମୟ
ଘୋଡ଼ା ହୋଇ ଦୌଡ଼ୁଛନ୍ତି
କେଉଁ ଏକ ଚିର-ହରିତ୍ ଅରଣ୍ୟ ଅଭିମୁଖେ ...

ପାପମାନେ ହସି ଦେଲେ
ସେମାନଙ୍କ ଦେହରେ ଦୁଇଟି ଡେଣା
ଖଞ୍ଜି ହୋଇ ଯାଉଛି ଆପେ ଆପେ,
ଆଉ ସେମାନେ ଉଡ଼ି ଯାଉଛନ୍ତି
କେଉଁ ଅଜଣା ଅଫେରା ରାଇଜକୁ ...

ପୁଣ୍ୟର ପାଦରେ ପାଉଁଜିର ମଧୁର ଶବ୍ଦ
ସତେ କି ଶ୍ରାବଣ ବରଷାର ରିମଝିମ ସ୍ୱର
ଓଷ୍ଠାଧରେ ଆଙ୍କି ଦେଉଛି ମଧୁ ହାସ୍ୟରେଖା
ଟୋଳି ଦେଉଛି ନୂଆ ଏକ ପ୍ରେରଣାର ଉତ୍ସ ।

ଏବେ ଆଖି ବୁଜିଲେ
ଏକ ଶାନ୍ତ ପରିବେଶର ପୁଲକରେ



ପୁଲକିତ ହୋଇ ଉଠୁଛି ସାରା ଶରୀର,
ତା' ସହିତ ମନ ଆଉ ପ୍ରାଣ ବି ।

ପବନ ତା'ର ଶୀତଳ ସମ୍ମୋହନରେ
ବେଢ଼େଇ ଦେଉଛି ଏକ
ବାସ୍ନାମୟ ଆବରଣ ମୋ ଦେହସାରା
ଆଉ ମୁଁ କସ୍ତୁରୀ ମୃଗ ସାଜି
ଚଉଦିଗ ଖୋଜି ବୁଲୁଛି ବାସନାର ଉତ୍ସ ।

କେଉଁ ଏକ ସୁନ୍ଦର ଊଷାର ଉଷ୍ମତା
ମୋତେ ଆଜି ଆତୁର କରିଛି
ଆଖି ବୁଜିଲେ ମୋତେ ଦିଶୁଛି
ଦୂର ଦିଗ୍‌ବଳୟରେ ନୂତନ ଉଦିତ ସୂର୍ଯ୍ୟ ।

ସୁନ୍ଦର ସାବଲୀଳ ସ୍ୱରଟିଏ
କାନରେ ପ୍ରତିକ୍ଷଣ ଗୁଞ୍ଜରିତ ହେଉଛି
ଚରୈବେତି ... ଚରୈବେତି ... ।

❑❑❑

# ଦଶକର୍ମଧାରା

## (୮)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି, ''ମାମୁ, ଏହି ଦଶଟିରୁ କ'ଣ ଆଉ ଅଧିକ ହୋଇ ପାରିବ ନାହିଁ ?'' ମାମୁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଉର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ ଲେଖା ସହିତ କର୍ମଧାରାରେ ଆଉ କିଛି ନୂତନ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ଲେଖକ]

### ଶ୍ରୀଅରବିନ୍ଦ ଲିଗାଲ୍ ୟୁନିଟ୍

ଆମକୁ ବାବାଜି ମହାରାଜ ସବୁବେଳେ କହୁଥିଲେ କୌଣସି ଅବସ୍ଥାରେ ମଧ୍ୟ କୋର୍ଟ୍ କଚେରିକୁ ଯିବ ନାହିଁ । କାରଣ ସାଧାରଣ ଧାରାରେ ବ୍ୟକ୍ତି ନିଜର ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ କୋର୍ଟ୍‌ର ଦ୍ୱାରସ୍ଥ ହୁଏ ଏବଂ ସେଥିରେ ହୁଏତ ନିଜର ଦାବି ହାସଲ କରିପାରେ, ମାତ୍ର ତାହା ଏକ ସମାଧାନର ପନ୍ଥା ନୁହେଁ । କୋର୍ଟ୍ କଚେରିରେ କୌଣସି ସମସ୍ୟାର ବାସ୍ତବ ସମାଧାନ ହୋଇପାରେ ନାହିଁ । ପରସ୍ପର ପ୍ରତି ଅନ୍ତରଙ୍ଗ ମନୋଭାବ ରଖି କେହି ଦୁଇ ପକ୍ଷ କୋର୍ଟ୍‌ର ଦ୍ୱାରସ୍ଥ ହୁଅନ୍ତି ନାହିଁ । କୋର୍ଟ୍‌କୁ ଯିବା ମାନେ ପରସ୍ପର ପ୍ରତି ଶତ୍ରୁ ମନୋଭାବ ନିଶ୍ଚୟ ଥିବ । ପୁଣି କୌଣସି ସମସ୍ୟା ଆଇନ କାନୁନ ଧାରାରେ ସମାଧାନ କରିବାକୁ ଗଲେ ତାହା ଦୀର୍ଘ କାଳ ଧରି ଚାଲିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । କୌଣସି ପକ୍ଷ ଚାହିଁଲେ ବିନା କାରଣରେ ମଧ୍ୟ ସମାଧାନ ପାଇଁ ଦିନ ଗଡ଼େଇ ଗଡ଼େଇ ଚାଲି ପାରିବ । ଶେଷରେ ଆଇନ କାନୁନରେ ସତ୍ୟ ଆଚରଣ ପ୍ରାୟ ହୁଏ ନାହିଁ । ଛଳନା, କୃତ୍ରିମତା ପ୍ରଭୃତି ଦେଖାଇ କାମ କରିବାକୁ ହୁଏ । ଗୋଟିଏ ସ୍ଥାନରେ ସମାଧାନ ହୋଇଗଲେ ସେଥିରେ ଅସନ୍ତୁଷ୍ଟ ପକ୍ଷ ତା' ଉପର ସ୍ଥାନକୁ ମଧ୍ୟ ଯାଇପାରେ; ଏପରି ଅନେକ ଉଚ୍ଚକୁ ଯିବା ପାଇଁ ମଧ୍ୟ ବ୍ୟବସ୍ଥା ଅଛି । ଏଥିରେ ସମ୍ପୃକ୍ତ କେହି ଶୀଘ୍ର ନ୍ୟାୟ ପାଇବା ସମ୍ଭବ ନୁହେଁ । ଏସବୁ ବ୍ୟତୀତ ଅନ୍ୟାନ୍ୟ ଅନେକ ସମସ୍ୟା ଅଛି ଯାହାର ଏକ ଅତ୍ୟନ୍ତ

ନ୍ୟାୟପୂର୍ଣ୍ଣ ସମାଧାନ ସମ୍ପର୍କରେ ଅନେକ ବ୍ୟକ୍ତି ଅଜ୍ଞ । ଅନେକେ ସେସବୁ ବିଷୟରେ ଜାଣନ୍ତି ନାହିଁ । ସେଥିପାଇଁ ସେମାନଙ୍କୁ ସଚେତନ କରାଯିବା ଆବଶ୍ୟକ ।

ଏମିତି ଅନେକ ବିଷୟର ଆବଶ୍ୟକତାକୁ ଆଖି ଆଗରେ ରଖି 'ଶ୍ରୀଅରବିନ୍ଦ ଲିଗାଲ୍ ସେଲ' ସଙ୍ଗଠନ ଆରମ୍ଭ କରାଯାଇଛି । ଆଡ଼୍ଭୋକେଟ୍ ଶ୍ରୀ ଅକ୍ଷୟ କୁମାର ମହାପାତ୍ର ତା'ର କୋ-ଅର୍ଡ଼ିନେଟର୍ ।

ପ୍ରଥମ କଥା – ଆମକୁ ଆଇନ କାନୁନର ବାସ୍ତବ ସ୍ୱରୂପ ସମ୍ପର୍କରେ ଜାଣିବାକୁ ହେବ । ବାବାଜି ମହାରାଜ କହୁଥିଲେ ଆମ ଅନୁଷ୍ଠାନ ଏବଂ ଅନ୍ୟ ଅନୁଷ୍ଠାନଗୁଡ଼ିକର ସମସ୍ୟା ହେବ ସମାନ, କାରଣ ସମସ୍ତେ ଏକ ସ୍ଥାନରୁ ଆସିଛୁ – ମାତ୍ର ସମାଧାନ ହେବ ଭିନ୍ନ, କାରଣ ଆମ ଜୀବନର ଲକ୍ଷ୍ୟ ଭିନ୍ନ । ଯିଏ ଏକ ସାଧାରଣ ଲକ୍ଷ୍ୟ ରଖିଥିବ ସେ ନିଶ୍ଚୟ ସାଧାରଣ ସମାଧାନ ଚାହିଁବ; ତେଣୁ ଆଇନ କାନୁନର ଦ୍ୱାରସ୍ଥ ହେବ । ମାତ୍ର ଯିଏ ଏକ ଆଧ୍ୟାତ୍ମିକ ସମାଧାନ ଚାହିଁବ ସେ ପାଠଚକ୍ରରେ ବସି ସମାଧାନ ଖୋଜିବ । ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ମାର୍ଗରେ କ'ଣ କ'ଣ ସମାଧାନ ସମ୍ଭବ ସେ ବିଷୟରେ ସେ ଉଦ୍ୟମ କରିବ । 'ଶ୍ରୀଅରବିନ୍ଦ ଲିଗାଲ୍ ସେଲ' ସେଥିପାଇଁ ସଚେତ କରିବ ।

ଦ୍ୱିତୀୟରେ, ଆମେ ସାମାନ୍ୟ ସାମାନ୍ୟ କଥାରେ ଥାନା, କୋର୍ଟ୍ କଚେରି ଚାଲି ଯାଉଛୁ – ସେସବୁର ପରିଣାମ ପ୍ରକୃତରେ କେତେ ଜଟିଳ, ସେ ସମ୍ପର୍କରେ ମଧ୍ୟ ଲିଗାଲ୍ ସେଲ ଆମକୁ ସଚେତ କରାଇବ ।

ତୃତୀୟରେ, ଆମେ କେତେଗୁଡ଼ିଏ ସମସ୍ୟାର ସମାଧାନ ଜାଣୁ ନାହିଁ । ଉଦାହରଣ ସ୍ୱରୂପ କୌଣସି ସ୍ଥାନରେ କିଛି ସରକାରୀ ଜମି ଦଖଲ କରିବାକୁ ପଡୁଛି । ତାକୁ ଦଖଲ କରିବାର ପଦ୍ଧତି କ'ଣ । ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଜମି ଦଖଲ କରିବା ପ୍ରଣାଳୀ ଭିନ୍ନ । ଏଇଭଳି ଭାବରେ ବିଭିନ୍ନ ସରକାରୀ ସାହାଯ୍ୟ ପାଇବା ସମ୍ପର୍କରେ ମଧ୍ୟ ଆମର ସଚେତନତା ଆବଶ୍ୟକ । ତାହାର ପ୍ରଣାଳୀ ସମ୍ପର୍କରେ ଲିଗାଲ୍ ସେଲ ନିଜେ ଅନୁଧ୍ୟାନ କରି ସମସ୍ତଙ୍କୁ ସଚେତ କରାଇ ପାରିବ ।

ଚତୁର୍ଥରେ, ଆମର ଅନୁଷ୍ଠାନ ସବୁ ସ୍ୱାଧୀନ ଭାବେ ପଞ୍ଜୀକୃତ (Independently Registered) ହେବା ଆବଶ୍ୟକ । ମାତ୍ର Registration ପ୍ରଣାଳୀ ଦୁଇ ପ୍ରକାରର । ଗୋଟିଏ ହେଲା Society Registration ଏବଂ ଅନ୍ୟଟି ହେଲା Trust Registration – ଉଭୟ ରେଜିଷ୍ଟ୍ରେସନ୍ ପ୍ରଣାଳୀରେ ତଫାତ୍ କ'ଣ, କେଉଁ ସ୍ଥାନରେ କେଉଁ ପ୍ରକାରର ରେଜିଷ୍ଟ୍ରେସନ୍ ଆବଶ୍ୟକ – ଏଗୁଡ଼ିକର ମଧ୍ୟ ସ୍ପଷ୍ଟ ଧାରଣା ଆମର ଆବଶ୍ୟକ । ସେଥିପାଇଁ ଲିଗାଲ୍ ସେଲ ଦାୟିତ୍ୱ ନେବ ।

ପଞ୍ଚମରେ, ଆମ ଅନୁଷ୍ଠାନରେ କୌଣସି ବ୍ୟକ୍ତି Employer ନୁହନ୍ତି କିଂବା କେହି Employee ନୁହନ୍ତି । ମାତ୍ର କୌଣସି କୌଣସି ସ୍ଥାନରେ EPF (Employees Provident Fund) ଲାଗୁ ହୋଇଛି । ଏହା ଆମର ଆଦର୍ଶର ବିରୋଧୀ । ସେଥିପାଇଁ କେଉଁ ପ୍ରକାର ପ୍ରଣାଳୀ ବ୍ୟବହାର କଲେ ଆମେ EPFର ବ୍ୟୁହ ମଧ୍ୟରୁ ବାହାରେ ରହି ପାରିବା, ସେଥିପାଇଁ ଲିଗାଲ୍ ସେଲ ଉଦ୍ୟମ କରିବ ଏବଂ ପରାମର୍ଶ ଦେବ ।

ଏହିଭଳି ଅନେକ ପ୍ରକାର ଆଇନ କାନୁନ ସମ୍ପର୍କୀୟ ଜ୍ଞାତ ଏବଂ ଅଜ୍ଞାତ ବିଷୟ ସମ୍ପର୍କରେ ଏକ ଆଧ୍ୟାତ୍ମିକ ସଚେତନତା ସୃଷ୍ଟି କରିବା ପାଇଁ ଶ୍ରୀଅରବିନ୍ଦ ଲିଗାଲ୍ ସେଲ ଉଦ୍ୟମ କରୁଛି । ସେମାନଙ୍କର ସଭ୍ୟସଭ୍ୟାମାନେ ସାଧାରଣତଃ ଆଇନଜୀବୀ । ମାତ୍ର ସେମାନଙ୍କ ବ୍ୟତୀତ ପାଠଚକ୍ରର ଅନ୍ୟାନ୍ୟ ବ୍ୟକ୍ତିମାନେ ମଧ୍ୟ ସେଥିରେ ସଭ୍ୟ ହୋଇ ପାରିବେ । ସେମାନଙ୍କର ଜିଲ୍ଲାସ୍ତରୀୟ, ଜୋନ୍‌ସ୍ତରୀୟ ଏବଂ ରାଜ୍ୟସ୍ତରୀୟ ସମ୍ମିଳନୀ କରିବା ବିଷୟରେ ଆଲୋଚନା କରାଯିବ । ଏଥିପାଇଁ ଯେଉଁମାନେ ଆଗ୍ରହୀ ସେମାନେ ସମ୍ପୃକ୍ତ ହୋଇ ପାରନ୍ତି ।

ଏହା ମଧ୍ୟରେ 'ଶ୍ରୀଅରବିନ୍ଦ ଲିଗାଲ୍ ୟୁନିଟ୍' କିଛି କିଛି ଅଗ୍ରଗତି କଲାଣି । ପ୍ରତ୍ୟେକ ବର୍ଷ ରାଜ୍ୟସ୍ତରୀୟ ସମ୍ମିଳନୀ ମାଧ୍ୟମରେ ଓଡ଼ିଶାରେ ଅନେକ ସ୍ଥାନରେ ଶ୍ରୀଅରବିନ୍ଦ ଲିଗାଲ୍ ୟୁନିଟ୍ ସମ୍ପର୍କରେ ସଚେତନତା ସୃଷ୍ଟି କରି ପାରିଛନ୍ତି । କଟକ ବାହାରେ ରାଜ୍ୟସ୍ତରୀୟ ସମ୍ମିଳନୀ : ବାରିପଦା, କେନ୍ଦ୍ରାପଡ଼ା, ପୁରୀ, ଆଠମଲ୍ଲିକ, ଜଗତ୍‌ସିଂହପୁର ଏବଂ ଗତ ବର୍ଷ ନିମାପଡ଼ାଠାରେ କରାଯାଇଥିଲା । ଏହିପରି ଭାବରେ ପନ୍ଦର ଥର ରାଜ୍ୟସ୍ତରୀୟ 'ଶ୍ରୀଅରବିନ୍ଦ ଲିଗାଲ୍ ୟୁନିଟ୍' ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି ।

ଏହା ବ୍ୟତୀତ ବିଭିନ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଇନ ସମ୍ପର୍କୀୟ ସଚେତନତା ସୃଷ୍ଟି କରିବା ପାଇଁ Juvenile Act ସମ୍ପର୍କରେ କାର୍ଯ୍ୟକ୍ରମ କରାଯାଇଛି । ଗଛ କାଟିବା, ଜୀବଜନ୍ତୁଙ୍କ ପ୍ରତି ନ୍ୟାୟ ଆଚରଣ

କରିବା, ସାନ ପିଲାମାନଙ୍କ ପ୍ରତି ତଥା ନାବାଳକ ପିଲାମାନଙ୍କ ପ୍ରତି ନ୍ୟାୟ ଆଚରଣ କରିବା ଇତ୍ୟାଦି ସହିତ ନିଜକୁ ସୁରକ୍ଷିତ ରଖିବା ପାଇଁ ସର୍ବନିମ୍ନ ଆଇନ ସମ୍ପର୍କୀୟ ଜ୍ଞାନର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଅଛି ।

ଶ୍ରୀଅରବିନ୍ଦ ଲିଗାଲ୍ ୟୁନିଟ୍ ଅପେକ୍ଷାକୃତ କନିଷ୍ଠ ହେଲେ ମଧ୍ୟ ତା'ର କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି । ପ୍ରତ୍ୟେକ ବର୍ଷ ସେମାନଙ୍କର ଗୋଟିଏ ଗୋଟିଏ ସ୍ମରଣିକା ମଧ୍ୟ ପ୍ରକାଶ ପାଉଅଛି ।

ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅନେକ ଉଦ୍ୟମ କରାଯାଉଛି । ❑

## ଶ୍ରୀଅରବିନ୍ଦ

### ପୃଥ୍ୱୀନ୍ଦ୍ରନାଥ

୧୯୨୩ ମସିହା ଅକ୍ଟୋବର ମାସରେ ବ୍ରହ୍ମଶ୍ରୀ ସୁବ୍ବା ରାଓ ନାମକ ଜଣେ ଯୋଗୀ ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍ କରିଥିଲେ । ତାଙ୍କ ନିଜ ଭାଷାରେ ବିଷୟଟି କହିବା : ''ମୁଁ ପ୍ରଥମ ଥର ପାଇଁ ୧୯୨୩ ସାଲ ଅକ୍ଟୋବର ମାସରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇଲି ତାଙ୍କ ଆଶ୍ରମରେ । ଶ୍ରୀଅରବିନ୍ଦଙ୍କ ଗାତ୍ର ବର୍ଣ୍ଣରେ ଆଖି ଝଲସିବା ଭଳି ଏକ ଉଜ୍ଜ୍ୱଳତା ଦେଖିଲି । ଆଗରୁ ଶୁଣିଥିଲି ବର୍ଣ୍ଣ ତାଙ୍କର ଶ୍ୟାମଳ ଥିଲା ବୋଲି; ଏବେ ତା'ର ଚିହ୍ନ ନାହିଁ । ଶ୍ରୀଅରବିନ୍ଦ ଥିଲେ କୃଶତନୁ; ଉଚ୍ଚତା ବି ଖୁବ୍ ବେଶୀ ନୁହେଁ, ଗାନ୍ଧିଜିଙ୍କଠାରୁ ହୋଇଥିବେ ସାମାନ୍ୟ ଲମ୍ବା; ଚକ୍ଷୁଦ୍ୱୟ ଆୟତଦୃଷ୍ଟି, ଅନ୍ତର୍ଭେଦୀ ଶାୟକ ଭଳି ତୀକ୍ଷ୍ଣ । କଣ୍ଠସ୍ୱର ମୃଦୁ ଅଥଚ ଶ୍ରୁତିଗ୍ରାହ୍ୟ, ତାହାର ଲହର ଦ୍ରୁତ ଓ ଗୀତିମୟ; ବଚନଭଙ୍ଗୀ ସ୍ୱଚ୍ଛନ୍ଦ, ଗତିମୟ ଏବଂ ସ୍ଫଟିକ ଭଳି ସ୍ୱଚ୍ଛ, ମଝିରେ ମଝିରେ କଥା ତାଙ୍କର ବିଶ୍ଳେଷଣଧର୍ମୀ ହୋଇଥାଏ । ମାତ୍ର ପନ୍ଦର ମିନିଟର ଆଳାପରେ ସେ ତାଙ୍କର ଜୀବନ ଦର୍ଶନର ସାରମର୍ମ ମୋତେ ବୁଝାଇଦେଲେ । ସରଳ, ସାଦାସିଧା, ସୌଜନ୍ୟପୂର୍ଣ୍ଣ ଅଥଚ କୁଣ୍ଠାହୀନ ଓ ଅବାଧ ତାଙ୍କର ପ୍ରଶ୍ନସବୁ ଯାହା ସେ ମୋତେ ପଚାରିଲେ । ମୋର ମନେହେଲା ଦେଖିବାମାତ୍ରେ ପଲକ ଭିତରେ ସେ ମଣିଷକୁ ଚିହ୍ନି ନେବାକୁ ସକ୍ଷମ, ଏପରିକି କାହାର ଛବି ଦେଖିବାମାତ୍ରେ ତା'ର ଅନ୍ତରର କଥା ଜାଣିନେଇ ପାରନ୍ତି । ସମୟର ମୂଲ୍ୟ ସମ୍ପର୍କରେ ବି ସେ ବିଶେଷ ସଚେତନ ବୋଲି ବୋଧକଲି, ନିର୍ଦ୍ଦିଷ୍ଟ ସମୟ ଅତିକ୍ରାନ୍ତ ହେବା ମାତ୍ରେ ଘଡ଼ି ଆଡ଼କୁ ଚାହିଁ ସେ ଠିଆ ହେବାର ଉପକ୍ରମ କଲେ – ଯେପରି ଏଣିକି ମୋତେ ଗାତ୍ରୋତ୍ଥାନର ନିର୍ଦ୍ଦେଶ ଦେଲେ । ତା' ସତ୍ତ୍ୱେ ବି ତାଙ୍କର ବ୍ୟବହାର ସଦୟ, କୋମଳ । ମାତ୍ର ଦରକାର ହେଲେ କେବେ ବଜ୍ର କଠୋର ହେବାକୁ ବି ପଛାନ୍ତି ନାହିଁ । ଶିଷ୍ୟମାନଙ୍କ ନିକଟରେ ସେ ପ୍ରେମମୟ ଗୁରୁଦେବ, କିନ୍ତୁ ତାଙ୍କର ଅନ୍ତରରେ ସ୍ଥାନ ପାଇବାକୁ ହେଲେ ନିଜକୁ ନିଃଶେଷରେ ତାଙ୍କଠାରେ ସମର୍ପି ଦେବାକୁ ପଡ଼ିବ । ...

ଶ୍ରୀଅରବିନ୍ଦଙ୍କ ଜୀବନ ଅଦ୍ୱିତୀୟ ମହିମାମଣ୍ଡିତ । ଜୀବନ ବି ତାଙ୍କର ଅପ୍ରତିଦ୍ୱନ୍ଦ୍ୱୀ । ମନନରେ ତଥା ସାହିତ୍ୟରେ ତାଙ୍କର ଯେଉଁ ଅବଦାନ, କେବଳ ସେତିକି ଦେଖିଲେହିଁ ବୁଝିହେବ ଯେ ସିଏ ସମଗ୍ର ବିଶ୍ୱରେ ଏକକ ଅଭ୍ରଂଲିହ ହିମାଳୟ ସଦୃଶ । ଯେଉଁ ସ୍ୱେଚ୍ଛାକୃତ ସାନନ୍ଦ ନିର୍ଜନବାସ ସେ ଗ୍ରହଣ କରିଛନ୍ତି ତାଙ୍କର ଯୋଗସାଧନା ନିମନ୍ତେ – ଏକହିଁ ସ୍ଥାନରେ, ଏକହିଁ ଭାବରେ ତାହା ଏ ଯୁଗର କୌଣସି ଋଷି-ମୁନି କରୁଛନ୍ତି କି ନାହିଁ ସେଭଳି ଦୃଷ୍ଟାନ୍ତ ବିରଳ । ତାଙ୍କୁ ଘେରି ତାଙ୍କ ଆଶ୍ରମରେ ଶାନ୍ତି, ଜ୍ଞାନ, ପ୍ରସନ୍ନତା ଓ ନିଷ୍ଠାର ସଙ୍ଗେ କର୍ମତତ୍ପର ହେବାର ଯେଉଁ ପରିମଣ୍ଡଳ ଗଢ଼ିଉଠିଛି, ତା' ବି ଏକ ବିସ୍ମୟ । ...''

(''*ସମସାମୟିକେର୍ ଚୋଖେ ଶ୍ରୀଅରବିନ୍ଦ*''ପୁସ୍ତକରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ❑

କାହାଣୀ :

# ରହସ୍ୟମୟ ଔଦ୍ଧତ୍ୟ

## ମନୋଜ ଦାସ

ଦୂରଦେଶରେ ବେପାର କରି ବଣିକ ତାଙ୍କ ଉପାର୍ଜନକୁ ସୁନାରେ ପରିଣତ କରି ଘରକୁ ଫେରୁଥିଲେ । ସାଙ୍ଗରେ ଥିଲା ତାଙ୍କର ବିଶ୍ୱସ୍ତ ଭୃତ୍ୟ । ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ । ତେବେ ଘରେ ପହଞ୍ଚିବାକୁ ବିଶେଷ ବିଳମ୍ବ ନାହିଁ, ବର୍ଷା ଯୋଗୁଁ ସେମାନେ ଗୋଟାଏ ଚଟିଘରେ ଅଟକି ଗଲେ । ସେଇଠି, ମଝି ରାତିରେ ବଣିକ ହଠାତ୍ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କଲେ ଓ ବୁଝି ପାରିଲେ ଯେ ତାଙ୍କ ପ୍ରାଣବାୟୁ ଉଡ଼ିଯିବାକୁ ଉଦ୍ୟତ ।

ସେ ଭୃତ୍ୟକୁ କହିଲେ, ''ଦେଖ, ସୂର୍ଯ୍ୟୋଦୟ ପୂର୍ବରୁ ମୁଁ ପୃଥିବୀରୁ ବିଦାୟ ନେଇଥିବି । ତୋତେ ମୁଁ ଯେଉଁ ନିର୍ଦ୍ଦେଶ ଦେବି ତୁ ତାହା ପାଳନ କରିବୁ, ଏହି ଶପଥ କର ।''

ଭୃତ୍ୟ ଶପଥ କଲା । ବଣିକ ତାକୁ କହିଲେ, ''ମୋର ଗୋଟିଏ ମାତ୍ର ସନ୍ତାନ । ସେ ନାବାଳକ । ଏ ସୁନାତକ ବର୍ତ୍ତମାନ ତା' ହାତରେ ପଡ଼ିବା ଅନୁଚିତ । ମୋ ସ୍ତ୍ରୀ ଅତ୍ୟନ୍ତ ନିରୀହ । ସୁନା ତାଙ୍କଠୁଁ ଅନ୍ୟମାନେ ଠକି ନେବେ । ତୁ ସୁନା ବାକ୍ସଟି ପାଖ ବଣ ଭିତରେ ଠାଏ ପୋତି ଦେବୁ । ତା'ପରେ ଘରକୁ ଯାଇ ଜ୍ଞାତିକୁଟୁମ୍ବଙ୍କୁ ମୋ ମୃତ୍ୟୁ ସମ୍ବାଦ ଦେବୁ । ସେମାନେ ଆସି ମୋ ମୃତ କଳେବର ନେଇଯାଇ ସତ୍କାର କରିବେ । ମୋ ସ୍ତ୍ରୀ ଓ ପୁଅକୁ ଗୋପନରେ ପୋତା ସୁନା କଥା କହିବୁ, କିନ୍ତୁ ସଙ୍ଗେ ସଙ୍ଗେ ଏକଥା ବି ଜଣାଇ ଦେବୁ ଯେ ପୁଅ ସାବାଳକ ନହେବା ଯାଏ ସେ ବିତ୍ତ ତାକୁ ସମର୍ପଣ କରିବା ଚଳିବ ନାହିଁ । ମୋର ଏ ନିଷେଧାଜ୍ଞା ବଳବତ୍ତର ରହିବ ।''

ଅଳ୍ପ ସମୟ ଉତ୍ତାରୁ ବଣିକ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ଭୃତ୍ୟ କାନ୍ଦି କାନ୍ଦି, ଚଟିଘରର ମାଲିକ ହେପାଜତରେ ଶବ ଛାଡ଼ି, ବାକ୍ସଟି ଧରି ଚାଲିଲା । ଚଟିଘର ଏବଂ ସେମାନଙ୍କ ଗାଁ ମଝିରେ ବଣ । ଗୋଟାଏ ପ୍ରକାଣ୍ଡ ଶିଳାଖଣ୍ଡ ପାଖରେ ମାଟି ଖୋଳି ବାକ୍ସଟି ପୋତିଲା । ତା'ପରେ ଗାଁକୁ ଯାଇ ବଣିକଙ୍କ ଘରେ ଏବଂ ଜ୍ଞାତିକୁଟୁମ୍ବଙ୍କ ପାଖରେ ଖାଉନ୍ଦର ମୃତ୍ୟୁ ସମ୍ବାଦ ଦେଲା । ଗାଁ ଲୋକେ ଯାଇ ଶବ ଆଣି ସତ୍କାର କଲେ ।

ବଣିକଙ୍କ ସ୍ତ୍ରୀ ଏବଂ ନାବାଳକ ପୁତ୍ରକୁ ଭୃତ୍ୟ ସୁଯୋଗ ପାଇବା ମାତ୍ରେ ପୋତାଧନ କଥା ଏବଂ ବଣିକ ତାକୁ କରାଇ ନେଇଥିବା ଶପଥ ବୃତ୍ତାନ୍ତ କହିଲା ।

ଦିନ ବିତିଗଲା । ଅବଶେଷରେ ବଣିକପୁତ୍ର ସାବାଳକ ହେଲା । ଦିନେ ଭୃତ୍ୟ ତାଙ୍କୁ କହିଲା, ''କୁମାର, ମୁଁ ତ ବୁଢ଼ା ହେଲିଣି । କେବେ ଖସିଯିବି ଠିକ୍ ନାହିଁ । ଏବେ ଯଥାଶୀଘ୍ର ତୁମକୁ ସେ ପୋତାଧନ ହସ୍ତାନ୍ତର କରିଦେଲେ ନିଶ୍ଚିନ୍ତ ହେବି ।''

''ବେଶ୍ । ତାହାହିଁ ହେଉ ।'' ତରୁଣ କହିଲେ ।

ରାତିରେ ଜହ୍ନ ଆଲୁଅ ବେଶ୍ ପରିଷ୍କାର ଥାଏ । ଦୁହେଁ ବଣ ଭିତରକୁ ଚାଲିଲେ । ହଠାତ୍ ଗୋଟାଏ ସ୍ଥାନରେ ଅଟକି ଗଲା ଭୃତ୍ୟ । ତରୁଣ ଆଡ଼େ କଟମଟ କରି ଅନାଇ କହିଲା, ''କ'ଣ ତୋର ଉଦ୍ଦେଶ୍ୟ ? ମୋ ପଛେ ପଛେ ଚାଲିଛୁ କାହିଁକି ? ମୋତେ କ'ଣ ମନେ କରିଛୁ ? ଯା', ପଳା କହୁଛି ।''

ଅବାକ୍ ହୋଇ ବଣିକ ପୁତ୍ର କିଛି ସମୟ ଠିଆ ହୋଇ ଘରମୁହାଁ ଫେରିଲା । ଦେଖିବା ବେଳକୁ ଭୃତ୍ୟ ତାଙ୍କୁ ଚୁପ୍‌ଚାପ୍ ଅନୁସରଣ କରୁଛି ।

କିଛିଦିନ ଗଲା । ପୁନର୍ବାର ଏକ ଜହ୍ନ ରାତିରେ ଭୃତ୍ୟଟି ପ୍ରସ୍ତାବ ଦେଲା ବଣକୁ ଯାଇ ପୋତାଧନ ନେଇ ଆସିଲେ ଭଲ ହେବ ।

ତରୁଣ ତାକୁ ଅନୁସରଣ କଲେ । ବଣ ଭିତରେ କିନ୍ତୁ ପୁନର୍ବାର ଭୃତ୍ୟ ସତେ ଅବା ଆତ୍ମବିସ୍ମୃତ ହୋଇ ପୂର୍ବ ଥର ଭଳି କଡ଼ା କଡ଼ା କଥା କହି ତରୁଣଙ୍କୁ ଆଚମ୍ବିତ କଲା । ତରୁଣ ଫେରିଲେ । ପରେ ପରେ ସେ ମଧ୍ୟ ଫେରିଲା ।

ଏହାର ପୁନରାବୃତ୍ତି ହେଲା ଆଉ ଏକ ଜହ୍ନ ରାତିରେ । ଏଥର ତରୁଣ ପୋତାଧନ ପାଇବାର ଆଶା ଛାଡ଼ି ଦେଲେ । ବଣିକଙ୍କ ପତ୍ନୀ ସେତେବେଳେ ତାକୁ କହିଲେ, ''ପୁଅ, ତୋ' ବାପାଙ୍କର ଜଣେ ବିଶେଷ ବନ୍ଧୁ ସହରରେ ଅଛନ୍ତି । ଜଣେ ପ୍ରବୀଣ ଜ୍ଞାନୀ, ଗୁଣୀ ଭାବରେ ରାଜା ମଧ୍ୟ ତାଙ୍କୁ ସମ୍ମାନ ଦିଅନ୍ତି । ତୋ' ବାପା କୌଣସି ଜଟିଳ ସମସ୍ୟାରେ ପଡ଼ିଲେ ତାଙ୍କ ସହ ପରାମର୍ଶ କରିଥା'ନ୍ତି । ତୁ ଥରେ ଯାଇ ତାଙ୍କୁ ଦେଖାକର ।''

ତରୁଣ ତାହାହିଁ କଲେ । ପିତୃବନ୍ଧୁ ତରୁଣଙ୍କୁ ଦେଖି ବହୁତ

ଆନନ୍ଦିତ ହେଲେ । ଭୃତ୍ୟର ଅସ୍ୱାଭାବିକ ଆଚରଣ କଥା ବର୍ଣ୍ଣନା କରିସାରି ତରୁଣ କହିଲେ, ''ମୁଁ ସେ ପୋତାଧନର ଆଶା ଛାଡ଼ି ଦେଇଛି !''

ପିତୃବନ୍ଧୁ ଖାଲି ପଚାରିଲେ, ''ଆଚ୍ଛା ବାପା, ଭୃତ୍ୟଟି ତିନିଥରଯାକ କ'ଣ ଏକହିଁ ସ୍ଥାନରେ ଅଟକି ଯାଇ ସେମିତି ଆଚରଣ କରିଛି ?''

''ହଁ ଆଜ୍ଞା । ଗୋଟାଏ ବଡ଼ ଶିଳାଖଣ୍ଡ ପାଖରେ ।''

''ତା'ହେଲେ ତୁମେ ପୋତାଧନ ପାଇ ସାରିଛ ଜାଣ । ପରଥର ଯେତେବେଳେ ସେ ସେଠି ପହଞ୍ଚି ଅଟକିଯିବ, ତାକୁ ଠେଲି ଦେଇ ତମେ ସେଇଠି ଖୋଳିବ । ଧନ ମିଳିଯିବ ।'' କହିଲେ ବୃଦ୍ଧ ।

ତରୁଣ ତାହାହିଁ କଲେ । ଚତୁର୍ଥ ଥର ଜହ୍ନ ରାତିରେ ଭୃତ୍ୟ ଅଟକି ତାଙ୍କ ଆଡ଼େ କଟମଟ କରି ଅନାଇବା ମାତ୍ରେ ସେ ତାକୁ ଠେଲି ଦେଇ ସେ ସ୍ଥାନ ଖୋଳିଲେ ଓ ପେଡ଼ିଟି ଆବିଷ୍କାର କଲେ । ତାକୁ ଧରି ସେ ବାଟ ଚାଲିବାକୁ ଆରମ୍ଭ କରିବା ମାତ୍ରେ ଭୃତ୍ୟ ତାଙ୍କୁ ଅନୁସରଣ କଲା ଏବଂ କିଛି ସମୟ ପରେ କହିଲା, ''ବାବୁ, ତମେ ସେ ବୋଝ କାହିଁକି ବୋହୁଛ ? ମୋତେ ଦିଅ ।''

ସେ ପେଡ଼ି ଆଣି ଘରେ ଥୋଇଲା ।

କେଇ ଦିନ ପରେ ତରୁଣ ସହରକୁ ଯାଇ ପିତୃବନ୍ଧୁଙ୍କୁ କୃତଜ୍ଞତା ଜଣାଇଲେ ଏବଂ ପ୍ରଶ୍ନ କଲେ, ''ଆଜ୍ଞା, ଆମ ବିଶ୍ୱସ୍ତ ପରିଚାରକଟିର ସେଭଳି ଆଚରଣର କାରଣ କ'ଣ ?''

''ବାପା, ସେ ଗୋଟିଏ ଅତି ସରଳ ମଣିଷ । ବିତ୍ତ ଉପରେ ଠିଆ ହେବା ମାତ୍ରେ ବିତ୍ତର ଅଦୃଶ୍ୟ ଶକ୍ତି ତା' ମୁଣ୍ଡ ବିଗାଡ଼ି ଦିଏ । ସେତେବେଳେ ସେ ସବୁ ଭୁଲିଯାଇ ପୋତାଧନରୁ ନିର୍ଗତ ଶକ୍ତି ତରଙ୍ଗ ଦ୍ୱାରା କବଳିତ ହୁଏ । ତା' ଭିତରେ ତାହା ଅହମିକା ରୂପେ ପ୍ରକଟିତ ହୁଏ । ବାପା ! ଅଧିକାଂଶ ମଣିଷ ଭିତରେ ବିତ୍ତ ଏମିତି ପ୍ରଭାବ ବିସ୍ତାର କରେ । ତେବେ ସୂକ୍ଷ୍ମ ଭାବରେ କରେ । ଭୃତ୍ୟ କ୍ଷେତ୍ରରେ ସେ ପ୍ରଭାବ ଅତ୍ୟନ୍ତ ଉଲଗ୍ନ ଢଙ୍ଗରେ ଆତ୍ମପ୍ରକାଶ କଲା; ଏତିକି ଯାହା ପାର୍ଥକ୍ୟ ।'' ବୁଝାଇ ଦେଲେ ଜ୍ଞାନୀ ପିତୃବନ୍ଧୁ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ
ସଂଗୃହୀତ, ପୃ. ୨୦୧-୨୦୪)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ରହସ୍ୟମୟ ଔଦ୍ଧତ୍ୟ'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ପ୍ରତି ବସ୍ତୁର ଏକ ଅଦୃଶ୍ୟ ଶକ୍ତି ରହିଛି । ମଣିଷ ବସ୍ତୁକୁ ନିୟନ୍ତ୍ରଣ କରେ ଠିକ୍, କିନ୍ତୁ ତା' ଅଜାଣତରେ ବସ୍ତୁ ମଧ୍ୟ ତା' ମାନସିକତା ଏବଂ ଆଚରଣକୁ ନିୟନ୍ତ୍ରଣ କରେ । ବିଶେଷତଃ ବସ୍ତୁ ଯଦି ଅର୍ଥ ବା ସୁନା ଭଳି ବିତ୍ତ ହୋଇଥିବ, ତେବେ ଏ ଦ୍ୱିତୀୟୋକ୍ତ ନିୟମ ଅଧିକ ମାତ୍ରାରେ କାମ କରେ । ସେଭଳି ବସ୍ତୁ ଅନେକ ଲୋଭ ଓ କାମନାବାସନାର ତରଙ୍ଗ ଧାରଣ କରି ରଖିଥା'ନ୍ତି । ଅପରିଣତ ମାନସ ଉପରେ ସେସବୁର ପ୍ରଭାବ କେତେ଼ ପ୍ରଚଣ୍ଡ ହୋଇପାରେ, ସେସବୁରୁ ବିଚ୍ଛୁରିତ ଶକ୍ତି ତରଙ୍ଗ କିପରି ଜଣକର ଚେତନାକୁ ସାମୟିକ ଭାବରେ ସଂକ୍ରମିତ କରିପାରେ, କାହାଣୀଟି ତା'ର ଚିତ୍ର । ନିଜ ଚେତନା ଉପରେ ପ୍ରଭୁତ୍ୱ ନଥିଲେ ଏସବୁ ଶକ୍ତିଶାଳୀ ବସ୍ତୁ ଉପରେ ପ୍ରଭୁତ୍ୱ ସମ୍ଭବ ନୁହେଁ ।''

(ତତ୍ରୈବ : ପୃଷ୍ଠା : ୩୩୫-୩୩୬)

# ସ୍ୱପ୍ନଚୋରି

— ''ଜ୍ୟାକ୍ ! ସେଇ ବଢ଼େଇର ପୁଅ ! ଆପଣ କି ଅଦ୍ଭୁତ ଲୋକ ! ପଚାଶ ଲକ୍ଷ ଟଙ୍କା ମୂଲ୍ୟର ସମ୍ଭ୍ରାନ୍ତ ଘୋଡ଼ା ଉପରେ ବସିବାକୁ ଅନୁମତି ଦେଉଛନ୍ତି ଗୋଟାଏ ବଢ଼େଇର ପୁଅକୁ !'' ଗ୍ରାହକ ବନ୍ଧୁ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ।

— ''ଆପଣ ଠିକ୍ କହୁଛନ୍ତି । ଏଇ ଘୋଡ଼ାଫାର୍ମର ପ୍ରତିଟି ଘୋଡ଼ା ସମ୍ଭ୍ରାନ୍ତ । ଆପଣ ସେମାନଙ୍କର ଚକ୍‌ଚକ୍ ଚେହେରା, ସେମାନଙ୍କର ସ୍ଫୂର୍ତ୍ତି ଏବଂ ପବନକୁ ଜୟ କରିବାର ଢଙ୍ଗ ଦେଖି ତାହା ନିଶ୍ଚୟ ବୁଝି ପାରୁଥିବେ । ଏସବୁ ସତ୍ତ୍ୱେ ମୁଁ ଜ୍ୟାକ୍‌କୁ ମନା କରିପାରେ ନାହିଁ । କାରଣ ପଚିଶ ବର୍ଷ ତଳର ଗୋଟେ ଘଟନା ମୋର ମନେ ପଡ଼ିଯାଏ ।''

ଧନାଢ୍ୟ ଗ୍ରାହକ ଜଣକ ଜାଣିବାକୁ ଚାହୁଁଥିଲେ ସେ ଘଟନାଟି କ'ଣ ।

ଭଦ୍ରଲୋକ କହିଲେ, ''ଏଇ ଜ୍ୟାକ୍ ପରି ସେ ପିଲାଟି ବି ଥିଲା ସାଧାରଣ ଶ୍ରମଜୀବୀର ପୁଅ । ତା' ବାପାଙ୍କର କାମ ଥିଲା ଫାର୍ମରୁ ଫାର୍ମ ବୁଲି ଘୋଡ଼ାମାନଙ୍କ ଯତ୍ନ ନେବା । ସମୟେ ସମୟେ ସେ ସବୁଆଡ଼କୁ ଯାଇ ପାରନ୍ତି ନାହିଁ, ପୁଅକୁ ପଠେଇ ଦିଅନ୍ତି । ପୁଅଟିର ପାଠରେ ଅବହେଳା ହୁଏ । ପରୀକ୍ଷାରେ ଭଲ ହୁଏ ନାହିଁ । ତଥାପି ପୁଅ ହାଇସ୍କୁଲ ପାସ କରି ଉଚ୍ଚ ମାଧ୍ୟମିକ ଶ୍ରେଣୀକୁ ଗଲା । ପ୍ରଥମ ଦିନ ଶିକ୍ଷକ ପିଲାମାନଙ୍କୁ 'ଘର ପଢ଼ା' ଦେଲେ, 'ବଡ଼ ହୋଇ ତୁମେ ଜୀବନରେ କ'ଣ ହେବାକୁ ଚାହଁ କାଲି ସେଇଆ ଲେଖି ଆଣିବ ।' ପରଦିନ ପିଲାଏ ନିଜ ନିଜର ଖାତା ବଢ଼େଇ ଦେଲେ, ଏଇ ପିଲାଟି ବି । ସ୍କୁଲ ସରିବା ଆଗରୁ ଶିକ୍ଷକ ଖାତାଗୁଡ଼ିକ ଦେଖି ଫେରେଇ ଦେଲେ । କିଏ ପାଇଥିଲା 'ଏ', କିଏ 'ବି', କିଏ 'ସି', ମାତ୍ର ଏଇ ପିଲାଟି ଏକା ପାଇଥିଲା 'ଏଫ୍' — ମାନେ ସବୁଠୁ ନିମ୍ନ ର୍ୟାଙ୍କ୍ ।

''ଖାତା ଧରି ପିଲାଟି ଶିକ୍ଷକଙ୍କ ପାଖକୁ ଗଲା । ଶିକ୍ଷକ ତା' ମନର କଥା ପଢ଼ି ପାରିଲେ । କହିଲେ, 'ତୁମେ ରାତି ଅନିଦ୍ରା ହୋଇ ଏସବୁ ଲେଖିଥିବ । ମାତ୍ର ଏହା ଅତ୍ୟନ୍ତ ଅବାସ୍ତବ ସ୍ୱପ୍ନ । ରଚନାଟି ଲେଖିବା ଆଗରୁ ତୁମେ ନିଜର ଆର୍ଥିକ ଓ ସାମାଜିକ ଅବସ୍ଥା ସମ୍ପର୍କରେ ସଚେତନ ରହିବା ଆବଶ୍ୟକ ଥିଲା ।' ପିଲାଟି ତା'ର ଦୁଇପୃଷ୍ଠାର ରଚନାରେ ଗୋଟେ ବିଶାଳ ଘୋଡ଼ାଫାର୍ମର ମାଲିକ ହେବା କଥା ଲେଖିଥିଲା — ସେହି ଘୋଡ଼ାଫାର୍ମ ବା 'ର୍ୟାଞ୍ଚ୍'(Ranch)ଟି ଦୁଇଶହ ଏକର ଜମି ଉପରେ ଗଢ଼ି ଉଠିବ । ଗୋଟାଏ ପାଖରେ ଚାରି ହଜାର ବର୍ଗଫୁଟର ସୁନ୍ଦର ବଙ୍ଗଳା । ବଙ୍ଗଳା ପାଖରେ ରହିବ ଏକ ସୁଇମିଂପୁଲ୍ । ତାହାଣ ପାଖକୁ ଦେଶ ବିଦେଶର ସବୁଠୁ ଅଭିଜାତ ବଂଶର ଶତାଧିକ ଅଶ୍ୱଙ୍କ ରହିବା ପାଇଁ ଅଶ୍ୱଶାଳା, ସେମାନଙ୍କ ଲାଗି ସବୁଜ ଘାସ ଗାଲିଚା, ମଝିରେ ବିସ୍ତୀର୍ଣ୍ଣ ରେସ୍‌କୋର୍ସ । ଏହି 'ର୍ୟାଞ୍ଚ୍' ବିଷୟରେ ପିଲାଟି ଏତେ ବିଶଦ ଭାବରେ ବର୍ଣ୍ଣନା କରିଥିଲା ଯେ ତହିଁରେ କିଛି ଖୁଣ ଖୋଜି ପାଇବା ଅସମ୍ଭବ ଥିଲା । କାରଣ ବର୍ଷ ବର୍ଷ ଧରି ବାପାଙ୍କ ସାଙ୍ଗରେ ବିଭିନ୍ନ ଅଶ୍ୱଶାଳା ଏବଂ ରେସ୍‌କୋର୍ସକୁ ଯିବା ଭିତରେ ସେ ସଂଗ୍ରହ କରିଥିଲା ଏହିସବୁ ତଥ୍ୟ ।

''ଶିକ୍ଷକ କହିଥିଲେ, 'ଏଭଳି ଗୋଟିଏ ଘୋଡ଼ାଫାର୍ମ ଓ ବଙ୍ଗଳାର ମାଲିକ ହେବାକୁ ହେଲେ କେତେ ଅର୍ଥ ପ୍ରୟୋଜନ ଜାଣିଛ ? ଅନ୍ତତଃ ଦୁଇଶହ କୋଟି ଟଙ୍କା ! ତୁମ ପକ୍ଷେ ତ ଦୁଇହଜାର ଟଙ୍କା ଯୋଗାଡ଼ କରିବା କଷ୍ଟକର । ଯାଅ, ଗୋଟେ ବାସ୍ତବବାଦୀ ସ୍ୱପ୍ନ କଥା ଲେଖି ଆଣ । ମୁଁ ଭଲ ଗ୍ରେଡ୍ ଦେବା କଥା ବିଚାର କରିବି ।' ସପ୍ତାହକର ମାନସମନ୍ଥନ ପରେ ପିଲାଟି ଆଉଥରେ ସେଇ ଶିକ୍ଷକଙ୍କ ପାଖକୁ ଗଲା । ଶିକ୍ଷକ ଭାବିଥିଲେ, ଏଥର ପିଲାଟି ନିଜର ନୂଆ ସ୍ୱପ୍ନ କଥା ଲେଖି ଆଣିଥିବ । ମାତ୍ର ପିଲାଟି କହିଲା, 'ବହୁତ ଭାବିଲି । ସ୍ଥିର କଲି ମୁଁ ମୋ ସ୍ୱପ୍ନକୁ ନେଇ ରହିବି । ତାକୁ ବଦଳେଇବା କଥା ଚିନ୍ତା କରିପାରୁ ନାହିଁ ।' ''

ଏତକ କହିସାରି ଭଦ୍ରଲୋକ ଟିକିଏ ନୀରବ ରହିଲେ । ତା'ପରେ କହିଲେ, ''ସେଇ ପିଲାଟି ମୁଁ, ଯାହାକୁ ଆପଣ ମାନେ ସାନଫ୍ରାନ୍‌ସିସ୍‌କୋର ମଣ୍ଟି ରବର୍ଟ ନାମରେ ଜାଣନ୍ତି । ଏଇ ଦୁଇଶହ ଏକରର 'ର୍ୟାଞ୍ଚ୍'ହିଁ ଥିଲା ମୋର ସେଦିନର ସ୍ୱପ୍ନ । ସେଇ ରଚନାରେ ମୁଁ ଯାହା ଯାହା ଲେଖିଥିଲି ସେଇ ସେଇ କଥା ଆପଣ ଏଠି ସବୁ ଦେଖିବେ । ଜାଣନ୍ତି, ସେଇ ରଚନାର ପୃଷ୍ଠା ଦୁଇଟି, ଯାହା ଉପରେ ମୋ ଶିକ୍ଷକ ନାଲି ଅକ୍ଷରରେ 'ଏଫ୍' ଗ୍ରେଡ୍ ଦେଇଥିଲେ, ସେଇଟିକୁ ବନ୍ଧେଇ କରି ମୁଁ ମୋ ଡ୍ରଇଂରୁମ୍‌ରେ ଟାଙ୍ଗି ରଖିଛି ।''

*(ଅବଶିଷ୍ଟାଂଶ ପୃଷ୍ଠା ୪୯ରେ ଦେଖନ୍ତୁ)*

# ଦୁଇଟି କ୍ଷୁଦ୍ର କାହାଣୀ

## ଶ୍ରୀମା

ତୁମମାନଙ୍କୁ ମୁଁ ଆଉ ଗୋଟିଏ କ୍ଷୁଦ୍ର ଗଳ୍ପ କହିବି । ବହୁ ପୂର୍ବକାଳରେ କେତେକ ଲୋକେ ବିଶ୍ୱାସ କରୁଥିଲେ ଯେ ଗୋଟିଏ କଣା ପଇସା ... ବର୍ତ୍ତମାନ ବି କେତେକ ଦେଶରେ କଣା ପଇସା ରହିଛି, ନୁହେଁ ? ମାତ୍ର ଆଗକାଳରେ ସେପରି କଣା ପଇସା ମିଳୁ ନଥିଲା । ତଥାପି ବେଳେବେଳେ କୌଣସି ମୁଦ୍ରାରେ କଣା ରହିଥିବାର ଦେଖାଯାଉଥିଲା । ସେତେବେଳେ ମଧ୍ୟ ଏପରି ଅନ୍ଧବିଶ୍ୱାସ ଥିଲା ଯେ ଯଦି କୌଣସି ବ୍ୟକ୍ତି କଣା ମୁଦ୍ରା ପାଉଥିଲା ତେବେ ସେ ସୌଭାଗ୍ୟର ଅଧିକାରୀ ହେଉଥିଲା । ଏହି କଣା ପଇସା ଲାଭ କରିବା ଫଳରେ ତୁମେ ଯାହା କରିବାକୁ ଇଚ୍ଛା କରୁଛ, ସେଥିରେ ତୁମକୁ ସୌଭାଗ୍ୟ ଓ ସଫଳତା ମିଳୁଥିଲା ।

ଜଣେ ଗରିବ ଲୋକ ଗୋଟିଏ ଅଫିସରେ କାର୍ଯ୍ୟ କରୁଥିଲେ । ସେ ଜଣେ ସୌଭାଗ୍ୟବାନ୍ ବ୍ୟକ୍ତି ନଥିଲେ, ମାତ୍ର ଦିନେ ସେ ଗୋଟିଏ କଣା ପଇସା ପାଇଲେ । ସେ ତାହାକୁ ପକେଟରେ ରଖି ନିଜ ମନକୁ ମନ କହିଲେ, ''ବର୍ତ୍ତମାନ ମୁଁ ବିଭବଶାଳୀ ହେବାକୁ ଯାଉଛି ।'' ଏବଂ ସେ ଆଶା, ଶକ୍ତି ଓ ସାହସ ପାଇଲେ, କାରଣ ସେ ଭାବୁଥିଲେ : ''ମୋ ପାଖରେ ଏହି ମୁଦ୍ରାଟି ଥିବା ପର୍ଯ୍ୟନ୍ତ ମୁଁ ନିଶ୍ଚିତ ସଫଳତା ଲାଭ କରିବି ।'' ବାସ୍ତବରେ ସେ ଅଧିକରୁ ଅଧିକ ସମୃଦ୍ଧି ଲାଭ କରିବାରେ ଲାଗିଲେ । ସେ ଅଧିକରୁ ଅଧିକ ଅର୍ଥ ଉପାର୍ଜନ କଲେ ଏବଂ ତାଙ୍କୁ ସମାଜରେ ଅଧିକରୁ ଅଧିକ ଉଚ୍ଚ ଆସନ ମିଳିଲା; ଏବଂ ଲୋକମାନେ କହିଲେ, ''ଲୋକ ଜଣକ କେତେ ଅଦ୍ଭୁତ ଧରଣର ! ସେ କେତେ ଭଲ ଭାବରେ କାମ କରୁଛନ୍ତି ! ସବୁ ସମସ୍ୟାର ସେ କେତେ ସୁନ୍ଦର ସମାଧାନ କରି ପାରୁଛନ୍ତି !'' ପ୍ରକୃତରେ ସେ ଜଣେ ବିଶିଷ୍ଟ ବ୍ୟକ୍ତି ହେଲେ, ଏବଂ ପ୍ରତିଦିନ ସକାଳେ ନିଜ କୋଟ୍‌ଟିକୁ ପିନ୍ଧିବା ବେଳେ ସେ ମୁଦ୍ରାଟି ତାଙ୍କ ପକେଟ ଭିତରେ ରହିଛି ବୋଲି ସୁନିଶ୍ଚିତ ହେବା ନିମନ୍ତେ ହାତମାରି ଦେଖୁଥିଲେ । ସେ ହାତରେ ମୁଦ୍ରାଟିକୁ ସ୍ପର୍ଶ କରୁଥିଲେ, ମୁଦ୍ରାଟି ସେଠାରେ ଅଛି ବୋଲି ଅନୁଭବ କରୁଥିଲେ ଏବଂ ତଦ୍ଦ୍ୱାରା ବିଶ୍ୱାସ ଲାଭ କରୁଥିଲେ । ଏହିପରି ବର୍ଷ ପରେ ବର୍ଷ ବିତିଗଲା । ଦିନେ ସେ ଟିକିଏ କୌତୂହଳୀ ହୋଇଉଠିଲେ ଏବଂ କହିଲେ, ''ମୁଁ ଆଜି ମୁଦ୍ରାଟିକୁ ଦେଖିବି ।'' ସେ ତାଙ୍କର ସ୍ତ୍ରୀଙ୍କ ସହ ପ୍ରାତଃ ଭୋଜନ କରୁଥିବା ସମୟରେ ସ୍ତ୍ରୀଙ୍କୁ କହିଲେ, ''ମୁଁ ଆଜି ମୁଦ୍ରାଟିକୁ ଦେଖିବି ।'' ତାଙ୍କର ସ୍ତ୍ରୀ କହିଲେ, ''ତୁମେ କାହିଁକି ମୁଦ୍ରାଟିକୁ ଦେଖିବ ? ଏହାର ଆବଶ୍ୟକତା ନାହିଁ ।'' ''ହଁ, ହଁ, ତଥାପି ମୁଁ କେବଳ ଥରେ ମାତ୍ର ମୁଦ୍ରାଟିକୁ ଦେଖିବି ।'' ସେ ଯେଉଁ ଛୋଟ ମୁଣିଟିରେ ମୁଦ୍ରାଟିକୁ ରଖିଥିଲେ ତାକୁ ନେଇ ଖୋଲି କରି ମୁଦ୍ରାଟିକୁ ଦେଖିଲେ, ମାତ୍ର ସେଥିରେ କଣା ନଥିଲା !

ସେ କହିଲେ, ''ଆଶ୍ଚର୍ଯ୍ୟ ! ଏହା ମୋର ମୁଦ୍ରା ନୁହେଁ ! ଏହା କେଉଁଠୁ ଆସିଲା ? ମୋ ମୁଦ୍ରା କିଏ ନେଲା ?'' ତା'ପରେ ତାଙ୍କ ସ୍ତ୍ରୀ ତାଙ୍କୁ କହିଲେ, ''ଦିନେ ତୁମ କୋଟ୍‌ରେ ଧୂଳି ଲାଗିଥିଲା... ମୁଁ ଝରକାବାଟେ ବାହାରକୁ ଦେଖାଇ କୋଟ୍‌ଟିକୁ ଝାଡ଼ିଦେଲି ଓ ସେତିକିବେଳେ ତୁମ ମୁଦ୍ରାଟି ଖସି କେଉଁଆଡ଼େ ପଡ଼ିଗଲା । ତା' ଭିତରେ ମୁଦ୍ରାଟି ଥିଲା ବୋଲି ମୋର ମନେ ନଥିଲା । ଦଉଡ଼ିଯାଇ କେତେ ଖୋଜିଲି, ମାତ୍ର ପାଇଲି ନାହିଁ । ତାହାକୁ ଆଉ କେହି ଉଠାଇ ନେଇ ଯାଇଥିଲେ । ତୁମେ ବେଶୀ ମନ ଖରାପ କରିବ ବୋଲି ଭାବି ମୁଁ ଆଉ ଗୋଟିଏ ମୁଦ୍ରା ଆଣି କୋଟ୍ ପକେଟରେ ରଖିଦେଲି ।'' (ସମସ୍ତେ ହସିଲେ) ମାତ୍ର ସେ ଲୋକ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ ଯେ ତାଙ୍କ ମୁଦ୍ରାଟି ଯଥାସ୍ଥାନରେ ରହିଛି । ଏହାହିଁ ଯଥେଷ୍ଟ ଥିଲା ।

ତେଣୁ ବିଶ୍ୱାସ, ଆସ୍ଥାହିଁ ଯାହାକିଛି ଏହି କ୍ଷେତ୍ରରେ କରିଥାଏ । ... ଛିଦ୍ରଥିବା ମୁଦ୍ରା ପ୍ରକୃତରେ କିଛି କରେ ନାହିଁ । ତୁମେ ମଧ୍ୟ ସର୍ବଦା ଏକଥା ଚେଷ୍ଟା କରି ଦେଖିପାର । ଯଦି ତୁମର ବିଶ୍ୱାସ ଥାଏ, ତେବେ ତୁମକୁ ଫଳ ମିଳିବ – ଯେତେବେଳ ପର୍ଯ୍ୟନ୍ତ ବ୍ୟକ୍ତିର ବିଶ୍ୱାସ ଥାଏ । ...

(CWM, Vol. 6, pp. 234 - 235)

*

ବାସ୍ତବ କ୍ଷେତ୍ରରେ କଳ୍ପନା ହେଉଛି ମାନସିକ ଗଠନ ପାଇଁ ଏକ ଶକ୍ତି ... ଯାହା ହେଲେ ବି ଏପରି କୌଣସି ଗୋଟିଏ

ହେଲେ ପଦାର୍ଥ ନାହିଁ ଯାହାର ଗଠନ ଅବାସ୍ତବ ପରି ପ୍ରତୀତ ହୁଏ, କାରଣ ମାନସିକ ସ୍ତରରେ ପ୍ରତ୍ୟେକ ଛବିର ବାସ୍ତବତା ଅଛି । ଉଦାହରଣସ୍ୱରୂପ ଗୋଟିଏ ଉପନ୍ୟାସର ବିଷୟବସ୍ତୁ ଭୌତିକ ଜୀବନ ପରି ମାନସିକ ସ୍ତରରେ ସ୍ୱାଧୀନ ଭାବରେ ଥାଏ । ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆମେ ପ୍ରତ୍ୟେକେ ଜଣେ ଜଣେ ଔପନ୍ୟାସିକ ଏବଂ ସେହି ସୀମା ପର୍ଯ୍ୟନ୍ତ ଆମର ବିଭିନ୍ନ ରୂପ ଗଠନ କରିବାର ସାମର୍ଥ୍ୟ ରହିଛି । ଆମ କଳ୍ପନା ଅନୁସାରେ ଜୀବନର ଘଟନାବଳୀ ମୂର୍ତ୍ତିମନ୍ତ ହୁଏ । ପ୍ରତ୍ୟେକ ଥର ଯେତେବେଳେ ଏକ ଅପ୍ରୀତିକର କଳ୍ପନା ମଧ୍ୟରେ ତୁମେ ନିଜକୁ ହଜାଇ ଦିଅ, ସେତେବେଳେ ଏହା ତୁମର ଆଶଙ୍କା, ସମ୍ଭାବିତ ଦୁର୍ଘଟଣା, ଦୁର୍ଭାଗ୍ୟସବୁକୁ ରୂପଦେଇ ତୁମର ଭବିଷ୍ୟତକୁ ଅତଳ ଗର୍ଭକୁ ଟାଣିନିଏ । ଅପର ପକ୍ଷରେ ତୁମର କଳ୍ପନା ଯେତେ ଆଶାବାଦୀ ହେବ, ସେତେ ତୁମେ ତୁମର ଲକ୍ଷ୍ୟକୁ ଉପଲବ୍ଧି କରିବାର ସମ୍ଭାବନା ଲାଭ କରିବ । ...

କୁଏ ଜଣେ ଡାକ୍ତର ଥିଲେ । ସେ ଲୋକମାନଙ୍କୁ ଆରୋଗ୍ୟ କରୁଥିଲେ ଏକ ମନସ୍ତାତ୍ତ୍ୱିକ ଚିକିତ୍ସା, ସ୍ୱୟଂ ପ୍ରସ୍ତାବ (Auto suggestion) ଦ୍ୱାରା, ଯାହାକୁ ସେ କଳ୍ପନାର ପ୍ରକୃତ କାର୍ଯ୍ୟକଳାପ ବୋଲି କହୁଥିଲେ ଏବଂ ଯାହା ସେ କଳ୍ପନା ବୋଲି ବର୍ଣ୍ଣନା କରୁଥିଲେ ତାହା ଥିଲା ବିଶ୍ୱାସ । ସେ ଏହିଭାବେ ତାଙ୍କର ରୋଗୀମାନଙ୍କୁ ଚିକିତ୍ସା କରୁଥିଲେ : ସେମାନଙ୍କୁ ଏକ ପ୍ରକାର କାଳ୍ପନିକ ରୂପ ଗଠନ କରିବାକୁ ହେଉଥିଲା । ଏହା ଭିତରେ ସେମାନେ ଯେ ନିଜେ ନୀରୋଗ ହୋଇ ଯାଇଛନ୍ତି, ଅନ୍ତତଃ ଆରୋଗ୍ୟ ଲାଭ କରୁଛନ୍ତି, ଏହି ପ୍ରକାର ଭାବନା ରହିଥିଲା । ଏହି ରୂପଗଠନ ଯେପରି ଫଳପ୍ରଦ ହେବ ସେଥିଲାଗି ସେମାନେ ଅଧିକଭାବେ ଲାଗି ରହି ଏହାର ପୁନରାବୃତ୍ତି କରୁଥିଲେ । ...

କୁଏ (Coué) ଯାହା ସୁପାରିସ କରିଥିଲେ ... ଏହିଭାବେ ସେ ତାଙ୍କ ରୋଗୀମାନଙ୍କୁ ଆରୋଗ୍ୟ କରିଥିଲେ — ସେ ଜଣେ ଡାକ୍ତର ଥିଲେ : ସେ ସେମାନଙ୍କୁ କହୁଥିଲେ, ‘‘ତୁମେ ନିଜକୁ ବାରଂବାର କହିବ : ମୁଁ ଆଗ ଅପେକ୍ଷା ଭଲ ହୋଇଯାଉଛି, ଧୀରେ ଧୀରେ ମୁଁ ଭଲ ହେଉଛି, ମୁଁ ଶକ୍ତିଶାଳୀ, ମୋର ସ୍ୱାସ୍ଥ୍ୟ ଭଲ ଅଛି ଏବଂ ମୁଁ ଏହା, ତାହା, ସବୁକିଛି କରିପାରିବି ।’’

ମୁଁ ଜଣକୁ ଜାଣେ ଯାହାର କେଶ ଭୟଙ୍କରଭାବେ ମୁଠା ମୁଠା ହୋଇ ଉପୁଡୁ ଥିଲା । କେହି ଜଣେ ତାକୁ ଏହି ପ୍ରଣାଳୀଟି ଚେଷ୍ଟା କରିବା ଲାଗି ପ୍ରବର୍ତ୍ତାଇଲେ । ସେ ଯେତେବେଳେ ତା’ର କେଶ କୁଣ୍ଡାଉଥିଲା, ସେ ନିଜକୁ ଭାବିବା ଲାଗି ପ୍ରବର୍ତ୍ତାଇଲା, ‘‘ମୋର କେଶ ଉପୁଡ଼ିବ ନାହିଁ ।’’ ପ୍ରଥମ ଥର, ଦ୍ୱିତୀୟ ଥର, ଏହା କାର୍ଯ୍ୟ କରିଲା ନାହିଁ; କିନ୍ତୁ ସେଥିରେ ସେ ଲାଗିରହିଲା ଏବଂ ପ୍ରତିଥର ମୁଣ୍ଡ କୁଣ୍ଡାଇବା ପୂର୍ବରୁ ସେ ଜୋର୍ ଦେଇ ବାରଂବାର କହୁଥିଲା, ‘‘ମୁଁ ମୋର କେଶ କୁଣ୍ଡାଇବାକୁ ଯାଉଛି, କିନ୍ତୁ ଏହା ଉପୁଡ଼ିବ ନାହିଁ’’ ଏବଂ ଏକ ମାସ ଭିତରେ ତା’ର କେଶ ଉପୁଡ଼ିବା ବନ୍ଦ ହୋଇଗଲା । ପରେ ସେ ପୁଣି ଭାବିବାକୁ ଲାଗିଲା, ‘‘ବର୍ତ୍ତମାନ ମୋର କେଶ ବଢ଼ିବ ।’’ ଏବଂ ସେ ଏପରି ସଫଳ ହେଲା ଯେ ମୁଁ ତାହାର କେଶଭରା ମସ୍ତକ ଦେଖିଥିଲି । ସେ ନିଜେ ମୋତେ ଏକଥା କହିଥିଲା ଯେ ଚନ୍ଦା ହେବାକୁ ଯାଉଥିବା ମୁହୂର୍ତ୍ତରେହିଁ ସେ ଏହିପରି କରିଥିଲା । ଏହା ଖୁବ୍, ଖୁବ୍ ଫଳପ୍ରଦ । କେବଳ, ଯେତେବେଳେ ଜଣେ ଏହାକୁ ମନରେ ରୂପ ଦେଉଛି, ମନର ଅନ୍ୟ ଅଂଶ ଯେପରି ଆଦୌ ନ କହେ, ‘‘ଓଃ, ମୁଁ ଏକ ରୂପ ଦେଉଛି ଏବଂ ଏହା ସଫଳ ହେବ ନାହିଁ ।’’ କାରଣ ଏହିଭାବେ ତୁମେ ନିଜେ ତୁମର କାର୍ଯ୍ୟକୁ ନଷ୍ଟ କରିଦିଅ ।

(CWM, Vol. 7, pp. 4 - 5)

❑❑❑

---

*(ପୃଷ୍ଠା ୪୭ର ଅବଶିଷ୍ଟାଂଶ)*

ଗ୍ରାହକବନ୍ଧୁଙ୍କ ଆଖିରେ ମେଞ୍ଚାଏ ବିସ୍ମୟ ।

ମଣ୍ଟି ରବର୍ଟ କହିଲେ, ‘‘ଗତ ବର୍ଷ ଗ୍ରୀଷ୍ମଛୁଟିରେ ମୋର ସେହି ଶିକ୍ଷକ ତାଙ୍କ ପରିବାରକୁ ନେଇ ମୋ ଫାର୍ମକୁ ବଣଭୋଜିରେ ଆସିଥିଲେ । ଫେରିଗଲା ବେଳେ ସେ ମୋ ସହ କରମର୍ଦ୍ଦନ କରି କହିଲେ, ‘ମୋର ଶିକ୍ଷକ ଜୀବନରେ ତୁମ ପରି ଅନେକ ପିଲାଙ୍କ ସ୍ୱପ୍ନ ଚୋରି କରିଛି । ସୌଭାଗ୍ୟକୁ ତୁମେ ସତର୍କ ଥିଲ । ତେଣୁ ମୁଁ ତୁମର ସ୍ୱପ୍ନ ଚୋରି କରିପାରିଲି ନାହିଁ ।’ ’’

କାହାରିକୁ ଆପଣଙ୍କର ସ୍ୱପ୍ନ ଚୋରି କରି ନେବାକୁ ଦିଅନ୍ତୁ ନାହିଁ । ତାକୁ ସବୁବେଳେ ଆପଣଙ୍କ ହୃଦୟରେ ସାଇତି ରଖନ୍ତୁ ।

(‘**କଥାଟିଏ**’ରୁ ସଂଗୃହୀତ ।)

ସଂକଳକ : ଗୌରହରି ଦାସ ❑

# ପୁରାତନ ଜଗତ୍, ନୂତନ ଜଗତ୍ : ଶ୍ରୀମା'ଙ୍କର ଅନୁଭୂତି


## ଆର୍ତ୍ତତ୍ରାଣ ମିଶ୍ର


ସମସ୍ତେ ନିଶ୍ଚୟ ପଢ଼ିଥିବେ ଶ୍ରୀମା'ଙ୍କର ଅତିମାନସ ସତ୍ୟର ଅଭିବ୍ୟକ୍ତିର ଘୋଷଣା – ଯାହା ଘଟିଥିଲା ୨୯ ଫେବ୍ରୁଆରୀ, ୧୯୫୬ ମସିହାରେ । ସେଥିରୁ ଦୁଇଟି ଧାଡ଼ି : –

"A new light breaks upon the earth,
A new world is born."

(CWM, Vol. 15, p. 95)

ଆମମାନଙ୍କର ପୁରାତନ ଅଭ୍ୟାସ ଯୋଗୁଁ ଆମେ ନୂଆ ଆଲୋକ କ'ଣ, ନୂତନ ଜଗତ୍ କ'ଣ ତାହା ବୁଝିବା ଅତୀବ କଷ୍ଟକର । କାଳ ସ୍ରୋତରେ ଜଗତ୍ ବହିଚାଲିଛି – ତା'ର ପ୍ରତ୍ୟେକ ମୁହୂର୍ତ୍ତ ଅତୀତକୁ ଚାଲିଯାଉଛି, ପ୍ରତ୍ୟେକ ମୁହୂର୍ତ୍ତକୁ ଆମେ ନୂଆ ବୋଲି ସ୍ୱାଗତ କରୁଛୁ । ଏହା ହେଉଛି ମନର କଥା । କିନ୍ତୁ ନୂଆ ଜଗତକୁ ଆମେ ସାମଗ୍ରିକ ଭାବରେ ବୁଝିପାରିବା ଯଦି ଆମେ ଦେହ ମଧ୍ୟରେ ତାକୁ ବୁଝିପାରିବା, କାରଣ ଆମେମାନେ ଦେହଧାରୀ ଜୀବ । ଶ୍ରୀମା ଏହି ନୂତନ ଜଗତକୁ ଅନୁଭବ କରିଥିଲେ ତାଙ୍କ ଦେହର ଜୀବକୋଷମାନଙ୍କରେ, ଅତି ଆଶ୍ଚର୍ଯ୍ୟଜନକ ଭାବରେ ।

ଆଶ୍ରମର ପ୍ଲେ-ଗ୍ରାଉଣ୍ଡରେ ୯ ଜୁଲାଇ, ୧୯୫୭ ଦିନ ପ୍ରଦର୍ଶିତ ହୋଇଥିଲା ଏକ ଚଳଚ୍ଚିତ୍ର – 'ରାଣୀ ରାସମଣି' ।

ରାଣୀ ରାସମଣି ଦକ୍ଷିଣେଶ୍ୱରରେ ପ୍ରତିଷ୍ଠା କରିଥିଲେ କାଳୀ ମନ୍ଦିର । ସେଠାରେ ଶ୍ରୀରାମକୃଷ୍ଣ ଯୋଗ ସାଧନାରେ ତାଙ୍କର ଅଧିକାଂଶ ଜୀବନ କଟାଇ ଥିଲେ । ଶ୍ରୀମା ସେହି ଚଳଚ୍ଚିତ୍ରକୁ ଦେଖିଥିଲେ । ତାଙ୍କ ପାଇଁ ଏହି ଚଳଚ୍ଚିତ୍ର ଏତେ ଉତ୍କୃଷ୍ଟ ନଥିଲା । କିନ୍ତୁ ସେଇ ଚଳଚ୍ଚିତ୍ରକୁ ଦେଖି ତାଙ୍କର ଅନୁଭବ ହେଲା ପୁରାତନ ଜଗତର ଧର୍ମ-ଆଚରଣର ମୂଳ ପିଣ୍ଡ ତଥା ଗଙ୍ଗାକୂଳରେ କାଳୀମୂର୍ତ୍ତି ନିକଟରେ ହେଉଥିବା ପୂଜାବିଧି ସମ୍ପର୍କରେ । ତାକୁ ଦେଖି ତାଙ୍କର ଅନୁଭବ ହେଲା ଏହି ପୁରାତନ ଧର୍ମ-ଆଚରଣ ପଥରେ କି ସତ୍ୟ ଅଛି । ସେ ଦେଖି ପାରିଲେ ମନୁଷ୍ୟ ଦେବତାମାନଙ୍କ ସହିତ ସମ୍ବନ୍ଧିତ ହେବା ପାଇଁ ଆଧ୍ୟାତ୍ମିକ ପ୍ରଚେଷ୍ଟାର ଏହା ସର୍ବଶ୍ରେଷ୍ଠ ପରିଣାମ । ଶ୍ରୀମା'ଙ୍କର ଅନୁଭବ ହେଲା ଏହା ଅନ୍ୟ ଏକ ଜଗତ୍ ଯାହାର ସ୍ଥିତି ଆଉ ନାହିଁ । ଏହି ବିଗତ ଦିନର ଜଗତ୍ ତା'ର ବାସ୍ତବ ସତ୍ୟକୁ ହରାଇ ସାରିଛି । ଏହାକୁ ଅତିକ୍ରମ କରି ଅନ୍ୟ ଏକ ସତ୍ୟ ଜନ୍ମ ନେଇଛି, ଏକ ନୂତନ ଜଗତ୍ ଜନ୍ମ ନେଇଛି – ଏହି ସତ୍ୟ ନିଜକୁ ପ୍ରକାଶ କରିବାକୁ ଆରମ୍ଭ କରିଛି । ଏହାର ପ୍ରକାଶର ଧାରା ଏତେ ସୁଦୃଢ଼ ଯେ ଯେଉଥି ପାଇଁ ଏହି ପୁରାତନ ଧର୍ମଭିତ୍ତିକ ଜଗତ୍ ମନେ ହେଉଛି ଅବାସ୍ତବ, ମୂଲ୍ୟହୀନ ।

ଏହାକୁ ସେ ମନ ଦ୍ୱାରା ବୁଝି ନଥିଲେ – ସେ ବୁଝିଥିଲେ ତାଙ୍କର ଜୀବକୋଷରେ; ଯେଉଁଥି ପାଇଁ ସେ ବୁଝି ପାରିଲେ ଏକ ନୂତନ ଜଗତ୍ ଜନ୍ମ ନେଇଛି ଏବଂ କ୍ରମଶଃ ବୃଦ୍ଧି ଲାଭ କରୁଛି । ପ୍ରଶ୍ନ ଉଠିପାରେ ଯେ ସେ ଜୀବକୋଷକୁ ବୁଝିଲେ କିପରି ? ଆଧୁନିକ ପ୍ରାଣୀ ବିଜ୍ଞାନ ଜୀବକୋଷକୁ ବିଶ୍ଳେଷଣ କରି ତା' ଭିତରେ ଥିବା କ୍ରୋମୋଜମ୍, DNA ଓ gene ରେ ଅଣୁକଣିକା ଚିହ୍ନିବାକୁ ଆରମ୍ଭ କରିଛି, ସେମାନଙ୍କର କାର୍ଯ୍ୟକଳାପ ଟିକିନିଖି ଦେଖିବାକୁ ଆରମ୍ଭ କରିଛି । ଏମାନେ ସମସ୍ତେ ସଚେତନ, ଅବଶ୍ୟ ମନର ଚେତନା ଭଳି ନୁହେଁ – ସେମାନଙ୍କର ନିଜସ୍ୱ ଚେତନା ଯାହା ଦ୍ୱାରା ସେମାନେ ଶରୀରରେ କ୍ରିୟା କରୁଛନ୍ତି । ଏମାନେ ମନ, ପ୍ରାଣ, ଦେହକୁ ପ୍ରଭାବିତ କରନ୍ତି, ଅନେକ କିଛି ବଦଳାଇ ଦେଇ ପାରନ୍ତି, ନୂତନ ସୃଷ୍ଟି ମଧ୍ୟ କରି ପାରନ୍ତି । ଶ୍ରୀଅରବିନ୍ଦ ସାବିତ୍ରୀରେ ଲେଖିଛନ୍ତି :

"Our body's cells must hold the
Immortal's flame."

(Savitri, p. 35)

ଶ୍ରୀମା ମଧ୍ୟ ଆହୁରି ବୁଝାଇ କହିଛନ୍ତି ଯେ ଏହି ନୂତନ ଜଗତ୍ ଆଧ୍ୟାତ୍ମିକ ଜୀବନକୁ ଏକ ନୂତନ ରୂପ ଦେଇଛି, ଦିବ୍ୟ ବାସ୍ତବତା(divine reality)କୁ ନୂତନ ରୂପ ଦେଇଛି । ପୁରାତନ ଆଧ୍ୟାତ୍ମିକତାର ଲକ୍ଷ୍ୟ ଥିଲା କିପରି ଜଗତ୍ ମଧ୍ୟରୁ ଅବ୍ୟାହତି ନେବା, ମୁକ୍ତିଲାଭ କରିବା – ଫଳରେ ସେ

ସଂସାରକୁ ଛାଡ଼ି ଦେଉଥିଲା ତା'ର ନିଜସ୍ୱ ସ୍ଥିତିରେ ପଡ଼ି ରହିବାକୁ । ଅନ୍ୟ ନୂତନ ଜଗତର ଲକ୍ଷ୍ୟ ଜୀବନକୁ ଦିବ୍ୟ କରିବା, ଜଡ଼ ଜଗତକୁ ଦିବ୍ୟ ଜଗତରେ ରୂପାନ୍ତର କରିବା – ଏହା ପୁରାତନ ଜଗତକୁ ଅଧିକ ଉନ୍ନତ, ବିସ୍ତୃତ କରିବାର କଥା ନୁହେଁ । ତେଣୁ ପୁରାତନ ଜଗତର ଧାରାଠାରୁ ସମ୍ପୂର୍ଣ୍ଣ ଭିନ୍ନ ନୂତନ ଜଗତର ଧାରା ।

ଶ୍ରୀଅରବିନ୍ଦ କହିଛନ୍ତି ଯେ ପୁରାତନ ଜଗତ୍ ଅଧିମାନସ ସତ୍ୟର ସୃଷ୍ଟି, ଯାହା ଥିଲା ଦେବତା-ମାନବର ଯୁଗ, ଧର୍ମ ଆଚରଣର ଯୁଗ । ଅଧିମାନସ ଚେତନା ଦ୍ୱାରା ଅନେକ ଧର୍ମ ସୃଷ୍ଟି ହୋଇଛି । ମାନବ ଆସ୍ପୃହାର ସର୍ବଶ୍ରେଷ୍ଠ କୃତି – ସର୍ବ ଧର୍ମ ସମନ୍ୱୟ ।

ଗୀତାରେ ଶ୍ରୀକୃଷ୍ଣଙ୍କର ଶେଷ ବାର୍ତ୍ତା –

'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ'

ତେବେ ବି ଏହା ଅତିମାନସ ସତ୍ୟର ସୃଷ୍ଟି ଠାରୁ ଦୂରରେ ଅଛି । ସେଥିପାଇଁ ପ୍ରୟୋଜନ ଚେତନାର ଆମୂଳ ପରିବର୍ତ୍ତନ (reversal) । ଅତିମାନସ ସତ୍ୟର ସୃଷ୍ଟିରେ କୌଣସି ପାରମ୍ପରିକ ଧର୍ମ ରହିବ ନାହିଁ, ଏଥିରେ ଦେବତାମାନଙ୍କର ମଧ୍ୟ କୌଣସି ସ୍ଥାନ ନାହିଁ । ସେମାନେ ଯଦି ନୂତନ ସୃଷ୍ଟିରେ ଯୋଗ ଦେବାକୁ ଚାହିଁବେ ତେବେ ସେମାନଙ୍କୁ ଅତିମାନସ ସତ୍ୟ ମଧ୍ୟରେ ରୂପ ନେବାକୁ ପଡ଼ିବ ।

(ଶ୍ରୀମା'ଙ୍କ ୧୦ ଜୁଲାଇ, ୧୯୫୭ କ୍ଲାସର
ଆଲୋଚନା ଉପରେ ଆଧାରିତ)

❑❑❑

# ପ୍ରଭୁ-ପାଦ

## ହୃଷୀକେଶ ପଣ୍ଡା

ଦେଖିଲି ସେଦିନ ପ୍ରଭୁଙ୍କର ପାଦ
କ୍ଷିପ୍ର ଗତିରେ ଆଗକୁ ଧାବମାନ
ଏକ ପାହାଡ଼ର ଶିଖର ଅଭିମୁଖେ,
ପାଦସାରା କ୍ଷତର ଦାଗ
ଯୁଦ୍ଧ-ତ୍ରସ୍ତ ପୃଥିବୀର ଦୁଃଖ
ଆବୋରି ବସିଛି ପଦଯୁଗଳକୁ
ପାହାଡ଼ ଚଢୁଛନ୍ତି ସିଏ
କଣ୍ଟାର ମୁକୁଟ ପିନ୍ଧି
ଲକ୍ଷ୍ୟ ତାଙ୍କ ସୁରକ୍ଷିତ ବିଶ୍ୱ ।

ପଥର ଚଟାଣ ସବୁ
ତରଳି ଯାଉଛନ୍ତି ପାଦ ସ୍ପର୍ଶରେ
କୃପାର କଣିକା ପାଲଟି
ଝରି ପଡୁଛନ୍ତି ପୃଥିବୀ ବକ୍ଷରେ,
ମୁକ୍ତି ଅପେକ୍ଷାରେ ଥିବା
ଅଭିଶପ୍ତ ବାଲିକଣାମାନେ
ଉଡ଼ି ଯାଉଛନ୍ତି ମହାଶୂନ୍ୟକୁ



ପ୍ରଭୁଙ୍କର ଗୁଣ ଗାଇବାକୁ ।

ସ୍ୱପ୍ନରେ ମୁଁ ଦେଖୁଥିଲି
ସେ ପାଦର ଯାତ୍ରା ପଥ
ପାହାଡ଼ର ଖଣ୍ଡାଧାର ଦୃଶ୍ୟ
ଶିଖରକୁ ଛୁଇଁବାର ଦୁର୍ଜେୟ ପ୍ରୟାସ,
କାକୁସ୍ତ ଚିତ୍ତରେ ଅତି ପଚାରିଲି, ପ୍ରଭୁ !
ଏ ଯାତ୍ରାର ଶେଷ କେଉଁଠାରେ ?

ହଠାତ୍ ମୋ ନିଦ ଭାଙ୍ଗିଗଲା
ଉତ୍ତର ବି ମିଳିଗଲା ପ୍ରଭୁଙ୍କ ଦୟାରୁ –
''ସୃଷ୍ଟିର ଆରମ୍ଭରୁ ମୁହିଁ ତ ରହିଛି
ବିଶ୍ୱର ବିନାଶକୁ ଟାଳି ଦେବା ପାଇଁ
ଏହିପରି ଯାତ୍ରା ମୁଁ କରୁଛି
ଯେବେ ଯାଏଁ ନବସୃଷ୍ଟି ଜନ୍ମ ନ ହୋଇଛି
ବିଧାତାଙ୍କୁ କଥା ମୁଁ ଦେଇଛି ।''

❑❑❑

# ବିରଳ ମୁହୂର୍ତ୍ତ

## ବନମାଳୀ ଆଚାର୍ଯ୍ୟ

ଡିସେମ୍ବର ମାସର ଏକ ଶୀତଳ ଅପରାହ୍ନ । ବିଦାୟକାଳୀନ ସଭାର ପ୍ରାରମ୍ଭରେ ଦର୍ଶନ ବିଭାଗର ସର୍ବଶ୍ରେଷ୍ଠ ବିଦ୍ୱାନ୍ ଛାତ୍ର ତଥା ଛାତ୍ରସଂଘର ସଭାପତି ସେମାନଙ୍କର ପ୍ରିୟ ପ୍ରଫେସର ମହାଶୟଙ୍କୁ ସମ୍ମାନର ସହ ଅଭ୍ୟର୍ଥନା କରି ଆସନରେ ବସାଇଲେ । ସଭାରେ ଉପସ୍ଥିତ ଶ୍ରୋତାବର୍ଗଙ୍କୁ ସ୍ୱାଗତ କରିବା ପରେ ବିଦାୟୀ ବିଦ୍ୟାର୍ଥୀଙ୍କ ହିତାର୍ଥେ ସେ ପ୍ରଫେସର ମହୋଦୟଙ୍କ ଠାରୁ ତାଙ୍କର ମୂଲ୍ୟବାନ୍ ମାର୍ଗଦର୍ଶନ ଆଶା କରନ୍ତି ବୋଲି ପ୍ରକାଶ କଲେ । ସଭାର ଆୟୋଜକମାନଙ୍କୁ ସେମାନଙ୍କର ଆନ୍ତରିକ ଉଦ୍ୟମ ପାଇଁ କୃତଜ୍ଞତା ଜଣାଇଲେ । ଜୀବନର ଯଥାର୍ଥ ମୂଲ୍ୟବୋଧ ଏବଂ ଜ୍ଞାନ, ଭକ୍ତି, ପ୍ରେମ ଓ ସଙ୍ଗତିର ଅନୁଭବ ସମସ୍ତଙ୍କର ହୃଦୟ ଓ କର୍ମକୁ ପରିମାର୍ଜିତ କରିବ ବୋଲି ସେ ବିନମ୍ର ଭାବରେ ପ୍ରକାଶ କଲେ । ଉପରେ ମୁକ୍ତ ଆକାଶ, ତଳେ ସବୁଜ ଘାସର ନରମ ଗାଲିଚା । ଆରାମଦାୟକ ସୂର୍ଯ୍ୟାଲୋକରେ ପବନର ଧୀର ଗତି । ସମସ୍ତେ ମିଶି ସଭାସ୍ଥଳର ଶୋଭାବର୍ଦ୍ଧନ କରୁଥିଲେ ।

ସ୍ୱାଭାବିକ ଢଙ୍ଗରେ ପ୍ରଫେସର ମହାଶୟ ତାଙ୍କର ବକ୍ତବ୍ୟ ଆରମ୍ଭ କଲେ । ଏହା ଜୀବନର ଅର୍ଥ ଓ ଲକ୍ଷ୍ୟ ବିଷୟରେ ଥିଲା । ସେ କହିଲେ, ''ମୁଁ ଆପଣମାନଙ୍କୁ ମହାଭାରତର କାହାଣୀଟିଏ କହିବି । ତତ୍କାଳୀନ ସମାଜରେ ଦ୍ରୋଣାଚାର୍ଯ୍ୟ ଜଣେ ବିଖ୍ୟାତ ଓ ମହାନ୍ ଗୁରୁ ଥିଲେ । ସେ କୌରବ ଓ ପାଣ୍ଡବ ରାଜକୁମାରମାନଙ୍କର ଶିକ୍ଷାର ଭାର ନେଇଥିଲେ । ସେ ସେମାନଙ୍କୁ ନିଜର ପୁତ୍ର ଭଳି ସ୍ନେହ କରୁଥିଲେ । ଦିନେ ସେ ଶିଷ୍ୟମାନଙ୍କୁ ନିଜ ରାଜ୍ୟରେ ବାସ କରୁଥିବା ଉତ୍ତମ ଓ ମନ୍ଦ ସ୍ୱଭାବର ବ୍ୟକ୍ତିମାନଙ୍କର ଦୁଇଟି ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରିବାକୁ କହିଲେ । କିଛି ଦିନ ପରେ କୌରବମାନଙ୍କର ଜ୍ୟେଷ୍ଠ ରାଜକୁମାର ଦୁର୍ଯ୍ୟୋଧନ ଗୁରୁଦେବଙ୍କୁ କହିଲେ, 'ମହାଶୟ, ମୁଁ ଆମ ରାଜ୍ୟରେ କୌଣସି ଉତ୍ତମ ସ୍ୱଭାବର ବ୍ୟକ୍ତି ଦେଖି ପାରୁ ନାହିଁ । ସମସ୍ତଙ୍କ ଭିତରେ ମନ୍ଦଗୁଣ ରହିଛି । ମୁଁ ସେମାନଙ୍କର ତାଲିକା ପ୍ରସ୍ତୁତ କରିଛି ।' ଅନ୍ୟ ଏକ ଦିନ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିର ଗୁରୁଦେବଙ୍କୁ ବିନମ୍ର ଭାବରେ ଜଣାଇଲେ, 'ମୁଁ ରାଜ୍ୟରେ କୌଣସି ମନ୍ଦ ସ୍ୱଭାବ ଥିବା ବ୍ୟକ୍ତି ପାଉ ନାହିଁ । ସମସ୍ତେ ଉତ୍ତମ ସ୍ୱଭାବର ଅଟନ୍ତି ।' ଶିଷ୍ୟମାନଙ୍କର ବ୍ୟକ୍ତିତ୍ୱର ପରୀକ୍ଷା ନେବା ଗୁରୁଦେବଙ୍କର ଲକ୍ଷ୍ୟ ଥିଲା ଯାହା ସେ ଗୋପନ ରଖିଥିଲେ । ସେମାନଙ୍କର ଉତ୍ତର ଶୁଣି ସେ ସ୍ମିତ ହସିଲେ । ତା'ପରେ ସେ ମନେ ମନେ ଚିନ୍ତା କଲେ – ଦୁର୍ଯ୍ୟୋଧନର ଦୃଷ୍ଟି ସର୍ବଦା ନିମ୍ନ ଆଡ଼କୁ । ତା' ଭିତରେ ଥିବା ଅହଂକାର ଓ ଗର୍ବ ଏହାର କାରଣ । ଅନ୍ୟମାନଙ୍କର ମନ୍ଦଗୁଣ ତା' ନଜରକୁ ଆସିଥାଏ । ସେମାନଙ୍କର ଉତ୍ତମ ଗୁଣକୁ ସେ ଦେଖିପାରେ ନାହିଁ । ଯୁଧିଷ୍ଠିର ନିରହଂକାରୀ । ସେ ହୃଦୟ ଭିତରଦେଇ ବାହାରକୁ ଦେଖେ । ଅନ୍ୟର ମନ୍ଦଗୁଣ ତାକୁ ଦେଖାଯାଏ ନାହିଁ । ସମସ୍ତେ ଉତ୍ତମ ସ୍ୱଭାବର ବୋଲି ସେ ଭାବିଥାଏ । ଭବିଷ୍ୟତରେ ସେ ସାଧାରଣ ଲୋକମାନଙ୍କର ହୃଦୟର କଥା ବୁଝିପାରିବ । ସେମାନଙ୍କୁ ସତ୍‌ପଥରେ ଚଳାଇ ପାରିବ । କାହାଣୀରେ ଦୁର୍ଯ୍ୟୋଧନ ବାହ୍ୟ ଜୀବନର ଓ ଯୁଧିଷ୍ଠିର ଆନ୍ତର ଜୀବନର ପ୍ରତିନିଧିତ୍ୱ କରନ୍ତି । ବର୍ତ୍ତମାନଠାରୁ ବିଦ୍ୟାର୍ଥୀଗଣ ନିଜର ଆନ୍ତର ଜୀବନର ବିକାଶ ଦିଗରେ ଅଧିକ ଧ୍ୟାନ ଦେବା ଉଚିତ ।''

ସେ କିଛି ସମୟ ନୀରବ ରହିଲେ । ତା'ପରେ ସେ କହିଲେ, ''ଆମ ଭିତରେ ଭଗବାନ୍ ଅଛନ୍ତି । ସେହିଁ ଆମର ଯଥାର୍ଥ ସତ୍ତା ଓ ପରିଚୟ । ସେ ଆତ୍ମା ସ୍ୱରୂପରେ ଆମ ସତ୍ତାର ଗଭୀରରେ ରହିଛନ୍ତି । ଜଣେ ବିଦ୍ୟାର୍ଥୀ-ଜୀବନର ସର୍ବୋତ୍ତମ ଲକ୍ଷ୍ୟ ନିଜ ଭିତରେ ଭଗବାନଙ୍କର ଅନୁସନ୍ଧାନ କରିବା, ତାଙ୍କ ପରିଚାଳନା ଅଧୀନରେ ନିଜକୁ ଛାଡ଼ିଦେବା ଏବଂ ଏଥିସକାଶେ ସ୍ଥିର ଭାବେ ଅଭୀପ୍ସା କରିବା । ଭଗବାନଙ୍କ କୃପାରେ ମନୁଷ୍ୟର ଯଥାର୍ଥ ଅଗ୍ରଗତି ହୁଏ । ତା' ଭିତରର ମହତ୍ ଗୁଣ ଜାଗ୍ରତ୍ ହୁଏ । ଜୀବନ ସହଜ, ସରସ ଓ ସୁନ୍ଦର ହୁଏ । ତା' ଜୀବନଧାରା ଅନ୍ୟ ପାଇଁ ଉଦାହରଣ ହୁଏ । ଆମେ ବସ୍ତୁଗୁଡ଼ିକର ବ୍ୟବହାର କରୁ । ବସ୍ତୁସବୁ ଭଗବାନଙ୍କର ଏକ ଏକ ସୃଷ୍ଟି । ଏହାର ପଶ୍ଚାତରେ ଏକ ସତ୍ୟ ନିହିତ ଥାଏ । ଏ ଶରୀର ଭଗବାନ୍ ଦେଇଛନ୍ତି । ସେଥିରେ ସେ ଚକ୍ଷୁ ଖଞ୍ଜିଛନ୍ତି । ଚକ୍ଷୁ ବସ୍ତୁର ଚିତ୍ର ତୋଳିନିଏ । ପ୍ରବୃତ୍ତି, ମନ ଓ ହୃଦୟ ଦ୍ୱାରା ବସ୍ତୁ ବିଷୟରେ ଜାଣିହୁଏ । ଏହା ପ୍ରକୃତିର ଏକ କାର୍ଯ୍ୟ । ଦୀର୍ଘକାଳ ଧରି ବିବର୍ତ୍ତନ

ଧାରାରେ ପ୍ରକୃତି ଏହିସବୁ କାର୍ଯ୍ୟ କରିଚାଲିଛି । ଜଣେ ବିଦ୍ୟାର୍ଥୀ ସଚେତନ ଭାବେ ଆଉ ପାଦେ ଅଗ୍ରସର ହେବା ଉଚିତ । ସେ ଅନୁଭବ କରିବା ଆବଶ୍ୟକ ଯେ ମନୁଷ୍ୟ ଭଳି ଜଡ଼ବସ୍ତୁ ମଧ୍ୟରେ ବି ଭଗବାନଙ୍କର ଉପସ୍ଥିତି ଅଛି । ତା'ପରେ ସେ ଯତ୍ନ ସହକାରେ ବସ୍ତୁର ଉପଯୁକ୍ତ ବ୍ୟବହାର କରିପାରିବ ।

''ଆତ୍ମସଂଯମ ଜଣେ ବିଦ୍ୟାର୍ଥୀ ପାଇଁ ରକ୍ଷାକବଚ ତୁଲ୍ୟ । ବ୍ୟକ୍ତିଗତ ଭାବେ ବ୍ରହ୍ମଚର୍ଯ୍ୟ ପାଳନ ଓ ସମଷ୍ଟିଗତ ଭାବେ ସାମାଜିକ ଶୃଙ୍ଖଳା ଓ ନିରାପତ୍ତାକୁ ଏହା ସୁନିଶ୍ଚିତ କରେ । ସୁସ୍ଥ ଶରୀର ଓ ଉତ୍ତମ ଚରିତ୍ର ବିଦ୍ୟାର୍ଥୀ ଜୀବନର ଅମୂଲ୍ୟ ସମ୍ପଦ, ମାତ୍ର ନୀଚ ମନୋଭାବ ଓ ଆତ୍ମବଡ଼ିମା ତା' ବ୍ୟକ୍ତିତ୍ୱକୁ ବିକୃତ କରିଦିଏ । ଏସବୁର ପ୍ରତ୍ୟାଖ୍ୟାନ ଗୁରୁତ୍ୱପୂର୍ଣ୍ଣ ।

''ଏହି ପରିପ୍ରେକ୍ଷୀରେ ଗଳ୍ପଟିଏ – ଥରେ ବନଭୂମିର ଶେଷଭାଗରେ ଛେଳିଟିଏ ଚରୁଥିଲା । ତା'ର ଦେହଟି ସୁସ୍ଥସବଳ ଦେଖାଯାଉଥିଲା । ଗୋଟିଏ ହେଟାବାଘ ତାକୁ ଦେଖି ଖାଇବାକୁ ଚାହିଁଲା; ମାତ୍ର ଛେଳିଟିର ବଡ଼ ବଡ଼ ଶିଙ୍ଗ ଦେଖି ସେ ଡରିଗଲା । ଛଳନାର ଆଶ୍ରୟ ନେଇ ସେ ଛେଳି ସହିତ ବନ୍ଧୁତା ସ୍ଥାପନ କଲା । ଛେଳିର ଅନୁପସ୍ଥିତି ସମୟରେ କୌଶଳ କରି ତା'ର ଗୋଟିଏ ଗୋଟିଏ ଛୁଆକୁ ଭକ୍ଷଣ କଲା । ହେଟାର ନୀଚ ମନୋଭାବ ବିଷୟରେ ଛେଳି ଜାଣିପାରିଲା ଏବଂ ଗଭୀର ଭାବେ ଦୁଃଖିତ ହେଲା । ଏହାର ପ୍ରତିଶୋଧ ନେବାକୁ ସେ ମନେ ମନେ ସ୍ଥିର କଲା । ନିଜର ବଡ଼ ବଡ଼ ଶିଙ୍ଗରେ ମାଟି ତାଡ଼ି ଖାତଟିଏ ଖୋଳିଲା । ସେଥିରେ ଶୁଖିଲା କାଠ ଏକାଠି କରି ନିଆଁ ଧରାଇଲା । ଜଳନ୍ତା କାଠଖଣ୍ଡରେ ଖାତର ଅର୍ଦ୍ଧେକ ପୂରିଗଲା । ସେ ଖାତକୁ କଞ୍ଚା ତାଳପତ୍ରରେ ଘୋଡ଼ାଇ ଦେଲା । ଏହାପରେ ଶଠ ହେଟାକୁ ଭୋଜନ ସକାଶେ ଘରକୁ ଡାକିଲା । ମାଂସଲୋଭୀ ହେଟା ଖୁସି ମନରେ ଆସିଲା ଏବଂ ତାଳପତ୍ରର ବିଛଣା ଉପରେ ବସିପଡ଼ିଲା । ତତ୍‌କ୍ଷଣାତ୍ ସେ ଖାତ ଭିତରକୁ ଗଳିପଡ଼ିଲା ଏବଂ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇଲା । ଏଥିରେ ନୀଚ ମନୋଭାବ, ଶଠତା, ଛଳନା ଓ ପ୍ରତିଶୋଧର କଥା କୁହାଯାଇଛି । ମନୁଷ୍ୟ ଭିତରେ ବି ଏସମସ୍ତ ଦେଖିବାକୁ ମିଳେ । ବିଦ୍ୟାର୍ଥୀ ଜଣେ ଉତ୍ତମ ନାଗରିକ ହେବାକୁ ହେଲେ, ଏସବୁର ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ । ଜଣେ ଉତ୍ତମ ନାଗରିକର କାର୍ଯ୍ୟକଳାପ ପଛରେ ଦେଶପ୍ରୀତି, ଜନପ୍ରୀତି ଓ ନାଗରିକବୋଧ ଥାଏ । ଅନ୍ତରସ୍ଥ ଭଗବାନଙ୍କ ପ୍ରତି ଉନ୍ମୁକ୍ତ ରହିବା ଦ୍ୱାରା ଏହି ଭାବର ସ୍ୱତଃ ବିକାଶ ହୁଏ ।''

ବକ୍ତା ନୀରବରେ ବିଦାୟୀ ବିଦ୍ୟାର୍ଥୀଙ୍କ ଆଡ଼କୁ ଦୃଷ୍ଟି ବୁଲାଇ କହିଲେ :

''ଆପଣମାନେ ପରମ ଦେଶଭକ୍ତ, ମହର୍ଷି, ମହାଯୋଗୀ ଶ୍ରୀଅରବିନ୍ଦଙ୍କ କଥା ଶୁଣିଥିବେ । ଭାରତରେ ଜନ୍ମଗ୍ରହଣ କରି ସେ ବିଲାତରେ ଶିକ୍ଷାଲାଭ କରିଥିଲେ । ସେ ଦେଶମାତୃକାକୁ ପ୍ରାଣଠୁ ବଳି ଭଲ ପାଉଥିଲେ । ସୃଷ୍ଟିର ମଙ୍ଗଳ ସକାଶେ ପଣ୍ଡିଚେରୀରେ ଦୀର୍ଘ ଚାଳିଶ ବର୍ଷର କଠୋର ତପସ୍ୟା ବଳରେ ଓ ଦିବ୍ୟଜନନୀ ଶ୍ରୀମା'ଙ୍କ ସହଯୋଗରେ ଲୋକୋତ୍ତର ଅତିମାନସ ଚେତନା ଓ ଶକ୍ତିକୁ ଧରାପୃଷ୍ଠକୁ ଅବତରଣ କରାଇଲେ । ଶ୍ରୀମା ଏହାକୁ କ୍ରିୟାଶୀଳ କରାଉଛନ୍ତି । ଜୀବନ ଓ ପ୍ରକୃତିର ଦିବ୍ୟ ରୂପାନ୍ତର ସକାଶେ କାର୍ଯ୍ୟ କରୁଛନ୍ତି । ସେହି ପରମ ମହାଯୋଗୀଙ୍କ ଦୁଇଟି ଚିଠି ବିଷୟରେ ଏଠାରେ କିଛି କହିବି । ୧୯୦୫ ମସିହାରେ ତାଙ୍କର ସହଧର୍ମିଣୀ ମୃଣାଳିନୀ ଦେବୀଙ୍କ ନିକଟକୁ ଲେଖିଥିବା ପତ୍ରରେ ସେ ଏହିଭଳି ଲେଖିଥିଲେ – 'ମୁଁ ମାତୃଭୂମିକୁ ମାଟି, ପାହାଡ଼, ପର୍ବତ, ନଦୀନାଳ ଇତ୍ୟାଦିର ଏକ ସମାହାର ବୋଲି ମନେ କରେ ନାହିଁ । ମୋ ଦୃଷ୍ଟିରେ ସେ ଜଣେ ଜୀବନ୍ତ ଦେବୀ । ମୁଁ ସ୍ୱଦେଶକୁ ମା ବୋଲି ଜାଣେ, ଭକ୍ତି କରେ ଓ ପୂଜା କରେ । ମା ଉପରେ ଚାଲିଥିବା ଅତ୍ୟାଚାରକୁ ମୁଁ କିପରି ନୀରବରେ ସହ୍ୟ କରିପାରିବି ?' ୧୯୨୦ ମସିହାରେ ସାନ ଭାଇ ବାରୀନ୍ଦ୍ରଙ୍କ ନିକଟକୁ ଲେଖିଥିବା ପତ୍ରରେ ସେ ଏହିଭଳି ଭାବରେ ଉଲ୍ଲେଖ କରିଥିଲେ – 'ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଆତ୍ମଶକ୍ତିର ଜାଗରଣ ଆବଶ୍ୟକ । ଏହା ଦ୍ୱାରା ଭାରତ ବିଶ୍ୱବାସୀଙ୍କୁ ଏକତ୍ୱ ଓ ସତ୍ୟର ମାର୍ଗ ଦେଖାଇ ପାରିବ ।' ଶ୍ରୀଅରବିନ୍ଦ ମାନବଜାତି ପାଇଁ ଓ ଜଗତ୍ ପାଇଁ କେତେବଡ଼ ତ୍ୟାଗ କରିଛନ୍ତି, ପ୍ରତ୍ୟେକ ବିଦ୍ୟାର୍ଥୀ ତାଙ୍କର ଅନୁଗତ ହେଲେ ଏହା ଅନୁଭବ କରିପାରିବ । ଆହୁରି ମଧ୍ୟ ୧୮୯୩ ମସିହାରେ ଆମ ଦେଶର ମହାନ୍ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଚିକାଗୋ ଧର୍ମସଭାରେ ସନାତନ ଧର୍ମ ଉପରେ ଦୀର୍ଘ ଭାଷଣ ଦେଇ ବିଶ୍ୱବନ୍ଦିତ ହୋଇଥିଲେ । ବିଦ୍ୟାର୍ଥୀମାନେ ଭାରତୀୟ ମହାପୁରୁଷମାନଙ୍କର ଭାବଧାରା ଓ ପଥକୁ ଆପଣେଇ ନେବା ଦରକାର ।

''ଆମ ଦେଶର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭିତ୍ତିଭୂମି ଅତି ପ୍ରାଚୀନ ଓ ଶକ୍ତିଶାଳୀ । ଏହି ମାଟିରେ ସାବିତ୍ରୀ ନିଜର ତପଃଶକ୍ତି ବଳରେ ମୃତ୍ୟୁଦେବତାଙ୍କ ହାତରୁ ତାଙ୍କର ପତିଦେବ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ । ଅତ୍ରିମୁନିଙ୍କ

ଧର୍ମପତ୍ନୀ ସତୀ ଅନସୂୟା ନିଜର ସତୀତ୍ୱ ଶକ୍ତି ବଳରେ ତ୍ରିମୂର୍ତ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ଶିଶୁରେ ପରିଣତ କରିଥିଲେ ଓ ମା'ର ମମତା ବାଣ୍ଟିଥିଲେ । ଭଗବାନଙ୍କ ଅବତାର ଶ୍ରୀରାମଙ୍କ ପାଦସ୍ପର୍ଶରେ ଅଭିଶପ୍ତା ଅହଲ୍ୟା ମୁକ୍ତି ଲାଭ କରି ପଥରରୁ ମନୁଷ୍ୟ ଦେହ ପ୍ରାପ୍ତ ହୋଇଥିଲେ । ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରେମପୂର୍ଣ୍ଣ ସ୍ପର୍ଶ ଲାଭ କରି ଅସୁନ୍ଦରୀ କୁବ୍‌ଜା ସୁନ୍ଦରୀ ତରୁଣୀରେ ପରିଣତ ହୋଇଥିଲେ । ମହର୍ଷି ବିଶ୍ୱାମିତ୍ରଙ୍କ କ୍ରୋଧ କାରଣରୁ ବ୍ରହ୍ମର୍ଷି ବଶିଷ୍ଠଙ୍କର ବାରଂବାର କ୍ଷତି ହୋଇଥିଲେ ମଧ୍ୟ ସେ ସ୍ଥିର ଓ ଅବିଚଳିତ ରହିଥିଲେ ଏବଂ ବିଶ୍ୱାମିତ୍ରଙ୍କ ମଙ୍ଗଳ କାମନା କରୁଥିଲେ । ମହର୍ଷି ଅଗସ୍ତି ତପଃଶକ୍ତି ବଳରେ ସମସ୍ତ ସାଗର ଜଳ ପାନ କରିଥିଲେ । କାହାଣୀଗୁଡ଼ିକ ଭାରତୀୟ ଶାସ୍ତ୍ରରେ ଉଲ୍ଲେଖ ଅଛି । ସେସମସ୍ତ ଅସମ୍ଭବ ମନେ ହୋଇପାରେ; ମାତ୍ର ସେଗୁଡ଼ିକର ପଶ୍ଚାତରେ ଯେଉଁ ପ୍ରତୀକାତ୍ମକ ସତ୍ୟ ଗୋପନୀୟ ହୋଇ ରହିଛି ତାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ବିଦ୍ୟାର୍ଥୀଗଣ ଆନ୍ତର ଚେତନାର ବିକାଶ ଦ୍ୱାରା ଯଥାର୍ଥ ସତ୍ୟ ପାଖରେ ପହଞ୍ଚି ପାରିବେ । ଆମ ମାତୃଭୂମି ସମସ୍ତ ବିସ୍ମୟ, ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଓ ସିଦ୍ଧିର ଗନ୍ତାଘର । ଏହି ଅଦୃଶ୍ୟ ସମ୍ପଦର ଅନ୍ୱେଷଣ, ଆବିଷ୍କାର ଓ ତଦନୁସାରେ ଜୀବନକୁ ଗଢ଼ି ତୋଳିବାର ଲକ୍ଷ୍ୟ ରଖି ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟ କରିବାର ପ୍ରୟାସ ହେଉଛି ଏକମାତ୍ର ବାଟ । ଏହି ବିରଳ ମୁହୂର୍ତ୍ତ ମୋତେ ପୁଲକିତ କରୁଛି । ଆମର ଏହି ସାକ୍ଷାତ୍ ଅବିସ୍ମରଣୀୟ ହୋଇ ରହିବ ।''

ପ୍ରଫେସରଙ୍କ ଚକ୍ଷୁ ଆର୍ଦ୍ର ହୋଇ ଆସୁଥିଲା । ଅସ୍ତଗାମୀ ରବିଙ୍କର ସୁନେଲି କିରଣ ସଭାସ୍ଥଳକୁ ଆଲୋକିତ କରୁଥିଲା । ସତେ ଯେପରି ପ୍ରେମ, କୃତଜ୍ଞତା ଓ ଗଭୀର ନୀରବତାର ବାତାବରଣ ମଧ୍ୟରେ ଊର୍ଦ୍ଧ୍ୱରୁ ସତ୍ୟ ଓ ଜ୍ଞାନର ଆଲୋକ ଓହ୍ଲାଇ ଆସୁଥିଲା । ସେହି ରହସ୍ୟମୟ ବିରଳ ମୁହୂର୍ତ୍ତରେ, ପ୍ରତି ହୃଦୟରେ ଆତ୍ମାର ନୀରବ ଭାଷା ଅନୁସ୍ପନ୍ଦିତ ହେଉଥିଲା ।

ଶ୍ରୀମା'ଙ୍କ 'ଶିକ୍ଷାପ୍ରସଙ୍ଗ' ପୁସ୍ତକରେ ଉଲ୍ଲେଖ ଅଛି –

''... କାରଣ କେବଳ ଅଗ୍ରଗତି କରିବା ସକାଶେହିଁ ଆମେ ଏଠାରେ, ଏହି ଜଗତ୍ ମଧ୍ୟରେ ରହିଛୁ, ସେହି ଅଗ୍ରଗତି ବ୍ୟତୀତ ଆମର ଜୀବନ ପ୍ରକୃତରେ କେଡ଼େ ଦୁର୍ବହ ହୋଇ ନପଡ଼ିବ ! ଜୀବନ ଭାରି ନୀରସତାରେ ପୂର୍ଣ୍ଣ; ଅଧିକାଂଶ ସମୟରେ ଆମକୁ ଏଥିରୁ ଆଦୌ କୌଣସି ଆନନ୍ଦ ମିଳେ ନାହିଁ । ଜୀବନକୁ ମୋଟେ ସୁନ୍ଦର ବୋଲି କୁହାଯାଇ ପାରିବ ନାହିଁ । ମାତ୍ର, ଯଦି ତୁମେ ସେହି ଜୀବନକୁ ଅଗ୍ରଗତିର ଏକ କ୍ଷେତ୍ର ବୋଲି ଗ୍ରହଣ କରି ନେଇପାରିବ, ତେବେ ସବୁକିଛି ନିଶ୍ଚୟ ବଦଳିଯିବ; ସବୁକିଛି ଆଗ୍ରହୋଦ୍ଦୀପକ ହୋଇ ପାରିବ ଏବଂ ତା'ପରେ କିଛି ବିରକ୍ତିକର ମନେହେବା ଲାଗି ଆଉ ଆଦୌ କୌଣସି ଅବକାଶହିଁ ରହିବ ନାହିଁ । ...''

(ମାତୃରଚନାବଳି - ୧୨, ପୃ. ୧୧୭)

❑❑❑

ଶ୍ରୀଅରବିନ୍ଦଙ୍କୁ କିଏ ବୁଝି ପାରିବ ? ସେ ବିଶ୍ୱ ଭଳି ବିଶାଳ ଓ ସୀମାହୀନ ତାଙ୍କର ଶିକ୍ଷା ।

ତାଙ୍କର ସାମାନ୍ୟ ସଂସ୍ପର୍ଶ ଲାଭ କରିବାର ଏକମାତ୍ର ଉପାୟ ହେଉଛି ତାଙ୍କୁ ଏକନିଷ୍ଠଭାବେ ଭଲ ପାଇବା ଓ ତାଙ୍କରି କର୍ମ ନିମନ୍ତେ ନିଜକୁ ଅକୁଣ୍ଠିତ ଭାବେ ଉତ୍ସର୍ଗ କରିବା । ଏହାହିଁ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ସର୍ବୋତ୍ତମ କର୍ତ୍ତବ୍ୟ ଓ ଶ୍ରୀଅରବିନ୍ଦ ଭବିଷ୍ୟଦ୍‌ବାଣୀ କରିଯାଇଥିବା ଏହି ଜଗତର ରୂପାନ୍ତର ଲାଗି ତା'ର ଯଥାସାଧ୍ୟ ଅବଦାନ ।

– ଶ୍ରୀମା

# ଜୋନ୍ ଅଫ୍ ଆର୍କ
## (୨)
### ସୂର୍ଯ୍ୟକାନ୍ତି ମହାନ୍ତି

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଫ୍ରାନ୍ସରେ ସପ୍ତମ ଚାର୍ଲସ୍‌ଙ୍କର ରାଜ୍ୟାଭିଷେକ ପରେ ରାଜସଭାରେ ଆଲୋଚନା ଦ୍ୱାରା ସମସ୍ତେ ଏକମତ ହେଲେ ଯେ ଅନ୍ତତଃ ପନ୍ଦର ଦିନ ପାଇଁ ସାମୟିକ ଯୁଦ୍ଧ-ବିରତି ହେବା ଆବଶ୍ୟକ । ପ୍ୟାରିସ୍ ଏପର୍ଯ୍ୟନ୍ତ ଆର୍‌ମାଇଁୟାକ୍ ଅଧୀନକୁ ହସ୍ତାନ୍ତର ହୋଇ ନଥିଲା । ଏ ବିଷୟରେ ବର୍‌ଗଣ୍ଡି ଜମିଦାରଙ୍କ ସହ ଆଲୋଚନା ହୋଇ ପ୍ୟାରିସ୍‌ର ପ୍ରତ୍ୟର୍ପଣ ଉପରେ ଉଭୟ ପକ୍ଷ ସହମତ ହେଲେ । ମାତ୍ର ବର୍‌ଗଣ୍ଡି ନିଜର ପ୍ରତିଶ୍ରୁତି ପାଳନ କଲେ ନାହିଁ । ଏଣୁ ଜୋନ୍ ଏବଂ ଡ୍ୟୁକ୍ ଦାଲେସଁ (Duc d'Alençon) ପ୍ୟାରିସ୍‌କୁ ଆକ୍ରମଣ କରିବା ସପକ୍ଷରେ ରହିଲେ । ମାତ୍ର ଚାର୍ଲସ୍‌ଙ୍କ ରାଜସଭାରେ ଏହା ଉପରେ ମତଭେଦ ଦେଖା ଦେଲା ଏବଂ ବର୍‌ଗଣ୍ଡି ସହିତ ଆଲୋଚନା ବି ମନ୍ଥର ହେବାରେ ଲାଗିଲା ।

ତଥାପି ଆର୍‌ମାଇଁୟାକ୍ ସୈନ୍ୟ ପ୍ୟାରିସ୍ ପଥେ ଅଗ୍ରସର ହେଲେ । ଏଥିରେ ଜୋନ୍ ଅଶ୍ୱଚାଳନା କରି ଇଂରେଜ ସେନାର ସମ୍ମୁଖଭାଗକୁ ଆସି ଆକ୍ରମଣ କଲେ । ଇଂରେଜ ସେନା ପଛକୁ ହଟିଗଲେ । ଏହି ଯୁଦ୍ଧରେ ଜୋନ୍ ତାଙ୍କ ପାଦରେ ଆଘାତପ୍ରାପ୍ତ ହେଲେ । ଏଣୁ ସେ ଏକ ଟ୍ରେଞ୍ଚ୍ ତଳେ ନିଜକୁ ରକ୍ଷା କରିବା ପାଇଁ ଲୁଚି ରହିଲେ । ଆର୍‌ମାଇଁୟାକ୍‌ର ପ୍ରାୟ ପନ୍ଦର ଶହ ସୈନ୍ୟ ମୃତ ଓ ଆହତ ହେଲେ । ତା' ପରଦିନ ସମ୍ରାଟ୍ ଚାର୍ଲସ୍ ଆକ୍ରମଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଲେ । ଏଥିରେ ଜୋନ୍ ଅସନ୍ତୁଷ୍ଟ ହେଲେ ଏବଂ ଯୁଦ୍ଧ ଚାଲୁ ରଖିବା ପାଇଁ ନୂଆ ଯୋଜନା କଲେ । ମାତ୍ର ଚାର୍ଲସ୍ ପ୍ୟାରିସ୍‌କୁ ଯୋଗାଯୋଗ କରୁଥିବା ଏକ ପୋଲକୁ ଭାଙ୍ଗି ଦେଲେ । ଫଳରେ ଆର୍‌ମାଇଁୟାକ୍ ସେନା ପଛଘୁଞ୍ଚା ଦେଲେ ।

ପ୍ୟାରିସ୍‌ର ପରାଜୟ ପରେ ଫ୍ରାନ୍ସ ରାଜସଭାରେ ଜୋନ୍‌ଙ୍କର ପ୍ରଭାବ ହ୍ରାସ ପାଇଲା । ଚାର୍ଲସ୍ ମଧ୍ୟ ଜୋନ୍‌ଙ୍କର ଆକ୍ରମଣାତ୍ମକ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇଲେ ଏବଂ ବର୍‌ଗଣ୍ଡି ସହିତ କୂଟନୈତିକ ସ୍ତରରେ ସମାଧାନ କରିବାକୁ ଗୁରୁତ୍ୱାରୋପ କଲେ । ଚାର୍ଲସ୍ ସେନାବାହିନୀକୁ ଭାଙ୍ଗି ଦେଲେ ଏବଂ ଜୋନ୍‌ଙ୍କୁ ଦାଲେସଁଙ୍କ ସହ ଆଉ ଥରେ କାମ କରିବାକୁ ଅନୁମତି ଦେଲେ ନାହିଁ । ଏହାପରେ ଜୋନ୍‌ଙ୍କୁ ପଠାଗଲା ଲା-ସାରିତେ-ସ୍ୟୁର୍-ଲୋଆର୍ (La Charité-sur-Loire) ଉପରେ ବିଜୟ ହାସଲ କରିବାକୁ । ମାତ୍ର ସେନାବାହିନୀ ଏଥିରେ ଅକୃତକାର୍ଯ୍ୟ ହେଲେ । ଏହି ପରାଜୟ ଜୋନ୍‌ଙ୍କର ସୁନାମ ଓ ସମ୍ମାନକୁ ହ୍ରାସ କଲା । ଏହା ମଧ୍ୟରେ ଚାର୍ଲସ୍ ବର୍‌ଗଣ୍ଡିଙ୍କ ସହ ଚାରିମାସ ଯୁଦ୍ଧ-ବିରତି ବିଷୟରେ ଆଲୋଚନା କରିଥିଲେ । ଏହି ଚୁକ୍ତି-ସମୟ ମଧ୍ୟରେ ରାଜସଭା ଜୋନ୍‌ଙ୍କର ଆବଶ୍ୟକତା ଅନୁଭବ କଲେ ନାହିଁ ।

ଏହାରି ମଧ୍ୟରେ କିଛି ମାସ ପୂର୍ବରୁ ଆର୍‌ମାଇଁୟାକ୍ ଅଧିକାର କରିଥିବା କିଛି ସହରକୁ ବର୍‌ଗଣ୍ଡି ପୁନଶ୍ଚ ଦାବି କଲେ । ଏଥିରେ ଜୋନ୍ ଅସନ୍ତୁଷ୍ଟ ହୋଇ ପୁନଶ୍ଚ ଯୁଦ୍ଧଯାତ୍ରା କଲେ ମେଲଁ (Melun)କୁ । ତାଙ୍କର ସେନା ବର୍‌ଗଣ୍ଡିଆନ୍‌ଙ୍କୁ ପରାଜିତ କଲେ ଏବଂ ସେମାନଙ୍କର ସେନାଧ୍ୟକ୍ଷଙ୍କୁ ବନ୍ଦୀ କରାଗଲା । ଏହା ପରେ ଜୋନ୍ ୧୪୩୦ ମସିହା ମେ ୨୩ ତାରିଖ ଦିନ ମାର୍ଗେ (Margay)ରେ ଥିବା ବର୍‌ଗଣ୍ଡି କ୍ୟାମ୍ପ ଉପରେ ଆକ୍ରମଣ କଲେ । ମାତ୍ର ଏଥିରେ ସେନା ପରାଜିତ ହେଲା ଏବଂ ଜୋନ୍‌ଙ୍କୁ ବନ୍ଦୀ କରାଗଲା । ନଭେମ୍ବରରେ ତାଙ୍କୁ ବର୍‌ଗଣ୍ଡିଆନ୍ ସହର ଆରାସ୍(Arras)କୁ ସ୍ଥାନାନ୍ତରିତ କରାଗଲା ।

ଏଥିରେ ଇଂରେଜ ଓ ବର୍‌ଗଣ୍ଡିଆନ୍ ଆନନ୍ଦିତ ହେଲେ । ଏବେ ସେମାନଙ୍କୁ ଜୋନ୍‌ଙ୍କର ଆକ୍ରମଣର ଧମକ ବା ଭୟ ନଥିଲା । ଇଂରେଜ ଏ ପରିସ୍ଥିତିରେ ବର୍‌ଗଣ୍ଡିଆନ୍‌ଙ୍କ ସହ ଆଲୋଚନା କଲା ବନ୍ଦୀମୁକ୍ତିର ଦେୟ ପ୍ରଦାନ କରି ଜୋନ୍‌ଙ୍କୁ ସେମାନଙ୍କ ଅଧୀନକୁ ନେବା ପାଇଁ । ଜୋନ୍ ଥିଲେ ଜଣେ

ଯୁଦ୍ଧବନ୍ଦୀ, କେବେ ବି ଜଣେ ଅବୈଧ ଅପରାଧୀ ନଥିଲେ । ଏଣୁ ତାଙ୍କୁ ଗ୍ରହଣ କରାଯାଉଥିଲା ଜଣେ ସମ୍ମାନଜନକ ବନ୍ଦୀ ଭାବରେ । ସେ ସମୟର ନିୟମ ଅନୁଯାୟୀ ମୁକ୍ତିଦେୟ ୬୧,୧୨୫ ଫ୍ରାଙ୍କ୍ ପ୍ରଦାନ କରି ବନ୍ଦୀକୁ କିଣାଯାଇ ପାରୁଥିଲା । ଏହି ସମୟରେ ଅବଶ୍ୟ ସମ୍ରାଟ୍ ବା କୃତଜ୍ଞ ଫ୍ରାନସ୍ ବା ଉଭୟେ ଏହି ମୁକ୍ତିଦେୟ ବିନିମୟରେ ସେମାନଙ୍କୁ ଉପକାର କରିଥିବା ଏହି ବାଳିକାଙ୍କୁ ମୁକ୍ତ କରି ପାରିଥା'ନ୍ତେ । ମାତ୍ର ଏହା ହେଲା ନାହିଁ । ଶେଷରେ କୁଶଁ(Cauchon) ୧୬୦୦ ଫ୍ରାଙ୍କ୍ ମୁକ୍ତିଦେୟ ପ୍ରଦାନ କରି ଜୋନ୍‌ଙ୍କୁ କିଣି ନେଇ ରୁଅଁ (Rouen)କୁ ପଠାଇଦେଲେ । ଫ୍ରାନ୍ସର ଏହି ସହରରେ ଥିଲା ଇଂରେଜମାନଙ୍କର ମୁଖ୍ୟ କାର୍ଯ୍ୟାଳୟ । ଜୋନ୍‌ଙ୍କୁ ଇଂରେଜଙ୍କଠାରୁ ରକ୍ଷା କରିବା ପାଇଁ ସମ୍ରାଟ୍ ଚାର୍ଲସ୍ ସାମାନ୍ୟତମ ଚେଷ୍ଟା କରିଥିବାର କୌଣସି ପ୍ରମାଣ ନାହିଁ । ମାତ୍ର ଜୋନ୍‌ଙ୍କର କାର୍ଯ୍ୟ ଦକ୍ଷତାରେ ଫ୍ରାନ୍ସର ରାଜସିଂହାସନ, ଫ୍ରାନ୍ସର ଶାସନ ବ୍ୟବସ୍ଥା, ଫ୍ରାନ୍ସର ବିଚାର-ବ୍ୟବସ୍ଥା ଭରପୂର ଫାଇଦା ଉଠାଇଥିଲେ ।

ଏହାପରେ ଜୋନ୍‌ଙ୍କର ବିଚାର ଚାଲିଲା । କୁଶଁ ବିଚାରପତି ଭାବରେ କାର୍ଯ୍ୟ କଲେ । ଏହି ବିଚାରରେ ଭାଗ ନେଇଥିବା ଧର୍ମଯାଜକଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବର୍‌ଗଣ୍ଡିଆନ୍ ଓ ଇଂରେଜ ସପକ୍ଷରେ । ଏ ବିଚାରରେ ଥିଲା ବହୁ ଅନିୟମିତତା । ଜୋନ୍‌ଙ୍କୁ ମହିଳା ସୁରକ୍ଷା କର୍ମୀଙ୍କ ହାତରେ ଦାୟିତ୍ୱ ଦିଆଯାଇ ପାରିଥା'ନ୍ତା, ତା' ନ ହୋଇ ତାଙ୍କୁ ବନ୍ଦୀ ଅବସ୍ଥାରେ ଇଂରେଜ ପୁରୁଷ ସୈନିକ ଜଗି ରହିଲେ; ପୁଣି କୋଠରିର ବାହାରେ ନୁହେଁ, ଭିତରେ । ଅତି ନିର୍ଦ୍ଦୟ ଭାବରେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା । ଏହା ଡ୍ୟୁକ୍ ଦ ବେଡ୍‌ଫଡ୍ (Duke de Bedford)ଙ୍କ ନିର୍ଦ୍ଦେଶ କ୍ରମେ ଚାଲୁଥିଲା ।

ବିଚାର ଆରମ୍ଭ ପୂର୍ବରୁ ବିଚାରାଳୟର ଆଇନକୁ ବିରୋଧ କରି କୁଶଁ ଜୋନ୍‌ଙ୍କ ତଥ୍ୟ ଉପସ୍ଥାପନ କଲେ ନାହିଁ । ତାଙ୍କ ବିରୋଧରେ କି ପ୍ରକାରର ଅଭିଯୋଗ ଅଛି ତାଙ୍କୁ ଜେରା କରିବା ପର୍ଯ୍ୟନ୍ତ ଜଣାଇ ଦିଆଗଲା ନାହିଁ । ବିଚାର ପ୍ରକ୍ରିୟା ଥିଲା ନିମ୍ନମାନର । ଆଇନ ପରାମର୍ଶ ବିନା ଜୋନ୍‌ଙ୍କୁ ଅତି କଠୋର ଓ କର୍କଶ ଭାଷାରେ ଜେରା କଲେ ରାଜନୈତିକ ଚତୁର ବ୍ୟକ୍ତିମାନେ ତଥା ଧର୍ମଯାଜକ ଓ କ୍ଷମତାଯୁକ୍ତ ବ୍ୟକ୍ତିଗଣ, ଯେଉଁମାନେ ଏହି ନିରକ୍ଷର ବାଳିକାଙ୍କୁ ବିଭ୍ରାନ୍ତ କରିବାକୁ ସମସ୍ତ ପ୍ରକାର ଚେଷ୍ଟା କରିଥିଲେ । ତାଙ୍କୁ ପରାମର୍ଶ ଦେବା ପାଇଁ କେହି ଆଇନଜ୍ଞ ବା ଉପଦେଷ୍ଟା ନଥିଲେ । ସେ ଥିଲେ ସମ୍ପୂର୍ଣ୍ଣ ନିଃସଙ୍ଗ ଓ ଏକାକୀ । ତଥାପି ବିଚାର ସମୟରେ ଜୋନ୍ ନିଜ ଉପରେ ବହୁତ ନିୟନ୍ତ୍ରଣ ରଖିଥିଲେ । ଏକାଥରକେ ବହୁ ପ୍ରଶ୍ନ ନ ପଚାରି ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଚାରିବାକୁ ସେ ଅନୁରୋଧ କରିଥିଲେ ।

ତେବେ ତାଙ୍କର ସରଳ ବାଗ୍ମିତା, ବାକ୍‌ପଟୁତା ଓ ଶବ୍ଦ ପ୍ରୟୋଗର ଦକ୍ଷତାରେ ସେ ପ୍ରଶ୍ନକର୍ତ୍ତାମାନଙ୍କୁ ବାରଂବାର ଚକିତ କରି ତୀକ୍ଷ୍ଣ ବୋଧଶକ୍ତିର ପରିଚୟ ଦେଉଥିଲେ । ପୁରୁଷ ପୋଷାକ ପରିଧାନ କରିଥିବାରୁ ସେ ଅପବିତ୍ର ହୋଇଛନ୍ତି ବୋଲି ଦୋଷୀ ଭାବେ ଅଭିଯୁକ୍ତ ହେଲେ । ପୁନଶ୍ଚ ତାଙ୍କର ଦିବ୍ୟଦୃଷ୍ଟି ଲାଭ କରିବା ଏବଂ ଦିବ୍ୟ ସନ୍ଦେଶ ପ୍ରାପ୍ତ ହୋଇ କାର୍ଯ୍ୟ କରିବାଟା ମଧ୍ୟ ଆସୁରିକ କାର୍ଯ୍ୟ ବୋଲି ତାଙ୍କୁ ଅଭିଯୁକ୍ତ କରାଯାଇ ଥିଲା । ଏଣୁ ସେ ଜଣେ ଡାହାଣୀ ବୋଲି ସାବ୍ୟସ୍ତ ହେଲେ, ମାତ୍ର ଜୋନ୍ ଦୃଢ଼ ଭାବରେ ଘୋଷଣା କରିଥିଲେ ଯେ କେବଳ ଭଗବାନହିଁ ତାଙ୍କର ବିଚାର କରିବେ । ଏଣୁ ସେ ଚର୍ଚ୍ଚର ପବିତ୍ରତାକୁ ଅପମାନିତ କରୁଛନ୍ତି ବୋଲି ମଧ୍ୟ ଦୋଷାରୋପ କରାଗଲା । ଏସବୁ ସତ୍ତ୍ୱେ ଜୋନ୍ ଅନୁରୋଧ କରିଥିଲେ ଯେ ତାଙ୍କର ବିଚାର ପୋପ୍‌ଙ୍କ ନିକଟକୁ ଅଣାଯାଉ, ମାତ୍ର ଏହା ଅସଫଳ ହୋଇଥିଲା । ଅଥଚ ଜୋନ୍ ଯଦି ଇଂରେଜଙ୍କୁ ବିରୋଧ କରି ନଥା'ନ୍ତେ ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଯଦି ପ୍ରତିପାଦିତ ହୋଇ ନଥା'ନ୍ତା,– ତା'ହେଲେ ଇଂରେଜ ଦାବି କରିଥା'ନ୍ତା ଫ୍ରାନ୍ସ ଓ ଇଂଲଣ୍ଡ ଏଇ ଦୁଇ ଦେଶରେ ଦ୍ୱୈତ ଶାସନ ।

ବିଚାର ଶେଷରେ କୋର୍ଟ ତାଙ୍କୁ ଭର୍ତ୍ସନା କଲେ । ଧର୍ମମତର ବିରୋଧାଚରଣ କରିଥିବାରୁ ୧୪୩୧ ମସିହା ମେ ୩୦ ତାରିଖ ଦିନ ଜୋନ୍‌ଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ସର୍ବସାଧାରଣ ସ୍ଥାନକୁ ନିଆଗଲା । ସେଠାରେ ଏକ ପକ୍କା ଖୁଣ୍ଟରେ ତାଙ୍କୁ ବାନ୍ଧି ଦିଆଗଲା ଜୀବନ୍ତ ଦଗ୍ଧ କରିବା ପାଇଁ । ସେତେବେଳେ ସେ ଏକ କ୍ରସ୍ (Cross) ପାଇଁ ଆକୁଳ ନିବେଦନ କରିଥିଲେ । ଉପସ୍ଥିତ ଜନତାଙ୍କ ମଧ୍ୟରୁ କେହି ବନ୍ଧୁ ନୁହେଁ ବରଂ ଶତ୍ରୁପକ୍ଷର ଜଣେ ଇଂରେଜ ସୈନିକ ଖଣ୍ଡେ ଯଷ୍ଟିକୁ ଆଣ୍ଠୁ ଦ୍ୱାରା ଭାଙ୍ଗି କ୍ରସ୍ ତିଆରି କରି ତାଙ୍କୁ ଦେଇଥିଲେ ଯାହାକୁ ଜୋନ୍ ଅଧର ସ୍ପର୍ଶ ଦେଇ ଛାତିରେ ଲଗାଇଥିଲେ । ଏହି ସୈନ୍ୟଙ୍କର ମହତ୍ କାର୍ଯ୍ୟକୁ କେବେ ବି ଭୁଲି ହେବ ନାହିଁ । ପରେ ସେଁ ସୋଭର୍ (Saint-Sauveur) ଚର୍ଚ୍ଚରୁ ଏକ କ୍ରସ୍ ଅଣାଯାଇ ତାଙ୍କୁ ଦିଆଗଲା । ହାତ ବନ୍ଧାଯିବା ଆଗରୁ ସେ

ଏହାକୁ ଛାତିରେ ଚାପି ଧରିଲେ । ତା'ପରେ ତାଙ୍କ ଶରୀରରେ ଅଗ୍ନି ସଂଯୋଗ କରାଗଲା । ଜଣେ ଅସାଧାରଣ ଧୀଶକ୍ତି ସମ୍ପନ୍ନ ନିରୀହ ବାଳିକାଙ୍କର କୋମଳ ଶରୀର ଅଗ୍ନିର ଲେଲିହାନ ଶିଖାରେ ନିଶ୍ଚିହ୍ନ ହୋଇଗଲା । ଏହାପରେ ତାଙ୍କର ଚିତାଭସ୍ମକୁ ଅଣ ଆନୁଷ୍ଠାନିକ ଭାବରେ ସେନ୍ (Seine) ନଦୀରେ ଫୋପାଡ଼ି ଦିଆଗଲା ।

ଜନତାଙ୍କ ତରଫରୁ ସର୍ବସମ୍ମତି କ୍ରମେ ଜନୈକ ଇଂରେଜ ଚିତ୍କାର କରି ଉଠିଲେ – ଆମେ ଅନ୍ୟାୟ କରିଛୁ । ଜଣେ ସନ୍ଥଙ୍କୁ ଆମେ ଅଗ୍ନିରେ ଦଗ୍ଧ କରିଦେଲୁ । ହାୟ !

ଜୋନ୍‌ଙ୍କ ମୃତ୍ୟୁର ପ୍ରାୟ ପଚିଶ ବର୍ଷ ପରେ ତାଙ୍କର ମା ଓ ଭାଇ ପୁଣି ଥରେ ମକଦ୍ଦମାର ପୁନର୍ବିଚାର ପାଇଁ ଚର୍ଚ୍ଚର ପଦାଧିକାରୀଙ୍କୁ ପ୍ରାର୍ଥନା କଲେ । ୧୪୫୬ ମସିହା ଜୁଲାଇ ୭ ତାରିଖ ଦିନ ପୋପ୍‌ଙ୍କର ଘୋଷଣା ଅନୁଯାୟୀ ଚର୍ଚ୍ଚ ଦ୍ୱାରା ଜୋନ୍‌ଙ୍କର ନିର୍ଦ୍ଦୋଷତା ପ୍ରମାଣିତ ହୋଇଥିଲା, ଯାହା ପୂର୍ବ ରାୟର ବିପରୀତ ଥିଲା ।

ଜୋନ୍‌ଙ୍କର ଆତ୍ମବଳିଦାନର ପ୍ରାୟ ପାଞ୍ଚଶହ ବର୍ଷ ପରେ ୧୯୨୦ ମସିହାରେ ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚ (Roman Catholic Church) ତାଙ୍କୁ ଔପଚାରିକ ଭାବରେ ପୁଣ୍ୟାତ୍ମା ବୋଲି ଘୋଷଣା କଲେ । ଜୋନ୍ ଜଣେ ସନ୍ଥ ବୋଲି ସ୍ୱୀକୃତି ଲାଭ କଲେ, ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା । ଏଥିପାଇଁ କୁହାଯାଏ ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ।

ଜୋନ୍ ଅଫ୍ ଆର୍କଙ୍କ ଉପରେ ଫ୍ରାନ୍ସର ଡାକ ବିଭାଗ ସ୍ମାରକ ଡାକଟିକଟ ପ୍ରକାଶ କରିଛନ୍ତି ଯଥା : ୧୯୨୯ ମସିହା, ୧୯୪୬ ମସିହା, ୧୯୬୮ ମସିହାରେ ଦୁଇଥର ଏବଂ ୨୦୧୨ ମସିହାରେ ମଧ୍ୟ । ପୁନଶ୍ଚ ୨୦୧୨ ମସିହାରେ ଫ୍ରାନ୍ସ ଓ ଭାଟିକାନ୍ (Vatican) ଯୁଗ୍ମ ଭାବରେ (Joint issue) ଡାକ ଟିକଟ ମଧ୍ୟ ପ୍ରକାଶ କରିଛନ୍ତି ।

ପ୍ୟାରିସ୍‌ରେ ଜୋନ୍ ଅଫ୍ ଆର୍କଙ୍କର ପ୍ରତିମୂର୍ତ୍ତି ୧୮୭୪ ମସିହାରେ ଇମାନୁଏଲ୍ ଫ୍ରେମିଏ (Emmanuel Frémiet)ଙ୍କ ଦ୍ୱାରା ସ୍ଥାପିତ ହୋଇଛି । ୱାଶିଂଟନ୍ ଡି.ସି.ରେ ଏକ ଜାତୀୟ ପାର୍କ, Meridian Hill Parkରେ ୧୯୨୨ ମସିହାରେ ତାଙ୍କର ଅନ୍ୟ ଏକ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି ।

ପଣ୍ଡିଚେରୀର ଡ୍ୟୁମା ଷ୍ଟ୍ରୀଟ୍ (Dumas street)ରେ ଅଛି Joan of Arc Park । ଏହାର ମଧ୍ୟସ୍ଥଳରେ ସ୍ଥାପିତ ହୋଇଛି ସୁନ୍ଦର ଧଳା ମାର୍ବଲ ପଥରରେ ନିର୍ମିତ ଜୋନ୍‌ଙ୍କର ପ୍ରତିମୂର୍ତ୍ତି । ଏହା Church of Our Lady of Angels କୁ ମୁଖ କରି ଦଣ୍ଡାୟମାନ । ଏହି ମୂର୍ତ୍ତିକୁ ଜଣେ ଫରାସୀ ରାଜନୀତିଜ୍ଞ ଓ ଶିଳ୍ପପତି ଫ୍ରାଁସୁଆ ଗୋଦାର୍ (François Gaudart) ପ୍ରଦାନ କରିଥିଲେ, ଯାହା ୧୯୨୩ ମସିହାରେ ସ୍ଥାପିତ ହୋଇଥିଲା ।

ଜୋନ୍ ଅଫ୍ ଆର୍କଙ୍କର ମୃତ୍ୟୁ ପରଠାରୁ ବିଶ୍ୱ-ସାହିତ୍ୟରେ, କଳାକୃତିରେ, ଭାସ୍କର୍ଯ୍ୟରେ ଏବଂ ଅନ୍ୟ ସାଂସ୍କୃତିକ କାର୍ଯ୍ୟରେ ସେ ଜଣେ ଜନପ୍ରିୟ ବ୍ୟକ୍ତିତ୍ୱ ଭାବରେ ରହି ଆସିଛନ୍ତି ।

ଜୋନ୍ ଅଫ୍ ଆର୍କ ବହୁ ଦୃଷ୍ଟିରୁ ଥିଲେ ଶ୍ରେଷ୍ଠ, ସମ୍ଭବତଃ ସର୍ବାପେକ୍ଷା ଶ୍ରେଷ୍ଠ । ତାଙ୍କ ସମକକ୍ଷ ଆଉ କେହି ନଥିଲେ । ତାଙ୍କର ଜୀବନ ଥିଲା ଗୌରବମୟ ଓ ମର୍ଯ୍ୟାଦାପୂର୍ଣ୍ଣ । ସେ ହେଉଛନ୍ତି ଯୁଗ ଯୁଗର ବିସ୍ମୟ ।

ଜଣେ ପ୍ରଶିକ୍ଷଣବିହୀନ ଅଳ୍ପ ବୟସ୍କା ବାଳିକା ଯୁଦ୍ଧ କ୍ଷେତ୍ରରେ କିପରି ତାଲିମ ପ୍ରାପ୍ତ ଅଭିଜ୍ଞ ସାମରିକ ସୈନ୍ୟଙ୍କ ପରି କାର୍ଯ୍ୟ କରୁଥିଲେ ତାହା ଥିଲା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ତାଙ୍କର ବଂଶ, ତାଙ୍କର ଶୈଶବାବସ୍ଥାର ପାରିପାର୍ଶ୍ୱିକ ଅବସ୍ଥା, ତାଙ୍କର ଲିଙ୍ଗ – ଏସବୁକୁ ବିଚାରକୁ ନେଲେ ଦେଖାଯାଏ ଯେ ସେ ହେଉଛନ୍ତି ଏକ ରହସ୍ୟାବୃତ ପ୍ରହେଳିକା । ତାଙ୍କର ଥିଲା ସିଂହ ସଦୃଶ ସାହସ, ଅତୁଳନୀୟ ଧୈର୍ଯ୍ୟ, ଜଣେ ଓକିଲର ବୁଦ୍ଧିମତ୍ତା, ଜଣେ ବିଚାରକଙ୍କର ବିଚାର କ୍ଷମତା, ଜଣେ ବକ୍ତାର ବାଗ୍ମିତା, ଜଣେ ବିଚକ୍ଷଣ ରାଜନୀତିଜ୍ଞଙ୍କର ଅନ୍ତର୍ଦୃଷ୍ଟି । ଏତେ ସବୁ ମହତ୍ ଗୁଣର ଅଧିକାରିଣୀ ଜୋନ୍ ଅଫ୍ ଆର୍କ କିପରି ଏଇ ଧରାପୃଷ୍ଠରେ ମନୁଷ୍ୟ ଶରୀର ନେଇ ଜନ୍ମ ଗ୍ରହଣ କରି ପାରିଲେ !

ଜୋନ୍ ଅଫ୍ ଆର୍କ ଇତିହାସର ପୃଷ୍ଠାରେ ଦଣ୍ଡାୟମାନା ଏକାକୀ । ଏହି ଭଦ୍ର, ନମ୍ର, ସମ୍ଭ୍ରାନ୍ତ, ଉଦାର, ମହାନୁଭବ ଏବଂ ସ୍ନେହମୟୀ, କ୍ଷମାଶୀଳା, ନିଃସ୍ୱାର୍ଥପର ଓ ମହାନୁଭବ ବାଳିକା ହେଉଛନ୍ତି ଏ ମାନବଜାତି ସୃଷ୍ଟି କରିଥିବା ଚରମ ଉତ୍କର୍ଷତାର ଏକ ସର୍ବଶ୍ରେଷ୍ଠ ନିଦର୍ଶନ ।

ହେ ମହିମମୟି ! ବିସ୍ମୟଭରା ଜୀବନଧାରିଣୀ ହେ ଶ୍ରେଷ୍ଠ ଅସାଧାରଣ ବିରଳ ବ୍ୟକ୍ତିତ୍ୱ ! ହେ ଧରିତ୍ରୀ ମାତାର ସାହସିନି ତେଜସ୍ୱିନି କନ୍ୟା ! – ତୁମକୁ ଏ ବିଶ୍ୱବାସୀଙ୍କର ସହସ୍ର ସହସ୍ର ବାର ପ୍ରଣାମ ।

(ସମାପ୍ତ) ❑

ଚେତନାର ଦିଗ୍‌ବଳୟ :

# ଆଧ୍ୟାତ୍ମିକତା ଏବଂ ଅତିଭୌତିକ ଶକ୍ତି

*ପ୍ରଶ୍ନ : ଆଧ୍ୟାତ୍ମିକ ସାହିତ୍ୟରେ ପ୍ରାୟଶଃ Occult ଏବଂ Occultism ଶବ୍ଦର ଉଲ୍ଲେଖ ପଢ଼ିବାକୁ ମିଳେ । ଏହା କ'ଣ ଆଧ୍ୟାତ୍ମିକତାରହିଁ ପ୍ରତିଶବ୍ଦ ? Occult ମାର୍ଗ ସ୍ୱତନ୍ତ୍ର ଭାବରେ ଅନୁସରଣ କରିବା ସମ୍ଭବ କି ?*

Occultism ର ଆକ୍ଷରିକ ଅର୍ଥ ହେଲା ଅତୀନ୍ଦ୍ରିୟ (Supraphysical) ଜଗତର ନିଗୂଢ଼ ନିୟମ ବା ରହସ୍ୟ ସମ୍ପର୍କୀୟ ଚର୍ଚ୍ଚା ବା ସନ୍ଧାନ ବା ଜ୍ଞାନ । ଏହାକୁ ଅତିଭୌତିକ ବିଦ୍ୟା ଭାବରେ ମଧ୍ୟ ଅଭିହିତ କରାଯାଇପାରେ ।

ଏ ବିଶ୍ୱ-ପ୍ରକୃତି ଭିତରେ ନିହିତ ରହିଛି ଆମର ଅଜଣା କେତେ ବିପୁଳ ଶକ୍ତି ଓ ସାମର୍ଥ୍ୟ । ମାମୁଲି ଅଭିଜ୍ଞତାଟିଏ ଉପରେ ଦୃଷ୍ଟିପାତ କରନ୍ତୁ । ଆବହମାନ କାଳରୁ ପ୍ରକୃତି ଭିତରେ ଲୁଚି ରହିଥିଲା ବିଦ୍ୟୁତ୍ । ତା'ର ସନ୍ଧାନ ମିଳିବା ପରେ ଆମେ କେତେ ପ୍ରକାର ସେ ଶକ୍ତିର ଉପଯୋଗ କରି ଚାଲିଛୁଁ । ଯେଉଁ ବୈଜ୍ଞାନିକମାନେ ଜଡ଼ବସ୍ତୁ ଭିତରେ ଲୁଚି ରହିଥିବା ଏମନ୍ତ ନାନାଦି ଶକ୍ତିର ଆବିଷ୍କାର ଏବଂ ଉପଯୋଗ ନିମନ୍ତେ ଗବେଷଣାରତ, ସେମାନଙ୍କ କର୍ମକୁ ମଧ୍ୟ ଗୋଟାଏ ଦୃଷ୍ଟିରୁ Occult ବୋଲି କୁହାଯାଇପାରେ । କିନ୍ତୁ ମୁଖ୍ୟତଃ ଜଡ଼ ଜଗତରେ ନୁହେଁ, ଆମ ଚେତନା ଜଗତରେ ନିହିତ ବହୁ ଅଜ୍ଞାତ ଶକ୍ତି ଓ ଜଟିଳତା ଉପରେ ଗବେଷଣା ଓ ସେସବୁର ଉପଯୋଗ ସମ୍ପର୍କରେ ଶବ୍ଦଟି ବ୍ୟବହୃତ ହୁଏ ।

ଆମେ ମଣିଷମାନେ ଆମ ଚେତନାର ଏକ ସାମାନ୍ୟ ଅଂଶକୁହିଁ ଆମର ସମଗ୍ର ଚେତନା ବୋଲି ଜ୍ଞାନ କରୁଁ । ମନ, ବୁଦ୍ଧି, ପ୍ରାଣଗତ ଆବେଗ-ପ୍ରବେଗ – ଚେତନାର ଏହିଭଳି ଦୁଇ ତିନି ପ୍ରସ୍ତକୁ ନେଇ ଜଣେ ହାରାହାରି ମଣିଷର କାରବାର । ଆମ ଜ୍ଞାତ ଚେତନାର ଊର୍ଦ୍ଧ୍ୱରେ ଥିବା ମହତ୍ତର ସ୍ତରସବୁ କଥା ବାଦ୍ ଦିଅନ୍ତୁ, ଆମ ବ୍ୟାବହାରିକ ଚେତନା ସ୍ତର ତଳେ ପ୍ରଚ୍ଛନ୍ନ ରହିଥିବା ଅତଳ ଅବଚେତନ ସମ୍ପର୍କରେ ମଧ୍ୟ ଆମେ ପ୍ରାୟ ଅଜ୍ଞାନ; ଯଦିଓ ମନସ୍ତତ୍ତ୍ୱ ସେ ସମ୍ପର୍କରେ ଆମକୁ କିଛି ମାତ୍ରାରେ ଅବହିତ କରିଛି । ହଠାତ୍ ଥରେ ଥରେ ଜଣେ ଏଭଳି କାମଟିଏ କରି ବସେ, ଯାହା ତା' ନିଜ ସ୍ୱାଭାବିକ ଚେତନା-ପ୍ରେରିତ ନୁହେଁ ବୋଲି ସେ ପରେ ପରେ ବୁଝିପାରେ । କେଉଁଠାରୁ ଆସିଲା ସେମିତି ଆଚରଣର ପ୍ରବୃତ୍ତି ? ହୁଏତ ନିଜର ଆୟତ୍ତରେ ନଥିବା ଅବଚେତନରୁ, ନତୁବା ବାତାବରଣରେ ରହିଥିବା କୌଣସି ଶକ୍ତିର ପ୍ରଭାବରୁ । ଯଦି ଆମେ ସଚେତନ ଭାବରେ ତାହାର ସନ୍ଧାନ କରୁଁ, ତେବେ ଆମକୁ ଘେରି ରହିଥିବା ତଥା ଆମ ନିଜ ଭିତରେ ଥିବା ବ୍ୟାପକ ଶକ୍ତିସମୂହ ସମ୍ପର୍କରେ ଆମର କିଛି ଧାରଣା ହୋଇପାରେ ।

କେହି କେହି ସାଧକ ନିଜ ଭିତରେ ଏବଂ ବାହାରେ ଥିବା ସେଭଳି ଶକ୍ତିର ସନ୍ଧାନ କରି ତାହା ଆୟତ୍ତ କରନ୍ତି ଏବଂ ଏକ ପ୍ରକାର ''ସିଦ୍ଧି'' ଲାଭ କରି ସେସବୁ ପ୍ରୟୋଗ କରି ଅଘଟଣ ବା ଚମତ୍କାରମାନ ସାଧନ କରିପାରନ୍ତି । ସେସବୁ ସାଧାରଣତଃ ପ୍ରାଣ ଜଗତର ଶକ୍ତି । ବାସ୍ତବରେ ସେହି ଶକ୍ତିମାନେହିଁ ପ୍ରାୟଶଃ ସେଭଳି ତଥାକଥିତ ସିଦ୍ଧମାନଙ୍କୁହିଁ ଆୟତ୍ତ କରି ନିଅନ୍ତି ଏବଂ ସେମାନଙ୍କୁ ସେତିକିରେ ବିମୁଗ୍ଧ ରଖି ସେମାନଙ୍କ ଆଧ୍ୟାତ୍ମିକ ପ୍ରଗତିର ସମ୍ଭାବନା ବିଲୁପ୍ତ କରି ଦିଅନ୍ତି । ସେସବୁ ଶକ୍ତିର ତାହାହିଁ ଯେପରି ବ୍ରତ ! କାହିଁକି – ସେ ପ୍ରଶ୍ନର ପ୍ରାସଙ୍ଗିକତା ନାହିଁ; ଯେହେତୁ ସେମାନେ ହେତୁଚାଳିତ ନୁହନ୍ତି । ସେଥି ସକାଶେ ଅତିଭୌତିକ ଜଗତର ଏହିଭଳି ଶକ୍ତିସବୁ ସମ୍ପର୍କରେ କୌତୂହଳ, ସେମାନଙ୍କ ସହ ଭାବର ଆଦାନ-ପ୍ରଦାନ ଏବଂ ସେମାନଙ୍କ ଆନୁକୂଲ୍ୟରେ ବିଭୂତି ପ୍ରଦର୍ଶନ ସଚ୍ଚା ଆଧ୍ୟାତ୍ମିକ ସାଧକମାନଙ୍କ ମତରେ ନିଷିଦ୍ଧ । ସେସବୁ ଆମକୁ ପଥଭ୍ରଷ୍ଟ କରେ, ଆଧ୍ୟାତ୍ମିକ ଲକ୍ଷ୍ୟ ଦିଗରେ ଅଗ୍ରସର ହେବା ପରିବର୍ତ୍ତେ ଜଣେ କେତେବେଳେ ବିଶାଳ ପ୍ରାଣ ଜଗତର ବିଚିତ୍ର ଶକ୍ତିମାନଙ୍କ ଦ୍ୱାରା ସମ୍ମୋହିତ ହୋଇ ରହେ ତାହା ସେ ବୁଝିପାରେ ନାହିଁ ଏବଂ ବୁଝିବାର ସାମର୍ଥ୍ୟ ମଧ୍ୟ ହରାଇ ବସେ । ବହୁ ଅତୀତର କେହି କେହି ଋଷି ସେସବୁ ଶକ୍ତିକୁ ଆୟତ୍ତ କରି ସେମାନଙ୍କୁ ସଦୁଦ୍ଦେଶ୍ୟରେ ବ୍ୟବହାର କରିପାରୁଥିଲେ । ଆମ ସମୟରେ ସେ ଅତିଭୌତିକ ଜଗତ୍ ସମ୍ପର୍କରେ ବିଧିବଦ୍ଧ ଭାବେ ପୁଙ୍ଖାନୁପୁଙ୍ଖ ଅଭିଜ୍ଞତା ଲାଭ କରିଥିବା ଆମ ଜାଣିବାରେ ଏକମାତ୍ର ବ୍ୟକ୍ତି ହେଲେ ଶ୍ରୀମା । ତାହା ସେ କରିଥିଲେ ତାଙ୍କର ସେ ଜ୍ଞାନ ଶ୍ରୀଅରବିନ୍ଦଙ୍କର ଯୁଗାନ୍ତକାରୀ ଯୋଗରେ କାମ ଦେବ ବୋଲି ।

କେହି କେହି ସଚ୍ଚା ସାଧକ ବା ଯୋଗୀ ଯଥାସମ୍ଭବ ସେ ଜ୍ଞାନ ଆୟତ୍ତ କରନ୍ତି ନିଜ ଚେତନାର ବ୍ୟାପକତା ଓ ନିଗୂଢ଼ତା ଉପଲବ୍ଧି କରିବା ନିମନ୍ତେ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷାରେ, "The supraphysical is as real as the physical; to know it is part of a complete knowledge. The knowledge of the supraphysical has been associated with mysticism and occultism, and occultism has been banned as a superstition and a fantastic error. But the occult is a part of existence; a true occultism means no more than a research into supraphysical realities and an unveiling of the hidden laws of being and Nature, of all that is not obvious on the surface. It attempts the discovery of the secret laws of mind and mental energy, the secret laws of life and life-energy, the secret laws of the subtle-physical and its energies,– all that Nature has not put into visible operation on the surface; it pursues also the application of these hidden truths and powers of Nature so as to extend the mastery of the human spirit beyond the ordinary operations of mind, the ordinary operations of life, the ordinary operations of our physical existence."

(The Life Divine, p. 678) – Sri Aurobindo

ସେ ଦିଗରେ ଆଗ୍ରହ ନଥିଲେ ମଧ୍ୟ ଯୋଗୀମାନଙ୍କର ସାଧନାର ଭିନ୍ନ ଭିନ୍ନ ପର୍ଯ୍ୟାୟରେ କିଛି କିଛି ନିଗୂଢ଼ ସିଦ୍ଧି (Occult power) ବଳେ ବଳେ ଆସିଯାଏ, କିନ୍ତୁ ସେମାନେ ସେସବୁର ବ୍ୟବହାର କରନ୍ତି ନାହିଁ; କେହି କେହି ହୁଏତ ଯଥେଷ୍ଟ ସଚେତନ ଭାବରେ ବ୍ୟବହାର କରନ୍ତି – ହୁଏତ କାହାରି ପ୍ରତି ସହାନୁଭୂତି ପରବଶ ହୋଇ ।

ଯୋଗୀରାଜ ବରଦାଚରଣ ମଜୁମଦାରଙ୍କ ଦୃଷ୍ଟାନ୍ତ ନିଆଯାଇପାରେ । ସାମାଜିକ ଜୀବନରେ ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ; କିନ୍ତୁ ଆନ୍ତର ଜୀବନରେ ସେ ଥିଲେ ଜଣେ ସଚ୍ଚା ସାଧକ । ପ୍ରଖ୍ୟାତ ସଙ୍ଗୀତ ବିଶାରଦ ଓ ସାହିତ୍ୟିକ ଦିଲୀପ କୁମାର ରାୟ ଶ୍ରୀଅରବିନ୍ଦଙ୍କ ନିକଟରୁ ଦୀକ୍ଷା ଗ୍ରହଣ ମାନସରେ ପଣ୍ଡିଚେରୀ ଆସି ଜାଣିଲେ ଯେ ଶ୍ରୀଅରବିନ୍ଦ ଗତାନୁଗତିକ ରୀତିରେ କାହାକୁ ଦୀକ୍ଷା ଦିଅନ୍ତି ନାହିଁ; ଦିଲୀପଙ୍କ ରକ୍ଷଣଶୀଳ ମନ କିନ୍ତୁ ଚାହେଁ ଜଣେ ପାରମ୍ପରିକ ଗୁରୁ । ସେ କଲିକତା ଫେରି ଯାଇ ଶ୍ରୀରାମକୃଷ୍ଣ ପରମହଂସଙ୍କର ଜଣେ ପ୍ରତ୍ୟକ୍ଷ ଶିଷ୍ୟଙ୍କଠାରୁ ଦୀକ୍ଷା ନେବାର ସିଦ୍ଧାନ୍ତ କଲେ । କିନ୍ତୁ ଦିଲୀପଙ୍କର ଜଣେ ଘନିଷ୍ଠ ବନ୍ଧୁ ପ୍ରଖ୍ୟାତ ବଙ୍ଗୀୟ ସାହିତ୍ୟିକ ନଳିନୀକାନ୍ତ ସରକାର ତାଙ୍କୁ ଭିଡ଼ି ନେଇଗଲେ ବରଦାଚରଣଙ୍କ ସମୀପକୁ ଏବଂ ଦିଲୀପଙ୍କ ଗୁରୁ-ମନୋନୟନ ଯଥାର୍ଥ ହୋଇଛି କି ନାହିଁ ପ୍ରଶ୍ନ କଲେ । ଯୋଗୀବର କିଞ୍ଚିତ୍ ଧ୍ୟାନ କରି ଦୃଢ଼ କଣ୍ଠରେ କହିଲେ, ''ଅଦ୍ୱିତୀୟ ମହାଯୋଗୀ ଶ୍ରୀଅରବିନ୍ଦ ଯାହାକୁ ଶିଷ୍ୟ ଭାବରେ ଗ୍ରହଣ କରିସାରିଛନ୍ତି, ସେ ପୁଣି ଗୁରୁର ସନ୍ଧାନ କରୁଛି ?'' କାଳେ ଦିଲୀପ ଭାବିବେ ଯେ ଯୋଗୀବର ହୁଏତ ପୂର୍ବରୁ କିଛି ଜାଣିଥିଲେ, ସେଥିପାଇଁ ଏକାନ୍ତ ବ୍ୟକ୍ତିଗତ ଏକ ବିଷୟରେ ଦିଲୀପ ସଂପ୍ରତି ଶ୍ରୀଅରବିନ୍ଦଙ୍କୁ ଯେଉଁ ଚିଠି ଲେଖିଥିଲେ ଏବଂ ଶ୍ରୀଅରବିନ୍ଦ ଯେଉଁ ଉତ୍ତର ଦେଇଥିଲେ ତାହା ଯୋଗୀବର ପ୍ରକାଶ କରି ଦେଲେ । ବିସ୍ମିତ ଦିଲୀପ ପଣ୍ଡିଚେରୀ ଆସି ଶ୍ରୀଅରବିନ୍ଦଙ୍କୁ ଏକଥା ଜଣାନ୍ତେ ଶ୍ରୀଅରବିନ୍ଦ ଖାଲି ଏତିକି କହିଲେ ଯେ ସେସବୁ ଯୋଗୀମାନଙ୍କର ସେମିତି କ୍ଷମତା ଥାଏ ।

କହିବା ବାହୁଲ୍ୟ, ଶ୍ରୀଅରବିନ୍ଦଙ୍କ ଯୋଗର ମହତ୍ ଆଭିମୁଖ୍ୟରେ ବିଶ୍ୱାସୀମାନଙ୍କ ସକାଶେ ଅତିଭୌତିକ ବ୍ୟାପାରମାନ କୌତୂହଳ ଓ ତାତ୍ତ୍ୱିକ ଜ୍ଞାନରେ ସୀମିତ, ଅନୁସରଣଯୋଗ୍ୟ ନୁହେଁ ।

**– ମନୋଜ ଦାସ** ❑

ସାଧାରଣ ମାନୁଷୀ ପ୍ରାଣପ୍ରକୃତିର କର୍ଦ୍ଦମାକ୍ତ ପଥରେ ନରମ ଓ ନିସ୍ତେଜ କାଦୁଅ ମେଞ୍ଚାଏ ହେବା ଅପେକ୍ଷା, ଭଗବାନଙ୍କ ପଥରେ ଏକ ପଥର ହୋଇ ରହିବା ଶ୍ରେୟସ୍କର ।
(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା : ୨୩୦) – ଶ୍ରୀଅରବିନ୍ଦ

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVI, No. 8** **R.N.I. No. 18163/70.**
Navaprakash (Monthly), August, 2025 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ ଅବସରରେ ପ୍ରକାଶିତ ହୋଇଛି



ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**